ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, June 19/2025 Page 14 | ₹ 7.00

୫୧ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 204 | ମୂଲ୍ୟ ₹୭/-


# RANKERS CREATED & AVERAGE TRANSFORMED TO AWESOME

**NEET 2025**

Decade-long consistency in Superb Success Rate delivered this year too

OVERWHELMING RESULTS IN ALL THE FRONTS: NEET, JEE (M&A), BOARD EXAMS, FRESHERS & REPEATERS

## BHUBANESWAR CAMPUS

JAYADEV VIHAR, BIJU PATTNAIK COLLEGE ROAD

7381064208 / 8249889460 / 7381013202

## YUVODAYA MEDICAL/IIT-JEE

## BALANGIR CAMPUS

Campus: SAKMA / Admission Office: HATISAL PADA

9777884488 / 9938086842 / 9437367867



602
AIR - 1247 / CRL - 384
**CHUMKI JENA**



598
AIR - 1515/ CRL - 877
**RUPA DASH**



547
JEE-ADV: AIR - 03 (PWD)
NEET: CRL - 12 (PWD)
**TARAKANTA ROUT**

592 ANWESH ARPAN ACHARYA AIR - 2058 / CRL - 1158
583 OMM ABINASH SAHOO AIR - 3069 / CRL - 1620
571 PRATYUSH RANJAN NAIK AIR - 5206 / CRL - 2049
570 OM PRAKASH SAMANTARA (EWS) AIR - 5497 / CRL - 501
565 SOMYA SAHIL SETH (EWS) AIR - 6799 / CRL - 653
563 SOUMYA RANJAN SWAIN AIR - 7359 / CRL - 3000
559 JAGABANDHU MISHRA AIR - 8686 / CRL - 3966
557 SHUBHAM BARIK AIR - 9276 / CRL - 3650
556 BARSHARANI PADHAN AIR - 9792 / CRL - 4091
555 POLOSTYA MEHER AIR - 10116 / CRL - 4246
553 SHIBASISH MEHER AIR - 11142 / CRL - 4710
550 OMPRATIK MAHANA AIR - 12461 / CRL - 5342
549 SUSHREE SMRUTI SAMAL AIR - 12880 / CRL - 5603
549 AYUSHMAN BHOI AIR - 12907 / CRL - 5558
548 ANWESHA ANANYA MEHER AIR - 13075 / CRL - 5629
547 SUNIL KARNA AIR - 13809 / CRL - 5979
547 SARTHAK PATTANAIK AIR - 13775 / CRL - 5948
544 PRITI PARINITA PATEL AIR - 14940 / CRL - 6530
543 AMAN KUMAR NAIK AIR - 15829 / CRL - 6975
543 SWAYAMBHU S. PANIGRAHI AIR - 15855 / CRL - 6688
542 ARNAB PATEL AIR - 16021 / CRL - 7075
538 KIRAN PRABHA AGRAWAL AIR - 18250 / CRL - 7573
538 GOURI SHANKAR MEHER AIR - 18261 / CRL - 8138
537 SUBHRANSHU S. SATPATHY AIR - 19234 / CRL - 7954
536 ROSHAN SENAPATI AIR - 19783 / CRL - 8841
536 KRUSHNA CH. BARIK AIR - 20077 / CRL - 8980
535 SHEETAL CHOUDHURY AIR - 20652 / CRL - 9304
535 HRUSHIKESH SAHU AIR - 20708 / CRL - 8467
534 AMISH SAHU AIR - 21189 / CRL - 9568
534 MAHESWAR BALA AIR - 21389 / CRL - 8705
533 SASMITA JENA AIR - 21955 / CRL - 8914
533 DEEPAK SAHU AIR - 22111 / CRL - 10015
530 BISWA PRASAD MEHER AIR - 23385 / CRL - 10632
525 ASHISH ANSHUMAN NAYAK AIR - 27614 / CRL - 10927
525 SUSIL SAHU (GOVT. CAT.) AIR - 28048 / CRL - 11061
523 RAJIB LOCHAN MOHARANA AIR - 29618 / CRL - 12674
522 PRATIKSHYA TRIPATHY AIR - 29921 / CRL - 11732
522 AMIT KUMAR DAS AIR - 30126 / CRL - 13622
521 LIPAN GADTIA AIR - 30645 / CRL - 14169
521 CHINMAY PATRA AIR - 31327 / CRL - 14489
518 KRISHNA KALYANI SAHOO AIR - 33498 / CRL - 15568
516 HARUMM BISWAL AIR - 35353 / CRL - 16519
516 SATYAM KUMAR SAHOO (G.C. CAT.) AIR - 35369 / CRL - 16524
516 DIPTEERANJAN BEHERA (GOVT. CAT.) AIR - 35718 / CRL - 13698
511 PARTHASARATHI TARAI (CAT.) AIR - 40461 / CRL - 911
501 CHANDRAKANTI KARMI (GOVT. CAT.) AIR - 50599 / CRL - 24131
493 PRAMOD KUMAR BAG (CAT.) AIR - 58944 / CRL - 1631
488 ADITYA KUMAR NAIK (CAT.) AIR - 66762 / CRL - 1938
482 BIRAJ SAHU (GOVT. CAT.) AIR - 74803 / CRL - 29689
480 TAPASWINI SUNA (CAT.) AIR - 77346 / CRL - 2366
472 AYESHA NANDA (CAT.) AIR - 88371 / CRL - 2905
470 ARATI SETH (CAT.) AIR - 91154 / CRL - 3042
447 TOFAN KUMAR CHALAN (CAT.) AIR - 129791 / CRL - 1299
395 CHHAYAKANTA BEHERA (CAT.) AIR - 219392 / CRL - 3602
360 BHANUPRIYA SINGH (CAT.) AIR - 292620 / CRL - 6348
345 ROCKY MEHER (CAT.) AIR - 326791 / CRL - 7837

592 SNITI DANTA AIR - 1956 / CRL - 641
588 PRAJNA PARIMITA PADHAN AIR - 2469 / CRL - 863
587 DEBASHISH JOSHI AIR - 2523 / CRL - 1370
584 SWAPNIL KUMAR SAHU AIR - 2991 / CRL - 1082
570 NIKITA SWAIN AIR - 5400 / CRL - 2144
570 PRATYUSH DASH (FRESHER) AIR - 5433 / CRL - 2635
568 DHIRAJ PADHAN AIR - 5929 / CRL - 2375
565 PRATIKSHA P. PATRA (FRESHER) AIR - 6848 / CRL - 3217
565 SIMPAL PATTNAIK (FRESHER) AIR - 6897 / CRL - 3233
564 KRISHNA SAGAR MISHRA AIR - 7050 / CRL - 3301
563 SRUSHTI AYESHA PRADHAN AIR - 7513 / CRL - 3499
558 CHINMAYA SAHU AIR - 9192 / CRL - 3806
558 TILAK HOTA (FRESHER) AIR - 9206 / CRL - 4192
551 LENA LINALI PATEL AIR - 11756 / CRL - 5009
551 PRITIDEV SAHU AIR - 11827 / CRL - 5207
550 SUBHANKAR NANDA AIR - 12474 / CRL - 5430
549 BHARATI RATH AIR - 12828 / CRL - 5585
545 SAGARIKA NAIK AIR - 14715 / CRL - 6836
544 SACHI SANIDDHYA SAHU AIR - 15287 / CRL - 6707
543 JYOTIPRANGYA SAHU AIR - 15506 / CRL - 6112
542 SMARAK SANGAM BARIK AIR - 16236 / CRL - 7180
542 DEBESH SAHU (FRESHER) AIR - 16354 / CRL - 7229
540 AYUSH MEHER AIR - 17511 / CRL - 7771
540 SANGITA BHOI AIR - 17804 / CRL - 7820
537 SOUJANYA S. SARANGI (EWS) AIR - 18954 / CRL - 2126
537 DEEPIKA RANI BHOI (FRESHER (CAT.)) AIR - 19353 / CRL - 433
534 SAPTAJIT NANDA AIR - 21331 / CRL - 8685
529 NIKHIL BEHERA AIR - 24970 / CRL - 11412
528 SWETAPUSPITA SAHU AIR - 25142 / CRL - 11494
524 SIBANI SATAPATHY (EWS) AIR - 28263 / CRL - 3336
524 AMAN KUMAR YADAV (FRESHER) AIR - 28597 / CRL - 13192
524 PRAGNYA PANDA AIR - 28870 / CRL - 11351
522 GIRIJA P. DASH AIR - 30312 / CRL - 11866
521 ROHAN BEHERA AIR - 30647 / CRL - 14171
517 MIRAJ KUMAR BHOI (FRESHER) AIR - 34680 / CRL - 16287
517 KRUTIKA SAHU (EWS / FRESHER) AIR - 34936 / CRL - 4214
516 RAJU MEHER (FRESHER) AIR - 35193 / CRL - 16338
494 BISWAJIT JAL (CAT.) AIR - 58583 / CRL - 1577
469 ANUBHAB KUANR (FRESHER (CAT.)) AIR - 93560 / CRL - 3185
396 MADHUSMRUTI HANSDA (FRESHER (CAT.)) AIR - 217665 / CRL - 3559
367 JASMIN ORAM (CAT.) AIR - 277442 / CRL - 5716
357 L. PRATIGYAN RANI (CAT.) AIR - 299537 / CRL - 6661

- ✔ 120+ Govt. MBBS probables in 2025
- ✔ 30 students scored above 550
- ✔ 100 students scored above 515
- ✔ 40 students expected in AIIMS / SCB

## ADMISSIONS IN FULL SWING

Next batch will start from 24th June, 2025

### BORDERLINE SELECTIONS

514 OM PRAKASH SAHA | 513 JEEBAN SAHU | 512 RANKESH SAHU | 512 SHRABANEE MAHAKUR | 511 SHAVMAN GADATIA | 509 JYOTIRANJAN NAYAK | 507 SUBRAT PATEL | 507 AYUSH BARPANDA | 506 HELLIN SWAIN | 506 SWAROOP MOHAPATRA | 505 PRAGYA PARIMITA MAHAKUR | 505 SARTHAK SAHU | 504 ASHIS ROUT | 504 SUBHASISH SAHU | 503 KRITI SAMANTARAY | 501 AMAR KUMAR MAHAPATRA | 501 ADARSH PASAYAT | 500 OM PRAKASH PADHAN (FRESHER) | 500 PRIYABRATA PARIDA

### IIT - 2025 1st Round Selections

- IIT Bombay — SWAYAM SUNDAR MEHER
- IIT Bombay — KRISHNAS MISHRA
- IIT Kanpur — PURUSHOTTAM BHOINA
- IIT Kharagpur — KAMLESH SAHU
- IIT Kharagpur — RUCHISMITA PRADHAN

### JOSSA (FIRST ROUND)

- NIT, Rourkela — AYUSH PATEL
- NIT, Rourkela — NISHANT K. SAHU
- NIT, Rourkela — SUBHAM K. SAHU
- NIT, Rourkela — KEDAR K. CHHURA
- NIT, Rourkela — SONAKSHI MAHARANA
- NIT, Rourkela — ANAND KUMAR SAHU
- NIT, Rourkela — ANWESH PATEL
- NIT, Rourkela (QUALIFIER) — PRITISH CHANDAN SAHU
- NIT, Raipur — DISHA AGRAWAL
- NIT, Raipur — BIJAYLAXMI MISHRA
- NIT, Guwhati — SIDDHARTH S. DHAR
- NIT, Calicut — PRIYARANJAN SUNANI
- IIIT, BBSR — SOMDUTTA MAHAKUR
- IMU, KOLKATA — SHREYAN NAYAK

**The Harder The Exams, The Better Are The YUVODAYANs**

### କ୍ଷମା ମାଗିଲେ ଟାଟା ଗ୍ରୁପ୍ ଅଧ୍ୟକ୍ଷ

ଟାଟା ଗ୍ରୁପ୍ ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ ବୁଧବାର ଏକ ସାକ୍ଷାତ୍କାରରେ ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ କ୍ଷମା ମାଗିଛନ୍ତି। ସେ କହିଛନ୍ତି, ଟାଟା ଗ୍ରୁପ୍ ଦ୍ୱାରା ପରିଚାଳିତ ଏୟାର ଇଣ୍ଡିଆର ଏକ ବିମାନରେ ଘଟିଥିବା ଏହି ଭୟାବହ ଦୁର୍ଘଟଣା ତାଙ୍କୁ ମର୍ମାହତ କରିଛି। ଏଥିପାଇଁ ସେ ଦୁଃଖିତ। ଏହା ତାଙ୍କ ପାଇଁ ଏକ କଷ୍ଟକର ପରିସ୍ଥିତି। ମୃତକଙ୍କ ପରିବାରକୁ କ୍ଷମା ମାଗିବା ଛଡ଼ା ତାଙ୍କ ନିକଟରେ ଆଉ କୌଣସି ଶବ୍ଦ ନାହିଁ।

## ସଂକ୍ଷେପରେ

### ୨୨କୁ ଘୁଞ୍ଚିଲା ଆକ୍ସିଓମ ୪ ମିଶନ

ଫ୍ଲୋରିଡା, ୧୮।୬

ଆମେରିକୀୟ ମହାକାଶ ସଂସ୍ଥା ନାସା ପୁଣିଥରେ ଆକ୍ସିଓମ ୪ ମିଶନର ଲଞ୍ଚିଂକୁ ଘୁଞ୍ଚାଇଛି। ରବିବାର ପୂର୍ବରୁ ଏହି ମିଶନ ଲଞ୍ଚ୍ ହୋଇପାରିବ ନାହିଁ ବୋଲି ନାସା ସ୍ପଷ୍ଟ କରିଛି। ଯଦି ସବୁକିଛି ଯୋଜନା ମୁତାବକ ରହେ, ତେବେ ଆସନ୍ତା ୨୨ରେ ଆକ୍ସିଓମ ୪ ମିଶନର ଲଞ୍ଚିଂ ହେବ। ନିକଟରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ର ଜେଭେଜ୍ଦା ସର୍ଭିସ୍ ମଡ୍ୟୁଲର ପଛ ପାର୍ଶ୍ୱରେ ମରାମତି କାର୍ଯ୍ୟ ହୋଇଥିବାରୁ ଏହାର ମୂଲ୍ୟାଙ୍କନ ପାଇଁ ରବିବାର ପର୍ଯ୍ୟନ୍ତ ନାସା ସମୟ ପାଇବ ବୋଲି ଆକ୍ସିଓମ୍ ସ୍ପେସ୍ କହିଛି। ନାସା, ସ୍ପେସ୍ଏକ୍ସ, ଇସ୍ରୋ ଏବଂ ଆକ୍ସିଓମ୍ ସ୍ପେସ୍ର ଏହି ମିଳିତ ମିଶନ ପୂର୍ବରୁ ମେ ୨୯ରେ ଲଞ୍ଚ୍ ହେବାର ଥିଲା। ପରେ ଭିନ୍ନ ଭିନ୍ନ କାରଣ ପାଇଁ ଏହାକୁ ଜୁନ୍ ୮, ୯, ୧୧ ଏବଂ ୧୯କୁ ଘୁଞ୍ଚାଯାଇଥିଲା।

### ମହାରାଷ୍ଟ୍ର ସ୍କୁଲ ପିଲାଙ୍କ ପାଇଁ ହିନ୍ଦୀ ବାଧ୍ୟ ନୁହେଁ

ମୁମ୍ବାଇ, ୧୮।୬

ମହାରାଷ୍ଟ୍ରରେ ଚାଲିଥିବା ଭାଷା ବିବାଦକୁ ନେଇ ବୁଧବାର ରାଜ୍ୟର ଦେବେନ୍ଦ୍ର ଫଡ଼ନବିସ୍ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଥିବା ମରାଠୀ ଏବଂ ଇଂଲିଶ ମିଡିୟମ ସ୍କୁଲଗୁଡ଼ିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତୃତୀୟ ଭାଷା ଭାବେ ହିନ୍ଦୀ ଶିକ୍ଷାଦାନ ବାଧ୍ୟତାମୂଳକ ନୁହେଁ ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ତ୍ରିଭାଷା ନୀତିରେ ମହାରାଷ୍ଟ୍ର ସରକାର ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ମହାରାଷ୍ଟ୍ରର ସ୍କୁଲଗୁଡ଼ିକରେ ତୃତୀୟ ଭାଷା ଭାବେ ହିନ୍ଦୀ ପାଠପଢ଼ା ଜାରି ରହିବ। ତେବେ ଯଦି କୌଣସି ଶ୍ରେଣୀରେ ୨୦ରୁ ଅଧିକ ଛାତ୍ରୀଛାତ୍ର ହିନ୍ଦୀ ବଦଳରେ ଅନ୍ୟ କୌଣସି ଭାରତୀୟ ଭାଷାକୁ ତୃତୀୟ ଭାଷା ଭାବେ ଶିଖିବାକୁ ଚାହିଁବେ, ସେମାନଙ୍କୁ ଉକ୍ତ ଭାଷାରେ ଶିକ୍ଷକ ଉପଲବ୍ଧ କରାଯିବ କିମ୍ବା ଅନ୍‌ଲାଇନରେ ଉକ୍ତ ଭାଷାର ଶିକ୍ଷା ଦିଆଯିବ।

### ଆତଙ୍କବାଦର ଆହ୍ୱାନ ପ୍ରତି ଆଖି ବୁଜନ୍ତୁ ନାହିଁ

**ଜି୭ ନେତାଙ୍କୁ ମୋଦିଙ୍କ ଆହ୍ୱାନ**

କନାନକସ୍କିସ୍ (କାନାଡା), ୧୮।୬

ଭାରତର ପଡ଼ୋଶୀ ପାକିସ୍ତାନ ଆତଙ୍କବାଦର ଉତ୍ପତ୍ତିସ୍ଥଳ। ଆତଙ୍କବାଦ ପ୍ରତି ଆଖି ବୁଜିଦେବା ମାନବତା ପ୍ରତି ବିଶ୍ୱାସଘାତକତା ସହ ସମାନ। ତେଣୁ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କାନାଡାର କନାନକସ୍କିସ୍‌ରେ ଜି୭ ସମ୍ମିଳନୀ ପରିପ୍ରେକ୍ଷୀରେ ଆୟୋଜିତ ଏକ ଆଉଟ୍‌ରିଚ୍ ସେସନ୍‌କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପହଲଗାମ୍ ଆକ୍ରମଣ ପ୍ରତ୍ୟେକ ଭାରତୀୟଙ୍କ ଆତ୍ମା, ପରିଚୟ ଓ ସମ୍ମାନ ପ୍ରତି ଏକ ପ୍ରତ୍ୟକ୍ଷ ଆକ୍ରମଣ ଥିଲା। ଆତଙ୍କବାଦକୁ ସମର୍ଥନ କରୁଥିବା ଦେଶକୁ ଉତ୍ତରଦାୟୀ କରି ମୂଲ୍ୟ ଅସୁଲ କରିବାକୁ ପଡ଼ିବ। ଆତଙ୍କବାଦ ମୁକାବିଲା କ୍ଷେତ୍ରରେ ଦୋମୁହାଁ ନୀତି ଚଳିବ ନାହିଁ। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଇତିହାସ ଆମକୁ କେବେହେଲେ କ୍ଷମା କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍-ମୁନିର ମନ୍ତ୍ରଣା

ୱାଶିଂଟନ୍ ଡିସି, ୧୮।୬


ଡୋନାଲ୍ଡ ଟ୍ରମ୍ପ୍


ସୟଦ ଆସିମ୍ ମୁନିର

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ପାକିସ୍ତାନୀ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ସୟଦ ଆସିମ୍ ମୁନିରଙ୍କୁ ସାକ୍ଷାତ କରିଛନ୍ତି। ଭାରତ-ପାକିସ୍ତାନ ସାମରିକ ସଂଘର୍ଷର କିଛି ସପ୍ତାହ ପରେ ଏହି ସାକ୍ଷାତ ବିଶେଷ ଗୁରୁତ୍ୱ ବହନ କରେ। ରଣନୈତିକ ଆବଶ୍ୟକତା ଦୃଷ୍ଟିରୁ ମୁନିରଙ୍କ ସହ ଟ୍ରମ୍ପ୍‌ଙ୍କ ମନ୍ତ୍ରଣା ଆମେରିକା, ପାକିସ୍ତାନ, ଇରାନ୍ ଓ ଭାରତ ମଧ୍ୟରେ ଭୂରାଜନୈତିକ ଜଟିଳତାକୁ ଦର୍ଶାଉଛି।

ଇସ୍‌ଲାମାବାଦ ତେହରାନ୍‌ର ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ଇରାନ୍-ଇସ୍ରାଏଲ୍ ଯୁଦ୍ଧ ଚାଲିଥିବା ସମୟରେ ରାଷ୍ଟ୍ରପତି ଟ୍ରମ୍ପ୍ ତେହରାନ୍ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ୱାଶିଂଟନ୍‌ର ପ୍ରତ୍ୟକ୍ଷ ସମ୍ପୃକ୍ତି ନେଇ ଚିନ୍ତା କରୁଥିବାବେଳେ ପାକିସ୍ତାନୀ ସେନା ମୁଖ୍ୟ ମୁନିରଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ଲଞ୍ଚ୍ କରି ତାଙ୍କୁ ଆପ୍ୟାୟିତ କରିଛନ୍ତି। ଟ୍ରମ୍ପ୍‌ଙ୍କ କ୍ୟାବିନେଟ ରୁମ୍‌ରେ ହୋଇଥିବା ରୁଦ୍ଧଦ୍ୱାର ବୈଠକରେ ଉଭୟଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଛି ତାହା ସାମ୍ନାକୁ ଆସିନାହିଁ। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ୍ କହିଛନ୍ତି, ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରାଇବାରେ ମୁନିର ବଡ଼ ଭୂମିକା ନେଇଥିଲେ। ତେବେ ଏହି ସାକ୍ଷାତକୁ କେବଳ ଇରାନ୍-ଇସ୍ରାଏଲ୍ ଯୁଦ୍ଧ ପରିପ୍ରେକ୍ଷୀରେ ନ ଦେଖି କ୍ରିପ୍ଟୋକରେନ୍ସି ଓ ଆତଙ୍କବାଦ ପ୍ରସଙ୍ଗ ସହ ଯୋଡ଼ି ସେହି ଦୃଷ୍ଟିରୁ ବିଚାର କରାଯିବା ଉଚିତ ବୋଲି ଜଣେ ବିଶ୍ଳେଷକ କହିଛନ୍ତି।

ଜଣେ ବିଦେଶୀ ସେନାମୁଖ୍ୟଙ୍କୁ ଲଞ୍ଚ୍ ଦେବା ଆମେରିକା ରାଷ୍ଟ୍ରପତିଙ୍କ କ୍ଷେତ୍ରରେ ବିରଳ। ତେବେ ଏହା ପୂର୍ବରୁ ଆୟୁବ ଖାନ୍, ଜିଆ ଉଲ୍-ହକ୍ ଓ ପରଭେଜ୍ ମୁସରଫଙ୍କ ଭଳି ପାକିସ୍ତାନୀ ସେନାମୁଖ୍ୟଙ୍କୁ ତତ୍କାଳୀନ ଆମେରିକା ରାଷ୍ଟ୍ରପତିମାନେ ଆପ୍ୟାୟିତ କରିଥିଲେ। କିନ୍ତୁ ସେମାନେ ସେନାମୁଖ୍ୟ ପଦରେ ଥାଇ ରାଷ୍ଟ୍ରପତି ହୋଇଥିଲେ। ଏହା ପୂର୍ବରୁ ଟ୍ରମ୍ପ୍ କାନାଡାରେ ଜି୭ ସମ୍ମିଳନୀ ଗସ୍ତ କାଣ୍ଟଛାଟ କରି ୱାଶିଂଟନ୍ ଡିସିକୁ ଫେରିଆସିଥିଲେ। ସେପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ ଆଲୋଚନା ବେଳେ ଟ୍ରମ୍ପ୍ ତାଙ୍କୁ ଆମେରିକାକୁ ଡାକିଥିଲେ। କିନ୍ତୁ ମୋଦି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଥିବାରୁ ଯାଇପାରିବେ ନାହିଁ ବୋଲି ମୋଦି ଜଣାଇଥିଲେ। ଏଭଳି ସ୍ଥିତିରେ ମୁନିରଙ୍କୁ ହ୍ୱାଇଟ୍ ହାଉସ୍‌ର ନିମନ୍ତ୍ରଣକୁ ଇସ୍‌ଲାମାବାଦ ଏକ ବଡ଼ କୂଟନୈତିକ ବିଜୟ ମନେକରୁଥିବା ଡନ୍ ଖବରକାଗଜ ପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ, ମୁନିରଙ୍କ ହ୍ୱାଇଟ୍ ହାଉସ୍ ଗସ୍ତ ଓ ଟ୍ରମ୍ପ୍‌ଙ୍କ ସହ ସାକ୍ଷାତ୍‌ର ବିଷୟବସ୍ତୁକୁ ଗୋପନ ରଖାଯାଇଛି। ଏଥିପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ହ୍ୱାଇଟ୍ ହାଉସ୍‌ରୁ ଦୂରେଇ ରଖାଯାଇଛି।

## ସ୍କୁଲ ଶିକ୍ଷା: ଓଡ଼ିଶାର ଉନ୍ନତ ପ୍ରଦର୍ଶନ

**ଶିକ୍ଷା ମନ୍ତ୍ରଣାଳୟ ରିପୋର୍ଟ**

ନୂଆଦିଲ୍ଲୀ, ୧୮।୬ (ପି.ଟି.)

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ହୋଇଥିବା ୨୦୨୩-୨୪ ପର୍ଫମିଂ ଗ୍ରେଡ୍ ଇଣ୍ଡେକ୍ସ (ପିଜିଆଇ) ଅନୁଯାୟୀ, ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ, ଗୁଜରାଟ ଏବଂ ଓଡ଼ିଶା ରହିଛି। ଏହି ରିପୋର୍ଟରେ ସ୍କୁଲ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଜିଲାର ପର୍ଫମିଂ ଗ୍ରେଡ୍ ଇଣ୍ଡେକ୍ସ (ପିଜିଆଇ-ଡି) ପଏଣ୍ଟ ଜରିଆରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ପ୍ରଦର୍ଶନକୁ ମୂଲ୍ୟାଙ୍କନ କରାଯାଇଛି। ଅନ୍ୟାନ୍ୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ କେରଳ, ଡାମନ ଏବଂ ଡିଉ, ହରିୟାଣା, ଗୋଆ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ରହିଛି। ସ୍କୁଲ ଶିକ୍ଷା କ୍ଷେତ୍ରରେ ମେଘାଳୟ ହେଉଛି ସବୁଠାରୁ ନିମ୍ନ ପ୍ରଦର୍ଶନକାରୀ ରାଜ୍ୟ। ହାରାହାରି ପ୍ରଦର୍ଶନକାରୀ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ପୁଡୁଚେରୀ, ହିମାଚଳ ପ୍ରଦେଶ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ତାମିଲନାଡୁ, କର୍ନାଟକ, ପଶ୍ଚିମବଙ୍ଗ ରହିଛନ୍ତି। ଫଳାଫଳ, ପ୍ରଭାବଶାଳୀ ଶ୍ରେଣୀଗୃହ ଶିକ୍ଷାଦାନ, ଭିତ୍ତିଭୂମି ସୁବିଧା, ବିଦ୍ୟାଳୟ ଏବଂ ଶିଶୁ ସୁରକ୍ଷା, ଡିଜିଟାଲ ଶିକ୍ଷଣ ଏବଂ ଶାସନ ପ୍ରକ୍ରିୟା ଆଦି ୬ଟି ଶ୍ରେଣୀରେ ୭୪ଟି ବିଭିନ୍ନ ଇଣ୍ଡିକେଟର ସହ ଏହି ରିପୋର୍ଟରେ ପ୍ରତ୍ୟକ ଜିଲାକୁ ସର୍ବାଧିକ ୬୦୦ରୁ ବିଭିନ୍ନ ପଏଣ୍ଟ ଦିଆଯାଇଛି। ସ୍କୁଲ ଶିକ୍ଷା କ୍ଷେତ୍ରରେ ଗତ ୨ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଗତି କରିଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା, ହିମାଚଳ ପ୍ରଦେଶ, ତେଲଙ୍ଗାନା, ଚଣ୍ଡିଗଡ଼ ଏବଂ ଗୋଆ ରହିଛନ୍ତି। ସେହିପରି ଗତ ୨ ବର୍ଷ ମଧ୍ୟରେ ଛତିଶଗଡ଼, ପଞ୍ଜାବ ଏବଂ ପଶ୍ଚିମବଙ୍ଗର ସ୍କୁଲ ଶିକ୍ଷା ପ୍ରଦର୍ଶନରେ ତୀବ୍ର ହ୍ରାସ ଘଟିଥିବା ଏହି ରିପୋର୍ଟ କହିଛି। ସମୟ ସହ ସ୍କୁଲ ଶିକ୍ଷା କ୍ଷେତ୍ରରେ ଦେଶର ଶୀର୍ଷ ଏବଂ ନିମ୍ନ ପ୍ରଦର୍ଶନକାରୀ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ବ୍ୟବଧାନ ହ୍ରାସ ପାଇଥିବା ନେଇ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୬ ଦିନରେ ୬୦୦ ଇରାନୀୟ ମୃତ

## ଆତ୍ମସମର୍ପଣ ଆହ୍ୱାନକୁ ଖାମେନେଇଙ୍କ ପ୍ରତ୍ୟାଖ୍ୟାନ, ଟ୍ରମ୍ପ୍‌ଙ୍କୁ ଓଲଟା ଚେତାବନୀ



ଇସ୍ରାଏଲ୍‌ର ଇରାନ୍ ଆକ୍ରମଣ ଏକ ବଡ଼ ଭୁଲ୍। ଏଥିପାଇଁ ଇସ୍ରାଏଲ୍‌କୁ ଦଣ୍ଡ ଭୋଗିବାକୁ ପଡ଼ିବ। ଇରାନ୍ ଉପରେ ଶାନ୍ତି କିମ୍ବା ଯୁଦ୍ଧ ଲଦି ଦିଆଗଲେ ଏହାକୁ ତେହରାନ୍ ଗ୍ରହଣ କରିବ ନାହିଁ। ଯେଉଁମାନେ ଇରାନ୍‌ର ଇତିହାସ ଜାଣନ୍ତି, ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ, ତେହରାନ୍ ଧମକପୂର୍ଣ୍ଣ ଭାଷାର ଉତ୍ତର ଦେବା ଜାଣିଛି। ଇରାନୀୟମାନେ ଆତ୍ମସମର୍ପଣ କରନ୍ତି ନାହିଁ। ଆମେରିକା ପକ୍ଷରୁ କୌଣସି ପ୍ରକାର ଷ୍ଟ୍ରାଇକ୍ କରାଗଲେ ଏହାର ପରିଣାମ ଅପୂରଣୀୟ କ୍ଷତି ଆଣିଦେବ।
**-ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ୍ ସୁପ୍ରିମ ଲିଡର**

ତେହରାନ୍/ୱାଶିଂଟନ୍, ୧୮।୬

ଇସ୍ରାଏଲ୍-ଇରାନ୍ ଯୁଦ୍ଧ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ଏଥିସହ ଇସ୍ରାଏଲ୍ ଆକ୍ରମଣରେ ଇରାନ୍‌ରେ ମୃତ୍ୟୁସଂଖ୍ୟା ୬୦୦ ଅତିକ୍ରମ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତେହରାନ୍‌କୁ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେବା ପରେ ଇରାନ୍ ତେଲ୍‌ଆଭିଭ୍‌କୁ ଟାର୍ଗେଟ କରି ଫତହ-୧ ମିଶାଇଲ୍ ଛାଡ଼ିଥିବା କହିଛି। ଇସ୍ରାଏଲ୍‌ରେ ଅଦ୍ୟାବଧି ୨୫ ଜଣ ନିହତ ହୋଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଇରାନ୍ ସୁପ୍ରିମଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ନିଃସର୍ତ୍ତ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହାର ଦିନକ ପରେ ଖାମେନେଇ ଟ୍ରମ୍ପ୍‌ଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ଆମେରିକାକୁ ଓଲଟା ଧମକ ଦେଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଖାମେନେଇ କହିଛନ୍ତି, ଆମେରିକା ଯଦି ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ସାମିଲ ହୁଏ ତେବେ ଏହାକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ସେହିପରି ଇରାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଆମେରିକୀୟ ହସ୍ତକ୍ଷେପକୁ ଯୁଦ୍ଧ ଜରିଆରେ ମୁକାବିଲା କରାଯିବ ବୋଲି କହିଛି। ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ମିଶାଇଲ୍ ନିର୍ମାଣ କେନ୍ଦ୍ର ଉପରେ ଆକ୍ରମଣ ପାଇଁ ୫୦ରୁ ଉର୍ଦ୍ଧ୍ୱ ଏୟାରକ୍ରାଫ୍ଟ ନିୟୋଜିତ କରାଯାଇଛି। ଆକ୍ରମଣରେ ଇରାନ୍‌ର ତବ୍‌ରିଜ ମିଶାଇଲ୍ ବେସ୍ ଓ ମଶାହଦ ଏୟାରଫିଲ୍ଡର ପ୍ରଭୂତ କ୍ଷତି ସାଧିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଇରାନ୍ ଦାବି କରିଛି ଯେ, ଇସ୍ରାଏଲ୍ ଆଡ଼କୁ ଏକ ଫତହ-୧ ମିଶାଇଲ୍ ଛଡ଼ାଯାଇଛି। ଏହା ସତ ହୋଇଥିଲେ ୨୦୨୩ ପରେ ସଦ୍ୟ ଯୁଦ୍ଧରେ ଇରାନ୍ ପକ୍ଷରୁ ଏହା ଇସ୍ରାଏଲ୍-ଷ୍ଟ୍ରାଇକର୍‌ର ପ୍ରଥମ ପ୍ରୟୋଗ। ଇତିମଧ୍ୟରେ ଆମେରିକାର ୨ ଜଣ ଅଧିକାରୀ କହିଛନ୍ତି, ଟ୍ରମ୍ପ୍ ଇରାନୀୟ ନ୍ୟୁକ୍ଲିୟର ଫାସିଲିଟିଗୁଡ଼ିକ ଉପରେ ଆମେରିକୀୟ ସାମରିକ ଉପକରଣ ବ୍ୟବହାର କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ। ୩୦ରୁ ଅଧିକ ୟୁଏସ୍ ମିଲିଟାରି ଏରିଆଲ୍ ରିଫ୍ୟୁଲିଂ ଟ୍ୟାଙ୍କରକୁ ମଧ୍ୟପ୍ରାଚ୍ୟକୁ ଛଡ଼ାଯାଇଛି। ଇରାନ୍ ୬ ଦିନ ଭିତରେ ତେଲ୍‌ଆଭିଭ୍ ଆଡ଼କୁ ୪୦୦ରୁ ଅଧିକ ମିଶାଇଲ୍ ଓ ଅନେକ ଶହ ଡ୍ରୋନ୍ ଛାଡ଼ିସାରିଲାଣି। ଏଥିରେ ଇସ୍ରାଏଲ୍‌ର ୪୦ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି। ଇରାନ୍‌ର ଶେଷ ରାଜାଙ୍କ ପୁଅ ତଥା ନିର୍ବାସନରେ ଥିବା ବିରୋଧୀ ବ୍ୟକ୍ତିତ୍ୱ ରେଜା ପହଲଭି କ୍ଷମତା ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି। ଖାମେନେଇ ଅଣ୍ଡରଗ୍ରାଉଣ୍ଡ୍ ହୋଇଯାଇଛନ୍ତି ଏବଂ ଇସ୍‌ଲାମିକ୍ ସାଧାରଣତନ୍ତ୍ର ଭୁଶୁଡ଼ିପଡ଼ିଥିବା ସେ ଦାବି କରିଛନ୍ତି।

### ତେଲ୍ ଆଭିଭ୍‌କୁ ଇରାନ୍ ଛାଡ଼ିଲା ଫତହ-୧ ମିଶାଇଲ୍

ଇରାନ୍ ବର୍ତ୍ତମାନ ଆତ୍ମରକ୍ଷା ପାଇଁ ସମ୍ପୂର୍ଣ୍ଣ ରୂପେ ଅକ୍ଷମ ହୋଇଗଲାଣି। ଏହା ନିକଟରେ ଆଉ ଏୟାର ଡିଫେନ୍ସ ନାହିଁ। ଇରାନ୍ ହ୍ୱାଇଟ୍ ହାଉସ୍ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛି।
**-ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**


ତେହରାନରେ ଇସ୍ରାଏଲ୍‌ର ମିଶାଇଲ୍ ମାଡ଼ ପରେ ଧୂଆଁ ଉଠୁଛି।

### ଅପରେଶନ୍ ସିନ୍ଧୁ: ଫେରୁଛନ୍ତି ୧୧୦ ଭାରତୀୟ ଛାତ୍ରୀଛାତ୍ର

ନୂଆଦିଲ୍ଲୀ, ୧୮।୬

ଯୁଦ୍ଧ ପ୍ରଭାବିତ ଇରାନ୍‌ରୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ ସ୍ୱଦେଶକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଅପରେଶନ୍ ସିନ୍ଧୁ ଆରମ୍ଭ କରିଛନ୍ତି। ଏହିକ୍ରମେ ୧୧୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଇଣ୍ଡିଗୋ ବିମାନ ନୂଆଦିଲ୍ଲୀକୁ ଫେରୁଛି। ସେମାନଙ୍କ ମଧ୍ୟରୁ ୯୦ ଜଣ ହେଉଛନ୍ତି କଶ୍ମୀରୀ। ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯାଇଥିବାରୁ ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍ଏ) ପକ୍ଷରୁ ଜାରି ଏକ ବିବୃତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଧନ୍ୟବାଦ ଦିଆଯାଇଛି। ଛାତ୍ରୀଛାତ୍ରମାନେ ଆର୍ମେନିଆରୁ ଦୋହା ଯିବା ପରେ ସେଠାରୁ ବିମାନରେ ଫେରିଛନ୍ତି। ଟିକେଟ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିଥିବା ଜଣାପଡ଼ିଛି। ଇରାନ୍‌ରେ ୪,୦୦୦ରୁ ଉର୍ଦ୍ଧ୍ୱ ଭାରତୀୟ ଥିବାବେଳେ ସେମାନଙ୍କ ମଧ୍ୟରୁ ଅଧା ହେଉଛନ୍ତି ଛାତ୍ରୀଛାତ୍ର।

### ୧୦-୧୨ ଦିନରେ ସରିଯିବ ଇସ୍ରାଏଲୀ ମିଶାଇଲ



ତେହରାନ୍‌ରୁ ନେଇ ତେଲ୍‌ଆଭିଭ୍ ପର୍ଯ୍ୟନ୍ତ ଚାଲିଛି ମିଶାଇଲ ମାଡ଼ର ପ୍ରତିଯୋଗିତା। ଇରାନ୍ ଉପରେ ଆକ୍ରମଣ ବେଳେ ଇସ୍ରାଏଲ୍ ଭାବି ନ ଥିଲା ଏପରି ପ୍ରତିରୋଧର ସମ୍ମୁଖୀନ ହେବ ବୋଲି। ଇସ୍ରାଏଲୀ ଇଣ୍ଟରସେପ୍ଟରଗୁଡ଼ିକ ବର୍ତ୍ତମାନ ଚାପଗ୍ରସ୍ତ। ଇସ୍ରାଏଲ୍‌କୁ ଡିଫେନ୍ସ ଅପରେଶନ୍ ପାଇଁ ପ୍ରତି ରାତିରେ ୨୮୫ ନିୟୁତ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଇରାନ୍‌ର ପ୍ରତିଆକ୍ରମଣକୁ ଇସ୍ରାଏଲ୍ ଆଉ କେତେଦିନ ବରଦାସ୍ତ କରିପାରିବ ତାକୁ ନେଇ ବଡ଼ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥିତିରେ ଇସ୍ରାଏଲ୍ ଆମେରିକାଠାରୁ ଯୁଦ୍ଧାସ୍ତ୍ର ସହଯୋଗ ନ ପାଇଲେ ଏହାର ସାମରିକ ଭିତ୍ତିଭୂମି ଦୋହଲିଯିବ ବୋଲି ଅନେକେ ମତ ଦେଉଛନ୍ତି। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏତେ ଶୀଘ୍ର ଇସ୍ରାଏଲ୍ ସହ ଇରାନ୍ ବିରୋଧୀ ଯୁଦ୍ଧରେ ଆମେରିକାକୁ ସାମିଲ କରି ତେହରାନ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ନ ପାରନ୍ତି ବୋଲି ଅନ୍ୟ କେତେକ ସୂତ୍ରରୁ ଜଣାପଡ଼ିଛି।

## ଆମେରିକାରେ ଲାରାଙ୍କ ନାଁରେ ଭିତ୍ତିହୀନ ଅଭିଯୋଗ

ୱାଶିଂଟନ, ୧୮।୬



ଗ୍ଲୋବାଲ ପପ୍ ମ୍ୟୁଜିକ୍ ଗ୍ରୁପ୍ କେଟ୍ସଆଇ ସଦସ୍ୟା ତଥା ଭାରତୀୟ-ଆମେରିକୀୟ ଲାରା ରାଜଗୋପାଳନ୍‌ଙ୍କ ବିରୋଧରେ ୟୁଏସ୍ ଇମିଗ୍ରେଶନ୍ ଆଣ୍ଡ୍ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ (ଆଇସିଇ)ରେ ମିଥ୍ୟ ଅଭିଯୋଗ କରାଯାଇଛି। ଆମେରିକାରେ ରହିବା ଓ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଦସ୍ତାବିଜ ତାଙ୍କ ନିକଟରେ ନାହିଁ ବୋଲି ଜଣେ ସୋସିଆଲ ମିଡିଆ ୟୁଜର ଅଭିଯୋଗ ଆଣିଛନ୍ତି। ଆମେରିକୀୟ କର୍ତ୍ତୃପକ୍ଷ ସାରା ଦେଶରେ ବେଆଇନ ପ୍ରବାସୀଙ୍କ ଉପରେ ଚଢ଼ାଉ କରି ସେମାନଙ୍କୁ ବିଦା କରିବାରେ ଲାଗିଥିବାବେଳେ ଏହି ଭିତ୍ତିହୀନ ଅଭିଯୋଗ ତାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଲାରାଙ୍କ ମା' କବିତା ରାଜଗୋପାଳନ୍ ଜଣେ ଭାରତୀୟ ତାମିଲ ଏବଂ ବାପା ଶ୍ରୀ ରାଜଗୋପାଳନ୍ ଶ୍ରୀଲଙ୍କାର ତାମିଲ। ଡୋଲ୍ଲାସ ଓ ଲସ୍‌ଏଞ୍ଜେଲ୍ସରେ ବଢ଼ିଥିବା ଲାରା ୨୦୧୮ରେ ମିଶେଲ ଓବାମାଙ୍କ ଗ୍ଲୋବାଲ ଗର୍ଲ୍ସ ଆଲାଏନ୍ସ ପାଇଁ ପ୍ରଯୋଜିତ ଏକ ଭିଡିଓରେ ନଜର ଆସିବା ପରେ ଚର୍ଚ୍ଚାକୁ ଆସିଥିଲେ।

### ୧୦ମ, ୧୨ଶ ଶ୍ରେଣୀରେ ସମାନ ବୋର୍ଡ ପାଇଁ ୭ ରାଜ୍ୟକୁ କେନ୍ଦ୍ରର ସୁପାରିସ

ନୂଆଦିଲ୍ଲୀ, ୧୮।୬ (ପି.ଟି.)

ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ସମାନ ବୋର୍ଡ ପଦ୍ଧତି ଆପଣାଇବାକୁ ବୁଧବାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୭ ରାଜ୍ୟକୁ ସୁପାରିସ କରାଯାଇଛି। ଏହି ୭ ରାଜ୍ୟ ମଧ୍ୟରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଆସାମ, କେରଳ, ମଣିପୁର, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗ ରହିଛି। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା କରାଯାଇଥିବା ବିଶ୍ଳେଷଣ ଅନୁଯାୟୀ, ଗତବର୍ଷ ଫେଲ୍ ହୋଇଥିବା ସମୁଦାୟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେବଳ ୬୬% ଏହି ୭ ରାଜ୍ୟର ରହିଛନ୍ତି। ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ସମାନ ବୋର୍ଡ ଦ୍ୱାରା ଶିକ୍ଷାକୁ ଆହୁରି ସହଜ କରିହେବ ବୋଲି ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର କହିଛନ୍ତି।

## ଏକସଙ୍ଗେ ପୋଲିସରେ ଭର୍ତ୍ତିହେଲେ ବାପପୁଅ

ଲକ୍ଷ୍ନୌ, ୧୮।୬


ଯଶପାଲ ସିଂ ନାଗର ଓ ତାଙ୍କ ପୁଅ ଶେଖର।

ଉତ୍ତର ପ୍ରଦେଶର ହାପୁର ଜିଲା ଉଦୟରାମପୁର ନଙ୍ଗଲା ଗ୍ରାମର ବାପପୁଅଙ୍କ ଯୋଡ଼ି ଏକସଙ୍ଗେ ରାଜ୍ୟ ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ଲକ୍ଷ୍ନୌସ୍ଥିତ ଡିଫେନ୍ସ ଏକ୍ସପୋ ଭେନ୍ୟୁରେ ପହଞ୍ଚି ଅବସରପ୍ରାପ୍ତ ସେନା ହାବିଲଦାର ଯଶପାଲ ସିଂ ନାଗର (୪୧) ଏବଂ ତାଙ୍କ ପୁଅ ଶେଖର ନାଗର (୨୧) ନିଜ ନିଯୁକ୍ତି ପତ୍ର ଆଣିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଭୟଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଯଶପାଲ ୨୦୦୩ରେ ଭାରତୀୟ ସେନାରେ ଭର୍ତ୍ତି ହୋଇଥିଲେ। ୧୬ ବର୍ଷ ଧରି ସେବା ଯୋଗାଇବା ପରେ ୨୦୧୯ରେ ସେ ସେନାରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରେ ଦିଲ୍ଲୀରେ ଥିବା ଆର୍ମି ଅର୍ଡିନାନ୍ସ କର୍ପ୍ସରେ ସେ କିଛିଦିନ ପାଇଁ କାର୍ଯ୍ୟ କରିଥିଲେ। ୨୦୨୪ରେ ଉତ୍ତର ପ୍ରଦେଶର କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ପାଇଁ ଯଶପାଲ ପୁଅ ଶେଖରଙ୍କ ସହ ମିଶି ଆବେଦନ କରିଥିଲେ। ଉଭୟ ବାପପୁଅ ଏକସଙ୍ଗେ ଉକ୍ତ ପରୀକ୍ଷା ଦେଇଥିଲେ ଏବଂ ଏକସଙ୍ଗେ ଉଭୟଙ୍କର ସିଲେକ୍ସନ ମଧ୍ୟ ହୋଇଛି। ଦୁହେଁ ୨ ବର୍ଷ ଧରି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଉଭୟେ ଦିଲ୍ଲୀର ଏକ କୋଚିଂ ସେଣ୍ଟରରେ ମିଳିତ ଭାବେ ୟୁପି ପୋଲିସ କନଷ୍ଟେବଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ଶେଖର କହିଛନ୍ତି।

ଏବେ ଯଶପାଲ ଶାହଜହାନ୍‌ପୁର ଏବଂ ପୁଅ ଶେଖର ବରେଲିରେ ୟୁପି ପୋଲିସ କନଷ୍ଟେବଲ ଭାବେ ଟ୍ରେନିଂ ନେବେ। ଚଳିତ ମାସ ଶେଷ ଆଡ଼କୁ ଉଭୟେ ଟ୍ରେନିଂ ପାଇଁ ଯିବେ। ୟୁପି ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହେବା ପରେ ଶେଖର କହିଛନ୍ତି, ସେ ଆଗକୁ ମଧ୍ୟ କମ୍ବାଇନ୍ଡ ଡିଫେନ୍ସ ସର୍ଭିସ୍ ଏକ୍ସାମିନେଶନ (ସିଡିଏସ୍) ଏବଂ ୟୁପି ଇନ୍ସପେକ୍ଟର ପରୀକ୍ଷା ପରି ବିଭିନ୍ନ ସରକାରୀ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିବେ।

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ | Bhubaneswar, Thursday, June 19/2025 | ପୃଷ୍ଠା-୧



ବର୍ଷ ଏକ ଉପଲବ୍ଧି ଅନେକ

DADLS - 33

**ବିକଶିତ ଓଡ଼ିଶା ପାଇଁ ସମୁନ୍ନତ ଶିକ୍ଷା ବ୍ୟବସ୍ଥା**

- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଶୁଭାରମ୍ଭ
- ୪୫୦୦୦ରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିଶୁ ବାଟିକା କାର୍ଯ୍ୟକ୍ରମ
- ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ଗୁରୁତ୍ୱ



OIPR-15001/13/0712/2526


# ଅଗଷ୍ଟ ୧୫ରୁ ବର୍ଷିକିଆ ଫାସ୍‌ଟାଗ୍

## ଘରୋଇ ଯାନବାହନ ପାଇଁ ୩ ହଜାର ଟଙ୍କା

**ନୂଆଦିଲ୍ଲୀ, ୧୮।୬**

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ଏକ୍ସ'ରେ ଦେଶବ୍ୟାପୀ ବର୍ଷିକିଆ ଫାସ୍‌ଟାଗ୍‌ର ଘୋଷଣା କରିଛନ୍ତି। ଏହି ବର୍ଷିକିଆ ପାସ୍ ପାଇଁ ୟୁଜର୍ସମାନଙ୍କୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ପାସ୍ ଦେଖାଇ ଯାତ୍ରୀମାନେ ବର୍ଷକୁ ସର୍ବାଧିକ ୨୦୦ ଥର ଯାତ୍ରା କରିପାରିବେ। ତେବେ ସମୟସୀମା ପୂର୍ବରୁ ୨୦୦ ଯାତ୍ରା ପୂରା ହୋଇଗଲେ କିମ୍ବା ପାସ୍‌ର ଅବଧି ବର୍ଷେ ପୂରା ହେବାପରେ ୟୁଜର୍ସମାନଙ୍କୁ ସେମାନଙ୍କ ପାସ୍ ରିନ୍ୟୁ କରିବାକୁ ପଡ଼ିବ। ଆସନ୍ତା ଅଗଷ୍ଟ ୧୫ଠାରୁ ଏହି ବର୍ଷିକିଆ ଫାସ୍‌ଟାଗ୍ ପାସ୍ କାର୍ଯ୍ୟକାରୀ ହେବ ବୋଲି ଗଡ଼କରୀ କହିଛନ୍ତି। ଏହି ପାସ୍ କେବଳ ଅଣବ୍ୟବସାୟିକ ଘରୋଇ ଯାନବାହନ (କାର୍, ଭ୍ୟାନ୍, ଜିପ୍) ପାଇଁ ପ୍ରଯୁଜ୍ୟ ରହିବ। ବ୍ୟବସାୟିକ ଯାନବାହନ ଏଥିରେ ସାମିଲ ହେବ ନାହିଁ। ଏହି ପାସକୁ ଆକ୍ଟିଭ୍ କିମ୍ବା ରିନ୍ୟୁ କରିବା ପାଇଁ ଖୁବ୍‌ଶୀଘ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଫିସିଆଲ ୱେବ୍‌ସାଇଟ୍‌ରେ ଏକ ପୃଥକ୍ ଲିଙ୍କ୍ ଉପଲବ୍ଧ ହେବ।


**ଆଜିର ସମ୍ପାଦକୀୟ**

ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ




ନବଯୌବନ ଦର୍ଶନର ଅବ୍ୟବହିତ ପୂର୍ବରୁ କଟକ ଦରଘାବଜାର ଚିତ୍ରକର ସାହିରେ ଶ୍ରୀଜୀଉଙ୍କ ପ୍ରତିମାକୁ ରଙ୍ଗତୂଳୀରେ ସଜାଉଛନ୍ତି ଜଣେ ଶିଳ୍ପୀ। (ଫଟୋ: ରାଜକିଶୋର ମହାନ୍ତି)

# ଝିଅ ଜନ୍ମହେବାରୁ ମାରିଦେଲେ

**ଏବେବି ଝିଅ ଜନ୍ମକୁ କେତେଜଣ ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜନ୍ମ ଦେଇଥିବା ମା'ଙ୍କୁ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରୀରିକ ଯନ୍ତ୍ରଣା ଦିଆଯାଉଛି। ଉପାନ୍ତ ଅଞ୍ଚଳଠାରୁ ଆରମ୍ଭ କରି ସହର ଯାଏ ଏଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପରିବାର ବିରୋଧରେ ମଧ ଏଭଳି ଏକ ସଙ୍ଗିନ ଅଭିଯୋଗ ଆସିଛି। ଉପାଧ୍ୟକ୍ଷାଙ୍କ ପୁତ୍ରବଧୂ ନମିତା ୧୦ଦିନ ତଳେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବାବେଳେ ବୁଧବାର ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଅପରପକ୍ଷରେ କନ୍ୟାସନ୍ତାନ ଜନ୍ମ ଦେବା କାରଣରୁ ନବଜାତକର ମା'ଙ୍କୁ ମାନସିକ ନିର୍ଯାତନା ଦିଆଯିବା ସହ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ଅଭିଯୋଗ ହୋଇଛି। ଜଳେଶ୍ୱର ପୋଲିସ ଅଭିଯୋଗକୁ ଆଧାର କରି ଏକ ହତ୍ୟା ମାମଲା ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ, ଶ୍ୱଶୁର, ଦାଦା ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।**

## ପୌର ଉପାଧ୍ୟକ୍ଷାଙ୍କ ପରିବାର ବିରୋଧରେ ଅଭିଯୋଗ



ନମିତା

### ସ୍ୱାମୀ, ଶ୍ୱଶୁର, କକାଶ୍ୱଶୁରଙ୍କୁ ଉଠାଇ ନେଲା ପୋଲିସ

**ଜଳେଶ୍ୱର,୧୮।୬(ନବୀନ ସାହୁ)**

ଜଳେଶ୍ୱର ପୌରପାଳିକାର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପୁଅ ରିତେଶ କାମିଲା ୨୦୨୨ରେ ନିକଟସ୍ଥ ଚକବିଷ୍ଣୁ ଗ୍ରାମର ଜଳଧର ପ୍ରଧାନଙ୍କ କନ୍ୟା ନମିତା(୨୪)ଙ୍କୁ ଭଲ ପାଇ ବୈଦିକ ରୀତିନୀତିରେ ବିବାହ କରିଥିଲେ। ଘରେ ଶାଶୁ, ଶ୍ୱଶୁର, କକା, କାକୀ ଶାଶୁ, ନଣନ୍ଦ ଏବଂ ସ୍ୱାମୀଙ୍କ ସହିତ ନମିତା ଏକ ଯୌଥ ପରିବାରରେ ରହୁଥିଲେ। ସ୍ୱାମୀ ରିତେଶଙ୍କ ଜଳେଶ୍ୱର ବଜାରରେ ଏକ ବାସନ ଦୋକାନ ରହିଛି। ନମିତା ୧୦ ଦିନ ତଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେ ଶିଶୁକନ୍ୟା ଜନ୍ମ ଦେଇଥିବାରୁ ଶାଶୁ ଘର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ନମିତାଙ୍କୁ ତାଙ୍କ ଶୋଇବା ଘରେ ଝୁଲନ୍ତା ଅବସ୍ଥାରେ ଶ୍ୱଶୁର ଘର ଲୋକ ଦେଖିବାକୁ ପାଇଥିଲେ। ନମିତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନମିତା ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ କହୁଥିବାବେଳେ ବାପଘର ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଝିଅ ଜନ୍ମ ଦେବା ପରଠାରୁ ନମିତାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ନମିତାଙ୍କ ସମ୍ପର୍କୀୟା ଭଉଣୀ ସୁମିତ୍ରା ପାଲ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୮୦ (ଯୌତୁକଜନିତ ମୃତ୍ୟୁ), ୮୫ (ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ନିର୍ଯାତନା), ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା), ୧୦୩ (ହତ୍ୟା), ୩(୫) (ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି)ରେ ଏକ ମାମଲା(ନଂ.୨୮୦/୨୫) ରୁଜୁ କରି ମୃତାଙ୍କ ସ୍ୱାମୀ, ଶ୍ୱଶୁର ଏବଂ ଦାଦା ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ଜୟନ୍ତ ବେହେରା କହିଛନ୍ତି। ଏହି ଘଟଣା ସମ୍ପର୍କରେ ପୌର ଉପାଧ୍ୟକ୍ଷା କିମ୍ବା ତାଙ୍କ ପରିବାର କାହାରି ପ୍ରତିକ୍ରିୟା ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁସାରେ ଗତ ୫ରୁ ୬ବର୍ଷ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟାଙ୍କ ବଡ଼ବୋହୂଙ୍କ ମଧ ସନ୍ଦେହଜନକ ମୃତ୍ୟୁ ଘଟିଥିଲା।

# ମଧ୍ୟସ୍ଥତାକୁ ଗ୍ରହଣ କରିବନି ଭାରତ

## ମୋଦି-ଟ୍ରମ୍ପ୍ ଆଲୋଚନା

- ଆତଙ୍କବାଦକୁ ଯୁଦ୍ଧ ବିବେଚନା କରୁଛି ନୂଆଦିଲ୍ଲୀ
- ପାକିସ୍ତାନର ଅନୁରୋଧ କ୍ରମେ ହୋଇଥିଲା ଅସ୍ତ୍ରବିରତି
- କ୍ୱାଡ୍ ସମିଟ୍‌ରେ ଯୋଗଦେବା ପାଇଁ ଆସିବେ ଟ୍ରମ୍ପ୍



**କନାନକସ୍କିସ୍(କାନାଡା),୧୮।୬**

ଗତମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟକ୍ଷ ପାରସ୍ପରିକ ଆଲୋଚନା ଜରିଆରେ ବନ୍ଦ ହୋଇଥିଲା। ଏଥିରେ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା କରି ନ ଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅବଗତ କରାଇଛନ୍ତି। ଟ୍ରମ୍ପ୍ ମଧ୍ୟସ୍ଥତା କରି ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଆସୁଥିବାବେଳେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ତାଙ୍କୁ ଏହି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ପ୍ରାୟ ୩୫ ମିନିଟ୍ ଧରି ପ୍ରଧାନମନ୍ତ୍ରୀ ମୋଦି ଫୋନ୍‌ରେ କଥା ହୋଇଛନ୍ତି। ଆଲୋଚନା ବେଳେ ମୋଦି ଟ୍ରମ୍ପଙ୍କୁ କହିଛନ୍ତି, ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଇସ୍‌ଲାମାବାଦର ଅନୁରୋଧକ୍ରମେ ଭାରତୀୟ ସେନା ଓ ପାକିସ୍ତାନ ପ୍ରତିପକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତ ହୋଇଥିଲେ। ଭାରତର ବହିର୍ବ୍ୟାପାର ସଚିବ ☞ପୃଷ୍ଠା-୨

# ଯାଜପୁର: ଆଉ ୧୬ ନମୁନାରେ ହଇଜା

**ଯାଜପୁର,୧୮।୬ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ହଇଜା (କଲେରା) ବ୍ୟାପିବାରେ ଲାଗିଛି। ବୁଧବାର ଆଉ ୧୬ ନମୁନାରେ ହଇଜା (ଭିବ୍ରିଓ କଲେରା) ଚିହ୍ନଟ ହୋଇଥିବା କେନ୍ଦ୍ରୀୟ ଦଳ ପକ୍ଷରୁ ସୂଚନା ମିଳିଛି। ମୋଟ ୪୯ ନମୁନା ଯାଞ୍ଚ ହୋଇଥିବାବେଳେ ସେଥିରୁ ୩୩% ହଇଜା ସଂକ୍ରମିତ ବୋଲି ସ୍ପଷ୍ଟ ହୋଇଛି। ପୂର୍ବରୁ ୧୧ଜଣ ହଇଜାରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ରିପୋର୍ଟକୁ ମିଶାଇ ହଇଜା ପଜିଟିଭ୍ ରୋଗୀଙ୍କ ସଂଖ୍ୟା ୨୭ ହୋଇଛି। ଅନ୍ୟପକ୍ଷେ ହଇଜା ଓ ଡାଇରିଆ ବ୍ୟାପିବାର ଧାରାରେ ପରିବର୍ତ୍ତନ ଆସିଛି। ପୂର୍ବରୁ ବୟସ୍କ ଲୋକମାନେ ହଇଜା ଓ ଡାଇରିଆରେ ଆକ୍ରାନ୍ତ ହେଉଥିବା ବେଳେ ଗତ ୨ ଦିନ ହେଲା ଶିଶୁ ଓ କିଶୋରମାନେ ଏଥିରେ ସଂକ୍ରମିତ ହେଉଛନ୍ତି। ବୁଧବାର ବ୍ୟାସନଗର ପୌରାଞ୍ଚଳର ନହକା ୱାର୍ଡର ଜଣେ ୧ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଜନିକ ମୁର୍ମୁ। ଏହାକୁ ମିଶାଇ ଜିଲାରେ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି। ନୂଆ ରୋଗୀ ଏବଂ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ☞ପୃଷ୍ଠା-୨

# ୧୫ ଦିନରେ ମିଳିବ ଭୋଟର କାର୍ଡ

**ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ରବିନାରାୟଣ ଜେନା),୧୮।୬**

ପୂର୍ବରୁ ଦେଶର ମତଦାତାଙ୍କୁ ଇଲେକ୍ଟର ଫଟୋ ଆଇଡେଣ୍ଟିଟି କାର୍ଡ (ଇପିଆଇସି) ପାଇବାକୁ ହେଲେ ମାସେରୁ ଅଧିକ ସମୟ ଲାଗୁଥିଲା। ଏଣିକି ଭୋଟର କାର୍ଡ ୧୫ ଦିନ ଭିତରେ ମିଳିଯିବ ବୋଲି ବୁଧବାର ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ଇସି କହିଛନ୍ତି, ଭାରତର ନୂଆ ଭୋଟରଙ୍କ ନାମ ପଞ୍ଜୀକରଣ ଓ ପଞ୍ଜୀକୃତ ଭୋଟରଙ୍କ ତଥ୍ୟ ସଂଶୋଧନ ଯେମିତି ୧୫ ଦିନ ଭିତରେ ହୋଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ନୂଆ ବ୍ୟବସ୍ଥା ଅନୁସାରେ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଫିସର (ଇଆର୍‌ଓ)ଙ୍କ ଦ୍ୱାରା କରାଯାଉଥିବା ଇପିଆଇସି ଜେନେରେଶନ୍‌ଠାରୁ ନେଇ ଭୋଟରଙ୍କୁ ଡାକ ଯୋଗେ କାର୍ଡ ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଟ୍ରାକିଂ କରାଯାଇପାରିବ। ଭୋଟରମାନେ ପ୍ରତି ସ୍ତରରେ ନିଜ ଇପିଆଇସିସମ୍ପର୍କରେ ମୋବାଇଲରେ ଏସ୍‌ଏମ୍‌ଏସ୍ ପାଇବେ।

# ଆଦିବାସୀଙ୍କ ଉନ୍ନତି ବିନା ବିକାଶ ଅସମ୍ଭବ

## ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶ

**ବାରିପଦା,୧୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ସାଂସ୍କୃତିକ ବୈଭବ ଚିତ୍ରପଟ୍ଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ବର୍ଷ ଭିତରେ ଏହି ଲକ୍ଷ୍ୟ ସାକାର କରିବାକୁ ହେଲେ ରାଜ୍ୟର ୪୦% ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ବିନା ବିକାଶ ଅସମ୍ଭବ ବୋଲି ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବାରିପଦାର ଛଉ ପଡ଼ିଆଠାରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ରାଜ୍ୟର ଜନଜାତି ସମୁଦାୟଙ୍କ ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି। କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ୫ ହଜାର ଆଦିବାସୀ ଯୁବତୀଯୁବକ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭକରି ଉପକୃତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହେଲେ ହିଁ ଆଦିବାସୀ ସମାଜର ବିକାଶ ହେବ ବୋଲି କହିଛନ୍ତି। ସେହିପରି ଗରିବ, ଅବହେଳିତ ଆଦିବାସୀ ଭଉଣୀଭାଇଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂରଣକରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜନଜାତିଙ୍କ ସାମାଜିକ ବ୍ୟବସ୍ଥା, ସାଂସ୍କୃତିକ ବୈଭବ ଓ ମୌଳିକତା ବଜାୟ ରଖିବାକୁ ପଡ଼ିବ ବୋଲି କହିଛନ୍ତି। ଏହି ଅବସରରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ନିର୍ଦ୍ଦେଶିକା ଡ. ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ।



ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।


**SIKSHA 'O' ANUSANDHAN**

Empowering students for a brighter future

M.Sc. PROGRAMMES OFFERED
- M.Sc. (Physics)
- M.Sc. (Chemistry)
- M.Sc. (Mathematics)
- M.Sc. (Biotechnology)

APPROVAL & RECOGNITIONS
- Approved by UGC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 50th Best in Research Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through CUET (PG) - 2025, Please visit: www.soa.ac.in

**ଆଜିର ମନ୍ତବ୍ୟ**

"ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଆସୀମ ମୁନିରଙ୍କୁ ନୈଶଭୋଜିରେ ଆପ୍ୟାୟିତ କରିବା ଭାରତ ପାଇଁ ଏକ ବଡ଼ ଝଟକା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ରମ୍ପ୍‌ଙ୍କ ସହ ଫୋନ୍‌ରେ କ'ଣ କଥା ହେଲେ, ତାହା ଜଣାଇବା ପାଇଁ ବିଦେଶରୁ ଫେରିବା ପରେ ଏକ ସର୍ବଦଳୀୟ ବୈଠକ ଡାକିବା ଉଚିତ। **–ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରଜ ମହୋତ୍ସବ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ଣ ୧୦ଟା।
- ଏମ୍‌ସ ପକ୍ଷରୁ ବିଶ୍ୱ ଆନେମିଆ ଦିବସ, ସ୍ଥାନ: ଓପିଡ଼ି, ଏମ୍‌ସ, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ପୁରୀ
- ଜମିପଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ଣ ୧୦ଟା।

## କଟକ
- ବିଶ୍ୱ ସମ୍ବାଦ କେନ୍ଦ୍ର ଆନୁକୂଲ୍ୟରେ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ପୋପରଡ଼ା ଗ୍ରାମବାସୀଙ୍କ ପକ୍ଷରୁ ବାଦୀପାଲା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୋପରଡ଼ା, ନୂଆବଜାର, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ଣ ୩ଟା।

## ବାଲେଶ୍ୱର
- ଭାଜପା ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ଣ ୪ଟା।
- ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବ୍ଲକ୍‌ସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ: ନୂଆସାହି, ତିହିଡ଼ି, ସମୟ: ପୂର୍ବାହ୍ଣ ୧୦ଟା।
- ମକ୍‌ଡ୍ରିଲ୍, ସ୍ଥାନ: ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦୁଝର
- ବିକଶିତ ବାହନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଢେଙ୍କିକୋଟ, ସମୟ: ପୂର୍ବାହ୍ଣ ୧୦ ଟା।

## ମୟୂରଭଞ୍ଜ
- ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ସ୍ଥାନ: ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ, କଲେଜ ରୋଡ୍, ବେତନଟୀ,ସମୟ: ପୂର୍ବାହ୍ଣ ୯ଟା।
- ମକ୍ ଡ୍ରିଲ, ସ୍ଥାନ ରଙ୍ଗପାଣି ବନ୍ୟା ଆଶ୍ରୟସ୍ଥଳୀ, ବଡ଼ସାହି,ସମୟ:ସକାଳ ୯ଟା।
- ବିଶ୍ୱ ସିକିଲ ସେଲ୍ ସଚେତନତା ଦିବସ ପାଳନ, ସ୍ଥାନ:ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ଣ ୧୧ଟା।

## କନ୍ଧମାଳ
- ବିକାଶ ବାହନ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ପରିକ୍ରମା, ସ୍ଥାନ: ବାଲିଗୁଡ଼ା ଏନ୍‌ଏସି ଅଞ୍ଚଳ, ସମୟ: ସକାଳ ୯ ଟା।
- ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପରମ ପଙ୍ଗା ଓ ଲଣ୍ଡାଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ଣ ୧୦ ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ଣ ୫ଟା।

## ରାୟଗଡ଼ା
- ଶନିଶ୍ଚରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ–ଶନିଶ୍ଚର ମନ୍ଦିର ପରିସର, ମୁନିଖୋଲ,ମୁନିଗୁଡା, ସମୟ: ମଧ୍ୟାହ୍ନ ୧ଟା।

## ନବରଙ୍ଗପୁର
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ, ସ୍ଥାନ: ଡିଏନ୍‌କେ ଆଶ୍ରୟ ସ୍ଥଳୀ, ଉମରକୋଟ, ସମୟ: ପୂର୍ବାହ୍ଣ ୧୧ ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ମେଦନା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଡାବୁଗାଁ, ସମୟ: ପୂର୍ବାହ୍ଣ ୧୧ ଟା।

## କୋରାପୁଟ
- ବିକାଶ ବାହନ ଶୁଭାରମ୍ଭ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ସକାଳ ୯ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ସକାଳ ୫ଟା।
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ୍, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ଣ ୩ଟା ୩୦।
- ବିକାଶ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ୯ଟି ବ୍ଲକ ଅର୍ନ୍ତଗତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ : ୯ଟା।
- ଜିଲା କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଓ ଆଲୋଚନା, ସ୍ଥାନ : ଜିଲା କଗ୍ରେସ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ ଓ ଗଣ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୮ଟା ।

## ରାଉରକେଲା
- ଜଳଅବରୋଧ ନେଇ ବିଶ୍ୱକର୍ମାବସ୍ତି କଲୋନୀବାସୀ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ଣ ୧୧ଟା
- ଆଦର୍ଶ ପାଠାଗାର ପକ୍ଷରୁ ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ପାଠାଗାର ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ୮ତମ ସର୍ବଭାରତୀୟ ଟ୍ରାଇବାଲ ଥିଏଟର ଏବଂ ନୃତ୍ୟ ମହୋତ୍ସବ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର–୫ ଆଦର୍ଶ ସାହିତ୍ୟଘର, ସମୟ: ସନ୍ଧ୍ୟା ୬ଟା ୪୫।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ:ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ଣ ୧୦ଟା।
- ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ନିଶା ନିବାରଣ ସଚେତନତା କର୍ମଶାଳା, ସ୍ଥାନ: କର୍ଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ଣ ୧୦ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଚା ପଞ୍ଚାୟତ ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ଣ ୨ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବିକାଶ ମେଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରେଡ: ସମୟ: ଅପରାହ୍ଣ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିକାଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରେଡ, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ନିଶା କାରବାର ବିରୋଧରେ ସଚେତନତା ପଦଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସର୍ବୋଦୟ ସଙ୍କଳ୍ପ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ଚନ୍ଦ୍ରମା ହୋଟେଲ, ସମୟ: ସକାଳ ୯ଟା ୩୦।
- ମକଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସର, ଦିଗସିରା, ଡୁଙ୍ଗୁରିପାଲି, ସମୟ: ପୂର୍ବାହ୍ଣ ୧୦ଟା।
- ତରଭା ବ୍ଲକର ଝାରତରଭାରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ଝାରତରଭା ଗ୍ରାମପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ଣ ୧୧ଟା।

## ନୂଆପଡ଼ା
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇ ନେବାରେ ସମର୍ଥ ହେବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ଉଚ୍ଚଶିକ୍ଷା, ସନ୍ତାନଙ୍କ ସ୍ୱାସ୍ଥ୍ୟ, ରଚନାତ୍ମକ କାମ ସାଙ୍ଗକୁ ଋଣ ପରିଶୋଧର ଯୋଜନା କରିବେ। ବ୍ୟବସାୟରେ ଉନ୍ନତି ସାଙ୍ଗକୁ ଲୋକସମ୍ପର୍କ ବୃଦ୍ଧି ଦିଗରେ ଚେଷ୍ଟିତ ହେବେ।

**ବୃଷ** ପରିସ୍ଥିତିକୁ ଆଖିଆଗରେ ରଖି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡିପାରେ। ନତୁବା ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ ପ୍ରତ୍ୟେକ କାମରେ କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ** କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଥିବା କାରଣରୁ ସେହିକଥା ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗୀ ହୋଇପାରନ୍ତି।

**କର୍କଟ** ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ଅଭିଜ୍ଞତା ଓ ଦୂରଦର୍ଶିତା ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କର୍ମକ୍ଷେତ୍ରରେ ସାମୟିକ ପ୍ରତିବନ୍ଧକ କାରଣରୁ ଆଜିର କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। କର୍ମଜଞ୍ଜାଳ ବୃଦ୍ଧି ପାଉଥିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ଭଲ କଥା କହିଲେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ପରିବାରରେ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ବନ୍ଧୁମେଳରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ସନ୍ତୋଷଜନକ ରହିବ।

**କନ୍ୟା** ଅତୀତର କେତେକ ଘଟଣା ମନରେ ଆଲୋଡ଼ନ ସୃଷ୍ଟିକରିବା ଫଳରେ ସ୍ଥିର ଭାବରେ ରହିପାରିବେ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ପ୍ରତ୍ୟେକ କ୍ଷେତ୍ରରେ ବିଜାତୀୟ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ତୁଳା** ବିଭିନ୍ନ ପ୍ରତିବନ୍ଧକଜନିତ କାର୍ଯ୍ୟରେ ସଫଳତା ହାସଲ କରିବା ସହଜସାଧ୍ୟ ହୋଇ ନ ପାରେ। କିନ୍ତୁ କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଉଚ୍ଚପଦାଧିକାରୀଙ୍କ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କଥାବାର୍ତ୍ତା ନ କଲେ ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ପାଇପାରେ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ଯୋଗୁ ସାମୟିକ ଭାବରେ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ଶାନ୍ତି ପାରିବାରିକ ଜୀବନକୁ ରଙ୍ଗିମନ୍ତ କରିବ। ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ଅନୁକୂଳ ସମୟ ହେତୁ ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବହୁତ ଦିନରୁ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି।

**କୁମ୍ଭ** ଆପଣଙ୍କ ସୁଚିନ୍ତିତ ବିଚାରଧାରା ଫଳରେ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ, ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ରହିଥିବା ବ୍ୟତିକ୍ରମ ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ମଧ୍ୟ ସମସ୍ୟାକୁ ସୁଧାରି ନେବେ। ପରିବହନ କ୍ଷେତ୍ରରେ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିବାରରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** ବନ୍ଧୁପରିଜନଙ୍କ ସହିତ ହସଖୁସିରେ ଆଜିର ଯାତ୍ରା, କର୍ମାରମ୍ଭ ଓ ଭ୍ରମଣ ଆନନ୍ଦଦାୟକ ରହିବ। ସାମାଜିକ ସ୍ତରରେ ଈର୍ଷାପରାୟଣ ନୀଚବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବହୁତ ଖର୍ଚ୍ଚ ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଦିଗରୁ ବହୁତ ଶୁଭଫଳ ପାଇବେ।

ଆଜି ଜୁନ୍ ୧୯ ତାରିଖ, ଆଷାଢ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର। ରାଶିନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ ଗତେ, ଘ.୦୬।୦୪ ମଧ୍ୟେ, ଘ.୦୯।୩୬ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୭ ଗତେ, ଘ.୦୩।୦୬ ମଧ୍ୟେ ରାହୁକାଳ।

# ବୟୋ ବନ୍ଦନା ହିତାଧିକାରୀଙ୍କୁ କାର୍ଡ ବାଣ୍ଟିବେ ପ୍ରଧାନମନ୍ତ୍ରୀ

## ଓଡ଼ିଶା ବିକାଶ ପାଇଁ ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ

ଭୁବନେଶ୍ୱର,୧୮।୬(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଗରିବ, ଯୁବକ, କୃଷକ ଓ ମହିଳା କେନ୍ଦ୍ରିକ ଯୋଜନା ଆଧାରିତ ବିଭିନ୍ନ ଯୋଜନାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି। ଦେଶର ଅର୍ଥନୀତି ବର୍ତ୍ତମାନ ବିଶ୍ୱର ୪ର୍ଥ ସ୍ଥାନକୁ ଉନ୍ନିତ ହୋଇଛି। ଦେଶ ବିଦେଶରେ ଭାରତବର୍ଷର ମାନ ଓ ସମ୍ମାନ ବୃଦ୍ଧି ପାଇଛି। ଭାଜପା ନେତୃତ୍ୱାଧୀନ ସରକାର ଓଡ଼ିଶାରେ ୧ ବର୍ଷ ପୂରଣ କରିଥିବାବେଳେ ମାର୍ଗଦର୍ଶନ ଦେବାକୁ ପ୍ରଧାନମନ୍ତ୍ରୀ ୨୦ରେ ଓଡ଼ିଶା ଆସୁଛନ୍ତି। ଗତ ବର୍ଷେ ମଧ୍ୟରେ ପ୍ରଧାନମନ୍ତ୍ରୀ ୬ଷ୍ଠ ଥର ପାଇଁ ଓଡ଼ିଶା ଆସୁଛନ୍ତି। ପ୍ରଧାନମନ୍ତ୍ରୀ ୩ଟା ୪୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଓଡ଼ିଶାର ବିକାଶ ପାଇଁ ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ। ଏହାସହ ବୟୋ ବନ୍ଦନା ଯୋଜନାରେ ରାଜ୍ୟରେ ୭୦ ବର୍ଷରୁ ଅଧିକ ସମସ୍ତଙ୍କୁ ସ୍ୱାସ୍ଥ୍ୟକାର୍ଡ ଦିଆଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ। ପ୍ରଧାନମନ୍ତ୍ରୀ ଏଥିପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ନେତୃତ୍ୱରେ ଜାତୀୟସ୍ତରର ଅନେକ କାର୍ଯ୍ୟକ୍ରମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ଅନୁଷ୍ଠିତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀଠାରୁ ଆରମ୍ଭକରି ନୌସେନା ଦିବସ, ପ୍ରବାସୀ ଭାରତୀୟ ଦିବସ, ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ବିମାନବନ୍ଦରରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକ ଛକଠାରୁ ଏକ ବିରାଟ ରୋଡ୍ ଶୋ ମାଧ୍ୟମରେ ଏଜି, ରାଜଭବନ, କଳିଙ୍ଗ ଷ୍ଟାଡିୟମ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବେ। ଏହି ଅବସରରେ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ତାଙ୍କୁ ସ୍ୱାଗତ କରାଯିବ। ଏହି ଅବସରରେ ସେ ଓଡ଼ିଶା ଭିଜନ–୨୦୩୬ ଓ ୨୦୪୭ ପୁସ୍ତକ ଉନ୍ମୋଚନ କରିବେ। ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡ଼ିକୁ ଭିସି ଜରିଆରେ ଲୋକାର୍ପଣ କରିବେ। ୪.୩୦ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ଜନସଭାକୁ ସମ୍ବୋଧନ କରିବେ।

# ସବୁ ବିଭାଗକୁ ଅର୍ଥ ବିଭାଗର ତାଗିଦା

## କେନ୍ଦ୍ରୀୟ ଯୋଜନା ଅର୍ଥ 'ସ୍ୱର୍ଣ୍ଣ' ମଡେଲରେ ଖର୍ଚ୍ଚ ହେବ

ଭୁବନେଶ୍ୱର,୧୮।୬ (ରବିନାରାୟଣ ଜେନା)

ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍‌ଏସ୍) ଅର୍ଥ ଏଣିକି ସିଙ୍ଗଲ ନୋଡାଲ ଏଜେନ୍ସି(ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ) ମାଧ୍ୟମରେ ଖର୍ଚ୍ଚ ହେବ। ପୂର୍ବରୁ ବିଭିନ୍ନ ବିଭାଗର ୨୯ଧରଣର କେନ୍ଦ୍ରୀୟ ପ୍ରବର୍ତ୍ତିତ ଅର୍ଥ ରାଜ୍ୟକୁ ଆସୁଥିବାବେଳେ ଏବେ ଆଉ ଅତିରିକ୍ତ ୩୭ ଧରଣର ସିଏସ୍‌ଏସ୍ ପାଣ୍ଠି ଯୋଗାଇ ଦିଆଯାଇଛି। ଏହି ସମସ୍ତ ପ୍ରକାର କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠିକୁ ଜୁଲାଇ ପହିଲାରୁ ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ ପଦ୍ଧତିରେ ଖର୍ଚ୍ଚ କରିବାକୁ ପଡ଼ିବ। ଏହାକୁ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଯାଇଛି।

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଚଳିତମାସ ୧୦ରେ ରାଜ୍ୟ ସରକାରଙ୍କୁ ଆସିଥିବା ନିର୍ଦ୍ଦେଶନାମାକୁ ନେଇ ଗତ ୧୬ ତାରିଖରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସବୁ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ପ୍ରତୀକ କୁମାର ସିଂହ ଚଳିତମାସ ୧୦ରେ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମନ୍ତ୍ରାଳୟର ୨୦୨୩ ଜୁଲାଇ ନିର୍ଦ୍ଦେଶନାମାରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି 'ଜଷ୍ଟ ଇନ୍ ଟାଇମ୍'ରେ କିଭଳି ଖର୍ଚ୍ଚ ହେବ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରାଯାଇଛି।

ଏହି ପଦ୍ଧତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି ଏସ୍‌ଏନ୍‌ଏ ଖାତାରେ ପ୍ରବେଶ କରିବା ମାତ୍ରେ ଉକ୍ତ ଅର୍ଥକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଠିକଣା ବାଟରେ ଖର୍ଚ୍ଚ କରିବାକୁ ହେବ। ଉକ୍ତ ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇପାରିବ ନାହିଁ, ଯେଉଁଥିରେ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ରହିବା ସହିତ ଅବାଟରେ ଖର୍ଚ୍ଚ ହେବନାହିଁ। ପୂର୍ବରୁ ରାଜ୍ୟ ସରକାର କେବଳ 'ସିଏସ୍‌ଏସ୍'ରେ ଏକକ କ୍ଷେତ୍ରୀୟ ସଂସ୍ଥାର ଖାତା ଖୋଲୁଥିଲେ। ଏବେ କିନ୍ତୁ ଆଉ ଗୋଟିଏ ଖାତା ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏହାଦ୍ୱାରା ଯୋଜନାରେ ସଂପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେନାହିଁ। ତେବେ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ୨୯ଟି କ୍ଷେତ୍ର ଲାଗି ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଥିବାବେଳେ ଏବେ ଅତିରିକ୍ତ ୩୭ ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଛି। ଏହାକୁ ଜୁଲାଇ ପହିଲାରୁ 'ଏସ୍‌ଏନ୍‌ଏ– ସ୍ୱର୍ଣ୍ଣ' ପଦ୍ଧତିରେ ଖର୍ଚ୍ଚ କରିବାକୁ ହେବ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ ପଦ୍ଧତିକୁ ସାରାଦେଶରେ ଲାଗୁ କରାଯିବ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ନୀତି ଆପଣାଇବେ। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ସଂପୃକ୍ତ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ରାଜକୋଷକୁ କିଭଳି ସିଏସ୍‌ଏସ୍ ପାଣ୍ଠି ଆସିବ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖର୍ଚ୍ଚ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ତ୍ରିପାଠୀ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାଳେ ନାଳେ ଗଲି, ତରାଟ ଖୋସିଲି**
**ତରାଟରେ ମନ ରହିଲା**
**ନିକୁଞ୍ଜ ବନରେ ଦିହ ଛୁଇଁ ଛୁଇଁ**
**ଆଉ ଦିନେ ଭେଟ ନୋହିଲା।**

ଗୋପନରେ ଦେଖାସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ। ଦେଖା ସାକ୍ଷାତରୁ ପ୍ରେମ ବଢ଼ିଲା ପରେ ଆଉ ଦେଖାଦର୍ଶନ ନାହିଁ। ଠକିଦେଇ ଦାଣ୍ଡରେ ବସେଇ ଚାଲିଗଲା। ଏପରିସ୍ଥଳେ ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନେଉଳ ଭାଇ**
**ଯେଣେ ଇଚ୍ଛା ତେଣେ ଯାଇ।**

ନକୁଳ ସର୍ବକାର୍ଯ୍ୟାଣି, ଅହିଃ ସର୍ବତ୍ର ବାଧତେ। ନେଉଳ ଦର୍ଶନ କରି ଯେଣିକି ଇଚ୍ଛା ତେଣିକି ଯାତ୍ରା କଲେ ଯାତ୍ରାରେ କୌଣସି ବିଘ୍ନ ସୃଷ୍ଟି ହୋଇ ନ ଥାଏ ଓ ବହୁ ଶୁଭ ଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡସ ପବ୍ଲିଶର୍ସ

# ପ୍ରୋବେସନର ଆଇଏଏସ୍ ଅଫିସରଙ୍କ ଗାଡ଼ିରେ ନାଲିବତି

# କଳାହାଣ୍ଡି ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୬(ରବିନାରାୟଣ ଜେନା)

କଳାହାଣ୍ଡି ଜିଲାରେ ଜଣେ ପ୍ରୋବେସନର ଆଇଏଏସ୍ ଅଫିସର ତାଙ୍କ ଗାଡ଼ିରେ ବୋର୍ଡ ଲଗାଇବା ସହିତ ନାଲିବତି ବ୍ୟବହାର କରିବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଏହି ପ୍ରସଙ୍ଗ ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କଠାରୁ ତଦନ୍ତ ରିପୋର୍ଟ ଲୋଡ଼ାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି କଳାହାଣ୍ଡି ଜିଲାପାଳଙ୍କୁ ପତ୍ର ଲେଖି ତୁରନ୍ତ ଘଟଣାର ଅନୁସନ୍ଧାନ କରି ସରକାରଙ୍କୁ ଅବଗତ କରାଇବାକୁ ପତ୍ରରେ ଦର୍ଶାଇଛନ୍ତି। କେଉଁ କ୍ଷମତା ବଳରେ ସମ୍ପୃକ୍ତ ଅଧିକାରୀ ତାଙ୍କ ଗାଡ଼ିରେ ଏଭଳି ବୋର୍ଡ ଲଗାଇଛନ୍ତି ତାହା ସରକାର ଜାଣିବାକୁ ଚାହୁଁଛନ୍ତି। ରାଜ୍ୟରେ ବହୁ ଗାଡ଼ି ସରକାରଙ୍କ ନିୟମ ଉଲ୍ଲଂଘନ କରି କଳାକାଚ ବ୍ୟବହାର କରିବା ସହ ରଙ୍ଗବେରଙ୍ଗର କରୁଛନ୍ତି। ଏପରିକି ବିକଟାଳ ହର୍ନ ଲଗାଉଛନ୍ତି। ଏହାକୁ ନେଇ ନିକଟରେ ଏକ ଧରପଗଡ଼ କରାଯାଇଥିଲା। ଏ କ୍ଷେତ୍ରରେ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।




## ପ୍ରଥମ ପୃଷ୍ଠାରୁ...

### ମଧ୍ୟସ୍ଥତାକୁ ଗ୍ରହଣ...

ବିକ୍ରମ ମିସ୍ରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମିସ୍ରି କହିଛନ୍ତି, ଭାରତ ଆତଙ୍କବାଦକୁ ଆଉ ଛାୟାଯୁଦ୍ଧ ରୂପେ ଦେଖୁନାହିଁ। ଏହାକୁ ଯୁଦ୍ଧ ବୋଲି ମନେକରୁଛି। ଭାରତର 'ଅପରେଶନ୍ ସିନ୍ଦୂର' ବର୍ତ୍ତମାନ ମଧ୍ୟ ଜାରି ରହିଥିବା ବିଷୟ ଟ୍ରମ୍ପ୍‌ଙ୍କୁ ମୋଦି କହିଛନ୍ତି। ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' କରାଯାଇ ପାକିସ୍ତାନ ଓ ପାକ୍–ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ବଡ଼ଧରଣର କ୍ଷତି ପହଞ୍ଚାଯାଇଥିଲା। ଏହାକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇ ପରସ୍ପର ଉପରେ ଆକ୍ରମଣ କରିଥିଲେ। ତେବେ ମେ' ୧୦ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କରି ସଂଘର୍ଷ ବନ୍ଦ କରାଇଦେଇଥିବା ପ୍ରଥମେ ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଯୁଦ୍ଧ ବନ୍ଦ ପାଇଁ ସିଜ୍‌ଫାୟାର ଡିଲ୍‌ରେ ସହମତି ପ୍ରକାଶ ନ କଲେ ଆମେରିକା ଉଭୟ ଦେଶ ସହ ବାଣିଜ୍ୟ ବନ୍ଦ କରିଦେବ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଥିବା କହିଥିଲେ।

ସଦ୍ୟ ଆଲୋଚନା ବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କାନାଡାରୁ ଫେରିବାବେଳେ ଆମେରିକା ଗସ୍ତ କରିବାକୁ ଅନୁରୋଧ କରିଥିଲେ। ମୋଦି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ଯାଇପାରିବେ ନାହିଁ ବୋଲି ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ମିସ୍ରି କହିଛନ୍ତି। ଟ୍ରମ୍ପ୍ ଜି୭ରୁ ଆଗୁଆ ଆମେରିକାକୁ ଫେରିଯାଇଥିବାରୁ ମୋଦିଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ତେବେ ଦୁଇନେତାଙ୍କ ଆଲୋଚନାରେ ମେ' ୭–୧୦ ଭାରତ–ପାକିସ୍ତାନ ସାମରିକ ସଂଘର୍ଷ ପ୍ରସଙ୍ଗ ପ୍ରମୁଖତାର ସହ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି ଯେ, ଭାରତ–ପାକିସ୍ତାନ ସିଜ୍‌ଫାୟାର ପାଇଁ ଭାରତ–ଆମେରିକା ଟ୍ରେଡ୍ ଡିଲ୍ ବା ମଧ୍ୟସ୍ଥତା ପ୍ରସ୍ତାବ କାମ କରିନାହିଁ। ଦୁଇଦେଶର ସଶସ୍ତ୍ର ବଳ ଭିତରେ ରହିଥିବା କମ୍ୟୁନିକେଶନ୍ ଚ୍ୟାନେଲ ଜରିଆରେ ହିଁ ସଂଘର୍ଷ ବିରାମ ନିଷ୍ପତ୍ତି ହୋଇଥିଲା। ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଏହି ବିଷୟକୁ ନେଇ ଦେଶରେ ସମ୍ପୂର୍ଣ୍ଣ ରାଜନୈତିକ ସହମତି ରହିଥିବା ମୋଦି ଦୃଢ଼ ଭାବେ ଟ୍ରମ୍ପ୍‌ଙ୍କୁ ଜଣାଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦ ବିରୋଧରେ ପଦକ୍ଷେପ ସମ୍ପର୍କିତ ନିଜ ପ୍ରତିଶ୍ରୁତିବଦ୍ଧତା ସାରା ବିଶ୍ୱକୁ ଜଣାଇଦେଇଛି। ପାକିସ୍ତାନ ପଟୁ କୌଣସି ଅତିକ୍ରମଣ ହେଲେ ଏହାଠୁ ବଳି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଭାରତ ସ୍ପଷ୍ଟ କରିଥିବା ନେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ସେହିପରି ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ ସମ୍ପର୍କରେ ଦୁଇନେତା ଆଲୋଚନା କରିଛନ୍ତି। ରୁଷିଆ–ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଉଭୟ ପକ୍ଷର ଆଲୋଚନା ଜରୁରୀ ବୋଲି ମୋଦି ଓ ଟ୍ରମ୍ପ୍ ସହମତ। ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପ୍‌ଙ୍କୁ ପରବର୍ତ୍ତୀ କ୍ୱାଡ୍ ସମିଟ୍‌କୁ ନିମନ୍ତ୍ରଣ କରିଛନ୍ତି। ଟ୍ରମ୍ପ୍ ଏହାକୁ ଗ୍ରହଣ କରି ଭାରତ ଆସିବାକୁ ଆଗ୍ରହୀ ଥିବା କହିଛନ୍ତି ବୋଲି ମିସ୍ରି ଏକ ଭିଡିଓ ମେସେଜ୍‌ରେ ଜଣାଇଛନ୍ତି।

### ଯାଜପୁର: ଆଉ ୧୬ ...

ବୃଦ୍ଧି ପାଉ ନ ଥିଲେ ହେଁ ମୃତକଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ସ୍ୱାସ୍ଥ୍ୟ ବିଭାଗ ଏକପ୍ରକାର ବିଫଳ ହୋଇଛି ବୋଲି ମତପ୍ରକାଶ ପାଇଛି। ଜିଲାରେ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ହଇଜା ବ୍ୟାପୁଥିବା କେନ୍ଦ୍ରୀୟ ଦଳ ପରୋକ୍ଷରେ ସ୍ୱୀକାର କରିଛନ୍ତି। ମଙ୍ଗଳବାର ସୁଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାରେ ୧୭୪ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ବୁଧବାର ୧୦୪ ଜଣ ନୂଆ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୯ଜଣ ଗୁରୁତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହାବାଦ୍ ୧୧୨ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ନେତା ଉଦୟଙ୍କ ସମେତ ୩ ମୃତ

ମାଲକାନଗିରି, ୧୮।୬ (ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ଓ ଆନ୍ଧ୍ର ପୋଲିସର ନିଦ ହଜାଇ ଦେଇଥିବା ମୋଷ୍ଟ ୱାଣ୍ଟେଡ୍ ନେତା ଉଦୟଙ୍କ ସହ ୩ ମାଓବାଦୀଙ୍କର ଏନ୍‌କାଉଣ୍ଟରରେ ବୁଧବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗର୍ଜଲା ରବି ଓରଫ ଉଦୟ, ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁ।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ସୀତାରାମାରାଜୁ ଜିଲା ମାରେଡିମେଲ୍ଲି ଜଙ୍ଗଲରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଜର୍ଲା ରବି ଓରଫ ଉଦୟ, ପୂର୍ବତନ ମାଓବାଦୀ ନେତା ଚଲପତିଙ୍କ ସ୍ତ୍ରୀ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟା ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କ ସହ ଅନ୍ୟ କେତେଜଣ ଟପ୍ କ୍ୟାଡର ମାଓବାଦୀ ଥିବା ବିଶେଷ ସୂତ୍ରରୁ ଖବର ପାଇ ଗ୍ରେହାଉଣ୍ଡ ବାହିନୀ କୋମ୍ବିଂରେ ବାହାରିଥିଲେ। ଅପରେଶନ ସମୟରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨୫ ଲକ୍ଷ ପୁରସ୍କାର ଘୋଷିତ ଗର୍ଜଲା ରବି ଓରଫ ଉଦୟ, ଚଲପତିଙ୍କ ସ୍ତ୍ରୀ ୨୦ ଲକ୍ଷ ଟଙ୍କା


ଉଦୟ


ଅରୁଣା

ପୁରସ୍କାର ଘୋଷିତ ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କର ମୃତ୍ୟୁ ହୋଇଛି। ପରେ ଏମାନଙ୍କ ମୃତଦେହ ଜବତ କରାଯାଇଛି। ଏଥିସହ ଘଟଣାସ୍ଥଳରୁ ୩ଟି ଏକେ ୪୭ ରାଇଫଲ ମଧ୍ୟ ଉଦ୍ଧାର ହୋଇଛି।

ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଛି। ମୃତ ଉଦୟ ଓ ଅରୁଣା ଆନ୍ଧ୍ର-ଓଡ଼ିଶାର ବଡ଼ ଧରଣର ହିଂସା ଘଟଣାର ମାଷ୍ଟରମାଇଣ୍ଡ ଥିଲେ। ୨୦୧୮ରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଆରୁକୁ ଡୁମ୍ବୁରିଗୁଡା ନିକଟରେ ସେହି ଅଞ୍ଚଳର ବିଧାୟକ କିଡାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ସିବେରୀ ସୋମାଙ୍କ ହତ୍ୟାରେ ଅରୁଣାଙ୍କ ସମ୍ପୃକ୍ତି ଥିଲା। ସେହିପରି ଚିତ୍ରକୋଣ୍ଡା ଜଳଭଣ୍ଡାରର ଆଲମପେଟା ନିକଟ ଲଞ୍ଚ ଉପରେ ଆକ୍ରମଣକରି ୩୬ ସୁରକ୍ଷା କର୍ମୀ ଶହୀଦ ଘଟଣାରେ ଉଦୟଙ୍କ ହାତ ରହିଥିବା ଜଣାପଡ଼ିଛି।

# ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ, ସୁବ୍ରତ ସେନାପତିଙ୍କୁ ଯୁବ ପୁରସ୍କାର

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା

ଭୁବନେଶ୍ୱର, ୧୮।୬ (ସୌମ୍ୟରଞ୍ଜନ ରାଉତ/ ବନ୍ଦନା ସେଠୀ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତବର୍ଷ ପାଇଁ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ବାଲ୍ ସାହିତ୍ୟ ପୁରସ୍କାର ପାଇବା ପାଇଁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମନୋନୀତ ହୋଇଛନ୍ତି। ଶିଶୁ ପୁସ୍ତକ 'କେତେ ଫୁଲ ଫୁଟିଛି' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ସାହିତ୍ୟିକ ସୁବ୍ରତ କୁମାର ସେନାପତି ଯୁବ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ସେ ଏହି ପୁରସ୍କାର ପାଇବେ। ଉଭୟ ପୁରସ୍କାର ବାବଦକୁ ତାମ୍ର ଫଳକ ସହ ୫୦ହଜାର ଟଙ୍କାର ଅର୍ଥରାଶି ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ। ଏନେଇ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଘୋଷଣା କରାଯାଇଛି। ସେହିପରି ବୈଠକରେ ଯୁବ ପୁରସ୍କାର ବାବଦରେ ୨୩ଜଣ ଯୁବ ଲେଖକ ଓ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ୨୪ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଛି। ତେବେ ଡୋଗ୍ରୀ ଭାଷାର ଯୁବ ପୁରସ୍କାର ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

ପୁରସ୍କାର ସମ୍ପର୍କରେ ରାଜକିଶୋର କହିଛନ୍ତି, ପୁରସ୍କାର ପାଇବି ଜାଣିବା ପରେ ଅତ୍ୟନ୍ତ ଖୁସି ଲାଗୁଛି। ତେବେ ପୁରସ୍କାର ସହିତ ଦାୟିତ୍ୱ ମଧ୍ୟ ବଢ଼ି ଚାଲିଛି। 'କେତେ ଫୁଲ ଫୁଟିଛି' ପୁସ୍ତକରେ ବିଭିନ୍ନ ସମୟରେ ଲେଖାଯାଇଥିବା ୧୦୧ କବିତାର ସମାବେଶ ରହିଛି। ଏହି ପୁସ୍ତକରେ ଶିଶୁଠାରୁ କିଶୋର ବୟସର ପିଲାମାନଙ୍କ ପାଇଁ ବଛା ବଛା କବିତା ରହିଛି ବୋଲି ସେ କହିଛନ୍ତି। ସେହିପରି ପୁରସ୍କାର ପାଇବା ନେଇ ସୁବ୍ରତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରସ୍କାର ପାଇବା ଜାଣି ବହୁତ ଖୁସି ହେଲି। କାରଣ ପୁରସ୍କାର ଆମକୁ ପ୍ରେରଣା ଦେବା ସହ ଦାୟିତ୍ୱସମ୍ପନ୍ନ କରାଏ। ଏହି ପୁସ୍ତକରେ ମଣିଷ ମନର ବ୍ୟଥା ଓ ସମୟର ଅକୁହା କଥାକୁ ପରିପ୍ରକାଶ କରିବା ପାଇଁ ଚେଷ୍ଟା କରିଛି। ମୋର ସର୍ବଦା ପ୍ରୟାସ ରହିଛି ଯେ, ଯେଉଁ କଥା ଓଡ଼ିଆ ଭାଷାରେ କମ୍ କୁହାଯାଏ, ତାହାକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରେ। ତୃତୀୟ ଲିଙ୍ଗୀ, ସମଲିଙ୍ଗୀଙ୍କ ମନର କଥାକୁ ମୁଁ ଗପ, ଉପନ୍ୟାସ ମାଧ୍ୟମରେ ଲେଖିଥାଏ। 'କଦମ୍ବବନ'ରେ ସେହିପରି କିଛି ଅକୁହା କଥାକୁ ଉଲ୍ଲେଖ କରିଛି। ଆଗକୁ ଆହୁରି ଗପ ବହି ଲେଖୁଛି ତାହା ଶୀଘ୍ର ପ୍ରକାଶିତ ହେବ ବୋଲି ସୁବ୍ରତ କହିଛନ୍ତି।


ଡ. ରାଜକିଶୋର ପାଢ଼ୀ


ସୁବ୍ରତ କୁମାର ସେନାପତି

ସେହିପରି ଅସମୀୟା ଭାଷାରେ ସୁପ୍ରକାଶ ଭୂୟାଁ, ବଙ୍ଗଳାରେ ସୁଦେଷ୍ଣା ମଇତ୍ର, ବୋଡୋରେ ଅମର ଖୁଙ୍ଗରୁ ବୋଡୋ, ଇଂଲିଶରେ ଅଦ୍ୱୈତ କୋଟାରୀ, ଗୁଜୁରାଟୀରେ ମୟୂର ଖାବଡୁ, ହିନ୍ଦୀରେ ପ୍ରଭାତୀ ତିର୍କୀ, କନ୍ନଡ଼ରେ ଆର. ଦିଲ୍ଲୀପ କୁମାର, କଶ୍ମୀରରେ ସାଇକା ସହର, କୋଙ୍କଣୀରେ ଗ୍ଲିନିସ୍ ଡାଏସ୍, ମୈଥିଳିରେ ନେହା ଝା ମଣି, ମାଲାୟାଲମ୍‌ରେ ଅଖିଲ ପି. ଧର୍ମଜନ୍, ମଣିପୁରୀରେ ଏ.କେ. ଜିତେନ୍, ମରାଠୀରେ ପ୍ରଦୀପ କୋକ୍‌ରେ, ନେପାଳୀରେ ସୁବାସ ଠାକୁରୀ, ପଞ୍ଜାବୀରେ ମନ୍‌ଦିପ୍ ଔଲଖ୍, ରାଜସ୍ଥାନୀରେ ପୁନମ୍ ଚାନ୍ଦ ଗୋଦ୍‌ରା, ସଂସ୍କୃତରେ ଧୀରଜ୍ କୁମାର ପାଣ୍ଡେ, ସାନ୍ତାଳୀରେ ଫଗୁ ବାସ୍କେ, ସିନ୍ଧିରେ ମଞ୍ଚନ ବଚାଣୀ, ତାମିଲ୍‌ରେ ଲଟ୍‌ସ୍ମିହର, ତେଲୁଗୁରେ ପ୍ରସାଦ ସୁରୀ ଏବଂ ଉର୍ଦ୍ଦୁରେ ନେହା ରୁବାବ୍ 'ଯୁବ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି।

'ବାଲ୍ ସାହିତ୍ୟ ପୁରସ୍କାର' ପାଇଁ ମନୋନୀତ ଅନ୍ୟମାନେ ହେଲେ ଅସମୀୟା ଭାଷାରେ ସୁରେନ୍ଦ୍ର ମୋହନ ଦାସ, ବଙ୍ଗଳାରେ ତ୍ରିଦିବ କୁମାର ଚଟ୍ଟୋପାଧ୍ୟାୟ, ବୋଡୋରେ ବିନୟ କୁମାର ବ୍ରହ୍ମ, ଡୋଗ୍ରୀରେ ପି.ଏଲ୍ ପରିହାର ଶୋକ, ଇଂଲିଶରେ ନିତିନ୍ କୁଶଲପ୍ପା ଏମ୍‌ପି, ଗୁଜରାଟୀରେ କିର୍ତ୍ତୀଦା ବ୍ରହ୍ମଭଟ୍ଟ, ହିନ୍ଦୀରେ ସୁଶୀଲ ଶୁକ୍ଲା, କନ୍ନଡରେ କେ. ଶିବଲିଙ୍ଗପ୍ପା ହନ୍ଦିହଲ, କଶ୍ମୀରରେ ଇଜ୍‌ହାର ମୁବାଶିର୍, କୋଙ୍କଣୀରେ ନୟନା ଅଦାରକର, ମୈଥିଳିରେ ମୁନ୍ନି କାମତ, ମାଲାୟାଲମ୍‌ରେ ଶ୍ରୀଜିତ୍ ମୁଥେଦତ୍, ମଣିପୁରୀରେ ଶାନ୍ତୋ ଏମ୍. ମରାଠୀରେ ସୁରେଶ ସାୱନ୍ତ, ନେପାଳୀରେ ସାଙ୍ଗମୁ ଲେପ୍‌ଚା, ପଞ୍ଜାବୀରେ ପାଲି ଖୋଦିମ୍, ରାଜସ୍ଥାନୀରେ ଭୋଗିଲାଲ୍ ପାଟିଦାର, ସଂସ୍କୃତରୁ ପ୍ରୀତି ପୂଜାରା, ସାନ୍ତାଳୀରେ ହର୍‌ଲାଲ୍ ମୁର୍ମୁ, ସିନ୍ଧିରେ ହିନା ଅଗ୍ନାନୀ, ତାମିଲ୍‌ରେ ବିଷ୍ଣୁପୁରମ ସରବନନ୍, ତେଲୁଗୁରେ ଗଙ୍ଗିସେଟ୍ଟୀ ଶିବକୁମାର ଏବଂ ଉର୍ଦ୍ଦୁ ଭାଷାରେ ଗଜନଫର୍ ଇକ୍‌ବାଲ୍।

# ୨୦ରେ ଭୁବନେଶ୍ୱର, କଟକରେ ସ୍କୁଲ ଛୁଟି

ଭୁବନେଶ୍ୱର, ୧୮।୬(ସୁଚିସ୍ମିତା ସାହୁ)

ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱର ଓ କଟକର ସମସ୍ତ ସ୍କୁଲ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜନତା ମଇଦାନରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯାଉଛି। ଏହି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ଉକ୍ତଦିନ ଦୁଇ ସହରର ସମସ୍ତ ସ୍କୁଲ ଛୁଟି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ବୁଧବାର ଖୋର୍ଦ୍ଧା ଓ କଟକ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛନ୍ତି। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡିକୁ ଛୁଟି ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏବେ ଗ୍ରୀଷ୍ମଛୁଟି ପାଇଁ ସ୍କୁଲ ବନ୍ଦ ରହିଛି। ଆସନ୍ତା ୨୦ ତାରିଖରୁ ସ୍କୁଲ ଖୋଲିବ ବୋଲି ବିଭାଗ ପକ୍ଷରୁ ପୂର୍ବରୁ ଚିଠି କରାଯାଇଥିଲା।

# ନିଅଣ୍ଟିଆ ବର୍ଷା ଭରଣା କରୁଛି ମୌସୁମୀ

## ୨ ଜିଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୮।୬ (ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ସକ୍ରିୟ ହୋଇଥିବାବେଳେ ସାରା ଓଡ଼ିଶାରେ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ। ତେବେ ୨ ଦିନ ଧରି କେତେକ ଜିଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ବର୍ଷା ରାଜ୍ୟର ନିଅଣ୍ଟିଆ ବର୍ଷାକୁ ଭରଣା କରିବାରେ ସହାୟକ ହେଉଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶଙ୍କ ସୂଚନାନୁସାରେ, ରାଜ୍ୟରେ ମୌସୁମୀ ଋତୁରେ ହାରାହାରି ବର୍ଷା ସ୍ୱାଭାବିକ ସ୍ଥିତିକୁ ଫେରିଛି। ଗତ ୧୫ ତାରିଖ ସୁଦ୍ଧା ହାରାହାରି ୪୨.୯ ମିମି ବର୍ଷା ହୋଇଥିବାବେଳେ ୪୨% ନିଅଣ୍ଟିଆ ରହିଥିଲା। ମାତ୍ର ୩ ଦିନରେ ଘୂର୍ଣ୍ଣିବଳୟ, ସକ୍ରିୟ ମୌସୁମୀ ଏବଂ ଲଘୁଚାପ ପ୍ରଭାବରେ ୨୯% ନିଅଣ୍ଟିଆ ଭରଣା ହୋଇଛି। ବର୍ତ୍ତମାନ ରାଜ୍ୟରେ ହାରାହାରି ବର୍ଷାର ମାତ୍ରା ୮୬.୬ମିମିକୁ ପହଞ୍ଚିବା ସହ ସ୍ୱାଭାବିକ ତୁଳନାରେ ମାତ୍ର ୧୩% କମ୍ ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷାର ପରିସରଭୁକ୍ତ ବୋଲି ଉମାଶଙ୍କର କହିଛନ୍ତି।

ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ସୂଚନାନୁସାରେ, ବୁଧବାର ରାଉରକେଲାରେ ୨୭.୮ ମିମି, ହୀରାକୁଦରେ ୨୫.୯ ମିମି, ଢେଙ୍କାନାଳରେ ୧୫.୨ ମିମି, ତାଳଚେରରେ ୧୨.୬ ମିମି, ସମ୍ବଲପୁରରେ ୧୨.୩ ମିମି, ବାଲେଶ୍ୱରରେ ୧୧.୬ ମିମି, ଝାରସୁଗୁଡ଼ାରେ ୧୦.୮ ମିମି ଓ ଅନୁଗୋଳରେ ୧୦.୦ମିମି ବର୍ଷା ହେବ। ଏଥିସହ ଅନ୍ୟ କିଛି ଜିଲାରେ ମଧ୍ୟ ହାଲୁକାରୁ ମଧ୍ୟମଧରଣର ବର୍ଷା ରେକର୍ଡ କରାଯାଉଛି। ଗୁରୁବାର ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉଭୟ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ବାଲେଶ୍ୱର ଆଦି ଜିଲାରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ଢେଙ୍କାନାଳ, ଯାଜପୁର ଏବଂ ଭଦ୍ରକ ଆଦି ଜିଲାରେ ପ୍ରବଳ ବର୍ଷା ଆଶଙ୍କାରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଚିକିତ୍ସା ପାଇଁ ୨୦ରେ ମୁମ୍ବାଇ ଯିବେ ନବୀନ

## ନବୀନଙ୍କ ଆଶୁ ଆରୋଗ୍ୟ କାମନାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ। ୨୨ ତାରିଖରେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯିବ। ନବୀନଙ୍କ ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ତାଙ୍କର ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ। ନବୀନ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହା ପୋଷ୍ଟକରି ସୂଚନା ଦେଇଛନ୍ତି। ସେ ସେଥିରେ ଆହୁରି ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସର୍ଭିକାଲ ଅର୍ଥ୍ରୋସିସ୍ ଚିକିତ୍ସା ଲାଗି ସେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଯିବେ। ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାର ଭଉଣୀଭାଇଙ୍କ ସଦିଚ୍ଛା ତାଙ୍କ ସାଙ୍ଗରେ ରହିଛି। ତୁରନ୍ତ ଭଲ ହୋଇ ସେ ତାଙ୍କ ସେବା କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତାବ୍ୟକ୍ତ କରିଛନ୍ତି। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଏବଂ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭକରନ୍ତୁ ବୋଲି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ବୋଲି ସେ ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତାଙ୍କ ସହ ଟେଲିଫୋନ୍ ଯୋଗେ କଥା ହେବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି।

ଚିକିତ୍ସା ସମୟରେ ତାଙ୍କ ଅନୁପସ୍ଥିତିରେ ଦଳର ଦୈନନ୍ଦିନ କାର୍ଯ୍ୟକ୍ରମ ରାଜନୈତିକ ପରିଚାଳନା କମିଟି(ପିଏସି) ଦ୍ୱାରା ପରିଚାଳିତ ହେବ। ବରିଷ୍ଠ ଉପସଭାପତି(ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଦଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂଯୋଜନା ରଖିବେ।

# ବାହ୍ୟ ଔଷଧ ଲେଖି ଡାକ୍ତର ନିଲମ୍ବିତ

କାଏମା, ୧୮।୬(ଶିବପ୍ରସାଦ ମହାନ୍ତି)


ହେମନ୍ତ କୁମାର ମହାରଣା

ଯାଜପୁର ଜିଲା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ହେମନ୍ତ କୁମାର ମହାରଣାଙ୍କୁ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ଗତ ୧୬ ତାରିଖରେ ସମ୍ପୃକ୍ତ ଡାକ୍ତର ଜଣେ ରୋଗୀଙ୍କୁ ବାହାରୁ ଔଷଧ କିଣିବା ପାଇଁ ନିଦାନ ଚିଠାରେ ଲେଖିଥିବାରୁ ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ସଚିବ ଆଶ୍ୱଥି ଏସ୍ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇଥିବାବେଳେ ଜଣେ ବୃଦ୍ଧ ବାହାରୁ ଔଷଧ ନେଇ ଯାଉଥିବା ସେ ଦେଖିବାକୁ ପାଇଥିଲେ। ସଚିବ ସମ୍ପୃକ୍ତ ବୃଦ୍ଧଙ୍କୁ ପଚାରି ଘଟଣା ସମ୍ପର୍କରେ ବୁଝିବା ସହିତ ବାହାର ଔଷଧ ଫେରାଇ ଡାକ୍ତରଖାନାରୁ ଔଷଧ ନେବାକୁ କହିଥିଲେ। ପରେ ଡାକ୍ତର ମହାରଣାଙ୍କୁ ତାଗିଦ କରିଥିଲେ। ଡାକ୍ତର ମହାରଣା କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ହୋଇଛନ୍ତି। ସେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଦୁଇ ମାସ ହେବ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେପୁଟେଶନରେ ଆସି ରୋଗୀ ସେବା କରୁଥିବା ଜଣାପଡ଼ିଛି।

# ପୁଣି ସମୟ ନେଲେ ସରକାର

## ହାଇକୋର୍ଟରେ ସାର୍ବଜନୀନ ପାଠାଗାର ମାମଲା

କଟକ, ୧୮।୬(କାର୍ତ୍ତିକ ସାହୁ)

ସାର୍ବଜନୀନ ପାଠାଗାରକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ତଥ୍ୟର ସତ୍ୟପାଠ ଚଳିତ ଶୁଣାଣିରେ ପ୍ରଦାନ କରିପାରିନାହାନ୍ତି। ଅପରପକ୍ଷରେ ଏ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ ସରିଛି, ସତ୍ୟପାଠ ଆକାରରେ ଦାଖଲ ପାଇଁ ଅଧିକ ସମୟ ଆବଶ୍ୟକ। ତେଣୁ ଅଧିକ ସମୟ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନ ଗ୍ରହଣ କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୯ ତାରିଖକୁ ଧାର୍ଯ୍ୟ ହୋଇଥିବା ଜଣାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସାର୍ବଜନୀ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲେ ବି ସେହି ଅନୁସାରେ କାର୍ଯ୍ୟକାରୀ ହେଉନାହିଁ। ଅଧିନିୟମର ଧାରା-୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା-୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠନ ହୋଇନାହିଁ।

# ଗୋପାଳପୁର ବଳାତ୍କାର ଘଟଣାକୁ ପ୍ରିୟଙ୍କାଙ୍କ ନିନ୍ଦା

ଭୁବନେଶ୍ୱର, ୧୮।୬(ରବିନାରାୟଣ ଜେନା)


ପ୍ରିୟଙ୍କା ଗାନ୍ଧୀ

ଗୋପାଳପୁର ଗଣବଳାତ୍କାର ଘଟଣାକୁ ନେଇ ଏଆଇସିସି ସମ୍ପାଦକ ତଥା ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କରି ନିନ୍ଦା କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ୧୦ ଜଣ ଯେଉଁଭଳି ଭାବେ ବଳାତ୍କାର କଲେ ତାହାକୁ ଯେତେ କଡ଼ାଶବ୍ଦରେ ନିନ୍ଦାକଲେ ମଧ୍ୟ ତାହା ଯଥେଷ୍ଟ ହେବନାହିଁ। ଓଡ଼ିଶାରେ ଦିନକୁ ଦିନ ମହିଳାବିରୋଧୀ ହିଂସା ବୃଦ୍ଧି ପାଉଛି। ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ, ଗତ ପାଞ୍ଚବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଛନ୍ତି। ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ବିରୋଧରେ ଏକ ଅତ୍ୟାଚାର ବୋଲି ପ୍ରିୟଙ୍କା କହିଛନ୍ତି।

# ଜୁନ୍ ୨୮ରେ ଏସ୍‌ଆଇଟି ବୈଠକ

କଟକ, ୧୮।୬(କାର୍ତ୍ତିକ ସାହୁ)

ଦେଶରେ କଳାଧନ କାରବାର ରୋକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି)ର ପରବର୍ତ୍ତୀ ବୈଠକ ଆସନ୍ତା ଜୁନ୍ ୨୮ରେ ହେବ। ଏହି ବୈଠକରେ ରାଜ୍ୟ ତଥା ଦେଶର କଳାଧନ ରୋକିବାକୁ କାର୍ଯ୍ୟ କରୁଥିବା ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଏସ୍‌ଆଇଟି ଅଧ୍ୟକ୍ଷ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଉକ୍ତ ଦିନ ପୂର୍ବାହ୍ନ ୧୧ଟା ସମୟରେ ବୈଠକ ଅନୁଷ୍ଠିତ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

DSPL - 129

ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0207/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। –ଶ୍ରୀଅରବିନ୍ଦ



# ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ



ଦେବଦତ୍ତ ପଟ୍ଟନାୟକ

ଭାରତର ପ୍ରତ୍ୟେକ ରାଜ୍ୟର ଏକ ରାଜ୍ୟ ବୃକ୍ଷ ଅଛି। କିନ୍ତୁ ଦୁର୍ଭାଗ୍ୟ ଯେ, ଯେତେବେଳେ କୌଣସି ରାଜ୍ୟର ରାଜଧାନୀର ବିଭିନ୍ନ ରେଳ ଷ୍ଟେଶନ ଓ ବିମାନବନ୍ଦରକୁ ଯିବେ ସେତେବେଳେ ସେହି ରାଜ୍ୟର ରାଜ୍ୟବୃକ୍ଷ ଦେଖିବାକୁ ପାଇବେ ନାହିଁ। ଏହା ପରିବର୍ତ୍ତେ ସେଠାରେ ଆପଣ ବିଭିନ୍ନ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ଦେଖିବେ । ଏହି କାରଣରୁ ସମୟକ୍ରମେ ଆମ ରାଜ୍ୟ ବୃକ୍ଷକୁ ଭୁଲିଯାଉଛେ। ଏହା ସହ ଆମେ କେବେ ବି ରାଜ୍ୟବୃକ୍ଷର ସାଂସ୍କୃତିକ ମହତ୍ତ୍ୱ ବିଷୟରେ ଚିନ୍ତା କରୁନାହୁଁ। ବର୍ତ୍ତମାନ ଯଦି ମୁଁ ପଚାରିବି ଆମ ଦେଶର ଜାତୀୟ ବୃକ୍ଷ ବା ଗଛ କିଏ। ସରଳରେ ଏହାର ଉତ୍ତର ମିଳିଯିବ ଏବଂ ସମସ୍ତେ କହିବେ ବରଗଛ। ହିନ୍ଦୁ ଓ ବୌଦ୍ଧଧର୍ମରେ(ଏହାର ସମ୍ପର୍କ ୨୨ତମ ତୀର୍ଥଙ୍କର କଶ୍ୟପ ବୁଦ୍ଧ ସହ ରହିଛି) ଏହାକୁ ଏକ ପବିତ୍ର ବୃକ୍ଷ ବୋଲି ବିବେଚନା କରାଯାଏ। ଏହି ଜାତୀୟ ବୃକ୍ଷ ମଧ୍ୟ ଗୁଜରାଟ ଓ ମଧ୍ୟପ୍ରଦେଶର ରାଜ୍ୟ ବୃକ୍ଷ। କିନ୍ତୁ ହରିୟାଣା, ବିହାର ଏବଂ ଓଡ଼ିଶାର ରାଜ୍ୟ ବୃକ୍ଷ ହେଉଛି ଅଶ୍ୱତ୍ଥ। ଏହି ଗଛ ତଳେ ଗୌତମ ବୁଦ୍ଧ ଜ୍ଞାନ ତଥା ନିର୍ବାଣ ପ୍ରାପ୍ତି ହୋଇଥିଲେ। ସେହିପରି ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥ ମଧ୍ୟ ଏହି ଗଛମୂଳରେ ଜ୍ଞାନ ଲାଭ କରିଥିଲେ, ଯିଏ ମହାବୀରଙ୍କ ପୂର୍ବରୁ ରହିଥିଲେ।

ଛତିଶଗଡ଼ ଓ ଝାଡ଼ଖଣ୍ଡର ରାଜ୍ୟ ବୃକ୍ଷ ଶାଳ। ରାମାୟଣର କିଷ୍କିନ୍ଧା କାଣ୍ଡରେ ରାମ ୭ଟି ଶାଳଗଛରେ ତୀର ବିଦ୍ଧକରିଥିଲେ। ଶାଳଗଛର ମଧ୍ୟ ବୌଦ୍ଧଧର୍ମ ସହ ସମ୍ପର୍କ ଅଛି। ବୁଦ୍ଧ ଯେତେବେଳେ ଜନ୍ମହୋଇଥିଲେ ସେତେବେଳେ ତାଙ୍କ ମା' ଶାଳଗଛ ଶାଖାକୁ ଧରିଥିଲେ। ଏହାସହ ଦୁଇଟି ଶାଳଗଛ ମଧ୍ୟରେ ବୁଦ୍ଧଙ୍କର ମୃତ୍ୟୁ ଘଟିଥିଲା। ୨୦ତମ ତୀର୍ଥଙ୍କର ମୁନିସୁରବର୍ତ୍ତ, ଯିଏ କି ରାମଙ୍କ ସମୟରେ ଥିଲେ, ତାଙ୍କର ଶାଳଗଛ ସହ ସମ୍ପର୍କ ରହିଥିଲା।

ଅଶୋକ ଗଛ ଉତ୍ତରପ୍ରଦେଶର ରାଜ୍ୟବୃକ୍ଷ ହୋଇଥିବାବେଳେ ଏହାର ଫୁଲ ଓଡ଼ିଶାର ରାଜ୍ୟ ଫୁଲ। କମଳାରଙ୍ଗର ଫୁଲରେ ସୁଶୋଭିତ ଅଶୋକ ଗଛ ସମ୍ପର୍କରେ ରାମାୟଣରେ ବର୍ଣ୍ଣନା ରହିଛି । କାରଣ ରାବଣ ଲଙ୍କାର



ଅଶୋକ ବାଟିକା ବା ଅଶୋକ ଉଦ୍ୟାନରେ ସୀତାଙ୍କୁ ରଖିଥିଲେ। ଖେଜ୍ରି ବା ଶମି ବୃକ୍ଷ ତେଲଙ୍ଗାନା ଓ ରାଜସ୍ଥାନର ରାଜ୍ୟ ବୃକ୍ଷ ଭାବେ ସ୍ୱୀକୃତ। ଏହା କମ୍ ବର୍ଷା ହେଉଥିବା ଶୁଷ୍କ ଅଞ୍ଚଳରେ ବଢ଼ିଥାଏ। ଏହି ଗଛ ଯୋଦ୍ଧା ସମ୍ପ୍ରଦାୟ ସହ ଜଡ଼ିତ। ଖେଜ୍ରିଗଛ ମଧ୍ୟ ହରପ୍ପା ସଭ୍ୟତାର ସିଲ୍ ବା ମୋହରରେ ଦେଖିବାକୁ ମିଳେ। ସାମାନ୍ୟ କଣ୍ଟକିତ ଏହି ବୃକ୍ଷକୁ ଦଶହରା ପର୍ବ ସମୟରେ ରାଜ ପରିବାରଗୁଡ଼ିକ ଶ୍ରଦ୍ଧାର ସହ ପୂଜା କରିଥାନ୍ତି। ମହାଭାରତରେ ବର୍ଣ୍ଣନା ରହିଛି ଯେ, ଅଜ୍ଞାତବାସ ସମୟରେ ପାଣ୍ଡବମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଶମି ଗଛରେ ଲୁଚାଇ ରଖିଥିଲେ।

କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ଓ ମହାରାଷ୍ଟ୍ରର ରାଜ୍ୟ ବୃକ୍ଷ ଭାବେ ଆମ୍ବଗଛ ମାନ୍ୟତା ପାଇଛି। ଧର୍ମୀୟ ପର୍ବପର୍ବାଣିରେ ଆମ୍ବପତ୍ର ବ୍ୟବହାର କରାଯାଏ ଏବଂ ଘରର ପ୍ରବେଶପଥକୁ ଏହି ପତ୍ରରେ ସଜାଯାଇଥାଏ। କୌତୂହଳର ବିଷୟ ହେଉଛି, ୨୦୦ରୁ କମ୍ ବର୍ଷ ମଧ୍ୟରେ ଭାରତକୁ ପ୍ରଥମେ କୃଷ୍ଣଚୂଡ଼ା ଗଛ ଆସିଥିଲେ ମଧ୍ୟ ଏହାକୁ ଭାରତର ରାଜଧାନୀ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀର ରାଜ୍ୟବୃକ୍ଷ ଭାବେ ଗ୍ରହଣ କରାଯାଏ। କେରଳରେ ରହୁଥିବା ଖ୍ରୀଷ୍ଟିଆନଙ୍କ ଅନୁଯାୟୀ କୃଷ୍ଣଚୂଡ଼ା ଫୁଲ ହେଉଛି ଯିଶୁଙ୍କ ରକ୍ତ, ଯାହା କ୍ରୁଶବିଦ୍ଧ ସମୟରେ ଗଛ ଉପରେ ପଡ଼ିଥିଲା। ସେମାନେ ଏହି ଗଛକୁ କାଲଭରିପ୍ଲୋ ( କାଲଭାରି ଫୁଲ) ବୋଲି କହନ୍ତି।

ଦକ୍ଷିଣ ଆଡ଼କୁ ଗଲେ ଆମେ ଅଧିକ ନିମ୍ବଗଛ ଦେଖିବାକୁ ପାଇଥାଉ। ଏହା ଆନ୍ଧ୍ରପ୍ରଦେଶ ରାଜ୍ୟବୃକ୍ଷ। ଏହା ଦେବୀଙ୍କର ପବିତ୍ର ବୃକ୍ଷ। ବେଲଗଛ ଶିବଙ୍କର ଅତି ପ୍ରିୟ ଏବଂ ପୁଡୁଚେରୀର ଏହା ରାଜ୍ୟବୃକ୍ଷ। ତାଳଗଛ ବଳରାମଙ୍କ ପାଇଁ ପବିତ୍ର ଗଛ ଏବଂ ତାମିଲନାଡୁର ରାଜ୍ୟବୃକ୍ଷ। ହିନ୍ଦୁ ପର୍ବପର୍ବାଣିରେ ନଡ଼ିଆ ଗଛର ମହତ୍ତ୍ୱ ରହିଛି। ନଡ଼ିଆ ଓ ଏହାର ପତ୍ରକୁ ବ୍ୟବହାର କରାଯାଇଥାଏ। ଏହା କେରଳ ଓ ଗୋଆର ରାଜ୍ୟବୃକ୍ଷ। ଚନ୍ଦନଗଛ କର୍ଣାଟକର ରାଜ୍ୟବୃକ୍ଷ। ଘୋରା ଚନ୍ଦନ ବିଷ୍ଣୁ ମନ୍ଦିରରେ ବ୍ୟବହାର କରାଯାଏ। ଏହା ଅତ୍ୟନ୍ତ ପବିତ୍ର ଓ ବିଷ୍ଣୁଙ୍କର ପ୍ରିୟ ମଧ୍ୟ। ହିମାଚଳ ପ୍ରଦେଶ, ଜମ୍ମୁ–କଶ୍ମୀର ଏବଂ ଲଦାଖର ରାଜ୍ୟବୃକ୍ଷ କୋନ୍‌ଫିର ଟ୍ରି (ସବୁବେଳେ ପତ୍ର ଭରି ରହିଥିବା ଗୋଟିଏ ଗ୍ରୁପ୍‌ର ଗଛ ଯାହା କୋନ୍ ଭଳି ଦେଖାଯାଏ)। ଦେବଦାରୁ ଶିବଙ୍କର ପ୍ରିୟ ଓ ଏହା ହିମାଚଳ ପ୍ରଦେଶର ରାଜ୍ୟବୃକ୍ଷ। ଚିନାରା ସୁଫିମାନଙ୍କ ପାଇଁ ପବିତ୍ର ଗଛ ଏବଂ ଏହା ଜମ୍ମୁ–କଶ୍ମୀରର ରାଜ୍ୟବୃକ୍ଷ। ଲଦାଖର ରାଜ୍ୟବୃକ୍ଷ ଜୁନିପର୍। ତିବ୍ବତୀୟ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଏହାର ମହତ୍ତ୍ୱ ରହିଛି। ସିକିମ୍ ଓ ଉତ୍ତରାଖଣ୍ଡର ରାଜ୍ୟବୃକ୍ଷ ହେଉଛି ରୋଡୋଡେଣ୍ଡ୍ରୋନ୍ ଟ୍ରି । ଏହାର ଗାଢ଼ ଲାଲ ରଙ୍ଗ ଫୁଲ ନନ୍ଦାଦେବୀଙ୍କୁ ଅର୍ପଣ କରାଯାଏ।

ଆମେ ଯଦି ଉତ୍ତର ପୂର୍ବ ଆଡ଼କୁ ଯିବା ତେବେ ଅନେକ ରାଜ୍ୟରେ ଅଧିକ କାଠଗଛ ଦେଖିବାକୁ ପାଇବା। ସ୍ଥାନୀୟ ଆଦିବାସୀମାନେ ଏହିସବୁ ଗଛରୁ ଅନେକକୁ ପୂଜା କରନ୍ତି। ବିଶେଷକରି ଆସାମ ଓ ଅରୁଣାଚଳ ପ୍ରଦେଶରେ ହୋଲୋଙ୍ଗ, ମେଘାଳୟରେ ଆଲ୍‌ଡେର, ମଣିପୁରରେ ଉଡ୍‌କିଙ୍ଗ୍, ମେଘାଳୟରେ ହ୍ୱାଇଟ୍ ଟିକ୍ ଏବଂ ଆଣ୍ଡାମାନରେ ରେଡ୍‌ଉଡ୍‌କୁ ସେମାନେ ପୂଜା କରିଥାନ୍ତି। ମିଜୋରାମର ଆଇରନ୍ ଟ୍ରି ବୌଦ୍ଧଧର୍ମରେ ପବିତ୍ରତା ବହନକରେ ଏବଂ ଅନେକ ବୌଦ୍ଧ ବିଚାରଧାରା ସହ ଏହାର ସମ୍ପର୍କ ରହିଛି। ଏହା ମଧ୍ୟ ଶ୍ରୀଲଙ୍କାର ଜାତୀୟ ବୃକ୍ଷ। ତ୍ରିପୁରାର ରାଜ୍ୟବୃକ୍ଷ ହେଉଛି ଅଗର। ଏହା ଏକ ସୁବାସିତ ଗଛ, ଯେଉଁଥିରୁ ଅତର ତିଆରି କରାଯାଏ। ପଶ୍ଚିମବଙ୍ଗର ରାଜ୍ୟବୃକ୍ଷ ସପ୍ତପର୍ଣ୍ଣୀ। ଏହାର ଗଣ୍ଡିରୁ ସ୍କୁଲ ବ୍ଲାକ୍‌ବୋର୍ଡ ତିଆରି ହୁଏ। ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍‌ମାନେ ସେମାନଙ୍କ ଗ୍ରାଜୁଏଶନ ସମାରୋହକୁ ଏହି ଗଛର ଏକ ଛୋଟ ଡାଳନେଇଥାନ୍ତି। ଲାକ୍ଷାଦ୍ୱୀପର ବ୍ରେଡ୍‌ଫ୍ରୁଟ୍ ଗଛ ସମୁଦ୍ରପଥର ଯାତ୍ରାକୁ ସ୍ମରଣ କରାଇଦିଏ। ଅନେକ ହଜାର ବର୍ଷ ପୂର୍ବେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ପୋଲିନେସିଆର ନାବିକମାନେ ଏହି ଗଛକୁ ପ୍ରଥମେ ଆଣିଥିଲେ। ଏହିପରି ଭାବେ ଭାରତର ରାଜ୍ୟଗୁଡ଼ିକର ରାଜ୍ୟବୃକ୍ଷସବୁ ଭାରତୀୟ ସଂସ୍କୃତି ସମ୍ପର୍କରେ ଅନେକ କାହାଣୀ କହିଥାନ୍ତି।

–devduttofficial@gmail.com

# ସଉଦା ବ୍ୟାଗ୍



ସତ୍ୟନାରାୟଣ ଦେହୁରୀ

ଆମ ନିତିଦିନିଆ ଜୀବନରେ ସମସ୍ତେ କିଛିନା କିଛି ସଉଦା ଆଣନ୍ତି । ଏହି ସଉଦା କେତେବେଳେ ପରିବା ହୋଇପାରେ ତ କେତେବେଳେ ତେଜରାତି ଜିନିଷ କିମ୍ବା ଅନ୍ୟ କିଛି ହୋଇପାରେ। ଧନୀ ହେଉ କିମ୍ବା ଗରିବ ସମସ୍ତଙ୍କର କିଛିନା କିଛି ଆବଶ୍ୟକତା ରହିଥାଏ। ତେବେ ସଉଦାର ଆକାର ବା ପରିମାଣ ଅନୁସାରେ ବ୍ୟାଗ୍‌ର ଆବଶ୍ୟକତା ହୁଏ। ଏହି ବ୍ୟାଗ ଆଜିକାଲି ଆଉ ନିଜ ଘରୁ ନେବାକୁ ପଡୁନାହିଁ। ଦୋକାନୀ ନିଜେ ଯେତେବଡ଼ ଜିନିଷ ହେଲେ ମଧ୍ୟ ତାକୁ ପ୍ୟାକ୍ କରି ଦେଇଦେଉଛି। ବହୁତ ସୁବିଧାରେ ଆମ ଜିନିଷ ଘରେ ପହଞ୍ଚି ଯାଉଛି। କିନ୍ତୁ ଆଗରୁ ଏହି ବ୍ୟବସ୍ଥା ନ ଥିଲା। ନିଜ ଜିନିଷ ପାଇଁ ନିଜେ ବ୍ୟାଗର ବ୍ୟବସ୍ଥା କରିବାକୁ ପଡୁଥିଲା। ଘରୁ ବ୍ୟାଗ ଧରି ଜିନିଷ ଆଣିବା ପାଇଁ ସମସ୍ତେ ଯାଉଥିଲେ। ସୁରକ୍ଷିତ ଭାବରେ ନିଜ ଜନିଷ ଘରକୁ ଆଣୁଥିଲେ।

ବ୍ୟାଗର ବ୍ୟବହାର ଏବେ କମିଗଲାଣି। କେହି ବ୍ୟାଗ ନେଇ ବଜାରକୁ ଯାଉନାହାନ୍ତି। ଯଦି ବି କିଏ ବ୍ୟାଗ ବ୍ୟବହାର କରୁଛି ତାହା ନିଶ୍ଚିତ ଭାବରେ ଜରି କିମ୍ବା ପଲିଥିନରେ ତିଆରି ବ୍ୟାଗ ହୋଇଥିବ। କନାରେ ତିଆରି ବ୍ୟାଗ ବହୁତ କମ ଲୋକଙ୍କ ହାତରେ ଦେଖାଯାଏ। ଆଗରୁ ବ୍ୟାଗ ସବୁ କନାରେ ସିଲାଇ ହେଉଥିଲା। କନା ତିଆରି ବ୍ୟାଗ ବହୁତ ମଜଭୁତ ଓ ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରୁଥିଲା। କନା ବ୍ୟାଗରେ ଜିନିଷ ଆଣିଲେ ବାହାରକୁ ଦେଖାଯାଏ ନାହିଁ। ବହୁତ ସୁରକ୍ଷିତ ଭାବରେ ଜିନିଷ ଘରକୁ ଆସେ। କିନ୍ତୁ ଆଜିକାଲି ରେଡିମେଡ୍ ଯୁଗରେ ସବୁ ପଲିଥିନ ବ୍ୟାଗର ବ୍ୟବହାର ହେଲା। ଖାଲି ହାତରେ ଘରୁ ବଜାରକୁ ଯାଇ ବଡ଼ ବଡ଼ ପଲିଥିନରେ ସଉଦା ଅଣାଯାଉଛି। ବାଟରେ ଲୋକେ ସବୁ ଜିନିଷ ଦେଖିପାରୁଛନ୍ତି। ହୋଟେଲରୁ ଜଳଖିଆ ନେଲେ ପଲିଥିନରେ ନେଉଛନ୍ତି। ବାଟରେ ସମସ୍ତଙ୍କ ନଜର ତାହା ଉପରେ ପଡୁଛି। ଗୋଟିଏ ବିଶ୍ୱାସ ଥିଲା,ଖାଦ୍ୟ ପଦାର୍ଥରେ କାହାର ନଜର ପଡ଼ିଲେ ତାକୁ ଖାଆନ୍ତି ନାହିଁ। ଯଦି ବି ତାକୁ ଖାଇବେ, ଯାହାର ନଜର ପଡ଼ିଥିବ ତାକୁ ଦେଇକି ଖାଇବେ। ନଚେତ ପେଟ କାଟିବ। ଅନ୍ୟର ନଜରକୁ ଏଡ଼ାଇବା ପାଇଁ ଖାଦ୍ୟ ପଦାର୍ଥକୁ ଘୋଡ଼ାଇ ରଖାଯାଉଥିଲା। କାଳେ କାହାର ନଜର ପଡ଼ିଯିବ ବୋଲି ସମସ୍ତେ ଚିନ୍ତା କରୁଥିଲେ। ଏବେ କିନ୍ତୁ ସବୁ ଖୋଲା ମେଲାରେ ଚାଲିଛି। ଦିନକୁ ଦିନ ଲୋକମାନଙ୍କର ଚଳଣିରେ ପରିବର୍ତ୍ତନ ହୋଇଯାଉଛି। ସମସ୍ତଙ୍କ ନଜର ପଡୁଥିବା ଖାଦ୍ୟ ଖାଇବାକୁ କୌଣସି ଦ୍ୱିଧା ବୋଧ ହେଉନାହିଁ। ସର୍ବସାଧାରଣ ସ୍ଥାନମାନଙ୍କରେ ଗହଳି ସ୍ଥାନରେ ଖାଦ୍ୟ ଖାଇବାକୁ ଲୋକମାନେ ବହୁତ ପସନ୍ଦ କରୁଛନ୍ତି।

ପଲିଥିନର ବ୍ୟବହାର ବଢ଼ି ଯାଇଛି। ବ୍ୟାଗର ବିକଳ୍ପ ଭାବରେ ପଲିଥିନ ବ୍ୟବହାର କରାଯାଉଥିବାରୁ କେହି ବ୍ୟାଗ ବ୍ୟବହାର କରୁନାହାନ୍ତି। ସବୁ ଜାଗାରେ ପଲିଥିନର ବ୍ୟବହାର ଚାଲିଛି। ଏପରି କି ମନ୍ଦିର ଗଲେ ମଧ୍ୟ ଆଉ ପୂର୍ବଭଳି ପୂଜା ଝୁଡ଼ି ବ୍ୟବହାର ହେଉନାହିଁ। ପଲିଥିନରେ ଭୋଗନେଇ ପୂଜକକୁ ଧରାଇଦେଲେ କାମ ଶେଷ। ଠାକୁରଙ୍କ ଭୋଗ ମଧ୍ୟ ସେହି ପଲିଥିନରେ ଆସିଯାଉଛି। ମହାଦେବଙ୍କ ପାଦୁକା ମଧ୍ୟ ପଲିଥିନରେ ଆସିଯାଉଛି। ଏହି ପଲିଥିନ ବର୍ତ୍ତମାନ ମଣିଷ ସମାଜକୁ ଗ୍ରାସ କରିସାରିଲାଣି। ଏହାର କ୍ଷତିକାରକ ଦିଗ ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ସକାଳ ପାହିଲେ ଆମ ଚାରିପାଖରେ ଦେଖିବାକୁ ମିଳୁଛି କୁଢ଼ କୁଢ଼ ପଲିଥିନ ଆବର୍ଜନା। ଜଳ ଭାଗରେ ମଧ୍ୟ ଏହା ଜଳଚର ଜୀବମାନଙ୍କୁ ପ୍ରଭାବିତ କଲାଣି। ଅନେକ ସମୟରେ ଗୋରୁ ଏହାକୁ ଖାଇ ବହୁତ ଅସୁବିଧାରେ ପଡ଼ିଯାଉଛନ୍ତି। ପଲିଥିନ ବନ୍ଦ କରିବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ଉଦ୍ୟମ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଗୋଟିଏ ନିୟମ ହେଲେ କିଛି ଦିନ କଟକଣା ରହୁଛି, ତା'ପରେ ପୁଣି ଲୋକମାନେ ତାକୁ ଭୁଲିଯାଉଛନ୍ତି। ଜନ ସଚେତନତାର ଅଭାବରୁ ଏହି ନିୟମଗୁଡ଼ିକର ସୁଫଳ ମିଳୁ ନାହିଁ।

ପ୍ଲାଷ୍ଟିକ, ପଲିଥିନର ବ୍ୟବହାରକୁ ବନ୍ଦ କରିବା ପାଇଁ କଡ଼ାକଡ଼ି ନିୟମ କରିବା ଓ ତାକୁ ପାଳନ କରିବା ଆବଶ୍ୟକ। ସମସ୍ତେ କନା ବ୍ୟାଗ ନେଇ ବଜାରକୁ ଯିବା ଅଭ୍ୟାସ କରିବା ଜରୁରୀ। ଦୋକାନୀମାନଙ୍କୁ ମଧ୍ୟ ତାଗିଦ୍ କରିବା ଦରକାର ଯେ, ସେମାନେ ଗ୍ରାହକମାନଙ୍କୁ ବ୍ୟାଗ ଆଣିବା ପାଇଁ କୁହନ୍ତୁ, ନଚେତ୍ ଜିନିଷ ଦିଅନ୍ତୁ ନାହିଁ। କରୋନା କାଳରେ ଯେମିତି ସବୁ ଦୋକାନରେ ଲେବୁଲ ମରାଯାଇଥିଲା, ମାସ୍କ ନାହିଁ ତ ଜିନିଷ ନାହିଁ। ଠିକ୍ ସେହିପରି, ବ୍ୟାଗ ନାହିଁ ତ ଜିନିଷ ନାହିଁ ଲେବୁଲ ସବୁ ଦୋକାନୀ ମାରନ୍ତୁ। ଧୀରେ ଧୀରେ ଲୋକମାନଙ୍କ ଅଭ୍ୟାସ ବଦଳାଇବାକୁ ପଡ଼ିବ, ନଚେତ ନେଡ଼ି ଗୁଡ କହୁଣିକୁ ବୋହିଯିବ।

ରାଧାନଗର, ବୌଦ୍ଧ
ମୋ:୯୯୩୮୭୫୮୩୫୩

## ଏଇ ଭାରତରେ

ଏକାକୀ ବାଇକ୍‌ରେ ୧୨ଟି ଦେଶ ବୁଲିସାରିଲେଣି ଆନ୍ଧ୍ରପ୍ରଦେଶର ଯୋଶୁଭ ଡାନିଏଲ ପୁଟି। ଏହି ଯାତ୍ରା ସମୟରେ ସେ ବିଭିନ୍ନ ସମ୍ପ୍ରଦାୟ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେଉଛନ୍ତି। ସେ ମଧ୍ୟ ବାଟରେ ଅସହାୟମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି। ଉଗାଣ୍ଡାରେ ଥିବା ସମୟରେ ସେଠାରେ ଅପପୁଷ୍ଟିର ଶିକାର ପିଲାଙ୍କୁ ଦେଖି ସେମାନଙ୍କୁ ଖାଦ୍ୟ ଦେବାଲାଗି ନିଷ୍ପତ୍ତି ନେଇଥିଲେ ଏବଂ ସେହିଠାରୁ ହିଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ ଆବଶ୍ୟକ କାଗଜପତ୍ର ଯୋଗେ ବିଭିନ୍ନ ଦେଶର ସୀମା ପାର୍ ହୋଇ ଚାଲିଛନ୍ତି। ୩୭ ବର୍ଷୀୟ ପୁଟି ୧୬୦ ଦେଶ ବାଇକ୍‌ରେ ଭ୍ରମଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସିଙ୍ଗାପୁରରେ ସେଠାକାର ଅଧିକାରୀଙ୍କ ସହଯୋଗରେ କ୍ୟାନ୍‌ସର ପୀଡ଼ିତ ପିଲାଙ୍କ ସର୍ଜରି ପାଇଁ ପାଣ୍ଠି ମଧ୍ୟ ସଂଗ୍ରହ କରିଥିଲେ। ଭାରତର ବିଭିନ୍ନ ସ୍ଥାନକୁ ଯିବା ସମୟରେ ସେ ମହିଳାମାନଙ୍କୁ ସଶକ୍ତ ହେବାଲାଗି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରୁଛନ୍ତି। 'ରାଇଡର ଯୋଶ୍ ଫାଉଣ୍ଡେଶନ' ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। କେବଳ ଏତିକି ନୁହେଁ, ସେ ହାଇଦ୍ରାବାଦରେ ୫୦୦ରୁ ଅଧିକ ଗଛଚାରା ଲଗାଇ ସାରିଲେଣି। ଏହାବ୍ୟତୀତ ଡାନିଏଲ ପୁଟି କରୋନା ସମୟରେ ମଧ୍ୟ ୧୫୦୦ ଲୋକଙ୍କୁ ପ୍ରତିଦିନ ଖାଇବାକୁ ଦେଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୭୬

- ରାଉରକେଲାଠାରେ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ପାଇରାଲ ୱେଲଡ ପାଇପ ପ୍ଲାଣ୍ଟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।
- ଭୀଷଣ ବର୍ଷା ଓ ଝଡ଼ତୋଫାନ ଫଳରେ କଲିକତା ଅନ୍ତର୍ଗତ ରଘୁନାଥଗଞ୍ଜ ନିକଟସ୍ଥ ଭାଗୀରଥି ନଦୀରେ ନୌକା ବୁଡ଼ିଯିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।
- କୃଷି ତଥା ଶିଳ୍ପ ଉତ୍ପାଦନ ବୃଦ୍ଧିକୁ ଉତ୍ସାହିତ କରିବା ଲାଗି ୪୩ଟି ସାମଗ୍ରୀ ଉପରୁ ଅବକାରୀ ଶୁଳ୍କ ରିହାତି ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 1 | |
| 5 | | | 3 | 6 | | | | 7 |
| | | | | | | | | 5 |
| 9 | | 5 | | | | | 7 | 1 |
| | | 3 | 5 | | | 8 | | |
| 6 | | | | 7 | | | | 2 |
| 2 | | | | | 1 | 5 | | |
| | | | 6 | 9 | | | 3 | |
| | | 9 | | | 7 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 6 | 5 | 4 | 7 | 9 | 1 |
| 1 | 7 | 6 | 2 | 8 | 9 | 3 | 4 | 5 |
| 5 | 9 | 4 | 1 | 3 | 7 | 6 | 2 | 8 |
| 6 | 3 | 1 | 5 | 9 | 2 | 4 | 8 | 7 |
| 9 | 4 | 8 | 7 | 1 | 6 | 2 | 5 | 3 |
| 7 | 2 | 5 | 8 | 4 | 3 | 9 | 1 | 6 |
| 2 | 5 | 9 | 3 | 6 | 8 | 1 | 7 | 4 |
| 4 | 1 | 3 | 9 | 7 | 5 | 8 | 6 | 2 |
| 8 | 6 | 7 | 4 | 2 | 1 | 5 | 3 | 9 |

ଗତକାଲିର ଉତ୍ତର

# ସର୍ବବ୍ୟାପୀ ସରକାର



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କର ସରକାର ଯେପରି ଅତିଦୃଶ୍ୟମାନ ହେବା ପ୍ରୟାସରେ ବ୍ୟକ୍ତିର ଅନ୍ତର୍ନିହିତ ବିକାଶରେ ବାଧକ ସାଜୁଛନ୍ତି, ଜଣାପଡୁଛି ଆଉ ଅଳ୍ପ କେତେ ବର୍ଷ ଭିତରେ ଅଧିକାଂଶ ଲୋକ 'ଗଣତନ୍ତ୍ର–ପ୍ରସୂତ ଦିବ୍ୟାଙ୍ଗ'ରେ ପରିଣତ ହେବେ!

ଆଗରୁ ରାଜ୍ୟ ବା ରାଷ୍ଟ୍ରରେ ସମ୍ବଳ ନ ଥିଲା। ତେଣୁ ସରକାର ସବୁକଥାରେ ନାଗରିକମାନଙ୍କ ପାଖରେ ଠିଆ ହୋଇ ପାରୁ ନ ଥିଲେ। କିନ୍ତୁ ଏହାର ସକାରାତ୍ମକ ଦିଗଟି ଥିଲା। ମଣିଷ ତା'ର ଅନ୍ତର୍ନିହିତ ସୃଜନଶକ୍ତି ଓ ଆତ୍ମଲବ୍ଧ ଦକ୍ଷତା ପ୍ରୟୋଗ କରି ଅନେକ ଛୋଟ ଛୋଟ ସମସ୍ୟାର ସମାଧାନ କରି ଦେଉଥିଲା। ଆଉ ତା' ସାଙ୍ଗକୁ ଥିଲେ 'ଛୋଟ ସରକାର' ମାନେ। ସ୍ୱାଧୀନତା ସଂଗ୍ରାମ କାଳରେ ଯେପରି ଗାଁ ଗହଳରେ 'ଛୋଟ ଗାନ୍ଧୀ'ମାନଙ୍କ ଆବିର୍ଭାବ ଘଟିଥିଲା, ୮୦ ଦଶକ ପର୍ଯ୍ୟନ୍ତ ଗାଁର ଉନ୍ନତି ପାଇଁ ଉତ୍ସର୍ଗୀକୃତ କିଛି ଗାଁ ମୁଖିଆ ସରକାରଙ୍କ ପରିପୂରକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶିକ୍ଷା, ସାମାଜିକ ସଦ୍‌ଭାବ, ସାଂସ୍କୃତିକ ବିକାଶ, ଛୋଟ ଛୋଟ ସାମୂହିକ କାର୍ଯ୍ୟ ମାଧ୍ୟମରେ ଆତ୍ମ–ଗୁରୁତ୍ୱ ଓ ଗ୍ରାମ୍ୟପ୍ରୀତି ଜାଗ୍ରତ କରେଇ ଗାଁକୁ ଏକ ସୁଂସହତ ଏକକ ହିସାବରେ ଧରି ରଖି ପାରୁଥିଲେ।

ଧୀରେ ଧୀରେ ଭୋଟ୍ ରାଜନୀତି ପଶିଲା। ଦକ୍ଷତା, ସୃଜନଶକ୍ତି, ସାମୂହିକ ଉନ୍ନତି ପ୍ରବଣତାରେ ଭରପୂର ନାଗରିକମାନଙ୍କୁ ଭୋଟଦାତାରେ ରୂପାନ୍ତରିତ କରାଗଲା। ଉଦାରୀକରଣ ପ୍ରଭାବରେ ରାଜକୋଷ ମଧ୍ୟ ସମୃଦ୍ଧ ହେବାକୁ ଲାଗିଲା। ଆସ୍ତେ ଆସ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସରକାର ସହାୟତାର ହାତ ବଢ଼େଇଲେ। ତେବେ କାଳକ୍ରମେ ଏହା ସହାୟତା ବଦଳରେ ନଗଦ ରାଶି ପ୍ରଦାନ ମାଧ୍ୟମରେ ଭୋଟଭିକ୍ଷାର ଏକ ସୁନ୍ଦର ମାଧ୍ୟମ ପାଲଟିଲା। ଅର୍ଥାତ୍ ସରକାର ଜନସାଧାରଣଙ୍କୁ ମାଛ ଧରିବାକୁ ଜାଲ ନ ଦେଇ, ଘରେ ମାଛ ପହଞ୍ଚେଇ ଦେବାର ବ୍ୟବସ୍ଥା କଲେ। ତେଣୁ ଆକ୍ଷରିକ ଅର୍ଥରେ ଏବଂ ଭାବାର୍ଥରେ ଆଜିକାଲି କେହି ଜାଲ ବୁଣୁ ନାହାନ୍ତି, ଜାଲ ଫିଙ୍ଗି ବା ବସେଇ 'ମାଛ' ଧରୁନାହାନ୍ତି। ନିର୍ଦ୍ଦିଷ୍ଟ ଭାବରେ କିଛି ନ କରି ଯେବେଠୁ ନଗଦ ଅର୍ଥ ମିଳିବାର ବ୍ୟବସ୍ଥା କରାଗଲା, ସେବେଠୁ ଗାଁ ଓ ସହରର ଅଭାବୀ ଓ ମଧ୍ୟବିତ୍ତ ଲୋକମାନେ ସେମାନଙ୍କ ମଣିଷସୁଲଭ, ଭଗବତଦତ୍ତ ଦକ୍ଷତା, ପ୍ରତିଭା ହରାଇ ଜଣେ ଜଣେ ନିକମା ମାଂସ ପିଣ୍ଡୁଳା ପାଲଟି ଯାଇଛନ୍ତି।

କିଛି କାମ ନ କରି ନଗଦ ଅର୍ଥରାଶି ଲାଭ କରି ଓଡ଼ିଶାର ଲୋକ କିପରି ନିକମା ପାଲଟି ଯାଇଛନ୍ତି ଏବଂ ରାଜ୍ୟ ଓ ରାଜକୋଷ ପାଇଁ ବୋଝ ପାଲଟି ଯାଇଛନ୍ତି, ତାହା ଜଣାପଡ଼େ ଯେତେବେଳେ ପାର୍ଶ୍ୱବର୍ତ୍ତୀ ରାଜ୍ୟ ବା ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ଚାଷୀ, ମୂଲିଆଙ୍କ କର୍ମକୁଶଳତା ଆମେ ସାମାଜିକ ଗଣ ମାଧ୍ୟମରେ ଦେଖୁ। ବାଂଲାଦେଶ ଭାରତ ପରି ଆର୍ଥିକ ଦୃଷ୍ଟିରୁ ଉନ୍ନତ ହୋଇ ନ ଥିବାରୁ ସେଠିକାର ଚାଷୀମାନେ ସରକାରୀ ଅନୁଦାନର ଅନୁପସ୍ଥିତିରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ଅନ୍ୟାନ୍ୟ ଶିଳ୍ପକଳାରେ ଏତେ କୁଶଳୀ, ଦକ୍ଷ ଓ ପାରଙ୍ଗମ ଯେ ସେମାନେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା



ସହ ରାଷ୍ଟ୍ର ପାଇଁ ଯଥେଷ୍ଟ ବୈଦେଶିକ ମୁଦ୍ରା ଅର୍ଜନ କରି ପାରୁଛନ୍ତି, ଯାହା ଓଡ଼ିଶା କ୍ଷେତ୍ରରେ ପ୍ରାୟ ଶୂନ୍।

ବିଶିଷ୍ଟ ଚିନ୍ତାନାୟକ ନୋଆମ୍ ଚମ୍‌ସ୍କି ବିଶ୍ୱର ରାଜନେତାଙ୍କର ନାଗରିକ ମାନଙ୍କୁ ସରକାର–ନିର୍ଭରଶୀଳ ଅବା ନେତା–ନିର୍ଭରଶୀଳ କରେଇବା ନିଜ ପଦ ସୁରକ୍ଷିତ ରଖିବାର ଏକ ଚତୁର ଚାଲ୍ ବୋଲି ଅଭିହିତ କରନ୍ତି। ନେତାମାନେ ସର୍ବଦୃଶ୍ୟମାନ ହେବା କ୍ରମରେ ଧୀର ଧୀରେ ବହୁତ 'ଡେଙ୍ଗା' ହେବାକୁ ଲାଗନ୍ତି ଏବଂ ସମ ଅନୁପାତରେ ନାଗରିକମାନେ 'ଛୋଟ' ଦେଖାଯାନ୍ତି ବା 'ଛୋଟ' ହେବାକୁ ଲାଗନ୍ତି। ଏହି ଧାରାର ଏକ ପର୍ଯ୍ୟାୟରେ ରାଜନେତାମାନେ ସର୍ବଶକ୍ତିମାନ ଧାର୍ମିକ ବା ଆଧ୍ୟାତ୍ମିକ ରକ୍ଷାକର୍ତ୍ତା ହିସାବରେ ଉଭା ହୁଅନ୍ତି। ପ୍ରଖ୍ୟାତ ଇଂଲିଶ କବି ଅଲିଭର ଗୋଲ୍ଡ ସ୍ମିଥଙ୍କ 'ଭିଲେଜ ସ୍କୁଲ ମାଷ୍ଟର' କବିତାରେ ବର୍ଣ୍ଣିତ ଗ୍ରାମବାସୀମାନଙ୍କ ମାଷ୍ଟରଙ୍କ 'ଛୋଟ ମୁଣ୍ଡରେ' ଏତେ ଜ୍ଞାନ କେମିତି ରହୁଛି ଭାବିବା ଭଳି ଆଜିର 'ଦୁଗ୍ଧପୋଷ୍ୟ' ମତଦାତାମାନେ ସେମାନଙ୍କ ନେତାଙ୍କୁ ଜଣେ ଜଣେ ଭଗବାନ ବୋଲି ମଣନ୍ତି ଏବଂ ରବର୍ଟ ବ୍ରାଉନ୍‌ଙ୍କ କବିତା 'ପିପା ପାସେସ' ରେ ବ୍ରାଉନ୍‌ଙ୍କ ଉକ୍ତି–ଭଗବାନ ସ୍ୱର୍ଗରେ ଅଛନ୍ତି, ପୃଥିବୀରେ ସବୁ ଠିକ୍ ଠାକ୍ ଚାଲିଛି–ସହ ତାଳ ଦେଇ ରାଜନେତାରୁ 'ଅନ୍ନଦାତା' ଓ 'ଅର୍ଥଦାତା' ପାଲଟିଥିବା 'ଡେଙ୍ଗା' ମଣିଷମାନଙ୍କ ଗୁଣକୀର୍ତ୍ତନ କରି ସେମାନଙ୍କ ସମର୍ଥକମାନେ ଗାଆନ୍ତି– 'ରାଜଧାନୀରେ ଆମ ନେତା ଅଛନ୍ତି, ସବୁଆଡ଼େ ଠିକ୍ ଠାକ୍ ଚାଲିଛି।'

ଦୁଃଖର କଥା ନେତାମାନଙ୍କୁ ଛୋଟନେତାମାନେ ହିମାଳୟ ଭାବିଲେ ବି, ଭୋଟ ପ୍ରେକ୍ଷାପଟରେ ସେମାନେ ନିଜକୁ ଅସୁରକ୍ଷିତ ମଣନ୍ତି। ତେଣୁ ନାଗରିକମାନଙ୍କୁ ବିଭିନ୍ନ ଭାବରେ ନିର୍ଭରଶୀଳ କରେଇ, ସେମାନଙ୍କ ପ୍ରତିଭା ହରଣ କରି ସେମାନଙ୍କୁ ତଳିତଳାନ୍ତ କରି ନିଜକୁ ଅନତିକ୍ରମଣୀୟ ରୂପରେ ଉପସ୍ଥାପନ କରୁ କରୁ, ସମାନ୍ତରାଳ ଭାବରେ ଏକ କରୁଣ ଅବରୋହଣ ପ୍ରକ୍ରିୟା ଆରମ୍ଭ ହୁଏ, ଯେତେବେଳେ ନେତାମାନେ ନିଯୁକ୍ତି ପତ୍ର ବାଣ୍ଟିବାକୁ ବାହାରି ପଡ଼ନ୍ତି ଯେଉଁଗୁଡ଼ିକ ଏକ ସମୟରେ ରେଜିଷ୍ଟର୍ଡ ଡାକରେ ଡାକଘର କର୍ମଚାରୀମାନେ ବାଣ୍ଟୁଥିଲେ। ଭାରି ଦୁଃଖଲାଗେ ଭୋଟ କେଉଁ ସ୍ତରକୁ ନେତାମାନଙ୍କୁ ନେଇଯାଏ। ଖାଲି ସେତିକି ନୁହେଁ, ସେମାନଙ୍କ ସହ ତାଳ ଦେଇ ଅତିମାତ୍ରାରେ ରୁଟିନ୍ କାର୍ଯ୍ୟକ୍ରମ–ପରୀକ୍ଷା ଫଳ ପ୍ରକାଶନରେ ମନ୍ତ୍ରୀମାନଙ୍କ ପରୀକ୍ଷା ଫଳ–ପୁସ୍ତିକା ଧରି ଠିଆ ହେବାର ଫଟୋ ମଧ୍ୟ ଦେଖାଯାଏ। କି ବିଚିତ୍ର ଏ ବିପରୀତ ରାଜନୈତିକ ବିବର୍ତ୍ତନ!

ଦୁର୍ନୀତିମୁକ୍ତ ଗୁଣାତ୍ମକତାର ଅନ୍ୟ ନାମ ସରକାର ନୁହନ୍ତି ନା ନେତା ନୁହନ୍ତି, ବରଂ ଦୁର୍ନୀତିଯୁକ୍ତ ମୋଟାମୋଟି କାମ ଚଳେଇ ନେବା ହେଉଛି ସରକାରଙ୍କ ଅନ୍ୟ ନାମ। ସରକାରଙ୍କ 'ପାଣି–ପବନ' ରେ ବଢ଼ି ବଢ଼ି ଭୋଟଦାତାମାନେ ଆଉ ନାଗରିକ ପର୍ଯ୍ୟାୟକୁ ଯାଇପାରନ୍ତି ନାହିଁ। ଆବିଷ୍କାରୀ, ଉଦ୍‌ଭାବନୀ ଏବଂ ସୃଜନଶୀଳ ମନଗୁଡ଼ିକ ଆସ୍ତେ ଆସ୍ତେ ଜୀବାଶ୍ମରେ ପରିଣତ ହୁଏ, ଯାହାର କରୁଣ ପରିଣତି କରୋନା ପରି ଭୟାବହ ମହାମାରୀ ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଦେଖାଯାଏ, ଯେତେବେଳେ ସରକାରଙ୍କ 'ହାତଟେକା'ରେ ପ୍ରତିପାଳିତ ମଣିଷମାନେ ସଂକଟବେଳେ ଆବଶ୍ୟକ ଶାରୀରିକ ସକ୍ରିୟତା, ଦକ୍ଷତା, ବୁଦ୍ଧିମତ୍ତା ଓ ଜୀବନରକ୍ଷା କୌଶଳ ପ୍ରଦର୍ଶନ କରି ନ ପାରି ଅକାଳରେ ମୃତ୍ୟୁବରଣ କରନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦେଶର ନାଗରିକମାନଙ୍କ ଅନ୍ତର୍ନିହିତ ଗୁଣ, ଦକ୍ଷତା, ପ୍ରତିଭାର ବିକାଶ କରେଇବାର ସର୍ବଶ୍ରେଷ୍ଠ ବ୍ୟବସ୍ଥା। ଆଜି କିନ୍ତୁ ଭୋଟ ସଂଗ୍ରହ ପାଇଁ ନାଗରିକମାନଙ୍କୁ ଭୋଟଦାତାରେ ପରିଣତ କରି ଅମୂଲ୍ୟ ମାନବସମ୍ବଳକୁ ନର୍ଦ୍ଦମାର ପାଣିଭଳି ବୋହି ଦିଆଯାଉଛି।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ : ୯୪୩୭୩ ୭୬୨୧୯**

## ପାଠକ ଶ୍ରେଷ୍ଠ ବିଚାରକ

### ନିରପେକ୍ଷ ସାମ୍ବାଦିକତା ସମାଜର କାମ୍ୟ

ମହାଶୟ,

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଶକ୍ତୀକରଣ ନିମନ୍ତେ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର ବିଶେଷ ଆବଶ୍ୟକ ରହିଥିବା ବେଳେ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହ ଜନସାଧାରଣଙ୍କୁ ବାସ୍ତବ ତଥ୍ୟ ପ୍ରଦାନ କରିବା ନିମନ୍ତେ ଗଣମାଧ୍ୟମର ମଧ୍ୟ ଭୂମିକା ରହିଛି । ସ୍ୱାଧୀନ ଭାରତରେ ଗଣତନ୍ତ୍ରକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ସମ୍ବିଧାନର ମୁଖବନ୍ଧରେ ଭାରତକୁ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରୂପେ ଗଢ଼ିତୋଳିବା ପାଇଁ ସଂକଳ୍ପ ନିଆଯାଇଛି। ଗଣମାଧ୍ୟମକୁ ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ଜାଗ୍ରତପ୍ରହରି ଭାବେ ବର୍ଣ୍ଣନା କରାଯାଇଛି। ସମାଜରେ ରାଜନୀତିର ପ୍ରଭାବ ପରିଲକ୍ଷିତ ହୋଇଥିବା ବେଳେ ଗଣମାଧ୍ୟମ ସେଥିରୁ ଦୂରେଇ ରହିବା ସମ୍ଭବ ନୁହେଁ। କିନ୍ତୁ ଅଧିକାଂଶ ଗଣମାଧ୍ୟମ ବିଭିନ୍ନ କାରଣ ଯୋଗୁ ରାଜନୀତିକୁ ଅତ୍ୟଧିକ ପ୍ରାଧାନ୍ୟ ଦେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣମାଧ୍ୟମର ଶୈଳୀରେ ଏମିତି କିଛି ଘଟିଚାଲିଛି, ଯାହାକୁ ନେଇ ଲୋକଙ୍କର ଏହା ଉପରୁ ବିଶ୍ୱାସ କମିଯାଉଛି। ଏହା ନିୟମିତ ପାଠକ ବା ଗ୍ରାହକମାନଙ୍କ ପାଇଁ ଅସନ୍ତୋଷର କାରଣ ହୋଇଛି। ତେଣୁ ନିରପେକ୍ଷ ସାମ୍ବାଦିକତା ହିଁ ସମାଜର କାମ୍ୟ।

**–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜାଗ୍ରତ ସଂସ୍କାର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ଶ୍ରଦ୍ଧା ନମସ୍କାର।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦୂଷିତ ଜଳ, ଖାଦ୍ୟରୁ ଆରମ୍ଭ ହୋଇଛି ଡାଇରିଆ

- ପ୍ରତି ଜିଲାରେ ଗଠନ ହେବ କୋର୍ କମିଟି
- ପାଣି ଫୁଟାଇ ବ୍ୟବହାର ପାଇଁ ପରାମର୍ଶ
- ଆଜି କଟକ, ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିବେ ବିଶେଷଜ୍ଞ ଦଳ

## ଡାଇରିଆ ମୁକାବିଲା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ


ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ସମସ୍ତ ଜିଲାରେ ଡାଇରିଆ ମୁକାବିଲା ସ୍ଥିତିର ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର, ୧୮।୬(ବନ୍ଦନା ସେଠୀ)

ଡାଇରିଆ ସ୍ଥିତିର ମୁକାବିଲା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକ କ୍ଷେତ୍ରସ୍ତରରେ ସମନ୍ୱିତ ଓ ଏକାଭିମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନ ସଭାଗୃହଠାରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜିଲାରେ ଡାଇରିଆ ମୁକାବିଲା ସ୍ଥିତିର ସମୀକ୍ଷା କରିଥିଲେ। ଏହି କ୍ରମରେ ଗ୍ରାମ୍ୟ ପାନୀୟ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗର ସଚିବଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ରାପିଡ୍ ଆକ୍ସନ ଟିମ୍‌ର କ୍ଷେତ୍ର ପରିଦର୍ଶନ ସ୍ଥିତି ଓ ପରାମର୍ଶ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଜିଲାରେ କୋର୍ କମିଟିମାନ ଗଠନ କରାଯାଇ ଦୈନିକ ସନ୍ଧ୍ୟାରେ କ୍ଷେତ୍ରସ୍ତରୀୟ ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବେ ଏବଂ ତଦନୁଯାୟୀ ପରଦିନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍ କେନ୍ଦ୍ରୀୟ ଟିମ୍‌ଗୁଡ଼ିକ ସହ ଆଲୋଚନା କରିଥିଲେ। କେନ୍ଦ୍ରରୁ ଆସିଥିବା ୩ଟି ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ ପରେ ସେମାନଙ୍କ ମତାମତ ରଖିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଡାଇରିଆ ମୁଖ୍ୟତଃ ଦୂଷିତ ଜଳ ଓ ଖାଦ୍ୟରୁ ଆରମ୍ଭ ହୋଇଥିବା ବିଶେଷଜ୍ଞ ଦଳ ତଥ୍ୟ ରଖିଛି। ତେଣୁ ପ୍ରତି ଜଳ ଉତ୍ସକୁ ନିୟମିତ ଭାବେ ଠିକ୍ ଭାବେ ବିଶୋଧିତ କରିବା ଏବଂ ପାଣିକୁ ଫୁଟାଇ ଥଣ୍ଡା କରି ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଅଗଭୀର ନଳକୂପ, ଖୋଲାକୂପ ଆଦିର ଜଳ ଭୂପୃଷ୍ଠ ଜଳ ସଂସ୍ପର୍ଶରେ ଆସୁଥିବାରୁ ଏହା ଦୂଷିତ ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜଳକୁ ଫୁଟାଇ ବା ହାଲୋଜେନ ଟାବ୍‌ଲେଟ ପକାଇ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି। ପରେ କେନ୍ଦ୍ରୀୟ ବିଶେଷଜ୍ଞମାନେ ଭିନ୍ନଭିନ୍ନ ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବୁଧବାର ୨୫ଟି ଜଳ ନମୁନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରାଯିବା ସହ ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢାଉ କରାଯାଇଥିଲା। କଟକ, ସୋନପୁର, କେନ୍ଦୁଝର, ଜଗତ୍‌ସିଂହପୁର, ଝାରସୁଗୁଡା, ରାୟଗଡ଼ା, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର ଓ ଭୁବନେଶ୍ୱରରେ ପାନୀୟ ଜଳ ବିଭାଜନଗୁଡ଼ିକ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ପାନୀୟ ଜଳ ସ୍ରୋତକୁ ବିଶୋଧନ କରାଯାଇଥିଲା। ରାଜ୍ୟର କିଛି ଜିଲାରେ ହଇଜା ବ୍ୟାପିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ବ୍ଲକ ଏବଂ ପୌର ପରିଷଦରେ ସଚେତନତାର ବାର୍ତ୍ତା ନେଇ 'ବିକାଶ ବାହନ' ଭ୍ରମଣ କରୁଛି। ଏହା ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସୂଚନା, ଶିକ୍ଷା ଓ ସଂଚାର ସାମଗ୍ରୀ ବଣ୍ଟନ କରାଯାଇ ଲୋକମାନଙ୍କୁ ହଇଜାର ନିରାକରଣ ନେଇ ସତର୍କ ଓ ସଚେତନ କରାଯାଉଛି। ଜିଲାର ସମସ୍ତ ଜଳସାଥୀମାନଙ୍କୁ ସଙ୍ଗଠିତ ଏବଂ ତତ୍ପର କରାଯିବ। ଆବଶ୍ୟକସ୍ଥଳେ ଜଳ ନମୁନା ପରୀକ୍ଷା ପାଇଁ କିଟ୍ ଯୋଗାଇ ଦିଆଯିବ। ଅପରପକ୍ଷେ ଅପରାହ୍ନରେ ରାଜ୍ୟର ସମସ୍ତ ଜିଲାରେ ଡାଇରିଆ ମୁକାବିଲା ସ୍ଥିତି ବିଷୟରେ ସ୍ୱାସ୍ଥ୍ୟ ସଚିବ ସମୀକ୍ଷା କରିଥିଲେ। ଗୁରୁବାର ବିଶେଷଜ୍ଞ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସୁବର୍ଣ୍ଣପୁର ପଞ୍ଚାୟତରେ ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା ୨୬କୁ ବୃଦ୍ଧି

ବାଙ୍କୀ, ୧୮।୬(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରେ ଦିନକୁ ଦିନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏଥିରେ ୨୬ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଦୂଷିତ ପାନୀୟ ଜଳ ଓ ଖାଦ୍ୟକୁ ନେଇ ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସୁବର୍ଣ୍ଣପୁର ଗ୍ରାମରେ ୧୨ରୁ ଉର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ଘୋଡ଼ାବର ଗ୍ରାମରେ ୧୪ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ, ସୁବର୍ଣ୍ଣପୁର ପଞ୍ଚାୟତରେ ବସୁଧା ଯୋଜନରେ ନିର୍ମିତ ପାଣି ଟାଙ୍କିରେ ଜଳ ବିଶୋଧନ କରାଯାଉ ନାହିଁ କିମ୍ବା ବ୍ଲିଚିଂ ପକାଯାଉ ନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏଥି ସହିତ ମହାନଦୀରୁ ପାଇପ ଯୋଗେ ସିଧାସଳଖ ପାନୀୟ ଜଳଯୋଗାଣ କରାଯାଉଥିବାରୁ ସାଧାରଣ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଇଛି। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅମରେଶ ସାହୁ କହିଛନ୍ତି, ସମସ୍ତ ଆକ୍ରାନ୍ତଙ୍କୁ ମେଡିସିନ ଓ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଦିଆଯାଉଛି। ପରୀକ୍ଷା ନିରୀକ୍ଷା କରି ପାନୀୟ ଜଳ ଯୋଗାଇଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୦୬।୨୦୨୫

| | |
|---|---|
| ୧,୧୮, ୦୮୧ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଅରୁନ୍ଧତୀ ଜୁଏଲର୍ସ ରଜପରୀ ସିଜନ-୭



ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଏବଂ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀମାନେ।

ପୁରୀ, ୧୮।୬(ଅଜିତ୍ କୁମାର ମହାନ୍ତି)

### ମେଗା ଲକି ଡ୍ରରେ ୯ ଜଣଙ୍କୁ ବିଦେଶ ଭ୍ରମଣ ସୁଯୋଗ

ଅରୁନ୍ଧତୀ ଜୁଏଲର୍ସ ତରଫରୁ ଅରୁନ୍ଧତୀ ରଜପରୀ ସିଜନ-୭ର ଗ୍ରାଣ୍ଡ ଫାଇନାଲ ଏବଂ ଫରେନ୍ ଟ୍ରିପ୍ ମେଗା ଲକି ଡ୍ର-୨୦୨୫ ଉତ୍ସବ ବୁଧବାର ପୁରୀ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଓ ବିଚାରପତି ଭାବେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ଯୋଗଦେଇଥିଲେ। ଅନ୍ୟାନ୍ୟ ବିଚାରପତି ଭାବେ ଗୀତିକାର ଅରୁଣ ମନ୍ତ୍ରୀ ଓ ଲୋକପ୍ରିୟ ଉଦ୍‌ଘୋଷିକା ଶୋଭନା ମିଶ୍ର ଯୋଗଦାନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଚୟନ ହୋଇଥିବା ଶ୍ରେଷ୍ଠ ୩୫ ପ୍ରତିଯୋଗୀ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଭିନୟ, ନୃତ୍ୟ, ମଡେଲିଂ, ପ୍ରଶ୍ନୋତ୍ତର ଆଦି ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀଙ୍କ ପ୍ରତିଭା ଚୟନ ହୋଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୫ ଜଣଙ୍କୁ ବଛାଯାଇଥିଲା। ଶେଷରେ ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରଜପରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଗତ ୭ ବର୍ଷ ହେବ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହି ପ୍ରତିଯୋଗିତା କରାଯାଇ ପ୍ରତିଭାର ବିକାଶ କରାଯାଉଛି। ଚଳିତ ବିବାହ ଋତୁରେ ନିଜ ପ୍ରିୟ ଗ୍ରାହକଙ୍କୁ ଅରୁନ୍ଧତୀ ଜୁଏଲର୍ସ ବିଦେଶ ଭ୍ରମଣର ସୁଯୋଗ ପ୍ରଦାନ କରିଛି। ଏହି ଅବସରରେ ୯ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଫରେନ୍ ଟ୍ରିପ୍ କୁପନ ପ୍ରଦାନ କରାଯାଇଥିଲା। ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମେହେର କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଅରୁନ୍ଧତୀର ପ୍ରତ୍ୟେକ ସଫଳତାରେ ପ୍ରେରଣାର ସ୍ରୋତ। ଚଳିତ ବର୍ଷ ସେହି ମହାପ୍ରଭୁଙ୍କ କରୁଣାରୁ ଅରୁନ୍ଧତୀ ବାନ୍ଧକଳା ଅରୁନ୍ଧତୀ ପରିବାରରେ ଜଡ଼ିତ ହୋଇ ଅରୁନ୍ଧତୀର ପ୍ରତ୍ୟେକଟି ଗହଣା ସହ ଶାଢ଼ିର ଅପୂର୍ବ ସମନ୍ୱୟରେ ଶୋଭାପାଉଛି। ନିଜ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା ସହ ସର୍ବୋତ୍ତମ ଉତ୍ପାଦ ଯୋଗାଇଦେବା ଅରୁନ୍ଧତୀର ପ୍ରଥମ ପ୍ରାଥମିକତା ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ। ସୂଚନାଥାଉ କି, ରଜପରୀ ପ୍ରତିଯୋଗିତାରେ ସାରା ରାଜ୍ୟରୁ ୨୦୦୦ ପ୍ରତିଯୋଗୀ ଅଡିଶନ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୫ଜଣ ଫାଇନାଲ ରାଉଣ୍ଡକୁ ଆସିଥିଲେ। ପରେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦,୦୦୦ ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ମଦ ଜବତ, ୨ ଗିରଫ

ଡେଲାଙ୍ଗ,୧୮।୬(ରଶ୍ମିରଞ୍ଜନ ସାହୁ)

ବେଆଇନ ମଦ ବିକ୍ରି ଅଭିଯୋଗରେ ଡେଲାଙ୍ଗ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୦ ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ୨ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବ୍ୟବସାୟୀମାନେ ହେଲେ ସାଉରିଆ ଗ୍ରାମର ଲକ୍ଷ୍ମୀଧର ରାଉତରାୟ (୫୦) ଓ ସଡ଼ାଙ୍ଗୋଇ ଗ୍ରାମର ପ୍ରଦୀପ ପରିଡ଼ା(୪୯)। ଏନେଇ ପୋଲିସ ୨୨୯/୨୫, ୨୩୦/୨୫ରେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଡେଲାଙ୍ଗ ଅଞ୍ଚଳରେ ବେଆଇନ ଭାବେ ମଦ କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ପିପିଲି ଏସଡିପିଓ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡେଲାଙ୍ଗ ଆଇଆଇସି ଶ୍ୟାମଘନ ବାରିକ, ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ସଦଳବଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।

## ବର୍ଷାରେ ଭୁଶୁଡ଼ିଲା ସ୍କୁଲ ପାଚେରି

କଣାସ,୧୮।୬(ବିଭୂତି ଭୂଷଣ ତ୍ରିପାଠୀ)

ଦିନକ ପରେ ବିଦ୍ୟାଳୟ ଖୋଲିବାକୁ ଥିବାବେଳେ ମଙ୍ଗଳବାର କଣାସ ବ୍ଲକ ଦେଇପୁର ପଞ୍ଚାୟତର ତେଲଙ୍ଗାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ୨୦୦ ଫୁଟ୍‌ରୁ ଉର୍ଦ୍ଧ୍ୱ ସୁରକ୍ଷା ପାଚେରି ଭୁଶୁଡ଼ିପଡ଼ିଛି। ଶ୍ରେଣୀଗୃହକୁ ଲାଗି ପାଚେରିଟି ଥିବାରୁ ଏହା ଭୁଶୁଡ଼ି ପଡ଼ିଥିବା ନେଇ ପ୍ରଧାନ ଶିକ୍ଷକ ପ୍ରତାପ କେଶରୀ ରାୟ କଣାସ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯୁଦ୍ଧକାଳୀନଭିତ୍ତିରେ ତାହା ମରାମତିକରା ନଗଲେ ଅବାଧରେ ଗୋରୁ, କୁକୁର ସ୍କୁଲ ପରିସରକୁ ପ୍ରବେଶ କରିବେ।

## ସମୁଦ୍ରକୂଳ, ସିଟି ରୋଡ୍ ପାର୍କିଂମୁକ୍ତ

- ରାସ୍ତାରେ ଗାଡ଼ି ରଖିଲେ ଦେବାକୁ ପଡ଼ିବ ଜରିମାନା

ପୁରୀ,୧୮।୬(ଅଜିତ କୁମାର ମହାନ୍ତି)

ପ୍ରତିଦିନ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ପୁରୀକୁ ଆସୁଛନ୍ତି। ବିଶେଷକରି ସିଟି ରୋଡ୍ ଓ ସମୁଦ୍ରକୂଳ ରୋଡରେ ଯାତାୟାତ ଜାମ୍ ହେବା ଏକ ଗମ୍ଭୀର ସମସ୍ୟା ଭାବେ ଦେଖା ଦେଇଥାଏ। ଏହା ଦର୍ଶନାର୍ଥୀ ଓ ସ୍ଥାନୀୟ ନାଗରିକଙ୍କ ଗମନାଗମନ ପାଇଁ ଅସୁବିଧା ସୃଷ୍ଟି କରୁଥିଲା। ଏହାକୁ ଦୃଷ୍ଟିରେ ରଖି ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ପୋଲିସ ପଦକ୍ଷେପ ଗ୍ରହଣ କରିଛି। ରାସ୍ତା ଉପରେ ଗାଡ଼ି ରଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିଟି ରୋଡ୍ ଓ ସମୁଦ୍ରକୂଳ ରୋଡ ଉପରେ ଯେଉଁମାନେ ଅନଧିକୃତ ଭାବରେ ଗାଡ଼ି ରଖିବେ, ସେମାନଙ୍କ ବିରୋଧରେ ଅର୍ଥଦଣ୍ଡ ଲାଗୁ ହେବ ଓ ଗାଡ଼ି ଅପସାରଣ କରାଯିବ। ଏହି ଅଞ୍ଚଳକୁ ସର୍ବଦା ଯାତାୟାତ ପାଇଁ ପାର୍କିଂ ଫ୍ରି ରଖିବାକୁ କୁହାଯାଇଛି। ସେହିପରି ଅର୍ବାନ ହାଟ ନିକଟରେ ୭୦ ବସ୍ ପାର୍କିଂ କରିଥାନ୍ତି, ଫଳରେ ରାସ୍ତା ଜାମ୍ ହୋଇଥାଏ। ତେଣୁ ଏହି ସ୍ଥାନରେ ଗାଡ଼ି ପାର୍କିଂ ଉପରେ କଟକଣା ଜାରି କରାଯାଇଛି। ଏଣିକି ସମସ୍ତ ପର୍ଯ୍ୟଟକ ବସ୍ ତାଳବଣିଆ ପାର୍କିଂରେ ଯିବାକୁ ପଡ଼ିବ ଏବଂ କେବଳ ଡ୍ରପ୍ ପଏଣ୍ଟ ଭାବେ ଅର୍ବନ ହାଟର ବ୍ୟବହାର କରିହେବ। ସିଟି ରୋଡ ଓ ସମୁଦ୍ରକୂଳ ରୋଡ ଅଞ୍ଚଳରେ ଚାଲୁଥିବା ୪ହଜାର ଅଟୋର ଚାଳକମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ରାସ୍ତା ଉପରେ ଗାଡ଼ି ରଖିବେ ନାହିଁ। ଅନଧିକୃତ ଅଟୋ ପାର୍କିଂ କଲେ ଦଣ୍ଡ ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ କ୍ଷେତ୍ରରେ ପୁରୀ ପୋଲିସ ସମସ୍ତଙ୍କ ସହଯୋଗ କାମନା କରିଛି। ପୋଲିସ ଓ ପରିବହନ ବିଭାଗ ସର୍ବଦା ଲୋକଙ୍କ ସୁବିଧା ଓ ସୁରକ୍ଷା ପାଇଁ ପ୍ରତିବଦ୍ଧ ବୋଲି ପୁରୀ ପୋଲିସ କହିଛି।

# ଗୋଚର ଜମିରେ ଚାଲିଛି ପାନୀୟ ଜଳ ପ୍ରକଳ୍ପ

କୋଣାର୍କ,୧୮।୬(ଜ୍ୟୋତିରାଜ ମହାନ୍ତି)


ଗୋଚର ଜମିରେ ୱାଟ୍‌କୋ ପକ୍ଷରୁ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଚାଲିଛି।

କୋଣାର୍କ ଏନ୍‌ଏସି ଅଧୀନ ଡାଳିମ୍ବଗୋରଡ଼ି ରୋଡ ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ଥିବା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୋଚର ଜମିରେ ୱାଟ୍‌କୋ ପକ୍ଷରୁ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଜାରି ରହିଛି। ଏହି ପ୍ରକଳ୍ପ ନିର୍ମାଣ କରାଯିବା ଘଟଣାକୁ ନେଇ ରାଜସ୍ୱ ବିଭାଗର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଗୋଚର ଜମିରେ କୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ବେଆଇନ ଓ ଆଇନସମ୍ମତ ନୁହେଁ ବୋଲି ଜଣାପଡ଼ିଛି। ଗୋଚର ଜମିରେ ସରକାରୀ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ହେଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ-୧ ଫର୍ମରେ ଜମି ଅଧିଗ୍ରହଣ ନିମନ୍ତେ ପ୍ରଥମେ ଆବେଦନ କରିବା କଥା, ଏଥିସହିତ ଜମିର କିସମ ଯଦି ଗୋଚର ଥାଏ, ତାହାର କିସମ ପରିବର୍ତ୍ତନ କରି ପୁନଃ ସଂରକ୍ଷଣ ପାଇଁ ରାଜସ୍ୱ ବିଭାଗକୁ ଆବେଦନ କରିବାର ନିୟମ ରହିଛି। ମାତ୍ର ପୁରୀ ଜିଲା ୱାଟ୍‌କୋ ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ ପକ୍ଷରୁ କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ଗୋଚର ଜମିରେ ୱାଟ୍‌କୋ ପକ୍ଷରୁ ବେଆଇନ ଭାବେ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଛି। ସରକାରୀ ନିୟମ ଅନୁଯାୟୀ, ଏହି ଗୋଚର ଜମିର କିସମ ପରିବର୍ତ୍ତନ କରିବା ଏବଂ ଜମି ଅଧିଗ୍ରହଣ କରିବା ପାଇଁ ଏ-୧ ଫର୍ମରେ ଗୋପ ତହସିଲ କାର୍ଯ୍ୟାଳୟକୁ କୌଣସି ଆବେଦନ କରାଯାଇ ନାହିଁ, ଯାହା ସରକାରୀ ଆଇନର ଖୋଲା ଉଲ୍ଲଂଘନ କରୁଛି। ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ଏଭଳି ସରକାରୀ ବିରୋଧୀ ଓ ବେଆଇନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଗୋପ ତହସିଲଦାର ଆଇନ ଅନୁଯାୟୀ କୌଣସି ପଦକ୍ଷେପ ଗ୍ରହଣ ନ କରି ଚୁପ୍ ହୋଇ ବସି ରହିବା ଘଟଣା ରାଜସ୍ୱ ବିଭାଗର ପାରିବାପଣିଆକୁ ପଦାରେ ପକାଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି କହିଛନ୍ତି, ସରକାରୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜମି ଅଧିଗ୍ରହଣ ଓ ଗୋଚର ଜମି ହୋଇଥିଲେ ତାହାର କିସମ ପରିବର୍ତ୍ତନ କରିବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା କଥା। ମାତ୍ର ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜମି ଅଧିଗ୍ରହଣ ଓ ପୁନଃ ସଂରକ୍ଷଣ କରିବା ପାଇଁ କୌଣସି ଆବେଦନପତ୍ର ତହସିଲ କାର୍ଯ୍ୟାଳୟର ହସ୍ତଗତ ହୋଇନି। ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ଏଭଳି ସରକାରୀ ବିରୋଧୀ କାର୍ଯ୍ୟ ଉପରେ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗୋପ ତହସିଲଦାର ମହାନ୍ତି ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଜୟ


@ ଅଜିତ୍


@ ମମତା


@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦେଉଳି ମଠରୁ ଶ୍ରୀକ୍ଷେତ୍ର ଗଲା ଅଣସର ଫଳଭାର

କାକଟପୁର/ଅସ୍ତରଙ୍ଗ ୧୮।୬(ଶୁଭ ଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଜଗନ୍ନାଥଙ୍କ ଅନ୍ତୁଡ଼ିଶାଳ ଦେଉଳି ମଠରୁ ଶଗଡ଼ ଗାଡ଼ିରେ ଶ୍ରୀଜୀଉଙ୍କ ପାଇଁ ଗଲା ଫଳ, ତୁଳସୀ ପଦ୍ମଫୁଲ। ୧୦୮ କଳସ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଏହି ସମୟରେ ଜ୍ୱରରୁ ଉପଶମ ପାଇଁ ଶ୍ରୀଜୀଉଙ୍କ ପାଖରେ ଲାଗିହୁଏ ଫଳମୂଳ ସହିତ ବିଭିନ୍ନ ପ୍ରକାରର ପଥି। ଶ୍ରୀକ୍ଷେତ୍ରର ଆଖପାଖରେ ଥିବା ବିଭିନ୍ନ ମଠ ପକ୍ଷରୁ ଏହାସବୁ ଦିଆଯାଇଥାଏ। କାକଟପୁର ଦେଉଳିମଠରୁ ପାରମ୍ପରିକ ଶଗଡ଼ ଗାଡ଼ିରେ ଅଣସର ସେବା ପାଇଁ ଶ୍ରୀକ୍ଷେତ୍ରକୁ ଫଳଭାର ପଠାଯାଇଛି। ଅଣସର ପିଣ୍ଡିରେ ଚାଲିଛି ଶ୍ରୀଜିଉଙ୍କ ଜ୍ୱର ଉପଚାର। ଜ୍ୱରରେ ପୀଡ଼ିତ ଚତୁର୍ଦ୍ଧା ବିଗ୍ରହଙ୍କୁ ସୁସ୍ଥ କରିବା ପାଇଁ ଦଇତାପତି ସେବାୟତ ଦଶ ମୂଳପଥି ସେବା କରୁଛନ୍ତି। ସ୍ଥାନୀୟ ଅଞ୍ଚଳ କାକଟପୁର, ଅସ୍ତରଙ୍ଗ, ନୟାହାଟ, କୋଣାର୍କ ଅଞ୍ଚଳର ଭକ୍ତମାନେ ନିଜ ବାଡ଼ିରେ ଥିବା ଆମ୍ବ, ପଣସ, ନଡ଼ିଆ, କଦଳୀ, ପିଜୁଳି, ଖଜୁରି ଭଳି ବିଭିନ୍ନ ପ୍ରକାର ଫଳ, ତୁଳସୀ ଓ ପଦ୍ମଫୁଲକୁ ସୁସଜ୍ଜିତ ଶଗଡ଼ ଗାଡ଼ିରେ ଦେଉଳି ମଠରୁ ପୁରୀ ପଠାଯାଇଛି। ଶଗଡ଼ ଓ ବଳଦକୁ ପୂଜା କରି ପାରମ୍ପରିକ ପଦ୍ଧତିରେ ଅଣସର ଭାରକୁ ଶ୍ରୀକ୍ଷେତ୍ର ପଠାଇଛନ୍ତି ପ୍ରାଚୀ ସଂସ୍କୃତି ସୁରକ୍ଷା ସମିତି ସଦସ୍ୟ। ଏହି ପଦଯାତ୍ରାରେ କାଳୀ ପ୍ରସାଦ ସ୍ୱାଇଁ, ପ୍ରଭାସ ପୃଷ୍ଟିଙ୍କ ସମେତ ଅନେକ ଭକ୍ତ ସାମିଲ ହୋଇଛନ୍ତି।

## ସିଂହାକୁଦାରେ ଜଳିଗଲା ୮ ବଖରା

ସାକ୍ଷୀଗୋପାଳ,୧୮।୬
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ମଧୁବନ ପଞ୍ଚାୟତର ସିଂହାକୁଦା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୮ ବଖରା ଘର ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ପ୍ରଫୁଲ୍ଲ ମହାନ୍ତି, ନିବାସ ଚନ୍ଦ୍ର ମହାନ୍ତି, ସୁକାନ୍ତି ମହାନ୍ତି, ପ୍ରମୋଦ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର ସୁବୁଦ୍ଧି, ନରେନ୍ଦ୍ର ସୁବୁଦ୍ଧି ଓ ସୁରେନ୍ଦ୍ର ସୁବୁଦ୍ଧିଙ୍କ ଘର ସମେତ ଧାନ ଚାଉଳ ଓ ଆସବାବପତ୍ର ଜଳିଯାଇଛି। ବିପନ୍ନ ପରିବାର ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ବିପନ୍ନ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହ ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ବିପନ୍ନ ପରିବାରଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ବିଜୟ କେତନ ବେହେରା, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ରଞ୍ଜନ କୁମାର ବରାଳ, ବିପିନ ବିହାରୀ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ବିକ୍ରମ କୁମାର ପରିଡ଼ା, ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରଭାକର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦୂଷିତ ଜଳ, ଖାଦ୍ୟରୁ ଆରମ୍ଭ ହୋଇଛି ଡାଇରିଆ

- ପ୍ରତି ଜିଲାରେ ଗଠନ ହେବ କୋର୍ କମିଟି
- ପାଣି ଫୁଟାଇ ବ୍ୟବହାର ପାଇଁ ପରାମର୍ଶ
- ଆଜି କଟକ, ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିବେ ବିଶେଷଜ୍ଞ ଦଳ

## ଡାଇରିଆ ମୁକାବିଲା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ସମସ୍ତ ଜିଲାରେ ଡାଇରିଆ ମୁକାବିଲା ସ୍ଥିତିର ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର, ୧୮।୬(ବନ୍ଦନା ସେଠୀ)

ଡାଇରିଆ ସ୍ଥିତିର ମୁକାବିଲା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକ କ୍ଷେତ୍ରସ୍ତରରେ ସମନ୍ୱିତ ଓ ଏକାଭିମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନ ସଭାଗୃହଠାରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜିଲାରେ ଡାଇରିଆ ମୁକାବିଲା ସ୍ଥିତିର ସମୀକ୍ଷା କରିଥିଲେ। ଏହି କ୍ରମରେ ଗ୍ରାମ୍ୟ ପାନୀୟ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗର ସଚିବଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ରାପିଡ୍ ଆକ୍ସନ ଟିମ୍‌ର କ୍ଷେତ୍ର ପରିଦର୍ଶନ ସ୍ଥିତି ଓ ପରାମର୍ଶ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଜିଲାରେ କୋର୍ କମିଟିମାନ ଗଠନ କରାଯାଇ ଦୈନିକ ସନ୍ଧ୍ୟାରେ କ୍ଷେତ୍ରସ୍ତରୀୟ ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବେ ଏବଂ ତଦନୁଯାୟୀ ପରଦିନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍ କେନ୍ଦ୍ରୀୟ ଟିମ୍‌ଗୁଡ଼ିକ ସହ ଆଲୋଚନା କରିଥିଲେ। କେନ୍ଦ୍ରରୁ ଆସିଥିବା ୩ଟି ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ ପରେ ସେମାନଙ୍କ ମତାମତ ରଖିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଡାଇରିଆ ମୁଖ୍ୟତଃ ଦୂଷିତ ଜଳ ଓ ଖାଦ୍ୟରୁ ଆରମ୍ଭ ହୋଇଥିବା ବିଶେଷଜ୍ଞ ଦଳ ତଥ୍ୟ ରଖିଛି। ତେଣୁ ପ୍ରତି ଜଳ ଉତ୍ସକୁ ନିୟମିତ ଭାବେ ଠିକ୍ ଭାବେ ବିଶୋଧିତ କରିବା ଏବଂ ପାଣିକୁ ଫୁଟାଇ ଥଣ୍ଡା କରି ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଅଗଭୀର ନଳକୂପ, ଖୋଲାକୂପ ଆଦିର ଜଳ ଭୂପୃଷ୍ଠ ଜଳ ସଂସ୍ପର୍ଶରେ ଆସୁଥିବାରୁ ଏହା ଦୂଷିତ ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜଳକୁ ଫୁଟାଇ ବା ହାଲୋଜେନ ଟାବ୍‌ଲେଟ ପକାଇ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି। ପରେ କେନ୍ଦ୍ରୀୟ ବିଶେଷଜ୍ଞମାନେ ଭିନ୍ନଭିନ୍ନ ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବୁଧବାର ୨୫ଟି ଜଳ ନମୁନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରାଯିବା ସହ ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢାଉ କରାଯାଇଥିଲା। କଟକ, ସୋନପୁର, କେନ୍ଦୁଝର, ଜଗତ୍‌ସିଂହପୁର, ଝାରସୁଗୁଡା, ରାୟଗଡ଼ା, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର ଓ ଭୁବନେଶ୍ୱରରେ ପାନୀୟ ଜଳ ବିଭାଜନଗୁଡ଼ିକ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ପାନୀୟ ଜଳ ସ୍ରୋତକୁ ବିଶୋଧନ କରାଯାଇଥିଲା। ରାଜ୍ୟର କିଛି ଜିଲାରେ ହଇଜା ବ୍ୟାପିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ବ୍ଲକ ଏବଂ ପୌର ପରିଷଦରେ ସଚେତନତାର ବାର୍ତ୍ତା ନେଇ 'ବିକାଶ ବାହନ' ଭ୍ରମଣ କରୁଛି। ଏହା ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସୂଚନା, ଶିକ୍ଷା ଓ ସଂଚାର ସାମଗ୍ରୀ ବଣ୍ଟନ କରାଯାଇ ଲୋକମାନଙ୍କୁ ହଇଜାର ନିରାକରଣ ନେଇ ସତର୍କ ଓ ସଚେତନ କରାଯାଉଛି। ଜିଲାର ସମସ୍ତ ଜଳସାଥୀମାନଙ୍କୁ ସଙ୍ଗଠିତ ଏବଂ ତତ୍ପର କରାଯିବ। ଆବଶ୍ୟକସ୍ଥଳେ ଜଳ ନମୁନା ପରୀକ୍ଷା ପାଇଁ କିଟ୍ ଯୋଗାଇ ଦିଆଯିବ। ଅପରପକ୍ଷେ ଅପରାହ୍ନରେ ରାଜ୍ୟର ସମସ୍ତ ଜିଲାରେ ଡାଇରିଆ ମୁକାବିଲା ସ୍ଥିତି ବିଷୟରେ ସ୍ୱାସ୍ଥ୍ୟ ସଚିବ ସମୀକ୍ଷା କରିଥିଲେ। ଗୁରୁବାର ବିଶେଷଜ୍ଞ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସୁବର୍ଣ୍ଣପୁର ପଞ୍ଚାୟତରେ ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା ୨୬କୁ ବୃଦ୍ଧି

ବାଙ୍କୀ, ୧୮।୬(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରେ ଦିନକୁ ଦିନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏଥିରେ ୨୬ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଦୂଷିତ ପାନୀୟ ଜଳ ଓ ଖାଦ୍ୟକୁ ନେଇ ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସୁବର୍ଣ୍ଣପୁର ଗ୍ରାମରେ ୧୨ରୁ ଉର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ଘୋଡ଼ାବର ଗ୍ରାମରେ ୧୪ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ, ସୁବର୍ଣ୍ଣପୁର ପଞ୍ଚାୟତରେ ବସୁଧା ଯୋଜନରେ ନିର୍ମିତ ପାଣି ଟାଙ୍କିରେ ଜଳ ବିଶୋଧନ କରାଯାଉ ନାହିଁ କିମ୍ବା ବ୍ଲିଚିଂ ପକାଯାଉ ନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏଥି ସହିତ ମହାନଦୀରୁ ପାଇପ ଯୋଗେ ସିଧାସଳଖ ପାନୀୟ ଜଳଯୋଗାଣ କରାଯାଉଥିବାରୁ ସାଧାରଣ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଇଛି। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅମରେଶ ସାହୁ କହିଛନ୍ତି, ସମସ୍ତ ଆକ୍ରାନ୍ତଙ୍କୁ ମେଡିସିନ ଓ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଦିଆଯାଉଛି। ପରୀକ୍ଷା ନିରୀକ୍ଷା କରି ପାନୀୟ ଜଳ ଯୋଗାଇଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ଅରୁନ୍ଧତୀ ଜୁଏଲର୍ସ ରଜପରୀ ସିଜନ-୭




ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଏବଂ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

ପୁରୀ, ୧୮।୬(ଅଜିତ୍ କୁମାର ମହାନ୍ତି)

ଅରୁନ୍ଧତୀ ଜୁଏଲର୍ସ ତରଫରୁ ଅରୁନ୍ଧତୀ ରଜପରୀ ସିଜନ-୭ର ଗ୍ରାଣ୍ଡ ଫାଇନାଲ ଏବଂ ଫରେନ୍‌ଟ୍ରିପ୍ ମେଗା ଲକିଡ୍ର-୨୦୨୫ ଉତ୍ସବ ବୁଧବାର ପୁରୀ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଓ ବିଚାରପତି ଭାବେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ଯୋଗଦେଇଥିଲେ। ଅନ୍ୟାନ୍ୟ ବିଚାରପତି ଭାବେ ଗୀତିକାର ଅରୁଣ ମନ୍ତ୍ରୀ ଓ ଲୋକପ୍ରିୟ ଉଦ୍‌ଘୋଷିକା ଶୋଭନା ମିଶ୍ର ଯୋଗଦାନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଚୟନ ହୋଇଥିବା ଶ୍ରେଷ୍ଠ ୩୫ ପ୍ରତିଯୋଗୀ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଭିନୟ, ନୃତ୍ୟ, ମଡେଲିଂ, ପ୍ରଶ୍ନୋତ୍ତର ଆଦି ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀଙ୍କ ପ୍ରତିଭା ଚୟନ ହୋଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୫ ଜଣଙ୍କୁ ବଛାଯାଇଥିଲା। ଶେଷରେ ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରଜପରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ମେଗା ଲକି ଡ୍ରରେ ୯ ଜଣଙ୍କୁ ବିଦେଶ ଭ୍ରମଣ ସୁଯୋଗ

ଗତ ୭ ବର୍ଷ ହେବ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହି ପ୍ରତିଯୋଗିତା କରାଯାଇ ପ୍ରତିଭାର ବିକାଶ କରାଯାଉଛି। ଚଳିତ ବିବାହ ଋତୁରେ ନିଜ ପ୍ରିୟ ଗ୍ରାହକଙ୍କୁ ଅରୁନ୍ଧତୀ ଜୁଏଲର୍ସ ବିଦେଶ ଭ୍ରମଣର ସୁଯୋଗ ପ୍ରଦାନ କରିଛି। ଏହି ଅବସରରେ ୯ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଫରେନ୍ ଟ୍ରିପ୍ କୁପନ ପ୍ରଦାନ କରାଯାଇଥିଲା। ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମେହେର କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଅରୁନ୍ଧତୀର ପ୍ରତ୍ୟେକ ସଫଳତାରେ ପ୍ରେରଣାର ସ୍ରୋତ। ଚଳିତ ବର୍ଷ ସେହି ମହାପ୍ରଭୁଙ୍କ କରୁଣାରୁ ଅରୁନ୍ଧତୀ ବାନ୍ଧକଳା ଅରୁନ୍ଧତୀ ପରିବାରରେ ଜଡ଼ିତ ହୋଇ ଅରୁନ୍ଧତୀର ପ୍ରତ୍ୟେକଟି ଗହଣା ସହ ଶାଢ଼ିର ଅପୂର୍ବ ସମନ୍ୱୟରେ ଶୋଭାପାଉଛି। ନିଜ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା ସହ ସର୍ବୋତ୍ତମ ଉତ୍ପାଦ ଯୋଗାଇଦେବା ଅରୁନ୍ଧତୀର ପ୍ରଥମ ପ୍ରାଥମିକତା ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ। ସୂଚନାଥାଉ କି, ରଜପରୀ ପ୍ରତିଯୋଗିତାରେ ସାରା ରାଜ୍ୟରୁ ୨୦୦୦ ପ୍ରତିଯୋଗୀ ଅଡିଶନ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୫ଜଣ ଫାଇନାଲ ରାଉଣ୍ଡକୁ ଆସିଥିଲେ। ପରେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦,୦୦୦ ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ମା' ଭଗବତୀଙ୍କ ହୁଣ୍ଡିରୁ ମିଳିଲା ୧,୩୭,୪୨୮ ଟଙ୍କା, ରୁପା ଅଳଙ୍କାର

ବାଣପୁର, ୧୮।୬(ଦିଲ୍ଲୀପ କୁମାର ସ୍ୱାଇଁ)

### ୫ ମାସ ପରେ ଖୋଲିଲା

ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ଇଷ୍ଟଦେବୀ ମା' ଭଗବତୀଙ୍କ ଦର୍ଶନ ନିମନ୍ତେ ବର୍ଷ ତମାମ ଯାତ୍ରୀଙ୍କ ଭିଡ଼ ଜମେ। ମା'ଙ୍କ ମନ୍ଦିରର ଉନ୍ନତି ନିମନ୍ତେ ଯାତ୍ରୀମାନେ ଅର୍ଥ ଓ ଅଳଙ୍କାରମାନ ଦାନ କରିଥାନ୍ତି। ଏହି ଦାନ ଅର୍ଥର ହୁଣ୍ଡିବାକ୍ସକୁ ମନ୍ଦିର ପ୍ରଶାସନ ବିଭିନ୍ନ ସମୟରେ ଖୋଲିଥାଏ। ତେବେ ୫ ମାସ ପରେ ବୁଧବାର ମନ୍ଦିରର ଭିତର ହୁଣ୍ଡିବାକ୍ସ ଖୋଲାଯାଇଛି। ହୁଣ୍ଡିରୁ ୧ ଲକ୍ଷ ୩୭ ହଜାର ୪୨୮ ଟଙ୍କା ସମେତ ୨୯୦ ମିଲିଗ୍ରାମର ୨ଟି ରୁପା ଆଖି ଓ ୧ ଗ୍ରାମର ରୁପା କଏନ ବାହାରିଥିଲା। ହୁଣ୍ଡିରୁ ବାହାରିଥିବା ଟଙ୍କା ସମେତ ସମସ୍ତ ଅଳଙ୍କାରକୁ ବାଣପୁର ୟୁକୋ ବ୍ୟାଙ୍କରେ ଥିବା ମନ୍ଦିରର ଜମାଖାତାରେ ରଖାଯାଇଥିବା ମନ୍ଦିର ପରିଚାଳନା କମିଟି ଅଧିକାରୀ ବାଳମୁକୁନ୍ଦ ଦାସ ପ୍ରକାଶ କରିଛନ୍ତି। ହୁଣ୍ଡି ଖୋଲାଯିବା ସମୟରେ ମନ୍ଦିର ପରିଚାଳନା କମିଟି ସଭାପତି ତହସିଲଦାର ପଦ୍ମନାଭ ଦୋରା, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରିଣୀ ଶୀତଳ ଅଗ୍ରୱାଲ, ମନ୍ଦିର ପରିଚାଳନା କମିଟି ଅଧିକାରୀ ଦାସ, ପୋଲିସ ପ୍ରଶାସନ ସମେତ ମନ୍ଦିରର ସେବାୟତ ଉପସ୍ଥିତ ଥିଲେ।

## ଯାତ୍ରୀବାହୀ ଅଟୋ ଓଲଟି ୫ ଆହତ

ବାଣପୁର, ୧୮।୬(ଦିଲ୍ଲୀପ କୁମାର ସ୍ୱାଇଁ)

ବୁଧବାର ୧୬ନଂ. ଜାତୀୟ ରାଜପଥ ଉପରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିବାରୁ ଚାଳକଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ବାଲୁଗାଁ ସାମନ୍ତରାପୁର ସାହିର କେତେଜଣ ଲୋକ ଏକ ଅଟୋ ଯୋଗେ ନାଚୁଣୀରୁ ଗ୍ରାମକୁ ଫେରୁଥିଲେ। ସନ୍ଧ୍ୟାରେ ଜାତୀୟ ରାଜପଥର କଉଡ଼ି ଖଣି ଛକ ନିକଟରେ କୌଣସି କାରଣରୁ ଅଟୋଟି ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ୪ ଜଣ ଯାତ୍ରୀଙ୍କ ସହ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ଉନ୍ନତର ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ ଅଜିତ୍



@ ମମତା



@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୌରାଞ୍ଚଳରୁ ଜବରଦଖଲ ଉଚ୍ଛେଦ



ଏକ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଜଟଣୀ, ୧୮।୬(ରବୀନ୍ଦ୍ରନାଥ ମହାକୁଡ଼)

ଭୁବନେଶ୍ୱର ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ଜଟଣୀ ପୌର ପରିଷଦ ପକ୍ଷରୁ ପୌରାଞ୍ଚଳର ଏକାଧିକ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଏବଂ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସହାୟତାରେ ଜଟଣୀ ପୌରାଞ୍ଚଳର ୱାର୍ଡ ସଂଖ୍ୟା ୦୮ର ମିନାବଜାର ପଡ଼ିଆ, ମହୁଲଗୁଡ଼ିଆ ଛକ, ୱାର୍ଡ ସଂଖ୍ୟା ୧୪ର ଖଳି ପୋଖରୀ ଅଞ୍ଚଳ ଆଦି ୩ଟି ସ୍ଥାନରୁ ଅବୈଧ ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ପରେ ଉକ୍ତ ସ୍ଥାନ ଯଥା ମୀନାବଜାର ପଡ଼ିଆରେ ପୂର୍ବରୁ ଉଚ୍ଛେଦ ହୋଇଥିବା ଦୋକାନୀଙ୍କ ଥଇଥାନ ନିମନ୍ତେ ଦୋକାନ ଗୃହ, ମହୁଲଗୁଡ଼ିଆ ଛକରେ ଡ୍ରେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏବଂ ଖଳି ପୋଖରୀର ଉନ୍ନତୀକରଣ କାର୍ଯ୍ୟ କରିବାକୁ ପୌର ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଅଧିକାଂଶ ଦୋକାନୀ ଆସନ୍ତା ୨ ଦିନ ମଧ୍ୟରେ ନିଜସ୍ୱ ଭାବେ ଜବରଦଖଲ ହଟେଇବାକୁ ପ୍ରଶାସନଠାରୁ ଅନୁମତି ଲୋଡ଼ିଥିଲେ। ଏହି ଉଚ୍ଛେଦ ପ୍ରକ୍ରିୟାରେ ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ, ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ରଶ୍ମିତା ନାଥ ଏବଂ ପୋଲିସ ପ୍ରଶାସନ, ପୌର କର୍ମଚାରୀ ଉପସ୍ଥିତ ଥିଲେ।

# 'ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେନି ମେଧାବୀ ଛାତ୍ରୀଛାତ୍ର'

ଖୋର୍ଦ୍ଧା, ୧୮।୬(ପ୍ରଭାତ ପାଣିଗ୍ରାହୀ)

ଏଣିକି ଅର୍ଥାଭାବରୁ କୌଣସି ମେଧାବୀ ପିଲା ଉଚ୍ଚଶିକ୍ଷା ଏବଂ ବିଭିନ୍ନ ପ୍ରକାର ସରକାରୀ କି ବେସରକାରୀ ଚାକିରି ପାଇବାରୁ ବଞ୍ଚିତ ହେବେନାହିଁ। ରେଲ୍‌ୱେ, ବ୍ୟାଙ୍କିଙ୍ଗ୍ ଭଳି କମ୍ପିଟିଟିଭ୍ ପରୀକ୍ଷା ଲାଗି ଅଧିକ ଟଙ୍କା ଖର୍ଚ୍ଚକରି ବେସରକାରୀ କୋଚିଂ ସେଣ୍ଟରକୁ ବି ଯିବାକୁ ପଡ଼ିବନି। ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ଅତ୍ୟାଧୁନିକ ସାମୂହିକ ପାଠାଗାର ଏବଂ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୭୫୦ ବର୍ଗଫୁଟର ଏହି ପାଠାଗାର ତଥା ପ୍ରଶିକ୍ଷଣ କେନ୍ଦ୍ରର ନିର୍ମାଣ ଲାଗି ମୋଟ୍ ୫୩ ଲକ୍ଷ ଟଙ୍କାର ବ୍ୟୟଅଟକଳ ରଖାଯାଇଛି, ଯେଉଁଥିରୁ ୩୦ ଲକ୍ଷ ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଏବଂ ବାକି ୨୩ ଲକ୍ଷ ପଞ୍ଚମ ରାଜ୍ୟ ଅର୍ଥ କମିଶନ, ଏମ୍‌ଜିଏନ୍‌ଆର୍‌ଇଜିଏ, ଜିଲା ଖଣିଜ ପାଣ୍ଠି ଏବଂ ଏସ୍‌ବିଏମ୍‌ରୁ ଖର୍ଚ୍ଚ କରାଯିବ। ଉକ୍ତ ପାଠାଗାର ତଥା ପ୍ରଶିକ୍ଷଣ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ କକ୍ଷ, ପାଠାଗାର, କୋଚିଂ ହଲ୍, ରିଡିଂ ରୁମ୍, ଅତ୍ୟାଧୁନିକ ଟଏଲେଟ୍, ଲାଉଞ୍ଜ ଭଳି ଅତ୍ୟାଧୁନିକ ସୁବିଧା ରହିବ। ଏକବର୍ଷ ଭିତରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ଦିନ ଧାର୍ଯ୍ୟ କରାଯାଇଛି। ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ସ୍ଥାନୀୟ ମେଧାବୀ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କୁ ରେଲୱେ, ବ୍ୟାଙ୍କିଙ୍ଗ୍ ଭଳି ବିଭିନ୍ନ ପ୍ରକାରର କମ୍ପିଟିଟିଭ୍ ପରୀକ୍ଷା ଲାଗି ମାଗଣାରେ କୋଚିଂ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। କାର୍ଯ୍ୟ ସମାପନ ପରେ କୌଣସି ଏକ ଅଗ୍ରଣୀ ଅନୁଷ୍ଠାନ ସହ ଚୁକ୍ତିନାମା କରି ପିଲାଙ୍କୁ କୋଚିଂ ଦିଆଯିବ ବୋଲି ଖୋର୍ଦ୍ଧା ଜିଲାପାଳ ରାଣା ସୂଚନା ଦେଇଛନ୍ତି। ଏମ୍‌ପି ଷଡ଼ଙ୍ଗୀ କହିଲେ, ପାଠାଗାର ତଥା କୋଚିଂ ସେଣ୍ଟରରେ ପିଲାଙ୍କ ପଢ଼ିବା ଲାଗି ସମସ୍ତ ପ୍ରକାରର ବହି ମିଳୁଛି କି ନାହିଁ, ପ୍ରଶିକ୍ଷଣରେ କ'ଣ ତ୍ରୁଟି ରହୁଛି ତାହାକୁ ବ୍ୟକ୍ତିଗତ ଭାବେ ତଦାରଖ କରିବା ସହ ସମୟ ସମୟରେ ନିଜେ ମଧ୍ୟ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ। ଶିକ୍ଷା ଜୀବନର ମୂଳମନ୍ତ୍ର। ଆର୍ଥିକ ସମ୍ବଳ ଅଭାବରୁ ବହୁ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସମୟରେ ଭଲ ଚାକିରିଟିଏ ପାଇବାରୁ ବଞ୍ଚିତ ହେଉଛନ୍ତି ଅନେକ ମେଧାବୀ। ଯେତେବେଳେ ମୁଁ ଆଇଏଏସ୍ ପାଇଥିଲି, ସେତେବେଳେ ଏସବୁ ମୋତେ ବହୁତ ବ୍ୟଥିତ କରିଥିଲା। ଆଉ ସେତେବେଳଠୁ ଏଭଳି ଏକ ଚିନ୍ତାଧାରା ମୋ ମସ୍ତିଷ୍କରେ ପ୍ରବେଶ କରିଥିଲା, ଯାହା ଆଜି ବାସ୍ତବ ରୂପ ନେବାକୁ ଯାଉଛି ବୋଲି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ସେହିଭଳି ପ୍ରତି ଘରେ ଝିଅଙ୍କୁ ପାଠ ପଢ଼ାଇବା ଦରକାର ବୋଲି ସେ ଅଭିଭାବକମାନଙ୍କୁ ଅପିଲ କରିଛନ୍ତି। ପ୍ରଥମେ ଖୋର୍ଦ୍ଧାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଆଗକୁ ଭୁବନେଶ୍ୱର, ଜଟଣୀ, ବାଲିଅନ୍ତା, ବାଲିପାଟଣା, ବେଗୁନିଆ, ବୋଲଗଡ଼, ଟାଙ୍ଗୀ ଭଳି ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନ୍ୟ ୭ଟି ବ୍ଲକରେ କାର୍ଯ୍ୟକାରୀ ହେବ, ଯେଉଁଥିଲାଗି ମୋଟ ୪ କୋଟି ୨୪ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି। ଏମ୍‌ପି ଲାଡ୍‌ରୁ ୨ କୋଟି ୪୦ ଲକ୍ଷ ଏବଂ ବାକିତକ ପଞ୍ଚମ ରାଜ୍ୟ ଅର୍ଥ କମିଶନ, ଏମ୍‌ଜିଏନ୍‌ଆର୍‌ଇଜିଏ, ଜିଲା ଖଣିଜ ପାଣ୍ଠି ଓ ଏସ୍‌ବିଏମ୍ ଭଳି ସମନ୍ୱିତ ପାଣ୍ଠିରୁ ଖର୍ଚ୍ଚ କରାଯିବ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ୬୯ଟି ପଞ୍ଚାୟତରେ ୧୦ ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ଗୋଟିଏ ଗୋଟିଏ ପାଠାଗାର ନିର୍ମାଣ ଲାଗି କାର୍ଯ୍ୟାଦେଶ ପ୍ରଦାନ ସରିଛି। ସେଥିଲାଗି ଏମ୍‌ପି ଲାଡ୍‌ରୁ ୫ ଲକ୍ଷ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସ୍ଥାନୀୟ ଯୁବକମାନେ ଏହାର ପରିଚାଳନା କରିବେ। ଆଗକୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନ ମୋଟ୍ ୧୫୬ଟି ପଞ୍ଚାୟତରେ ଏହି ପାଠାଗାର ନିର୍ମାଣ କରାଯିବ, ଯେଉଁଥିଲାଗି ମୋଟ୍ ୬ କୋଟି ୯୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି।

କାର୍ଯ୍ୟକ୍ରମରେ ସିଡିଓ ଜ୍ୟୋତିଶଙ୍କର ସାହୁ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଦଳାଇ, ଖୋର୍ଦ୍ଧା ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ତପନ କୁମାର ସାହୁ, ସହକାରୀ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ମାନସ ରଞ୍ଜନ ନାୟକ, ପୂର୍ବତନ ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଏମ୍‌ପି ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂ, ଦିଲୀପ କୁମାର ହୋତା, ପ୍ରତାପ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ ଏବଂ ଏମ୍‌ପିଙ୍କ ଓଏସ୍‌ଡି ଶଶାଙ୍କ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସାମୂହିକ ପାଠାଗାର, ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ଦୂଷିତ ଜଳ, ଖାଦ୍ୟରୁ ଆରମ୍ଭ ହୋଇଛି ଡାଇରିଆ

■ପ୍ରତି ଜିଲାରେ ଗଠନ ହେବ କୋର୍ କମିଟି
■ପାଣି ଫୁଟାଇ ବ୍ୟବହାର ପାଇଁ ପରାମର୍ଶ
■ଆଜି କଟକ, ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିବେ ବିଶେଷଜ୍ଞ ଦଳ

## ଡାଇରିଆ ମୁକାବିଲା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ


ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ସମସ୍ତ ଜିଲାରେ ଡାଇରିଆ ମୁକାବିଲା ସ୍ଥିତିର ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର, ୧୮।୬(ବନ୍ଦନା ସେଠୀ)

ଡାଇରିଆ ସ୍ଥିତିର ମୁକାବିଲା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକ କ୍ଷେତ୍ରସ୍ତରରେ ସମନ୍ୱିତ ଓ ଏକାଭିମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନ ସଭାଗୃହଠାରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜିଲାରେ ଡାଇରିଆ ମୁକାବିଲା ସ୍ଥିତିର ସମୀକ୍ଷା କରିଥିଲେ। ଏହି କ୍ରମରେ ଗ୍ରାମ୍ୟ ପାନୀୟ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗର ସଚିବଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ରାପିଡ୍ ଆକ୍ସନ ଟିମ୍‌ର କ୍ଷେତ୍ର ପରିଦର୍ଶନ ସ୍ଥିତି ଓ ପରାମର୍ଶ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଜିଲାରେ କୋର୍ କମିଟିମାନ ଗଠନ କରାଯାଇ ଦୈନିକ ସନ୍ଧ୍ୟାରେ କ୍ଷେତ୍ରସ୍ତରୀୟ ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବେ ଏବଂ ତଦନୁଯାୟୀ ପରଦିନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍ କେନ୍ଦ୍ରୀୟ ଟିମ୍‌ଗୁଡ଼ିକ ସହ ଆଲୋଚନା କରିଥିଲେ। କେନ୍ଦ୍ରରୁ ଆସିଥିବା ୩ଟି ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ ପରେ ସେମାନଙ୍କ ମତାମତ ରଖିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଡାଇରିଆ ମୁଖ୍ୟତଃ ଦୂଷିତ ଜଳ ଓ ଖାଦ୍ୟରୁ ଆରମ୍ଭ ହୋଇଥିବା ବିଶେଷଜ୍ଞ ଦଳ ତଥ୍ୟ ରଖିଛି। ତେଣୁ ପ୍ରତି ଜଳ ଉତ୍ସକୁ ନିୟମିତ ଭାବେ ଠିକ୍ ଭାବେ ବିଶୋଧିତ କରିବା ଏବଂ ପାଣିକୁ ଫୁଟାଇ ଥଣ୍ଡା କରି ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଅଗଭୀର ନଳକୂପ, ଖୋଲାକୂପ ଆଦିର ଜଳ ଭୂପୃଷ୍ଠ ଜଳ ସଂସ୍ପର୍ଶରେ ଆସୁଥିବାରୁ ଏହା ଦୂଷିତ ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜଳକୁ ଫୁଟାଇ ବା ହାଲୋଜେନ ଟାବ୍‌ଲେଟ ପକାଇ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି। ପରେ କେନ୍ଦ୍ରୀୟ ବିଶେଷଜ୍ଞମାନେ ଭିନ୍ନଭିନ୍ନ ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବୁଧବାର ୨୫ଟି ଜଳ ନମୁନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରାଯିବା ସହ ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢାଉ କରାଯାଇଥିଲା। କଟକ, ସୋନପୁର, କେନ୍ଦୁଝର, ଜଗତ୍‌ସିଂହପୁର, ଝାରସୁଗୁଡା, ରାୟଗଡ଼ା, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର ଓ ଭୁବନେଶ୍ୱରରେ ପାନୀୟ ଜଳ ବିଭାଜନଗୁଡ଼ିକ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ପାନୀୟ ଜଳ ସ୍ରୋତକୁ ବିଶୋଧନ କରାଯାଇଥିଲା। ରାଜ୍ୟର କିଛି ଜିଲାରେ ହଇଜା ବ୍ୟାପିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ବ୍ଲକ ଏବଂ ପୌର ପରିଷଦରେ ସଚେତନତାର ବାର୍ତ୍ତା ନେଇ 'ବିକାଶ ବାହନ' ଭ୍ରମଣ କରୁଛି। ଏହା ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସୂଚନା, ଶିକ୍ଷା ଓ ସଂଚାର ସାମଗ୍ରୀ ବଣ୍ଟନ କରାଯାଇ ଲୋକମାନଙ୍କୁ ହଇଜାର ନିରାକରଣ ନେଇ ସତର୍କ ଓ ସଚେତନ କରାଯାଉଛି। ଜିଲାର ସମସ୍ତ ଜଳସାଥୀମାନଙ୍କୁ ସଙ୍ଗଠିତ ଏବଂ ତତ୍ପର କରାଯିବ। ଆବଶ୍ୟକସ୍ଥଳେ ଜଳ ନମୁନା ପରୀକ୍ଷା ପାଇଁ କିଟ୍ ଯୋଗାଇ ଦିଆଯିବ। ଅପରପକ୍ଷେ ଅପରାହ୍ନରେ ରାଜ୍ୟର ସମସ୍ତ ଜିଲାରେ ଡାଇରିଆ ମୁକାବିଲା ସ୍ଥିତି ବିଷୟରେ ସ୍ୱାସ୍ଥ୍ୟ ସଚିବ ସମୀକ୍ଷା କରିଥିଲେ। ଗୁରୁବାର ବିଶେଷଜ୍ଞ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସୁବର୍ଣ୍ଣପୁର ପଞ୍ଚାୟତରେ ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା ୨୬କୁ ବୃଦ୍ଧି

ବାଙ୍କୀ, ୧୮।୬(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରେ ଦିନକୁ ଦିନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିରେ ୨୬ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଦୂଷିତ ପାନୀୟ ଜଳ ଓ ଖାଦ୍ୟକୁ ନେଇ ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସୁବର୍ଣ୍ଣପୁର ଗ୍ରାମରେ ୧୨ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ଘୋଡ଼ାବର ଗ୍ରାମରେ ୧୪ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ସୁବର୍ଣ୍ଣପୁର ପଞ୍ଚାୟତରେ ବସୁଧା ଯୋଜନରେ ନିର୍ମିତ ପାଣି ଟାଙ୍କିରେ ଜଳ ବିଶୋଧନ କରାଯାଉ ନାହିଁ କିମ୍ବା ବ୍ଲିଚିଂ ପକାଯାଉ ନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏଥି ସହିତ ମହାନଦୀରୁ ପାଇପ ଯୋଗେ ସିଧାସଳଖ ପାନୀୟ ଜଳଯୋଗାଣ କରାଯାଉଥିବାରୁ ସାଧାରଣ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଇଛି। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅମରେଶ ସାହୁ କହିଛନ୍ତି, ସମସ୍ତ ଆକ୍ରାନ୍ତଙ୍କୁ ମେଡିସିନ ଓ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଦିଆଯାଉଛି। ପରୀକ୍ଷା ନିରୀକ୍ଷା କରି ପାନୀୟ ଜଳ ଯୋଗାଇଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।



ଜିନ୍ଦଗୀ ଫାଉଣ୍ଡେଶନ ପ୍ରୋତ୍ସାହନରେ ନିଟ୍ ୟୁଜି-୨୦୨୫ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂହ ବୁଧବାର ଭୁବନେଶ୍ୱରସ୍ଥିତ ରୋଟାରୀ ଭବନରେ ସଫଳତାର ଉତ୍ସବ ପାଳନ କରୁଛନ୍ତି।

## ୩୩ ବର୍ଷ ପରେ ୫ ଛୁଆ ଜନ୍ମ କଲା ଇଗୁଆନା

ବାରଙ୍ଗ, ୧୮।୬(ଲିଙ୍ଗରାଜ ରାଉତ)



ଦୀର୍ଘ ୩୩ ବର୍ଷର ବ୍ୟବଧାନ ପରେ ନନ୍ଦନକାନନର ସରୀସୃପ ଉଦ୍ୟାନରେ ରହୁଥିବା ଇଗୁଆନା (ଆମେରିକା ଏଣ୍ଡୁଅ) ବୁଧବାର ୫ଟି ଛୁଆ ଜନ୍ମ ଦେଇଛି। ଶେଷଥର ପାଇଁ ସେ ୧୯୯୨, ଜାନୁଆରୀ ୨୯ରେ ଛୁଆ ଜନ୍ମ କରିଥିଲା। ଏହା ପରଠାରୁ ଛୁଆ ଜନ୍ମ ଦେବାରେ ବ୍ୟତିକ୍ରମ ଦେଖାଦେଇଥିଲା। ତେବେ ଶେଷକୁ ୨ଟି ଅଣ୍ଡିରା ଇଗୁଆନା ରହିଥିଲେ। ଏମାନଙ୍କ ବଂଶବୃଦ୍ଧି ଓ ନୂଆ ରକ୍ତ ସମ୍ପର୍କ ଯୋଡ଼ିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ୨୦୨୪, ଅଗଷ୍ଟ ୨୬ରେ କୋଲକାତାର ଆଲିପୁର ଚିଡ଼ିଆଖାନାରୁ ୮ଟି ଇଗୁଆନା (୪ ଅଣ୍ଡିରା, ୪ ମାଈ) ଓ ସେହିବର୍ଷ ନଭେମ୍ବର ୨୫ରେ ହାଇଦ୍ରାବାଦର ନେହେରୁ ପ୍ରାଣୀ ଉଦ୍ୟାନରୁ ୨ଟି ମାଈ ଇଗୁଆନା ଆଣିଥିଲେ। ଏହି ନବଜାତକ ଛୁଆ ୫ଟି ମଧ୍ୟରୁ ୩ଟିକୁ ସରୀସୃପ ଉଦ୍ୟାନରେ ସ୍ୱତନ୍ତ୍ର ଯତ୍ନ ସହିତ ରଖାଯାଇଥିବାବେଳେ ଦୁର୍ବଳ ଥିବା ୨ ଛୁଆକୁ ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏହି ନବଜାତକଙ୍କୁ ମିଶାଇ ନନ୍ଦନକାନନରେ ଇଗୁଆନା ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୬ ଅଣ୍ଡିରା ଓ ୬ ମାଈ ଏବଂ ୫ଟି ନବଜାତ ଛୁଆ ରହିଛନ୍ତି। ସମସ୍ତ ନବଜାତ ଛୁଆଙ୍କ ଉପରେ ପ୍ରାଣୀ ବିଭାଗ ପକ୍ଷରୁ ନିରନ୍ତର ତଦାରଖ କରାଯାଉଛି ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

## ସ୍କୁଲ ବନ୍ଦ ନିଷ୍ପତ୍ତିକୁ ଅଭିଭାବକ ମହାସଂଘର ବିରୋଧ

ଭୁବନେଶ୍ୱର, ୧୮।୬(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ପାଳନ ପାଇଁ ପ୍ରଧାନମନ୍ତ୍ରୀ ମାତ୍ର ୩ ଘଣ୍ଟା ପାଇଁ ଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତକୁ ସ୍ୱାଗତ କରାଯାଉଛି। ହେଲେ ଏଥିପାଇଁ ଭୁବନେଶ୍ୱରସ୍ଥିତ ସମସ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ନିଷ୍ପତ୍ତି ନିନ୍ଦନୀୟ ବୋଲି ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ କୁହାଯାଇଛି। ଏମିତିରେ ପିଲାମାନେ ପ୍ରାୟ ଦୁଇମାସ ହେଲା ସ୍କୁଲ ବନ୍ଦ ଯୋଗୁ ପାଠ ପଢ଼ିନାହାନ୍ତି। ସେମାନଙ୍କ ପାଠ ପଢ଼ା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟ ଆରମ୍ଭ ହେବାର ପ୍ରଥମ ଦିନକୁ ମଧ୍ୟ ବନ୍ଦ କରାଗଲା। ଗତଥର ମଧ୍ୟ ପିଏମ୍‌ଙ୍କ ଗସ୍ତବେଳେ ସ୍କୁଲ ବନ୍ଦ କରାଯାଇଥିଲା। ଏମିତି ବିନା କାରଣରେ ପିଲାଙ୍କ ସ୍କୁଲ ବନ୍ଦ କରିବା ଆଦୌ ଠିକ ନୁହେଁ ବୋଲି ଅଭିଭାବକ ମହାସଂଘ ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଛି। ତୁରନ୍ତ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇ ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ମହାସଂଘ ଦାବି କରିଛି। ଏଭଳି ଦାୟିତ୍ୱହୀନ ନିଷ୍ପତି ନେବା ପୂର୍ବରୁ ଚିନ୍ତା କରିବାକୁ ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସାଧାରଣ ସମ୍ପାଦକ ଅଶୋକ ପାଇକରାୟ କହିଛନ୍ତି।

## ଦୋକାନରେ ପଶିଗଲା କାର୍, ବୃଦ୍ଧ ଆହତ

ତ୍ରିଶୂଳିଆ, ୧୮।୬(ତୁଷାରକାନ୍ତ ବେହେରା)

ପ୍ରତାପ ନଗରୀରୁ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା ଦେଇ ମରିଚିଆ ଛକରେ ବୁଧବାର ଅପରାହ୍ନରେ ଏକ କାର୍ ଭାରସାମ୍ୟ ହରାଇ ଜଳଖିଆ ଦୋକାନରେ ବସିଥିବା ଜଣେ ବୃଦ୍ଧଙ୍କୁ ଧକ୍କା ଦେଇଛି। ଫଳରେ ବୃଦ୍ଧ ଅଲେଖ ପ୍ରଧାନ(୭୦)ଙ୍କ ପାଦର ହାଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଚିକିତ୍ସା ପାଇଁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା କାର୍ (ଓଡି ୦-୫ ବିଟି ୨୫୬୯) ସହ ଚାଳକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଜିତ


@ ନରେଶ


@ ମମତା


@ ଅଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାମ କରିବା ପରେ ପେମେଣ୍ଟ ଦେଉନି ବିଏମ୍‌ସି



ବକେୟା ବିଲ୍ ଦାବି କରି ବିଏମ୍‌ସି କାର୍ଯ୍ୟାଳୟରେ କଣ୍ଟ୍ରାକ୍ଟରମାନେ ଆନ୍ଦୋଳନ କରୁଛନ୍ତି।

■ବକେୟା ପଡ଼ିଛି ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା
■ଆନ୍ଦୋଳନକୁ ଓହ୍ଲାଇଲା କଣ୍ଟ୍ରାକ୍ଟର ଆସୋସିଏଶନ୍

ଭୁବନେଶ୍ୱର, ୧୮।୬(ବନ୍ଦନା ସେଠୀ)

ଟେଣ୍ଡର ଦେଇ କାମ କରାଉଛି, କିନ୍ତୁ ଠିକଣା ବେଳକୁ ପେମେଣ୍ଟ କରୁନି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ପ୍ରାୟ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଏମ୍‌ସି ଉପରେ ବାକି ପଡିଥିବା କଣ୍ଟ୍ରାକ୍ଟରମାନେ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ମେୟର ସୁଲୋଚନା ଦାସଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି। ରଜ ବେଳକୁ ବକେୟା ଅର୍ଥର କିଛି ଅଂଶ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କଣ୍ଟ୍ରାକ୍ଟରମାନଙ୍କୁ ଆଶ୍ୱସନା ଦିଆଯାଇଥିଲା। ମାତ୍ର ରଜ ଭିତରେ କୌଣସି ପେମେଣ୍ଟ କରାଗଲାନାହିଁ। ଫଳରେ ଅନ୍ୟ ଉପାୟ ନ ପାଇ ବୁଧବାର ଆନ୍ଦୋଳନକୁ ଓହ୍ଲାଇଥିଲା ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେଶନ୍ କଣ୍ଟ୍ରାକ୍ଟର ଆସୋସିଏଶନ। ବକେୟା ଅର୍ଥ ପ୍ରଦାନ ଦାବିରେ ଆସୋସିଏଶନ କର୍ମକର୍ତ୍ତା ବିଏମ୍‌ସି ମୁଖ୍ୟାଳୟ ଘେରାଇ କରିବା ସହ ଧାରଣା ଦେଇଥିଲେ। ଏଥିସହ ମେୟରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏଶନ୍ ଏବଂ ୱେଲ୍‌ଫେୟାର କଣ୍ଟ୍ରାକ୍ଟର ଆସୋସିଏଶନ୍ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲା। ଆସନ୍ତା ସପ୍ତାହ ମଧ୍ୟରେ ବକେୟା ଅର୍ଥର କିଛି ଅଂଶ ପ୍ରଦାନ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରତିଶ୍ରୁତି ଖିଲାପ ହେଲେ ଜୋରଦାର ଆନ୍ଦୋଳନ ହେବ। ଏଥିସହ ପୂର୍ବରୁ ନିଆଯାଇଥିବା ଡ୍ରେନ୍ ସଫେଇ ଏବଂ ଅନ୍ୟାନ୍ୟ କାମ ମଧ୍ୟ ବନ୍ଦ କରାଯିବ ବୋଲି ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏଶନ୍‌ର ସମ୍ପାଦକ ଦିଲୀପ ଜେନା କହିଛନ୍ତି। ଅପରପକ୍ଷେ ପୁରୁଣା ସିଏଫ୍‌ଓ (ଚିଫ୍ ଫାଇନାନ୍ସ ଅଫିସର)ଙ୍କ ବଦଳି ପାଇଁ ପେମେଣ୍ଟରେ ଡେରି ହୋଇଥିବା ମେୟର ସଫେଇ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବିଏମ୍‌ସି ଅଞ୍ଚଳରେ କଚ୍ଚାପକ୍କା ରୋଡ୍ କାମ ସରିଯାଇଥିବାବେଳେ ଆଜିପର୍ଯ୍ୟନ୍ତ ବିଏମ୍‌ସି ଏହାର ପେମେଣ୍ଟ କରିନାହିଁ। ସେହିପରି ଅନ୍ୟାନ୍ୟ କାର୍ଯ୍ୟ ଯଥା କଂକ୍ରିଟ୍ ରୋଡ୍, ପେଭର ବ୍ଲକ୍, ଡ୍ରେନ୍ ସଫେଇ ଆଦି ପ୍ରୋଜେକ୍ଟ ପାଇଁ ବିଏମ୍‌ସି କଣ୍ଟ୍ରାକ୍ଟରମାନଙ୍କୁ କାମ ଦେଉଛି। କେଉଁ ପ୍ରୋଜେକ୍ଟ ବର୍ଷେ ତଳୁ ସରିଲାଣି ତ ଆଉ କେଉଁ ପ୍ରୋଜେକ୍ଟ କାମ ଚାଲୁ ରହିଛି। କାମ ସରିବା ପରେ ଠିକଣା ବେଳକୁ ପେମେଣ୍ଟ ଦେଉନାହିଁ। ଆସୋସିଏଶନ୍‌ରେ ପ୍ରାୟ ୩ଶହ କଣ୍ଟ୍ରାକ୍ଟର ଥିବାବେଳେ କାହାର ୨କୋଟି ତ କାହାର ୫କୋଟି ଟଙ୍କା ବାକି ପଡ଼ିଛି। ଫଳରେ କଣ୍ଟ୍ରାକ୍ଟରମାନେ କାମ କରାଇଥିବା କର୍ମଚାରୀଙ୍କୁ ବକେୟା ଦେଇ ପାରୁନାହାନ୍ତି। ଦୀର୍ଘଦିନ ଧରି ଏହି ଧାରା ଜାରି ରହିଥିବାରୁ କଣ୍ଟ୍ରାକ୍ଟରମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ପୁରୀରେ ଅରୁନ୍ଧତୀ ଜୁଏଲର୍ସ ରଜପରୀ ସିଜନ-୭

ପୁରୀ, ୧୮।୬(ଅଜିତ୍ କୁମାର ମହାନ୍ତି)

### ମେଗା ଲକି ଡ୍ରରେ ୯ ଜଣଙ୍କୁ ବିଦେଶ ଭ୍ରମଣ ସୁଯୋଗ

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ଅରୁନ୍ଧତୀ ରଜପରୀ ସିଜନ-୭'ର ଗ୍ରାଣ୍ଡ ଫାଇନାଲ ଏବଂ ଫରେନ୍ ଟ୍ରିପ୍ ମେଗା ଲକି ଡ୍ର-୨୦୨୫ ବୁଧବାର ପୁରୀ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଓ ବିଚାରପତି ଭାବେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ଯୋଗଦେଇଥିଲେ। ଅନ୍ୟାନ୍ୟ ବିଚାରପତି ଭାବେ ଗୀତିକାର ଅରୁଣ ମନ୍ତ୍ରୀ ଓ ଲୋକପ୍ରିୟ ଉଦ୍‌ଘୋଷିକା ଶୋଭନା ମିଶ୍ର ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଚୟନ ହୋଇଥିବା ଶ୍ରେଷ୍ଠ ୩୫ ପ୍ରତିଯୋଗୀ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଭିନୟ, ନୃତ୍ୟ, ମଡେଲିଂ, ପ୍ରଶ୍ନୋତ୍ତର ଆଦି ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀଙ୍କ ପ୍ରତିଭା ଚୟନ ହୋଇଥିଲା। ସାରା ରାଜ୍ୟରୁ ୨୦୦୦ ପ୍ରତିଯୋଗୀ ଅଡିଶନ ରାଉଣ୍ଡରେ ଅଂଶଗ୍ରହଣ କରି ୩୫ଜଣ ଫାଇନାଲ ରାଉଣ୍ଡକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୫ଜଣଙ୍କୁ ବଛାଯାଇ ସର୍ବଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

ଗତ ୭ ବର୍ଷ ହେବ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହି ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ବିକାଶ କରାଯାଉଛି। ଚଳିତ ବିବାହ ଋତୁରେ ନିଜ ପ୍ରିୟ ଗ୍ରାହକଙ୍କୁ ଅରୁନ୍ଧତୀ ଜୁଏଲର୍ସ ବିଦେଶ ଭ୍ରମଣର ସୁଯୋଗ ପ୍ରଦାନ କରିଛି। ଏହି ଅବସରରେ ୯ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଫରେନ୍ ଟ୍ରିପ୍ କୁପନ ପ୍ରଦାନ କରାଯାଇଥିଲା। ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସେ କହିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଅରୁନ୍ଧତୀର ପ୍ରତ୍ୟେକ ସଫଳତାରେ ପ୍ରେରଣାର ସ୍ରୋତ। ଏବର୍ଷ ମହାପ୍ରଭୁଙ୍କ କରୁଣାରୁ ଅରୁନ୍ଧତୀ ବାନ୍ଧକଳା ଅରୁନ୍ଧତୀ ପରିବାରରେ ଜଡ଼ିତ ହୋଇ ଅରୁନ୍ଧତୀର ପ୍ରତ୍ୟେକଟି ଗହଣା ସହ ଶାଢ଼ିର ଅପୂର୍ବ ସମନ୍ୱୟରେ ଶୋଭାପାଉଛି। ନିଜ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା ସହ ସର୍ବୋତ୍ତମ ଉତ୍ପାଦ ଯୋଗାଇଦେବା ଅରୁନ୍ଧତୀର ପ୍ରଥମ ପ୍ରାଥମିକତା ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବ୍ରହ୍ମାନନ୍ଦ କହିଛନ୍ତି।



ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଏବଂ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ।

## ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ ମଙ୍ଗଳବାର ସ୍ଥାନୀୟ କଳିଙ୍ଗବଜାରସ୍ଥିତ ତ୍ରିନାଥଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଶୁକାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଚଳିବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ ନରହରି ନାୟକ, ଉପସଭାପତି ଜୟକୃଷ୍ଣ ସ୍ୱାଇଁ, ପ୍ରମୋଦ ନାୟକ ସମ୍ପାଦକ, ପୂର୍ଣ୍ଣଚନ୍ଦ୍ର ସେଠୀ ସହ ସମ୍ପାଦକ, କୋଷାଧକ୍ଷ ଭାବେ ନିକୁଞ୍ଜ ବିହାରୀ ପଣ୍ଡା ଏବଂ ଶିବପ୍ରସାଦ ପତି ଏବଂ ଗୌତମ ଅଚାର୍ଯ୍ୟ ସଂଯୋଜକଭାବେମନୋନୀତହୋଇଥିଲେ।ଜୟକୃଷ୍ଣସ୍ୱାଇଁବିବରଣିପାଠକରିଥିଲେ।ଅକ୍ଷୟକୁମାରରାଉତ,ଚୈତନ୍ୟସାହୁ,କ୍ଷେତ୍ରମୋହନଜଟ,କୃପାସିନ୍ଧୁସାହୁକାର୍ଯ୍ୟକ୍ରମପରିଚାଳନାକରିଥିଲେ।

# ଦୂଷିତ ଜଳ, ଖାଦ୍ୟରୁ ଆରମ୍ଭ ହୋଇଛି ଡାଇରିଆ

■ପ୍ରତି ଜିଲାରେ ଗଠନ ହେବ କୋର୍ କମିଟି
■ପାଣି ଫୁଟାଇ ବ୍ୟବହାର ପାଇଁ ପରାମର୍ଶ
■ଆଜି କଟକ, ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିବେ ବିଶେଷଜ୍ଞ ଦଳ

## ଡାଇରିଆ ମୁକାବିଲା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ସମସ୍ତ ଜିଲାରେ ଡାଇରିଆ ମୁକାବିଲା ସ୍ଥିତିର ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର, ୧୮।୬(ବନ୍ଦନା ସେଠୀ)

ଡାଇରିଆ ସ୍ଥିତିର ମୁକାବିଲା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକ କ୍ଷେତ୍ରସ୍ତରରେ ସମନ୍ୱିତ ଓ ଏକାଭିମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନ ସଭାଗୃହଠାରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜିଲାରେ ଡାଇରିଆ ମୁକାବିଲା ସ୍ଥିତିର ସମୀକ୍ଷା କରିଥିଲେ। ଏହି କ୍ରମରେ ଗ୍ରାମ୍ୟ ପାନୀୟ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗର ସଚିବଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ରାପିଡ୍ ଆକ୍ସନ ଟିମ୍‌ର କ୍ଷେତ୍ର ପରିଦର୍ଶନ ସ୍ଥିତି ଓ ପରାମର୍ଶ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଜିଲାରେ କୋର୍ କମିଟିମାନ ଗଠନ କରାଯାଇ ଦୈନିକ ସନ୍ଧ୍ୟାରେ କ୍ଷେତ୍ରସ୍ତରୀୟ ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବେ ଏବଂ ତଦନୁଯାୟୀ ପରଦିନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍ କେନ୍ଦ୍ରୀୟ ଟିମ୍‌ଗୁଡିକ ସହ ଆଲୋଚନା କରିଥିଲେ। କେନ୍ଦ୍ରରୁ ଆସିଥିବା ୩ଟି ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ ପରେ ସେମାନଙ୍କ ମତାମତ ରଖିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଡାଇରିଆ ମୁଖ୍ୟତଃ ଦୂଷିତ ଜଳ ଓ ଖାଦ୍ୟରୁ ଆରମ୍ଭ ହୋଇଥିବା ବିଶେଷଜ୍ଞ ଦଳ ତଥ୍ୟ ରଖିଛି। ତେଣୁ ପ୍ରତି ଜଳ ଉତ୍ସକୁ ନିୟମିତ ଭାବେ ଠିକ୍ ଭାବେ ବିଶୋଧିତ କରିବା ଏବଂ ପାଣିକୁ ଫୁଟାଇ ଥଣ୍ଡା କରି ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଅଗଭୀର ନଳକୂପ, ଖୋଲାକୂପ ଆଦିର ଜଳ ଭୂପୃଷ୍ଠ ଜଳ ସଂସ୍ପର୍ଶରେ ଆସୁଥିବାରୁ ଏହା ଦୂଷିତ ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜଳକୁ ଫୁଟାଇ ବା ହାଲୋଜେନ ଟାବ୍‌ଲେଟ ପକାଇ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି। ପରେ କେନ୍ଦ୍ରୀୟ ବିଶେଷଜ୍ଞମାନେ ଭିନ୍ନଭିନ୍ନ ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବୁଧବାର ୨୫ଟି ଜଳ ନମୁନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରାଯିବା ସହ ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢାଉ କରାଯାଇଥିଲା। କଟକ, ସୋନପୁର, କେନ୍ଦୁଝର, ଜଗତ୍‌ସିଂହପୁର, ଝାରସୁଗୁଡା, ରାୟଗଡ଼ା, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର ଓ ଭୁବନେଶ୍ୱରରେ ପାନୀୟ ଜଳ ବିଭାଜନଗୁଡିକ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ପାନୀୟ ଜଳ ସ୍ରୋତକୁ ବିଶୋଧନ କରାଯାଇଥିଲା। ରାଜ୍ୟର କିଛି ଜିଲାରେ ହଇଜା ବ୍ୟାପିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ବ୍ଲକ ଏବଂ ପୌର ପରିଷଦରେ ସଚେତନତାର ବାର୍ତ୍ତା ନେଇ 'ବିକାଶ ବାହନ' ଭ୍ରମଣ କରୁଛି। ଏହା ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସୂଚନା, ଶିକ୍ଷା ଓ ସଂଚାର ସାମଗ୍ରୀ ବଣ୍ଟନ କରାଯାଇ ଲୋକମାନଙ୍କୁ ହଇଜାର ନିରାକରଣ ନେଇ ସତର୍କ ଓ ସଚେତନ କରାଯାଉଛି। ଜିଲାର ସମସ୍ତ ଜଳସାଥୀମାନଙ୍କୁ ସଙ୍ଗଠିତ ଏବଂ ତତ୍ପର କରାଯିବ। ଆବଶ୍ୟକସ୍ଥଳେ ଜଳ ନମୁନା ପରୀକ୍ଷା ପାଇଁ କିଟ୍ ଯୋଗାଇ ଦିଆଯିବ। ଅପରପକ୍ଷେ ଅପରାହ୍ନରେ ରାଜ୍ୟର ସମସ୍ତ ଜିଲାରେ ଡାଇରିଆ ମୁକାବିଲା ସ୍ଥିତି ବିଷୟରେ ସ୍ୱାସ୍ଥ୍ୟ ସଚିବ ସମୀକ୍ଷା କରିଥିଲେ। ଗୁରୁବାର ବିଶେଷଜ୍ଞ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସୁବର୍ଣ୍ଣପୁର ପଞ୍ଚାୟତରେ ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା ୨୬କୁ ବୃଦ୍ଧି

ବାଙ୍କୀ, ୧୮।୬(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରେ ଦିନକୁ ଦିନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏଥିରେ ୨୬ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଦୂଷିତ ପାନୀୟ ଜଳ ଓ ଖାଦ୍ୟକୁ ନେଇ ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସୁବର୍ଣ୍ଣପୁର ଗ୍ରାମରେ ୧୨ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ଘୋଡ଼ାବର ଗ୍ରାମରେ ୧୪ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ, ସୁବର୍ଣ୍ଣପୁର ପଞ୍ଚାୟତରେ ବସୁଧା ଯୋଜନରେ ନିର୍ମିତ ପାଣି ଟାଙ୍କିରେ ଜଳ ବିଶୋଧନ କରାଯାଉ ନାହିଁ କିମ୍ବା ବ୍ଲିଚିଂ ପକାଯାଉ ନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏଥି ସହିତ ମହାନଦୀରୁ ପାଇପ ଯୋଗେ ସିଧାସଳଖ ପାନୀୟ ଜଳଯୋଗାଣ କରାଯାଉଥିବାରୁ ସାଧାରଣ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଇଛି। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅମରେଶ ସାହୁ କହିଛନ୍ତି, ସମସ୍ତ ଆକ୍ରାନ୍ତଙ୍କୁ ମେଡିସିନ ଓ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଦିଆଯାଉଛି। ପରୀକ୍ଷା ନିରୀକ୍ଷା କରି ପାନୀୟ ଜଳ ଯୋଗାଇଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଡାଇରିଆ ରୋକିବାକୁ ଉଚ୍ଚସ୍ତରୀୟ ବୈଠକ

କଟକ,୧୮।୬(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବିଜୁ ଭବନ ସମ୍ମିଳନୀ କକ୍ଷରେ ମେୟର ସୁବାସ ଚନ୍ଦ୍ର ସିଂଙ୍କ ଅଧକ୍ଷତାରେ ଡାଇରିଆ ନିରାକରଣ ପାଇଁ ଉଚ୍ଚସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡାଇରିଆ ଓ ଝାଡ଼ାବାନ୍ତି ସିଏମ୍‌ସି ଅଞ୍ଚଳରେ ନ ବ୍ୟାପିବା ପାଇଁ ପଦକ୍ଷେପ ନିଆଯିବା ବିଷୟରେ ଆଲୋଚନା ହୋଇଥିଲା। ବିଶେଷ କରି ଶୁଦ୍ଧ ପାନୀୟ ଜଳ ଯୋଗାଣ, ନର୍ଦ୍ଦମା ଜଳ ନିଷ୍କାସନ, ସ୍ୱଚ୍ଛତା, ରାସ୍ତା ପାର୍ଶ୍ୱ ଓ ଫାଷ୍ଟ ଫୁଡ୍‌ର ମାନ ନିରୂପଣ କରିବା ସହ କଡ଼ାକଡ଼ି ଯାଞ୍ଚ କରିବା ପ୍ରତି ଧ୍ୟାନ ଦେବା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ସହିତ ଜଣସାଧାରଣଙ୍କୁ ଡାଇରିଆ ଲକ୍ଷଣ ଓ ଉପଚାର ସମ୍ବନ୍ଧରେ ଅବଗତ କରିବା, ପରିବା, ଆମିଷ ମାର୍କେଟର ସ୍ୱଚ୍ଛତା ପରିମଳ ଉପରେ ବିଶେଷ ଧ୍ୟାନଦେବା ସହିତ ବ୍ଲିଚିଂ ପାଉଡର ପକାଇବା ବ୍ୟବସ୍ଥା କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ସିଏମସି କମିଶନର ଅନାମ ଚରଣ ପାତ୍ର, ଡେପୁଟି ମେୟର ଦମୟନ୍ତୀ ମାଝୀ, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ଦୀପ୍ତିମୟୀ ମୂଳିଆ, ଅତିରିକ୍ତ ଆୟୁକ୍ତ କଳ୍ପତରୁ ବେହେରା, ଅତିରିକ୍ତ ଆୟୁକ୍ତ ସୋନା ଗୁଡ୍ଡୁ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଉପଆୟୁକ୍ତ ସ୍ୱାତି ମିଶ୍ରଙ୍କ ସମେତ ସିଏମ୍‌ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।





ଜିନ୍ଦଗୀ ଫାଉଣ୍ଡେଶନ ପ୍ରୋତ୍ସାହନରେ ନିଟ୍ ୟୁଜି–୨୦୨୫ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂହ ବୁଧବାର ଭୁବନେଶ୍ୱରସ୍ଥିତ ରୋଟାରୀ ଭବନରେ ସଫଳତାର ଉତ୍ସବ ପାଳନ କରୁଛନ୍ତି।

## କାର୍ ସହ ଦେଶୀ ମଦ ଜବତ, ୨ ଗିରଫ

ମଙ୍ଗୁଳି–ଜଗତପୁର/ଚୌଦ୍ୱାର, ୧୮।୬(ମାନସ ସାମଲ/ଆଶୁତୋଷ ଦାସ)

ଦେଶୀ ମଦ ଚାଲାଣ ଅଭିଯୋଗରେ ଚୌଦ୍ୱାର ଅବକାରୀ ବିଭାଗ ୨ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଦୁହେଁ ହେଲେ ଆଠଗଡ କୋରଙ୍ଗା ଗ୍ରାମର ସରୋଜ କୁମାର ସାହୁ ଓ ବାଙ୍କୀ ଅଞ୍ଚଳର ଜଗନ୍ନାଥ ବେହେରା। ତାଙ୍କ ନିକଟରୁ ଗୋଟିଏ କାର, ୪୨୦ଲିଟର ଦେଶୀ ମଦ ଜବତ ହୋଇଛି। ସୂଚନା ମୁତାବକ, ଇନ୍ସପେକ୍ଟର ମାନସୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ଚୌଦାର ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ ଚୌଦ୍ୱାର ଗାନ୍ଧିଛକରେ ବୁଧବାର ଅପରାହ୍ନରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଆଠଗଡ଼ ପଟୁ ମଙ୍ଗୁଳି ଅଭିମୁଖେ ଯାଉଥିବା କାର (ନଂ. ଓଡି୯ଏ–୩୨୩୫)ଦ୍ରୁତଗତିରେ ଆସୁଥିବା ଦେଖି ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାର ଭିତରୁ ୧୬ଟି ଦେଶୀ ମଦ ଭର୍ତ୍ତି ରବର ବ୍ଲାଡର ମିଳିଥିଲା। ଅବକାରୀ ବିଭାଗ ଏ ନେଇ ଏକ ମାମଲା (ନଂ.୫୪/୨୫) ରୁଜୁ କରିଛି। ଚଢ଼ାଉରେ ଓଆଇସି ବାପି ସାହୁ, ଆଶୁତୋଷ ଜେନାଙ୍କ ସମେତ କନଷ୍ଟେବଲ ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା, ତୃପ୍ତିମୟ ପରିଡା ସାମିଲ ଥିଲେ।

## ଚୌଦ୍ୱାର ଜେଲରେ ଝାଡ଼ାବାନ୍ତି ମୁକାବିଲା ପାଇଁ ପ୍ରସ୍ତୁତି

ଚୌଦ୍ୱାର,୧୮।୬(ଆଶୁତୋଷ ଦାସ)

ରାଜ୍ୟର ବିଭିନ୍ନ ଜିଲାରେ ଝାଡ଼ାବାନ୍ତି ବ୍ୟାପୁଥିବାବେଳେ ଜେଲ ଭିତରେ ରହୁଥିବା କଏଦୀ ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ଚୌଦ୍ୱାର ମଣ୍ଡଳ କାରାଗାର ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜେଲ ପରିସରରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ଝାଡ଼ାବାନ୍ତି ଜଳ ବାହିତ ରୋଗ ହୋଇଥିବାରୁ କଏଦୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଜେଲରେ ରହୁଥିବା କଏଦୀ ଓ କର୍ମଚାରୀମାନଙ୍କ ପାଇଁ ଥିବା ଆକ୍ୱାଗାର୍ଡ଼ ମେଶିନ ଗୁଡ଼ିକର ସଫେଇ ଓ ମରାମତି କରାଯାଇଛି। ଏଥିସହ ଅନ୍ତେବାସୀମାନଙ୍କୁ ଗରମ ଓ ସତେଜ ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏ ଦିଗରେ ସଚେତନ ରହିବା ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜେଲର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ସଜାଗ ରଖାଯାଇଥିବା ଜେଲ ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଜିତ



@ ନରେଶ



@ ମମତା



@ ଅଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୁରୀରେ ଅରୁନ୍ଧତୀ ଜୁଏଲର୍ସ ରଜପରୀ ସିଜନ–୭





ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଏବଂ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀମାନେ।

ପୁରୀ, ୧୮।୬(ଅଜିତ୍ କୁମାର ମହାନ୍ତି)

### ମେଗା ଲକି ଡ୍ରରେ ୯ ଜଣଙ୍କୁ ବିଦେଶ ଭ୍ରମଣ ସୁଯୋଗ

ଅରୁନ୍ଧତୀ ଜୁଏଲର୍ସ ତରଫରୁ ଅରୁନ୍ଧତୀ ରଜପରୀ ସିଜନ–୭ର ଗ୍ରାଣ୍ଡ ଫାଇନାଲ ଏବଂ ଫରେନ୍ ଟ୍ରିପ୍ ମେଗା ଲକି ଡ୍ର–୨୦୨୫ ଉତ୍ସବ ବୁଧବାର ପୁରୀ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଓ ବିଚାରପତି ଭାବେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ଯୋଗଦେଇଥିଲେ। ଅନ୍ୟାନ୍ୟ ବିଚାରପତି ଭାବେ ଗୀତିକାର ଅରୁଣ ମନ୍ତ୍ରୀ ଓ ଲୋକପ୍ରିୟ ଉଦ୍‌ଘୋଷିକା ଶୋଭନା ମିଶ୍ର ଯୋଗଦାନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଚୟନ ହୋଇଥିବା ଶ୍ରେଷ୍ଠ ୩୫ ପ୍ରତିଯୋଗୀ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଭିନୟ, ନୃତ୍ୟ, ମଡେଲିଂ, ପ୍ରଶ୍ନୋତ୍ତର ଆଦି ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀଙ୍କ ପ୍ରତିଭା ଚୟନ ହୋଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୫ ଜଣଙ୍କୁ ବଛାଯାଇଥିଲା। ଶେଷରେ ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରଜପରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଗତ ୭ ବର୍ଷ ହେବ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହି ପ୍ରତିଯୋଗିତା କରାଯାଇ ପ୍ରତିଭାର ବିକାଶ କରାଯାଉଛି। ଚଳିତ ବିବାହ ଋତୁରେ ନିଜ ପ୍ରିୟ ଗ୍ରାହକଙ୍କୁ ଅରୁନ୍ଧତୀ ଜୁଏଲର୍ସ ବିଦେଶ ଭ୍ରମଣର ସୁଯୋଗ ପ୍ରଦାନ କରିଛି। ଏହି ଅବସରରେ ୯ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଫରେନ୍ ଟ୍ରିପ୍ କୁପନ ପ୍ରଦାନ କରାଯାଇଥିଲା। ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମେହେର କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଅରୁନ୍ଧତୀର ପ୍ରତ୍ୟେକ ସଫଳତାରେ ପ୍ରେରଣାର ସ୍ରୋତ। ଚଳିତ ବର୍ଷ ସେହି ମହାପ୍ରଭୁଙ୍କ କରୁଣାରୁ ଅରୁନ୍ଧତୀ ବାନ୍ଧକଳା ଅରୁନ୍ଧତୀ ପରିବାରରେ ଜଡ଼ିତ ହୋଇ ଅରୁନ୍ଧତୀର ପ୍ରତ୍ୟେକଟି ଗହଣା ସହ ଶାଢ଼ିର ଅପୂର୍ବ ସମନ୍ୱୟରେ ଶୋଭାପାଉଛି। ନିଜ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା ସହ ସର୍ବୋତ୍ତମ ଉତ୍ପାଦ ଯୋଗାଇଦେବା ଅରୁନ୍ଧତୀର ପ୍ରଥମ ପ୍ରାଥମିକତା ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ। ସୂଚନାଥାଉ କି, ରଜପରୀ ପ୍ରତିଯୋଗିତାରେ ସାରା ରାଜ୍ୟରୁ ୨୦୦୦ ପ୍ରତିଯୋଗୀ ଅଡିଶନ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୫ଜଣ ଫାଇନାଲ ରାଉଣ୍ଡକୁ ଆସିଥିଲେ। ପରେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦,୦୦୦ ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ଗୋଟିଏ କାମକୁ ଦୁଇଟି ବିଲ୍‌ରେ ଲକ୍ଷାଧିକ ଟଙ୍କା ହଡ଼ପ

ମଙ୍ଗୁଳି–ଜଗତପୁର,୧୮।୬(ମାନସ ସାମଲ)



ଗାନ୍ଧୀଛକସ୍ଥିତ ପୌର ଅଧୀନ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ ଜୋନରେ ବର୍ଷାପାଣି ଜମି ରହିଛି।

■ପାର୍କିଂ ଜୋନ୍‌ରେ ପେଭରବ୍ଲକ କାମରେ ଦୁର୍ନୀତି
■ଆରଟିଆଇରେ ମାଗିଲେ ମିଳୁନି ତଥ୍ୟ
■ଅଭିଯୋଗ ଆଣିଲେ ସୂଚନା ଅଧିକାର କର୍ମୀ ମନୋଜ ସାହୁ

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୯ ନଂ ୱାର୍ଡ଼ ଗାନ୍ଧୀଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ ଜୋନ ସ୍ଥାନ ସମତୁଲ ପାଇଁ ମୁକ୍ତା ଯୋଜନାରେ କାଗଜ କଲମରେ କାମ ଦର୍ଶାଇ ୧୦ଲକ୍ଷ ଟଙ୍କା ହଡପ କରିଛନ୍ତି ବୋଲି ସୂଚନା ଅଧିକାର କର୍ମୀ ମନୋଜ ସାହୁ ଅଭିଯୋଗ ଆଣିଛନ୍ତି। ମନୋଜଙ୍କ ଅଭିଯୋଗ ମୁତାବକ, ଅସରାଏ ବର୍ଷା ହେଲେ କମ୍ପ୍ଲେକ୍ସ ସମ୍ମୁଖ ପାର୍କିଂ ଜୋନ୍‌ରେ ପାଣି କାଦୁଅ ଜମି ରହୁଥିଲା। ପାଣି କାଦୁଅ ହଟାଇବା ପାଇଁ ବ୍ୟବସାୟୀମାନେ ଉକ୍ତ ସ୍ଥାନରେ ପେଭର ବ୍ଲକ ପକାଇବା ପାଇଁ ବାରମ୍ବାର ପୌର ପ୍ରଶାସନଙ୍କୁ ଦାବି କରି ଆସୁଥିଲେ। ପରେ ପୌର ପ୍ରଶାସନ ବ୍ୟବସାୟୀଙ୍କ ଦାବିକୁ ମଞ୍ଜୁରି ଦେଇ ମୁକ୍ତା ଯୋଜନାରେ ସାମିଲ କରି ପେଭରବ୍ଲକ ପକାଇବା ପାଇଁ ଟେଣ୍ଡର ଡାକିଥିଲେ। କିନ୍ତୁ ଟେଣ୍ଡର ପୂର୍ବରୁ ଜେଇ ତରବରିଆ ଭାବେ ଉକ୍ତ ଜାଗାକୁ ଜେସିପି ସହାୟତାରେ ସମତୁଲ କରିଥିଲେ। ପରେ ଟେଣ୍ଡର ମାଧ୍ୟମରେ ଏକ ଠିକାସଂସ୍ଥା ପେଭରବ୍ଲକ ପକାଇଥିଲା। କିନ୍ତୁ କିଛି ମାସ ପରେ ପେଭରବ୍ଲକ ସ୍ଥାନେ ସ୍ଥାନେ ଦବିବା ସହ ଅସରାଏ ବର୍ଷାରେ ପାଣି ଜମି ରହୁଥିବା ଦେଖିବାକୁ ମିଳିଥିଲା। ନିମ୍ନମାନର କାମ ହୋଇଥିବା ସନ୍ଦେହ କରି ସୂଚନା ଅଧିକାର କର୍ମୀ ମନୋଜ ଉକ୍ତ କାମର ସମସ୍ତ ତଥ୍ୟ ଆର୍‌ଟିଆଇ ମାଧ୍ୟମରେ ମାଗିଥିଲେ। କିନ୍ତୁ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ଜଣେ ଜେଇ ତେଣୁ ଏହି କାର୍ଯ୍ୟରେ ଦୁର୍ନୀତିକୁ ଘୋଡାଇବା ପାଇଁ ତଥ୍ୟ ପ୍ରଦାନରେ ବିଳମ୍ବ କରିଥିଲେ। ସୂଚନା ନ ମିଳିବାରୁ ମନୋଜ ନିର୍ବାହୀ ଅଧିକାରୀଙ୍କ ପାଖରେ ପୁନଶ୍ଚ ଅପିଲ କରିଥିଲେ। ନିର୍ବାହୀ ଆଗାମୀ ୭ଦିନ ମଧ୍ୟରେ ତଥ୍ୟ ପ୍ରଦାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସ୍ୱତ୍ତ୍ୱେ ଜେଇ (ବିଭାଗୀୟ ଅଧିକାରୀ)ତଥ୍ୟ ପ୍ରଦାନ କରି ନ ଥିଲେ। ପ୍ରକାଶ ଥାଉ କି ଏହି କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ କଟକ ଜିଲାପାଳ ଓ ନିର୍ବାହୀ ଅଧିକାରୀଙ୍କ ପାଖରେ ଏହି ବିଷୟରେ ଲିଖିତ ଅଭିଯୋଗ କରି ଦାବି କରିଛନ୍ତି ଯେ କୌଣସି ତୃତୀୟ ପକ୍ଷଙ୍କ ଦ୍ୱାରା ତଦନ୍ତ କଲେ ଏହାର ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ ବୋଲି ମନୋଜ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏ ନେଇ ଜେଇ ଯେଭଶ୍ରୀ ସଂଦିପ୍ତା ନାୟକ ଶୁଭଶ୍ରୀ ସଂଦିପ୍ତା ନାୟକଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ପଚରିବାରୁ ସେ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ତଥ୍ୟ ଦେବା ବାଧ୍ୟତାମୂଳକ। ମୋ ନିର୍ଦ୍ଦେଶକୁ ନ ମାନି ବିଭାଗୀୟ ଅଧିକାରୀ ତଥ୍ୟ ଦଉନାହାନ୍ତି। ଦରକାର ପଡିଲେ ଭିଜିଲାନ୍ସରେ ଲିଖିତ ଭାବେ ଜଣାଇବି ବୋଲି ନିର୍ବାହୀ ଅଧିକାରୀ ମିଶ୍ର କହିଛନ୍ତି।

## ବିଷ ପିଇ ଶାଶୁ,ବୋହୂ ମୃତ: ସ୍ୱାମୀ ଗୁରୁତର

ବଡ଼ମ୍ବା, (ମାୟାଧର ମଲ୍ଲିକ):କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ବଡ଼ବାରସିଂ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଏକ ଅଭାବନୀୟ ଘଟଣା ଘଟିଛି। କୌଣସି କାରଣକୁ ନେଇ ଶାଶୁ, ବୋହୂ ଓ ସ୍ୱାମୀ ବିଷ ପିଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଶାଶୁ, ବୋହୂଙ୍କ ମୃତ୍ୟୁ ଘଟିଛି। ସ୍ୱାମୀ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ମୃତକମାନେ ହେଲେ ଶାଶୁ ନିବାସୀ ସେନାପତି(୫୫), ବୋହୂ ସଙ୍ଗୀତା (୨୯)। ସଙ୍ଗୀତାଙ୍କ ସ୍ୱାମୀ ଭାଗୀରଥି (୩୪) ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ବୁଧବାର ଘରକୁ ଫେରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ୧୩୩ ପ୍ଲାଟୁନ୍ ଫୋର୍ସ



ପ୍ରସ୍ତୁତି ବୈଠକରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟଶାସନ ସଚିବ, ଡିଜିପି**

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଓ ରୋଡ୍ ଶୋ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଡିଟୋରିଅମ୍‌ରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାୟିତ୍ୱ ନେବାକୁ ଥିବା ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ବିପିଏସ୍‌ପିଏ ଆଇଜି ଅନୁପ ସାହୁ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଓ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସୁରକ୍ଷା ଦିଗକୁ ନେଇ ପୋଲିସ କମିଶନର ଆଲୋଚନା କରିବା ସହ ଅଧିକାରୀମାନଙ୍କୁ ଦାୟିତ୍ୱ ନେଇ ସଚେତନ କରାଇଥିଲେ। ଏନେଇ ସିପି ସିଂ କହିଛନ୍ତି, ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ଓ ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ' କାର୍ଯ୍ୟକ୍ରମ ଆଦିକୁ ପରିଚାଳନା ପାଇଁ ବିଭିନ୍ନ ଏଜେନ୍ସି ସହ ସମନ୍ୱୟ ରକ୍ଷା କରାଯାଇ ଏକ ରୋବର୍ଟ ସିଷ୍ଟମ୍ ପ୍ରସ୍ତୁତ କରାଯାଇଛି। ଏଥିରେ ବ୍ୟାପକ କେନ୍ଦ୍ରୀୟ ସଶସ୍ତ୍ର ବଳ ନିୟୋଜିତ କରାଯିବ। ସୁରକ୍ଷା ପାଇଁ ୧୩୩ ପ୍ଲାଟୁନ୍ ଫୋର୍ସ ରହିବେ। ଏଥିମଧ୍ୟରୁ ୨୫ ପ୍ଲାଟୁନ୍ ଫୋର୍ସ ରୋଡ ଶୋ' ରୁଟ୍ ଲାଇନରେ ନିୟୋଜିତ ହେବେ ବୋଲି ସେ କହିଛନ୍ତି। ଅପରପକ୍ଷରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଓ ପୋଲିସ ଡିଜି ୱାଇବି ଖୁରାନିଆ ଜନତାମଇଦାନସ୍ଥିତ କାର୍ଯ୍ୟକ୍ରମସ୍ଥଳକୁ ଯାଇ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଥିଲେ। ସେହିପରି ଏସ୍‌ଟିଏଫ୍ ଏସ୍‌ପି ପିନାକ ମିଶ୍ରଙ୍କ ଉପସ୍ଥିତିରେ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ(ଏସ୍‌ପିଜି) ଟିମ୍ ରୋଡ ଶୋ'ର ରୁଟ୍ ଲାଇନ ଓ କାର୍ଯ୍ୟକ୍ରମସ୍ଥଳକୁ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## କମିଶନରେଟ ପୋଲିସର ଟ୍ରାଫିକ ନିର୍ଦ୍ଦେଶନାମା

# ପାର୍କିଂ ପାଇଁ ୧୭ ସ୍ଥାନ

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବିମାନବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ରୋଡ ଶୋ' କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ କମିଶନରେଟ୍ ପୋଲିସ ପକ୍ଷରୁ ଏନେଇ ବୁଧବାର ଟ୍ରାଫିକ୍ ନିର୍ଦ୍ଦେଶନାମା ଜାରି କରାଯାଇଛି। ଭିଆଇପି ଓ ଭିଭିଆଇପିଙ୍କ ସୁରକ୍ଷା ଏବଂ ଜନସାଧାରଣଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ଶୁକ୍ରବାର ପାଇଁ କେତେକ ଟ୍ରାଫିକ୍ ପ୍ରତିବନ୍ଧକ ଲାଗୁ କରାଯାଇଛି। କାର୍ଯ୍ୟକ୍ରମ ପାଇଁ ଆସୁଥିବା ବସ୍‌ଗୁଡ଼ିକର ରୁଟ ଲାଇନ୍ ବ୍ୟବସ୍ଥା ଅନୁଯାୟୀ, କଟକ ପାର୍ଶ୍ୱରୁ ୧୬ ନଂ ଜାତୀୟ ରାଜପଥ ହୋଇ ଆସୁଥିବା ବସ୍‌ଗୁଡ଼ିକ ରସୁଲଗଡ଼ ରେଲୱେ ଓଭର ବ୍ରିଜ୍ ଠାରୁ ସର୍ଭିସ୍ ରୋଡରେ ଆସି ବାଣୀବିହାର ଛକ- ଆଚାର୍ଯ୍ୟ ବିହାର ଛକରୁ ବାମମୋଡ଼ ହୋଇ ଆପୋଲୋ ହସ୍ପିଟାଲ ରାସ୍ତାରେ ଆସି ସୈନିକ ସ୍କୁଲ ନିକଟରେ ପାର୍କିଂ କରିବେ। ଖୋର୍ଦ୍ଧା ପାର୍ଶ୍ୱରୁ ଆସୁଥିବା ବସ୍‌ଗୁଡ଼ିକ ଜୟଦେବ ବିହାର ଫ୍ଲାଏ ଓଭର ବ୍ରିଜ୍ ଅତିକ୍ରମ କରି ସର୍ଭିସ୍ ରୋଡ- ଆଚାର୍ଯ୍ୟ ବିହାର ଛକରୁ ବାମ ମୋଡ଼ ହୋଇ ଆପୋଲୋ ହସ୍ପିଟାଲ, ସୈନିକ ସ୍କୁଲ ରାସ୍ତା- ନାଲ୍‌କୋ ଛକ- କଳିଙ୍ଗ ହସ୍ପିଟାଲ ରାସ୍ତା- ରେଲ୍‌ୱେ କଲୋନୀ ଗୋଲେଇଛକ ଠାରୁ ଉତ୍କଳ ହସ୍ପିଟାଲ ଏବଂ ହାତିଆଶୁଣୀ ଛକ ରାସ୍ତାରେ ଏକ ଲାଇନ୍‌ରେ ପାର୍କିଂ କରିପାରିବେ। ସେହିପରି ନନ୍ଦନକାନନ ପାର୍ଶ୍ୱରୁ ଆସୁଥିବା ବସଗୁଡିକ ନାଲ୍‌କୋ ଛକ- କଳିଙ୍ଗ ହସ୍ପିଟାଲ ରାସ୍ତା ଦେଇ ରେଲୱେ କଲୋନୀ ଗୋଲେଇ ଛକଠାରୁ ଉତ୍କଳ ହସ୍ପିଟାଲ ଏବଂ ହାତିଆସୁଣୀ ଛକ ରାସ୍ତାରେ ଏକ ଲାଇନରେ ପାର୍କିଂ କରିପାରିବେ। ପୁରୀ ପାର୍ଶ୍ୱରୁ ଆସୁଥିବା ବସ୍‌ଗୁଡ଼ିକ କଳ୍ପନା ଛକ- ରାଜମହଲ ଛକ- ବାମମୋଡ଼ ଏବଂ ଶିଶୁଭବନ ଛକରୁ ଡାହାଣ ମୋଡ଼ ନେଇ କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ଏକ ଲାଇନରେ ପାର୍କିଂ କରିପାରିବେ। ୧୭ଟି ସ୍ଥାନରେ ପାର୍କିଂ ପାଇଁ ନିର୍ଦ୍ଧାରିତ କରାଯାଇଛି। ବିମାନବନ୍ଦର ଗୋଲେଇ ଠାରୁ ପାଣି ଟାଙ୍କି ଓଭର ପାର୍ଶ୍ୱ ରାସ୍ତା, ମେଟ୍ରୋଲଜିକାଲ ଗ୍ରାଉଣ୍ଡ, ହସ୍ପିଟାଲ ଠାରୁ ଶିଶୁ ଭବନ ରାସ୍ତା, ଶାସ୍ତ୍ରୀ ନଗରଠାରୁ ଇଞ୍ଜିନିୟରିଂ ଓଭର ପାର୍ଶ୍ୱ ରାସ୍ତା, ହିନ୍ଦ୍ ସ୍କୁଲ, ବେହେରା ସାହିରୁ ନିକୋ ପାର୍କ ଓଭର ପାର୍ଶ୍ୱ ରାସ୍ତା, ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ବାଇକ ଓ କାର୍ ପାର୍କିଂ କରିହେବ। କଳିଙ୍ଗ ଷ୍ଟାଡିଅମ୍‌ରେ କାର୍ ଓ ବସ୍ ପାର୍କିଂ ହେବ। ସେହିପରି ସାଲିଆ ସାହି ଯାତ୍ରା ପଡ଼ିଆ, କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ଏକ୍ସଆଇଏମ୍‌ବିରେ କାର୍ ପାର୍କିଂ ଓ ହାତିଆଶୁଣୀଠାରୁ ଉତ୍କଳ ହସ୍ପିଟାଲ ରାସ୍ତାରେ ବସ୍ ପାର୍କିଂ ଏବଂ ନାଇଜର ପାର୍କିଂରେ ମିଡିଆ ପାଇଁ ପାର୍କିଂ ସ୍ଥାନ କରାଯାଇଛି। ସେହିପରି ଓଏଭିଏସ୍ ପାର୍କିଂରେ କେବଳ ଓ ସୈନିକ ସ୍କୁଲ ପାର୍କିଂରେ କାର, ବସ୍ ଏବଂ ଜେକେ ପେପର ଲେନ ଠାରୁ ଶ୍ୟାମା ଧାମରେ ଭିଆଇପି ପାର୍କିଂ ଓ କାରକେଡ୍ ପାର୍କିଂ ହେବାକୁ ଥିବା ବେଳେ ସର୍ଭେ ଅଫ୍ ଇଣ୍ଡିଆ ଠାରୁ ୱାଇ ଜଙ୍କସନ୍ ରୋଡରେ କେବଳ କାର୍ ପାର୍କିଂ କରାଯିବ। ଏହାବ୍ୟତୀତ ଖୋର୍ଦ୍ଧା ପାର୍ଶ୍ୱରୁ ଭୁବନେଶ୍ୱର ଦେଇ କଟକ ଆଡକୁ ଯିବାକୁ ଚାହୁଁଥିବା ଭାରିଯାନଗୁଡ଼ିକ ପିତାପଲ୍ଲୀ ଛକଠାରୁ ଚନ୍ଦକା ଛକଦେଇ କଟକ ଆଡ଼କୁ ଯାଇପାରିବେ। ସେହିପରି କଟକ ପାର୍ଶ୍ୱରୁ ଆସୁଥିବା ଭାରିଯାନଗୁଡ଼ିକ ବାଲିକୁଦା ଛକଠାରୁ ତ୍ରିଶୁଳିଆ ଛକ ଦେଇ ପିତାପଲ୍ଲୀ ଛକ ଆଡ଼କୁ ଯାଇପାରିବେ। ଅନ୍ୟପକ୍ଷରେ ବିମାନ ବନ୍ଦରଠାରୁ ଜନତା ମଇଦାନ ରାସ୍ତା ଭାୟା କ୍ୟାପିଟାଲ ହସ୍ପିଟାଲ ଛକ- ଏଜି ଛକରୁ ବାମ ମୋଡ଼ ନେଇ ରାଜଭବନ ଛକରୁ ପାୱାର ହାଉସ ଛକ- ୧୨୦ ବାଟାଲିୟ ଛକ- ଶାସ୍ତ୍ରୀ ନଗର ଛକ- ବେହେରା ସାହି ଛକ- ଜୟଦେବ ବିହାର ଛକ-ଏକ୍ସଆଇଏମ୍‌ବି ଛକ- ନାଲକୋ ଛକ ଏବଂ ଏହାକୁ ସଂଯୋଗ କରୁଥିବା ରାସ୍ତାରେ ଶୁକ୍ରବାର ଅପରାହ୍ନ ୩ରୁ ସନ୍ଧ୍ୟା ୬ଟା ଯାଏ କିମ୍ବା କାର୍ଯ୍ୟକ୍ରମ ସମାପ୍ତ ଶେଷ ହେବା ପର୍ଯ୍ୟନ୍ତ ବ୍ୟାପକ ଟ୍ରାଫିକ ଭିଡ଼ ହେବାର ଅନୁମାନ କରାଯାଉଛି। ଏଥିପାଇଁ ଉକ୍ତ ରାସ୍ତାରେ ନ ଯିବାକୁ ଟ୍ୱିନ ସିଟି ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

# ଅଭିଯୁକ୍ତଙ୍କୁ ଗିରଫ କଲା ମହିଳା ଥାନା

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ବିବାହର ମିଛ ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମହିଳା ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ସାଲିଆ ସାହିରେ ରହୁଥିବା ନୟାଗଡ଼ ଜିଲା ରଣପୁର ଅଞ୍ଚଳର ସନ୍ତୋଷ କୁମାର ପାତ୍ର (୩୨)। କୋର୍ଟ ଚାଲାଣ ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ମୈତ୍ରୀବିହାର ଥାନା ଅଞ୍ଚଳରେ ରହୁଥିବା ଉକ୍ତ ମହିଳା ୨୦୦୭ ରେ ବିବାହ କରିଥିଲେ। ୭ବର୍ଷ ହେବ ତାଙ୍କର ଛାଡ଼ପତ୍ର ହୋଇଥିଲା। ଛାଡ଼ପତ୍ର ପୂର୍ବରୁ ସନ୍ତୋଷଙ୍କ ଠାରୁ ମହିଳାଙ୍କ ସ୍ୱାମୀ ଏକ ଘର କିଣିଥିଲେ। ସେବେଠାରୁ ସନ୍ତୋଷ ଓ ମହିଳା ପରିଚିତ ହୋଇଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ସନ୍ତୋଷ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ନିଜର ସୁନା ଅଳଙ୍କାର ରଖିବାକୁ ସନ୍ତୋଷଙ୍କୁ ଦେଇଥିଲେ। ହେଲେ ସନ୍ତୋଷ ତାହାକୁ ବନ୍ଧକ ରଖି ଟଙ୍କା ନେଇଆସିଥିଲେ। ବିବାହ କଥା ପଚାରିବାରୁ ସେ ଗାଳିଗୁଲଜ କରିଥିଲେ। ଏତଲାକ୍ରମେ ମହିଳା ଥାନା ମଙ୍ଗଳବାର ମାମଲା (ନଂ.୧୫୬/୨୦୨୫) ରୁଜୁ କରିଥିଲା।



ରାଜ୍ୟରେ ଭାଜପା ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ବାଲିଅନ୍ତା ପଞ୍ଚାୟତର ନିକୁଞ୍ଜବିହାରୀ କଲ୍ୟାଣ ମଣ୍ଡପଠାରେ ବିକାଶ ବାହନ ରଥ କାର୍ଯ୍ୟକ୍ରମ ମାଧ୍ୟମରେ ଜନକଲ୍ୟାଣ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଉଛି।

# ଏନ୍‌ଇଇଟିରେ 'ଉଦ୍ୟମ' ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୧୮।୬(ସୁଚିସ୍ମିତା ସାହୁ)

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ଏନଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏହି ଫଳାଫଳରେ ଉଦ୍ୟମ କ୍ୟାରିଅର କ୍ଲାସେସ ପ୍ରାଇଭେଟ ଲିମିଟେଡ଼(ଉଦ୍ୟାମ)ର ଜାଗମରା ଶାଖା ସଫଳତା ହାସଲ କରିଛି। ଚଳିତ ବର୍ଷ ୩୧ ଜଣ କୃତି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦ ଜଣ ସରକାରୀ ମେଡିକାଲ କଲେଜରେ ପାଠ ପଢ଼ିବା ପାଇଁ ନିଶ୍ଚୟ ଯୋଗ୍ୟ ହେବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଅନ୍ୟ କୃତି ଛାତ୍ରୀଛାତ୍ରମାନେ ବିଡ଼ିଏସ, ହୋମିଓପାଥିକ କିମ୍ବା ଆୟୁର୍ବେଦିକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ହେବେ। ଅମିତ ବଳିୟାରସିଂହ ୯୯୩ ରାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦିଶିତା ଦାସ ୭୪୮ ରାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜଧାନୀରେ ଶିକ୍ଷା ପ୍ରଦାନ ପାଇଁ ଅନେକ ଗୁଡିଏ ଅନୁଷ୍ଠାନ ଗଢ଼ି ଉଠିଥିବା ବେଳେ ଉଦ୍ୟମ କ୍ୟାରିଅର କ୍ଲାସେସର ଗୁଣାତ୍ମକ ଶିକ୍ଷା ଦାନ ପାଇଁ ଅନେକ ଛାତ୍ରୀଛାତ୍ର ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜକୁ ଗର୍ବିତ ମନେ କରୁଛନ୍ତି। ପ୍ରଶିକ୍ଷକଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଛାତ୍ରୀଛାତ୍ରମାନେ ଏହି ସଫଳତା ହାସଲ କରିବା ପାଇଁ ସୁଯୋଗ ପାଇପାରୁଛନ୍ତି। ଆଗାମୀ ଶିକ୍ଷା ବର୍ଷ ପାଇଁ ଯେଉଁ ଛାତ୍ରୀଛାତ୍ରମାନେ ଏହି ସଫଳ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରିବା ପାଇଁ ଇଛା ପ୍ରକାଶ କରନ୍ତି ସେମାନେ ୯୫୫୬୦୫୭୨୨୨ ନମ୍ବରରେ କିମ୍ବା ୱେବସାଇଟ ଉଦ୍ୟମ କ୍ଲାସେସ.କମରେ ଯୋଗାଯୋଗ କରିପାରିବେ।

# ଝଗଡ଼ାର କାରଣ ପଚାରିବାରୁ ବିୟର ବୋତଲରେ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ଝଗଡ଼ାର କାରଣ ପଚାରିବାରୁ ଯୁବକଙ୍କୁ ଗାଳିଗୁଲଜ କଲେ। ଏଥିସହ ବିୟର ବୋତଲରେ ଆକ୍ରମଣ କରି ଲହୁଲୁହାଣ କରି ପକାଇଲେ। ଏହି ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁରର ଏସ୍‌କେ ଜାହିର ଓରଫ ଏସ୍‌କେ ରାଜା ଓରଫ ଏଣ୍ଡୁଅ ରାଜା (୩୦)। କୋର୍ଟ ଚାଲାଣ ପରେ ଜାହିରଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ସାଜୁ ଏସ୍‌କେଙ୍କୁ ପୋଲିସ ଖୋଜୁଛି।

ଆହତ ଯୁବକ ଅରୁଣ କୁମାର ବେହେରା ଜଗମୋହନ ନଗରରେ ରୁହନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଅରୁଣଙ୍କ ଘର ନିକଟରେ ଅଭିଯୁକ୍ତ ଜାହିର ଏବଂ ସାଜୁ କେତେଜଣ ଯୁବକଙ୍କ ସହ ଯୁକ୍ତିତର୍କ କରି ଝଗଡ଼ା କରୁଥିଲେ। ଏହାଦେଖି କ'ଣ ହୋଇଛି ବୋଲି ଅରୁଣ ପ୍ରଶ୍ନ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ଜାହିର ଓ ସାଜୁ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ସାଜୁ ଏକ ବିୟର ବୋତଲରେ ଅରୁଣଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ ଅରୁଣଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏସକେ ଜାହିର ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ଗୋଟିଏ, ଭରତପୁର ଥାନାରେ ଗୋଟିଏ ଏବଂ ଖଣ୍ଡଗିରି ଥାନାରେ ୩ଟି ଆପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଏତଲାକ୍ରମେ ପୋଲିସ ମାମଲା (ନଂ.୪୦୧/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ମୁଖ୍ୟମନ୍ତ୍ରୀଙ୍କ ସହ ମହିଳାଙ୍କ ଆପତ୍ତିଜନକ ମର୍ଫଡ ଭିଡିଓ ଭାଇରାଲ

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

**ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ**



କିଶୋର କୌଶଲ୍ୟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଜଣେ ମହିଳାଙ୍କ ଆପତ୍ତିଜନକ ମର୍ଫଡ ଭିଡିଓ ପ୍ରସ୍ତୁତ କରି ଭାଇରାଲ କରିବା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ବୁଧବାର ରାୟଗଡ଼ାରୁ ଗିରଫ କରିଛି। ସେ ହେଲେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କେଉଟଗୁଡ଼ ଷ୍ଟେଶନ ସାହିର କିଶୋର କୌଶଲ୍ୟ। ସେ ଟିକିରି ଅଞ୍ଚଳର ଏକ କନ୍‌ଷ୍ଟ୍ରକ୍ସନ କମ୍ପାନୀରେ କାମ କରନ୍ତି। ଅଭିଯୁକ୍ତ କିଶୋରଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ପୀଡ଼ିତା ମହିଳାଙ୍କ ଏଲତାକୁ ଆଧାର କରି ସାଇବର ଥାନା ପକ୍ଷରୁ ମଙ୍ଗଳବାର ଏକ ମାମଲା (ନଂ.୧୮/୨୦୨୫) ରୁଜୁ କରାଯାଇଥିଲା। ଅଭିଯୁକ୍ତ କିଶୋର ଫେସ୍‌ବୁକରେ କୌଶଲ୍ୟ କୁମାର ନାଁରେ ଏକ ପେଜ୍ ଖୋଲିବା ସହ ଇନ୍‌ଷ୍ଟାଗ୍ରାମରେ ଆକାଉଣ୍ଟ କରିଥିଲେ। ସୋସିଆଲ ମିଡିଆରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର ବିଭିନ୍ନ ଭିଡିଓ ପୋଷ୍ଟ କରୁଥିଲେ। ତାଙ୍କର ୨୪ ହଜାର ଫଲୋର୍ସ ଥିବାବେଳେ ଏଥିପାଇଁ ସେ ସୋସିଆଲ ମିଡିଆରୁ ଟଙ୍କା ମଧ୍ୟ ପାଉଥିଲେ। ତେବେ କିଛିଦିନ ତଳେ ପୀଡ଼ିତା ମହିଳା ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ଏଆଇ ଦ୍ୱାରା ମର୍ଫଡ ଭିଡିଓ ପ୍ରସ୍ତୁତ କରି ଫେସବୁକ୍ ପେଜରେ ଛାଡ଼ିଥିଲେ। ଏହାଦ୍ୱାରା ପୀଡ଼ିତା ମହିଳା ଓ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନହାନି ହୋଇଥିବା ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ମେଟା ପ୍ଲାଟଫର୍ମକୁ ରିପୋର୍ଟ ମାଗିବା ପରେ କିଶୋର ହିଁ ଏସବୁ କରିଥିବା ଜଣାପଡ଼ିଥିଲା। ତେବେ ଏଭଳି ଭିଡିଓ ସୋସିଆଲ ମିଡିଆରେ ଛାଡୁଥିବା ବ୍ୟକ୍ତିଙ୍କୁ କ୍ରାଇମବ୍ରାଞ୍ଚ ସତର୍କ କରିବା ସହ ଏନେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛୁରାମାଡ଼, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଛୁରାମାଡ଼ କରିବା ଘଟଣାରେ ତମାଣ୍ଡୋ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ ନାରଗଦା ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳର ନବକିଶୋର ପ୍ରଧାନ(୩୦)। ତାଙ୍କଠୁ ଆକ୍ରମଣରେ ବ୍ୟବହୃତ ଛୁରି ଜବତ ହୋଇଛି। କୋର୍ଟ ଚାଲାଣ ପରେ ନବଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏହି ଆକ୍ରମଣରେ ଆହତ ଜଳନ୍ଧର ମଲ୍ଲିକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏମ୍‌ସରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଏବେ ସ୍ଥିର ରହିଛି।

ପୋଲିସ ସୂଚନାନୁଯାୟୀ, ଜଳନ୍ଧର ଓ ନବକିଶୋରଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ଏହାକୁ କେନ୍ଦ୍ର କରି ନବକିଶୋର ରାଗ ଶୁଝାଇବାକୁ ଯୋଜନା କରୁଥିଲେ। ସୋମବାର ସନ୍ଧ୍ୟାରେ ନବକିଶୋରଙ୍କ ସ୍ତ୍ରୀଙ୍କ ସହ ତମାଣ୍ଡୋ ଜଗନ୍ନାଥ ମନ୍ଦିର ନିକଟରେ ଜଳନ୍ଧର ଛିଡ଼ା ହୋଇଥିଲେ। ଏହି ସମୟରେ ନବକିଶୋର ହଠାତ ସେଠାକୁ ଆସି ଛୁରିରେ ଜଳନ୍ଧରଙ୍କ ପେଟକୁ ଭୁସି ଦେଇଥିଲେ। ଫଳରେ ସେ ଗୁରୁତର ହୋଇ ଘଟଣା ସ୍ଥଳରେ ଟଳି ପଡ଼ିଥିଲେ। ଜଳନ୍ଧରଙ୍କ ବଡ଼ ଭାଇ ବାଳିଙ୍କ ଏତଲାକୁ ଆଧାର କରି ପୋଲିସ ମାମଲା (ନଂ.୧୭୦/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ଅନୁମତି ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

## ଶାରୀରିକ ପରୀକ୍ଷାରୁ ବଞ୍ଚିତ ୩୩୭ ଆଶାୟୀ

ଭୁବନେଶ୍ୱର,୧୮।୬(ସୁଚିସ୍ମିତା ସାହୁ)

ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଲାଇଭଷ୍ଟକ୍ ଇନ୍ସପେକ୍ଟର୍ ପାଇଁ ଲିଖିତ ପରୀକ୍ଷାରେ ପାସ୍ କରିଥିଲେ ମଧ୍ୟ ଶାରୀରିକ ପରୀକ୍ଷାରୁ ୩୩୭ଜଣ ଆଶାୟୀଙ୍କୁ ବଞ୍ଚିତ କରାଯାଇଛି। ପରୀକ୍ଷାରେ ଭଲ କରିଥିବାରୁ ଶାରୀରିକ ପରୀକ୍ଷା ପାଇଁ ମେଧା ତାଲିକାରେ ନାମ ମଧ୍ୟ ଆସିଥିଲା। ପରବର୍ତ୍ତୀ ସମୟରେ ଏକାଡେମିକ ରେକର୍ଡ ଖରାପ ଥିବା ଦର୍ଶାଇ ସେମାନଙ୍କୁ ବାଦ ଦିଆଯାଇଛି। ଏହା ସମ୍ପୂର୍ଣ୍ଣ ଅନୈତିକ ଏବଂ ଅଯୌକ୍ତିକ ବୋଲି ଦର୍ଶାଇ ଆଶାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଏହାକୁ ଜାଣିଶୁଣି ବିଳମ୍ବିତ କରାଯାଉଛି। ଆଡ୍‌ଭୋକେଟ ଜେନେରାଲ ଶୁଣାଣି ସମୟରେ ଅଧିକାରୀମାନେ ଉପସ୍ଥିତ ରହୁ ନ ଥିବା ବେଳେ ତାରିଖ ନେଉଥିବାରୁ ଠିକ ଫଇସଲା ହୋଇପାରୁ ନାହିଁ। ଏଣୁ କୋର୍ଟରେ ମାମଲାର ତ୍ୱରିତ ଶୁଣାଣି ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଗୁହାରି କରିଛନ୍ତି। ବହୁ ମେଧାବୀ ଛାତ୍ରୀଛାତ୍ର ଦଶମ ବା +୨ରେ ଫେଲ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଆଇଏଏସ/ଆଇପିଏସ୍ ହୋଇପାରିଛନ୍ତି। ତା'ହେଲେ ଆମକୁ କାହିଁକି କ୍ୟାରିଅର ଆଳରେ ଶାରୀରିକ ପରୀକ୍ଷାରୁ ବାଦ୍ ଦିଆଗଲା ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଯଦି ସେମାନେ ପରୀକ୍ଷାରେ ଅସାଧୁ ଉପାୟ ଆପଣାଇ ଥିଲେ ତା'ହେଲେ ପ୍ରମାଣ ଦେଇ ସେମାନଙ୍କୁ ବହିଷ୍କାର କରନ୍ତୁ, ଅନ୍ୟଥା ଶାରୀରିକ ପରୀକ୍ଷା ପାଇଁ ଅନୁମତି ଦିଅନ୍ତୁ ବୋଲି ଗାନ୍ଧୀମାର୍ଗରେ ଧାରଣା ଦେଇଥିବା ଆଶାୟୀମାନେ ଦାବି କରିଛନ୍ତି।

# ନିସ୍ ଶିକ୍ଷାନୁଷ୍ଠାନର ପରିବେଶ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮।୬ (ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ସୋସିଆଲ ୱାର୍କସ୍ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ପରିବେଶ ସୁରକ୍ଷା ଓ ଜୀବନରକ୍ଷା' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଜଗତ୍‌ସିଂହପୁର ଜିଲାର ନାଉଗାଁଠାରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବୃକ୍ଷମାନଙ୍କର ଉପାଦେୟତା ଆଦି ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ବହୁ ଔଷଧୀୟ ଓ ଫଳବୃକ୍ଷ ରୋପଣ କରିଥିଲେ। ଏଥିରେ ନିସ୍ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ବିଶିଷ୍ଟ ସମାଜସେବୀ ସୁକାନ୍ତ ଲେଙ୍କା, ସମାଜସେବୀ ଦେବେନ୍ଦ୍ର ମଲ୍ଲିକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପରିବେଶ ସଚେତନା ଉପରେ ଆଲୋକପାତ କରିବା ସହ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ପରିବେଶଗତ ଆଇନ ପାଇଁ ସମ୍ମାନିତ ହେଲେ ଅଙ୍କିତା




ଭୁବନେଶ୍ୱର,୧୮।୬(ବନ୍ଦନା ସେଠୀ)

ପରିବେଶଗତ ଆଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଦେବଗଡ଼ର ଅଙ୍କିତା ଗଙ୍ଗ ଦେବ। ଏଥିପାଇଁ ତାଙ୍କୁ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ବମ୍ବେ (ଆଇଆଇଟି ବମ୍ବେ) ପକ୍ଷରୁ ସମ୍ମାନିତ କରାଯାଇଛି। 'ବୈଦିକ ସଂସ୍କୃତି ଏବଂ ପରିବେଶଗତ ନ୍ୟାୟଶାସ୍ତ୍ର:ଏକ ତୁଳନାତ୍ମକ ବିଶ୍ଳେଷଣ' ଉପରେ ପ୍ରସ୍ତୁତ ତାଙ୍କର ସନ୍ଦର୍ଭ ଉପସ୍ଥାପନା ସମସ୍ତଙ୍କ ଦ୍ୱାରା ପ୍ରଶଂସା ପାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହ ଅଙ୍କିତାଙ୍କ କଠିନ ପରିଶ୍ରମ ଏବଂ ପରିବେଶଗତ କାରଣ ପ୍ରତି ପ୍ରତିବଦ୍ଧତାର ପ୍ରମାଣ ଥିଲା। ପରିବେଶଗତ ଆଇନ ଏବଂ ନୀତି କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକାର କରି ତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅଙ୍କିତାଙ୍କ ସଫଳତା ଅନ୍ୟମାନଙ୍କୁ ପ୍ରେରଣା ଦେଇଛି।

# ମକା, ସୋରିଷ, ଧାନର ଉଚ୍ଚ ଅମଳକାରୀ କିସମ ବିକଶିତ

## ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେବ

ଭୁବନେଶ୍ୱର,୧୮।୬(ସୁଚିସ୍ମିତା ସାହୁ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ସିଆର୍‌ଆର୍‌ଆଇର ମିଳିତ ସହଯୋଗରେ ନୂତନ ସ୍ୱଳ୍ପ ଅବଧି, ଜଳବାୟୁ ସହନୀୟ ଏବଂ ଉଚ୍ଚ ଅମଳକାରୀ ଫସଲ କିସମ ବିକଶିତ କରାଯାଇଛି। ବୁଧବାର କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ରାଜ୍ୟ ବିହନ ଉପ-କମିଟି ବୈଠକରେ ବିକଶିତ କିସମକୁ ଅନୁମୋଦନ ମିଳିଛି। ଅଣଧାନ କିସମ ଯଥା ଓୟୁଏଟି କଳିଙ୍ଗ ମକା ୧ (ଖୁସି), ଓୟୁଏଟି କଳିଙ୍ଗ ସୋରିଷ ୨ (ସମୃଦ୍ଧି), ଓୟୁଏଟି କଳିଙ୍ଗ ସୋରିଷ ୩ (ସିଦ୍ଧି) ରାଜ୍ୟରେ ବିକଶିତ କରିବା ପାଇଁ ଅନୁମୋଦିତ ହୋଇଥିବାବେଳେ ସମୃଦ୍ଧି ଓ ସିଦ୍ଧି ହେଉଛି ଦୁଇଟି ଉଚ୍ଚ ଅମଳକାରୀ ତଥା ଅଧିକ ପରିମାଣର ତେଲ ଥିବା ସୋରିଷ କିସମ। ସେହିପରି ଓୟୁଏଟି କଳିଙ୍ଗ ଧାନ-୩ (ସମ୍ପଦ), ଓୟୁଏଟି କଳିଙ୍ଗ ଧାନ ୧୨ (ପରଜା), ଓୟୁଏଟି କଳିଙ୍ଗ ଧାନ ୧୨A (ପଦ୍ମଜା), ଓୟୁଏଟି କଳିଙ୍ଗ ଧାନ ୧୪ (ଶ୍ରୀପଦା) ଏବଂ ସିଆର୍‌ଆର୍‌ଆଇ କଟକର ୭ଟି ଧାନ କିସମ ଯଥା ସିଆର ଧାନ ୨୧୫ (ଇନ୍ଦୁମତୀ), ସିଆର ଧାନ ୩୨୫ (ସଲିଳା), ସିଆର ଧାନ ୩୩୪ (ସତ୍ୟଦେବ), ସିଆର ଧାନ ୩୩୫ (ଆଲୋକ), ସିଆର ଧାନ ୭୦୪ (କଳ୍ପନା), ସିଆର ଧାନ ୭୦୫ (ଗଙ୍ଗା) ଏବଂ ସିଆର ଧାନ ୯୧୨ (ଆଶୁତୋଷ ମେହେକ) ମଧ୍ୟ ବିକଶିତ କରାଯାଇଛି। ଏହି ଅଣ-ଧାନ ଏବଂ ଧାନ କିସମଗୁଡିକ ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହା ବ୍ୟତୀତ ଏହି କିସମଗୁଡିକ ଚାଷ କରି ସ୍ଥାୟୀ ଏବଂ ଜଳବାୟୁ ସହନୀୟ କରିବା ଦିଗରେ ଏକ ପଦକ୍ଷେପ ନେଇପାରିବା। ଆଗାମୀ ଖରିଫ ଋତୁରେ ଚାଷୀମାନେ ଏହି ସବୁ ଧାନ, ମକା ଓ ସୋରିଷ କିସମ ଗୁଡିକୁ ବ୍ୟବହାର କରିପାରିବେ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ପାଢ଼ୀ କହିଛନ୍ତି। ବୈଠକରେ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଓୟୁଏଟି, ସିଆରଆରଆଇ କଟକ ଏବଂ କୃଷି ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।




ଓଡ଼ିଶା ରାଜ୍ୟ ବିହନ ଉପ-କମିଟି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ସହ ବିଭାଗୀୟ ଅଧିକାରୀମାନେ।

## ସଂକ୍ଷେପରେ

### ଏସ୍‌ସିବିରେ ଆଉ ୩ ଆକ୍ରାନ୍ତ ଭର୍ତ୍ତି

**କଟକ,୧୮।୬(ଶିଳ୍ପା ପ୍ରିୟଦର୍ଶନୀ)**

ଥମିବାର ନାଁ ଧରୁନି ଡାଇରିଆ ସଂକ୍ରମଣ। ଏସ୍‌ସିବି ମେଡିକାଲରେ ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗୁଛି। ବୁଧବାର ଏସ୍‌ସିବିର ଡାଇରିଆ ୱାର୍ଡ଼ରେ ଆଉ ୩ଜଣ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସେହିପରି ମେଡିକାଲରେ ୭ଜଣ ଡିସ୍‌ଚାର୍ଜ ହୋଇଥିବାବେଳେ ସନ୍ଧ୍ୟା ୫ଟା ସୁଦ୍ଧା ମୋଟ୍ ୩୨ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏ ନେଇ ମେଡିକାଲ କୁଳସଚିବ ସୁବାସ ରାଏ କହିଛନ୍ତି, ଏସ୍‌ସିବିରେ ଡାଇରିଆ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଡାକ୍ତରୀ ଯାଇ ଗଠନ କରାଯାଇ ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି ଏବଂ ଏସ୍‌ସିବି ଏହାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛି ବୋଲି ରାଏ କହିଛନ୍ତି।

### ଏସ୍‌ସିବିରେ ବିଶ୍ୱ ରକ୍ତଦାତା ଦିବସ ପାଳିତ

**କଟକ,୧୮।୬(ଶିଳ୍ପା ପ୍ରିୟଦର୍ଶନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ରକ୍ତ ସଞ୍ଚାରଣ ବିଭାଗ ଓ ରକ୍ତ ଭଣ୍ଡାର ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ମେଡିକାଲର ହେରିଟେଜ୍ ଅଡିଟୋରିୟମ୍‌ରେ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ୱଇଚ୍ଛାରେ ରକ୍ତଦାନ କରୁଥିବା ଦାତାମାନଙ୍କୁ ସମ୍ମାନ ଦେବା ଓ ରକ୍ତଦାନ ଅବଶ୍ୟକତା ସମ୍ପର୍କରେ ସଚେତନତା ବୃଦ୍ଧି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ବ୍ଲଡ଼ ସେଫ୍ଟି ଓ ଏସ୍‌ବିଟିସି ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପାତ୍ର ଯୋଗଦେଇଥିଲେ। ରକ୍ତ ଆବଶ୍ୟକ କରୁଥିବା ରୋଗୀ ଯେପରି ତୁରନ୍ତ ରକ୍ତ ପାଇ ପାରିବ ତାହାକୁ ଦୃଷ୍ଟିରେ ରଖି ଲୋକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ଆବଶ୍ୟକ। ଏହାସହ ଏଦିଗରେ ଲୋକ ଅଧିକରୁ ଅଧିକ ସଚେତନ ହେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧକ୍ଷା ପ୍ରଫେସର ଡା. ସ୍ମିତା ମହାପାତ୍ରଙ୍କ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଶେଷରେ ରକ୍ତ ସଞ୍ଚାରଣ ବିଭାଗ ସୁସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲା ସଂସ୍କୃତି ଭବନ, ଗାନ୍ଧୀ ଭବନ ପରିଦର୍ଶନ କଲେ ବିଧାୟିକା ସୋଫିଆ

**କଟକ,୧୮।୬(ଶିଳ୍ପା ପ୍ରିୟଦର୍ଶନୀ)**

ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ବୁଧବାର ଦରଘାବଜାରସ୍ଥିତ ଜିଲା ସଂସ୍କୃତି ଭବନ ଓ ବାଖରାବାଦ ସ୍ଥିତ ଗାନ୍ଧୀ ଭବନ ପରିଦର୍ଶନ କରିଛନ୍ତି। ଜିଲା ସଂସ୍କୃତି ଭବନ ଦୁଇ ବର୍ଷ ହେବ ବନ୍ଦ ହେବାରୁ ବିଧାୟିକା ଅସନ୍ତୋଷ ପ୍ରକାଶ କରିଛନ୍ତି। କେଉଁ କାରଣରୁ ଏହି କାର୍ଯ୍ୟ ବନ୍ଦ ହୋଇ ରହିଛି ତାହାର ତଥ୍ୟ ଦେବା ପାଇଁ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କୁ କହିଛନ୍ତି। ତୁରନ୍ତ ଏହି କାର୍ଯ୍ୟ କରି ଶେଷ କରିବା ପାଇଁ ବିଧାୟିକା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବାଖରାବାଦସ୍ଥିତ ଗାନ୍ଧୀ ଭବନ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆରଆଣ୍ଡବି ସୁପରିଣ୍ଟେଣ୍ଡେଣ୍ଟ ଶାହବାଜ ଆଲମ, ଆରଆଣ୍ଡବି ଏସଡିଓ, ଜେଇ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

# ଖାଦ୍ୟଷ୍ଟଲ୍ ଯାଞ୍ଚ ପାଇଁ ଜିଲାପାଳଙ୍କ ଗୁରୁତ୍ୱ



ଜିଲା ପ୍ରଶାସନର ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

**କଟକ,୧୮।୬(କାର୍ତ୍ତିକ ସାହୁ)**

### ଜିଲା ପ୍ରଶାସନର ରଥଯାତ୍ରା ପ୍ରସ୍ତୁତି

କଟକ ସହରରେ ହରିପୁର-ଦୋଳମୁଣ୍ଡାଇ ଏବଂ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିର, ତୁଳସୀପୁର, ପୀଠାପୁର, ଯୋବ୍ରା ଆଦି ସ୍ଥାନରେ ଶ୍ରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରାରେ ଧାର୍ମିକ ମନୋଭାବ ସହ କର୍ତ୍ତବ୍ୟ ପରାୟଣ ହୋଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜର କାର୍ଯ୍ୟ ସମ୍ପାଦନ କରି ଚଳିତବର୍ଷ ରଥଯାତ୍ରା ସରସ, ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ପ୍ରସ୍ତୁତି ବୈଠକରେ ଜିଲାପାଳ ଶିନ୍ଦେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ କଟକ ଜିଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରଥ ଗତି କରୁଥିବା ରାସ୍ତାଗୁଡ଼ିକରୁ ବିଦ୍ୟୁତ୍ ତାର ଅପସାରଣ ଏବଂ ଏଥିପାଇଁ ଟିପିସିଓଡିଏଲ ଠାରୁ ସୁରକ୍ଷା ପ୍ରମାଣପତ୍ର, ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ମୁତୟନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଡାଇରିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଖାଦ୍ୟ ଷ୍ଟଲଗୁଡ଼ିକର ଯାଞ୍ଚ ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଏଥିସହ ରଥ ନିର୍ମାଣ, ନୀତି ନିର୍ଘଣ୍ଟ ପ୍ରସ୍ତୁତି ତଥା ଆବଶ୍ୟକ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ବିଭିନ୍ନ ରଥଯାତ୍ରା ପରିଚାଳନା କମିଟି କର୍ମକର୍ତ୍ତାମାନେ ଉପସ୍ଥାପନା କରିଥିଲେ। ରାସ୍ତାଘାଟ ମରାମତି, ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା, ଜଳସିଞ୍ଚନ, ଆଶୁ ଚିକିତ୍ସା ସେବା ଓ ରଥ ନିକଟରେ ଆମ୍ବୁଲାନ୍ସ ମୁତୟନ, କେବୁଲ ତାର ଅପସାରଣ, ରଥଯାତ୍ରା ସମୟରେ ସହରରେ ଦିବାରାତ୍ର ପରିମଳ ବ୍ୟବସ୍ଥା, ନାଳନର୍ଦ୍ଦମାଗୁଡ଼ିକ ସଫେଇ ଓ ଜଳ ନିଷ୍କାସନ, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବ୍ୟବସ୍ଥା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ରଥଯାତ୍ରା ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସମନ୍ୱୟ ରକ୍ଷାପୂର୍ବକ ଅନୁପାଳନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ।

ଅତିରିକ୍ତ ଜିଲାପାଳ (ସାଧାରଣ) ଶିବ ଟପୋ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲାପାଳ (ଉନ୍ନୟନ) ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ନିଜର ସୁଚିନ୍ତିତ ମତପ୍ରକାଶ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଭିକାରି ଦାସ, ରାଣୀହାଟ ବଳଦେବ ଜୀଉ ରଥଯାତ୍ରା କମିଟି ସଭାପତି ବିଜୟ କୁମାର ସାହୁ, ହରିପୁର ଦଳମୁଣ୍ଡାଇ ରଥଯାତ୍ରା କମିଟି ପକ୍ଷରୁ ହରେକୃଷ୍ଣ ପ୍ରଧାନ, ତୁଳସୀପୁର ମଠସାହି ରଥଯାତ୍ରା କମିଟି ସଭାପତି ପ୍ରଫୁଲ୍ଲ କୁମାର ବେହେରା, ପିଠାପୁର ରଥଯାତ୍ରା କମିଟି ସଭାପତି ସରୋଜ କୁମାର ଜେନା, ଯୋବ୍ରା ଶ୍ରୀ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି ସମ୍ପାଦକ ଅମ୍ବିକା ପ୍ରସାଦ ସାମଲଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।




ଏସ୍‌ସିବି ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ ରକ୍ତ ସଞ୍ଚାରଣ ବିଭାଗ ଓ ରକ୍ତ କେନ୍ଦ୍ର ପକ୍ଷରୁ ହେରିଟେଜ୍ ଅଡିଟୋରିୟମରେ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ ରକ୍ତଦାତାଙ୍କ ଗଣରେ ଅତିଥିମାନେ।

### 'କ୍ଷତିଗ୍ରସ୍ତ ଆଶଙ୍କା ଥିବା ଲୋକଙ୍କୁ ସ୍ଥାନାନ୍ତର କରାଯିବ'

**କଟକ,୧୮।୬(କାର୍ତ୍ତିକ ସାହୁ)**

ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି କାର୍ଯ୍ୟଗୁଡ଼ିକର ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ଯେକୌଣସି ସମୟରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଉଚିତ ସମୟରେ କ୍ଷତିଗ୍ରସ୍ତ ଆଶଙ୍କା ଥିବା ଲୋକଙ୍କୁ ଓ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ବିଭାଗ ସମନ୍ୱୟ ରକ୍ଷାପୂର୍ବକ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସମୟର ପ୍ରସ୍ତୁତି ସମ୍ପର୍କିତ ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, କୃଷି ଓ ଉଦ୍ୟାନ, ବିଦ୍ୟୁତ୍, ଅଗ୍ନିଶମ, ମତ୍ସ୍ୟ, ଜିଲା ସମାଜ ମଙ୍ଗଳ, ଜିଲା ସାମାଜିକ ସୁରକ୍ଷା, ପରିବହନ, ବେସାମରିକ ଯୋଗାଣ, ଆର୍‌ଏମସି ଏବଂ ଓଡ୍ରାଫ୍ ଟିମ୍ କର୍ମକର୍ତ୍ତାମାନେ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ସାଧାରଣ ପରିଚାଳକ ଓଏସଡମା ସୁନୀଲ କୁମାର ସାହୁ, ଉପଜିଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପନିରୀକ୍ଷକ ଓଡ୍ରାଫ୍ ପ୍ରମୋଦ କୁମାର ପ୍ରଧାନ, ଡେପୁଟୀ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲେ।

### କଳାପଥର ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ

**ବାଙ୍କୀ, ୧୮।୬ (ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ଉପଖଣ୍ଡ କଳାପଥର ଓ ଧଳାପଥର ଉଚ୍ଚ ବିଦ୍ୟାଳୟ ପରିସରରେ ୫ ଦିନ ଧରି ଚାଲିଥିବା କଳାପଥର ଆଞ୍ଚଳିକ ରଜ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବାଙ୍କୀ ବ୍ଲକ୍ ଚେୟାରମ୍ୟାନ ପୁଷ୍ପଲତା ସାମନ୍ତ, ସରପଞ୍ଚ କମଳା ସ୍ୱାଇଁ, ମୁଖ୍ୟବକ୍ତା ଗଣେଶ ସ୍ୱାଇଁ, ବ୍ଲକ ସଭାପତି ଅନନ୍ତ ଚରଣ ଦାସ, ସାମାଜିକ କର୍ମୀ ମନୋଜ କୁମାର ପ୍ରଧାନ, ଶିକ୍ଷକ ରାଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶିର କୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଲୋକନାଥ ସାହୁ, ଧରମୁଧର ଜୁଝାର ସିଂ, ବସନ୍ତ କୁମାର ନାୟକ ଓ ନୃତ୍ୟ ଗୁରୁ ଧ୍ରୁବ ଚରଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ମହୋତ୍ସବର କମିଟି ସଭ୍ୟମାନେ ଶାନ୍ତିଶୃଙ୍ଖଳାର ସହ ସମାପନ କରିଥିଲେ।

ମହୋତ୍ସବରେ ଅନୁଷ୍ଠିତ ଝୋଟି, ମ୍ୟୁଜିକ ଚେୟାର, ହୁଳହୁଳି, ପୋଡ଼ପିଠା, ଶଙ୍ଖନାଦ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମହିଳାଙ୍କୁ ମୁଖ୍ୟ ଅତିଥି ଉପଢ଼ୌକନ, ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ଡ୍ୟାନ୍ସ ଏବଂ ମ୍ୟୁଜିକ , ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ନୃତ୍ୟ ଗୀତ ମାଧ୍ୟମରେ ହଜାର ହଜାର ଦର୍ଶକଙ୍କୁ ବାନ୍ଧି ରଖିଥିଲେ କଳାକାରମାନେ। ଏହି ଅବସରରେ ବାଙ୍କୀର କାର୍ଯ୍ୟରତ ଖବରଦାତା ତଥା ଜିଲା ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ ମହାପାତ୍ର, ଖବରଦାତା ପୂର୍ଣ୍ଣେନ୍ଦୁ କୁମାର ନାୟକ, ସୁଶାନ୍ତ କୁମାର ନାୟକଙ୍କୁ ଆଦର୍ଶ ଖବରଦାତା ସମ୍ମାନରେ ସମ୍ମାନିତ କରାଯାଇଥିଲା।




କଳାପଥର ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ବିଷ ପିଇ ଶାଶୁ,ବୋହୂ ମୃତ: ସ୍ୱାମୀ ଗୁରୁତର

**ବଡ଼ମ୍ବା, ୧୮।୬ (ମାୟାଧର ମଲ୍ଲିକ)**

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ବଡ଼ବାରସିଂ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଏକ ଅଭାବନୀୟ ଘଟଣା ଘଟିଛି। କୌଣସି କାରଣକୁ ନେଇ ଶାଶୁ, ବୋହୂ ଓ ସ୍ୱାମୀ ବିଷ ପିଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଶାଶୁ, ବୋହୂଙ୍କ ମୃତ୍ୟୁ ଘଟିଛି। ସ୍ୱାମୀ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ମୃତକମାନେ ହେଲେ ଶାଶୁ ନିବାସୀ ସେନାପତି(୫୫), ବୋହୂ ସଙ୍ଗୀତା (୨୯)। ସଙ୍ଗୀତାଙ୍କ ସ୍ୱାମୀ ଭାଗୀରଥି (୩୪) ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ବୁଧବାର ଘରକୁ ଫେରିଛନ୍ତି।

ପୋଲିସ ସୂଚନା ମୁତାବକ, ବଡ଼ବାରସିଂ ଗ୍ରାମର ନବଘନ ସେନାପତିଙ୍କ ସ୍ତ୍ରୀ ନିବାସୀ, ବୋହୂ ସଙ୍ଗୀତା ଓ ପୁଅ ଭାଗୀରଥିଙ୍କ ସମେତ ଅନ୍ୟ ସଦସ୍ୟ ଏକାଠି ରୁହନ୍ତି। ତେବେ କୌଣସି କାରଣରୁ ମଙ୍ଗଳବାର ବିଳମ୍ବିତ ରାତ୍ରରେ ନିବାସୀ, ସଙ୍ଗୀତା ଓ ଭାଗୀରଥି ବିଷ ପିଇ ଦେଇଥିଲେ। ସମସ୍ତଙ୍କୁ ଚିକିତ୍ସା ଲାଗି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନିବାସୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଥିବା ସଙ୍ଗୀତାଙ୍କୁ ଆଠଗଡ଼ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତକରି ଶାଶୁଙ୍କ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ବୋହୂଙ୍କ ଆଠଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପରିବାର ଲୋକେ ଗାଁ ଶ୍ମଶାନରେ ସେମାନଙ୍କ ମୃତଦେହ ସଂସ୍କାର କରିଛନ୍ତି । ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ୨ଟି ଅପମୃତ୍ୟୁ ମାମଲା (୧୭/୨୫, ୧୮/୨୫) ରୁଜୁ ହୋଇଛି।

### ଟ୍ରକ୍ ମାଲିକ ମହାସଂଘ ସହ ପରିବହନ କମିଶନରଙ୍କ ଆଲୋଚନା

**କଟକ,୧୮।୬(କାର୍ତ୍ତିକ ସାହୁ)**

**ଯଥାଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କହିଲେ କମିଶନର**

ରାଜ୍ୟର ଟ୍ରକ୍ ମାଲିକମାନଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପରିବହନ କମିଶନର ଅମିତାଭ ଠାକୁର ଭୁବନେଶ୍ୱର ଆର୍‌ଟିଓ ଅଫିସ ସଭାଗୃହରେ ମହାସଂଘ କର୍ମକର୍ତ୍ତାଙ୍କ ସହ ମଙ୍ଗଳବାର ଆଲୋଚନା କରିଛନ୍ତି। ତେବେ ଦାବିଗୁଡ଼ିକ ସଂକ୍ରାନ୍ତରେ ଯଥାଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ପରିବହନ କମିଶନର ପ୍ରତିଶ୍ରୁତି ଦେଇଥିବା ମହାସଂଘ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀ ଆଲୋଚନାରେ ଅଂଶଗ୍ରହଣ କରି ଦାବି ଉପସ୍ଥାପନ କରିଥିଲେ। ଖଣିଜ ପଦାର୍ଥ ପରିବହନ କରୁଥିବା ଟ୍ରକ୍ ଭଡ଼ା ଓ ଅନ୍ୟ ମାଲ ପରିବହନ କରୁଥିବା ଟ୍ରକ୍‌ର ଭଡ଼ା ନିର୍ଦ୍ଧାରଣ, ଟୋଲ ଗେଟ ପଇସା ପରିବହନକାରୀ ପ୍ରଦାନ କରିବା, ଅର୍ଥ ଲଗାଣକାରୀ ସଂସ୍ଥାମାନେ ବେଆଇନ ଭାବେ ଗାଡ଼ି ଜବତ ବନ୍ଦ କରିବା, ଖଣିଜ ଦ୍ରବ୍ୟର ସଡ଼କ ପରିବହନ ପାଇଁ ଏକ କୋଟା ନିର୍ଦ୍ଧାରଣ କରିବା, ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଗୁଡ଼ିକୁ ଥାନାରୁ ନେବା ପାଇଁ ପୋଲିସ ଜୁଲମର ପ୍ରତିକାର ନିମନ୍ତେ ନୀତି ନିର୍ଦ୍ଧାରଣ କରିବା ଆଦି ଦାବିଗୁଡ଼ିକ କମିଶନରଙ୍କ ସହ ଆଲୋଚନା କରାଯାଇଥିଲା। ଆଲୋଚନାରେ ମହାସଂଘ ସଭାପତି ବିଭୂତି ପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ଦିଲୀପ ପାଣି, ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ପ୍ରଧାନ, ଦୁର୍ଗା ପ୍ରସାଦ ମିଶ୍ର, ଅଶୋକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଆର୍‌ଟିଓ ଅଫିସ ସଭାଗୃହରେ ମହାସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଉଛି।

### ସୁନାନାକୀ ଝିଅ ପ୍ରତିଯୋଗିତା

**କଟକ ସଦର,୧୮।୬(ସୁଶାନ୍ତ କୁମାର ଜେନା)**

୪୨ମୌଜା ବରାଳ ଗ୍ରାମର ସାମାଜିକ ସଙ୍ଗଠନ ସ୍ୱାମୀଜୀ ଯୁବକ ସଂଘ ପକ୍ଷରୁ ସୁନାନାକୀ ଝିଅ ପ୍ରତିଯୋଗିତା-୨୦୨୫ କଳପଡ଼ାଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଜୁନିୟର ବର୍ଗରେ ୩୭ଜଣ ଓ ସିନିୟର ବର୍ଗରେ ୨୭ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସଂଘ ପ୍ରତିଷ୍ଠାତା ଇଂ.ବିରଞ୍ଚି ନାରାୟଣ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ, ସଞ୍ଜୀବ ବିଶ୍ୱାଳ, କବି ବାମଦେବ ସ୍ୱାଇଁ, ସୁବାଷ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ମଞ୍ଜୁଳା ସାହୁ, ଶିକ୍ଷୟିତ୍ରୀ ସରୋଜିନୀ ରଥ, ନାଟ୍ୟକାର ଆଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ଉପଦେଷ୍ଟା ସମରେନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ପ୍ରଦୀପ୍ତ ବିଶାଳ,ଇଂ. ତୋଫାନ ଜେନା, ବିଶ୍ୱଜିତ ରାୟ, ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ଇଂ. ମନୋଜ ନାୟକ, ବିଶିଷ୍ଟ କଳାକାର ବବି ଇସଲାମ, ରିଶୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସିନିୟର ଗ୍ରୁପର ୧ମ ସ୍ଥାନରେ କିଶୋର ନଗର କଲେଜର ବିଦୁସ୍ମିତା ରାଉତ, ୨ୟ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଦାସ ଓ ୩ୟ ସ୍ଥାନରେ ଦେବି ଦେବଜାନୀ ପାଣି ଅଧିକାର କରିଥିବା ବେଳେ ଜୁନିୟର ଗ୍ରୁପରେ ୧ମ ସ୍ଥାନରେ ଦୀପ୍ତି ରାଣୀ ସାହୁ,୨ୟ ସ୍ଥାନରେ ପ୍ରଲିପ୍ସା ରାଉତରାୟ ଓ ସାତୀ ସଓ୍ୱାଗତିକା ଚୌଧୁରୀ ୩ୟ ସ୍ଥାନ ଅଧିକାର କରିଥିଲେ। ସଂଘ ସମ୍ପାଦକ ଇଂ.ସୁରଜ ବେହେରା,ସମ୍ପାଦିକା ସୁଶ୍ରୀ ପ୍ରଗତି ସ୍ୱାଇଁ, ଆଞ୍ଚଳ ପରିଡ଼ା, ସିତୁଲ, ସୁଜାତା ପରିଡ଼ା, ପ୍ରଣତି ସ୍ୱାଇଁ, ମଦନ ମୋହନ ରାଉତ, ଆଦିତ୍ୟ ଭୂୟାଁ, ଦୀପିକା ସାହୁ, ଦେବୀ ପ୍ରସାଦ ରାଉତରାୟ, ମେରି ପାଣି, ରୂପ ନାରାୟଣ ସ୍ୱାଇଁ, ଇଂ. ଶ୍ରୀକାନ୍ତ ପ୍ରମୁଖ ସହଯୋଗ କରିଥିଲେ। ମାଟ୍ରିକ୍, କଲେଜ ଟପ୍ପର ଓ ବିଭିନ୍ନ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସଂଯୋଜକ ସୂର୍ଯ୍ୟ ନାରାୟଣ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶୁଦ୍ଧ ନ କରି ପାଣି ବିକ୍ରି: ସିଲ୍ ହେଲା ୨ କମ୍ପାନୀ

**କଟକ,୧୮।୬(କାର୍ତ୍ତିକ ସାହୁ)**

ଦ୍ରୁତ ଗତିରେ କାୟା ବିସ୍ତାର କରିଚାଲିଥିବା ଡାଇରିଆ ରୋକିବାକୁ ପ୍ରଶାସନ ତତ୍ପର ହୋଇଛି। କଟକ ମହାନଗର ନିଗମ (ସିଏମ୍‌ସି)ର ସ୍ୱାସ୍ଥ୍ୟ ବିଭାଗ ସହରରେ ବିକ୍ରି ହେଉଥିବା ନିମ୍ନମାନର ଖାଦ୍ୟ ଓ ପାଣିର ବ୍ୟବସାୟ ଉପରେ ଚଢ଼ାଉ ଜାରି ରଖିଛି। ସ୍ୱାସ୍ଥ୍ୟ ବିଭାଗର ଟିମ୍ ଶଙ୍କରପୁରରେ ଚଢ଼ାଉ କରି ଦୁଇଟି ପାଣି କମ୍ପାନୀକୁ ବୁଧବାର ସିଲ କରିଛି। ଏହି ଦୁଇଟି କମ୍ପାନୀ ଶଙ୍କରପୁର ଦାସ ସାହି ଏବଂ ଉପର ସାହିରେ ଚାଲୁଥିଲା। ଦୁଇଟି ପାଣି କମ୍ପାନୀ ଗାଇଡ୍ ଲାଇନ ଅନୁସାରେ ବ୍ୟବସାୟ ପାଣିକୁ ବିଶୁଦ୍ଧ ନ କରି ୨୦ ଲିଟର ଜାରରେ ବାହାରକୁ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସିଏମ୍‌ସିର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।



କଟକ ବାଦାମବାଡ଼ି ଶଙ୍କରପୁର ଦାସସାହି ଉପର ସାହି ଅଞ୍ଚଳରେ ଥିବା ପାଣି କମ୍ପାନୀ ଉପରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

## ୧ ବର୍ଷ ହେବ କାମରେ ଆସୁନି ସ୍ଲିଟୋସ୍କୋପ ମେଶିନ

**କଟକ,୧୮।୬(ଶିଳ୍ପା ପ୍ରିୟଦର୍ଶନୀ)**

### ଅତ୍ୟାଧୁନିକ ଚିକିତ୍ସାରୁ ବଞ୍ଚିତ ରୋଗୀ

ସର୍ଦ୍ଦାରବଲ୍ଲଭ ଭାଇ ସ୍ନାତକୋତ୍ତର ଶିଶୁରୋଗ ଅନୁଷ୍ଠାନରେ ଏକ ବର୍ଷ ହେବ କାମରେ ଆସୁନି ସ୍ଲିଟୋସ୍କୋପ ମେଶିନ। ଏହା ଏକ ଅତ୍ୟାଧୁନିକ ଯନ୍ତ୍ରାଂଶ ଅଟେ। ଯାହାକି ଜଟିଳ ଅସ୍ତ୍ରୋପଚାର ସମୟରେ ଏହାର ବ୍ୟବହାର କରାଯାଇଥାଏ। ହେଲେ ଯନ୍ତ୍ରାଂଶ ଖରାପ ଯୋଗୁ ତାହା କାମରେ ଆସିପାରୁନାହିଁ। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଶିଶୁଭବନରେ ନ ଥିବାରୁ ଶିଶୁରୋଗୀ ଅତ୍ୟାଧୁନିକ ସେବାରୁ ବଞ୍ଚିତ ରହୁଛନ୍ତି। ଏପରି କି ଗତ କିଛିଦିନ ପୂର୍ବେ ମୟୂରଭଞ୍ଜ ଅଞ୍ଚଳର ଶିଶୁପୁତ୍ରର ଅସ୍ତ୍ରୋପଚାରରେ ଏହା ବ୍ୟବହାର ହୋଇ ପାରି ନ ଥିଲା। ଫଳରେ ଯେଉଁଠି ଶିଶୁଟିର ଗୋଟିଏ ଥର ଅସ୍ତ୍ରୋପଚାର ପରେ ଶିଶୁ ସୁସ୍ଥ ହୋଇପାରିଥାନ୍ତି। ଏବେ ସେଠାରେ ଏକବର୍ଷ ମଧ୍ୟରେ ତିନିଥର ଅସ୍ତ୍ରୋପଚର କରାଯିବ। ତେବେ ଶିଶୁଭବନରେ ଶଲ୍ୟ ବିଭାଗକୁ ସମସ୍ତ ସୁବିଧାରୁ ବଞ୍ଚିତ କରାଯାଉଥିବା କହିବା ଅତ୍ୟୁକ୍ତି ହେବ ନାହିଁ।

ମିଳିଥିବା ସୂଚନା ମୁତାବକ, ଲାପ୍ରୋସ୍କୋପ ଭଳି ସ୍ଲିଟୋସ୍କୋପ ମଧ୍ୟ ଅସ୍ତ୍ରୋପଚାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ଏହି ଯନ୍ତ୍ରାଂଶ ଅସ୍ତ୍ରୋପଚାର ସମୟରେ ଶରୀର ଭିତରକୁ ମନିଟର ଦ୍ୱାରା ସ୍ପଷ୍ଟ ଭାବେ ଦେଖାଇଥାଏ। ଏହାର ମୂଲ୍ୟ ପାଖାପାଖି ୩ ଲକ୍ଷ ଟଙ୍କା ହେବ। ହେଲେ ଏହି ଯନ୍ତ୍ରାଂଶ କଟକ ଶିଶୁଭବନରେ ଥାଇ ମଧ୍ୟ ଅକାମୀ ହୋଇଯାଇଛି। ଫଳରେ ଅତ୍ୟାଧୁନିକ ପଦ୍ଧତିରେ ଅସ୍ତ୍ରୋପଚାରରୁ ବଞ୍ଚିତ ହେବା ସହ ବାରମ୍ବାର ଅସ୍ତ୍ରୋପଚାରର ସମ୍ମୁଖୀନ ହେବାକୁ ଶିଶୁରୋଗୀଙ୍କୁ ପଡୁଛି। ସେହିପରି ଆଉ ଏକ ବୋର ହୋଲ ନାମକ ଯନ୍ତ୍ରାଂଶ ମଧ୍ୟ ଖରାପ ହୋଇଛି। ମେଡିକାଲକୁ ଆସୁଥିବା ବଡ଼ ମୁଣ୍ଡ ଶିଶୁରୋଗୀଙ୍କ ଚିକିତ୍ସା ସମୟରେ ମୁଣ୍ଡ କଣା କରିବା ପାଇଁ ଏହି ଯନ୍ତ୍ରାଂଶକୁ ବ୍ୟବହାର କରାଯାଇଥାଏ। ଏହି ଯନ୍ତ୍ରାଂଶ ଖରାପ ଥିବାରୁ ଏହି ଚିକିତ୍ସାରୁ ମଧ୍ୟ ବଞ୍ଚିତ ରହୁଛନ୍ତି ଶିଶୁରୋଗୀ। ତେବେ ଶିଶୁଭବନକୁ ଗତ ୧୭ରେ ମୟୂରଭଞ୍ଜ ଜିଲାର ତୁଳସୀ ହେମ୍ବ୍ରମ ନିଜର ୨ସପ୍ତାହର ନବଜାତ ଶିଶୁପୁତ୍ରକୁ ଚିକିତ୍ସା ପାଇ ଆଣିଥିଲେ। ଶିଶୁଟିର ପରିସ୍ରା ନଳିରେ ସମସ୍ୟା ଥିଲା। ମେଡିକାଲରେ ଡାକ୍ତରଙ୍କୁ ଦେଖାଇବା ପରେ ଶଲ୍ୟ ବିଭାଗରେ ଶିଶୁପୁତ୍ରଟିର ଗତ ୬ ତାରିଖରେ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ସ୍ଲିଟୋସ୍କୋପ ଯନ୍ତ୍ରାଂଶ ନ ଥିବାରୁ ଶିଶୁଟିର ଏକ ବର୍ଷ ମଧ୍ୟରେ ତିନିଥର ଅସ୍ତ୍ରୋପଚାର କରାଯିବ ଏବଂ ତା ପରେ ଶିଶୁଟି ସାଧାରଣ ପିଲାଙ୍କ ପରି ପରିସ୍ରା କରି ପାରିବ ବୋଲି ଡାକ୍ତର କହିଥିଲେ। ତେବେ ଶିଶୁଟିର ଏତେ ଥର ଅସ୍ତ୍ରୋପଚାର ବିଷୟରେ ଜାଣି ମା' ତୁଳସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କୁ ପଚାରିବାରୁ ଏ ଦିଗରେ କୌଣସି ପ୍ରତିକ୍ରିୟା ଦେବେ ନାହିଁ ବୋଲି ସିଧାସଳଖ ମନାକରିଛନ୍ତି।

## ସଂକ୍ଷେପରେ

### ଶ୍ରୀରଞ୍ଜନ ମଙ୍ଗରାଜ ନିଖିଳ ଓଡ଼ିଶା ପାକ୍ସ, ଲ୍ୟାମ୍ପ୍ସ କର୍ମଚାରୀ ମହାସଂଘର ସଭାପତି

ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱରସ୍ଥିତ ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ନିଖିଳ ଓଡ଼ିଶା ପ୍ୟାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ବୈଠକ ସଭାପତି ସୀତାରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ବର୍ଷ ପାଇଁ ଭାଜପା ନେତା ତଥା ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜଙ୍କୁ ସର୍ବସମ୍ମତିକ୍ରମେ ମହାସଂଘର ନୂତନ ସଭାପତି ଭାବେ ମନୋନୀତ କରାଯାଇଛି। ନୂତନ ସଭାପତି ମଙ୍ଗରାଜ ତାଙ୍କ ଉତ୍ତରରେ ମହାସଂଘର ସମସ୍ତ ସଦସ୍ୟା ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାରେ ସମସ୍ତ ସଂଘ ଏକହୋଇ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହଙ୍କ 'ସମବାୟରୁ ସମୃଦ୍ଧି' ପାଇଁ ନୂତନ ଚିନ୍ତାଧାରା ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମବାୟର ଉନ୍ନତି କଳ୍ପେ ବିକାଶର ବାର୍ତ୍ତାକୁ ନେଇ ଓଡ଼ିଶାରେ ଭିନ୍ନ ଏକ ସମବାୟ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ ସରକାର କର୍ମଚାରୀଙ୍କ ଦୀର୍ଘଦିନର ଦାବି 'ଓଡ଼ିଶାରେ ସମବାୟ ସମ୍ପାଦକଙ୍କ ପାଇଁ କ୍ୟାଡର୍ ରୁଲ୍ ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କୁ ମହାସଂଘ ତରଫରୁ ସଭାପତି ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# 'ପିଲାଙ୍କ ସ୍ୱପ୍ନ ସାର୍ଥକ ପାଇଁ ସୁଯୋଗ ଦିଅନ୍ତୁ ମାତାପିତା'

■୧୦ ବ୍ଲକ ଟପ୍ପର ସମ୍ବର୍ଦ୍ଧିତ

■'ଆମ ତାରକା, ସଫଳତାର କଥା' ଉନ୍ମୋଚିତ

ଖୋର୍ଦ୍ଧା,୧୮।୬(ପ୍ରଭାତ କୁମାର ପାଣିଗ୍ରାହୀ)



ଜଣେ ମେଧାବୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ଖୋର୍ଦ୍ଧା ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷାର ମିଳିତ ଆନୁକୂଲ୍ୟରେ ହାବେଳି ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ବିକାଶ ମେଳାରେ ବୁଧବାର ଭିଜନ ଓଡ଼ିଶା@୨୦୩୬, ବିକଶିତ ଭାରତ@୨୦୪୭ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ୧୭୫ ଜଣ ଛାତ୍ରୀଛାତ୍ରଙ୍କୁ ଏହି ଉତ୍ସବରେ ପୁରସ୍କୃତ କରାଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ସମ୍ପର୍କରେ କହିଥିଲେ। ସେ କହିଥିଲେ, ଏ-୧ ଗ୍ରେଡ୍ ପାଇଥିବା ଏହି ପିଲାମାନେ ଅନ୍ୟ ପିଲାଙ୍କ ପାଇଁ ପ୍ରେରଣା। କଠିନ ପରିଶ୍ରମ, ଅଧ୍ୟବସାୟ ସଫଳତାର ମାପକାଠି। ସେହିପରି ମାତାପିତା ପିଲାର ପ୍ରଥମ ଗୁରୁ ହୋଇଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଦାନର ଗୁରୁ। ପ୍ରତ୍ୟେକ ଶିକ୍ଷକ ୪୫/୫୦ ମିନିଟ୍‌ର ଏକ ପିରିୟଡ୍‌ରେ ଯାହା ପଢ଼ାନ୍ତି, ତାହା ରାଷ୍ଟ୍ର ନିର୍ମାଣରେ ଶ୍ରେଷ୍ଠ କର୍ତ୍ତବ୍ୟ। ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ହିଁ ଶିକ୍ଷା। ଏଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ସେମାନଙ୍କ ମଧ୍ୟରେ ଥିବା ପ୍ରତିଭା ଅନୁଯାୟୀ ବଡ଼ ସ୍ୱପ୍ନ ଦେଖିବା ସହ ମାତାପିତାମାନେ ସେମାନଙ୍କ ସ୍ୱପ୍ନ ସାର୍ଥକ କରିବାକୁ ସୁଯୋଗ ଦେବାକୁ ସେ ଆହ୍ୱାନ ଦେଇଥିଲେ । ସଭାପତି ଭାଷଣରେ ଜିଲାପାଳ ଚଞ୍ଚଳ ରାଣା ସର୍ବଦା ଆଗକୁ ଯାଇ ନିଜ ପ୍ରତିଭାକୁ ପ୍ରସ୍ଫୁଟିତ କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ୍‌ସିଂ କହିଲେ, ପିଲାମାନେ ପିତାଙ୍କଠାରୁ ସଂଘର୍ଷ ଓ ମାତାଙ୍କଠାରୁ ସଂସ୍କାର ଶିଖିଥାଆନ୍ତି । ପିଲାମାନେ କଠିନ ପରିଶ୍ରମ କରି ନିଜ ଜୀବନର ଲକ୍ଷ୍ୟ ହାସଲ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଓ ଖୋର୍ଦ୍ଧା ପୌରପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ବିକାଶ ମେଳାର ସଫଳତା କାମନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ସ୍ୱାଗତ ଭାଷଣ ଦେଇଥିଲେ। ସଭା ଆରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ ଏବଂ ଖୋର୍ଦ୍ଧା ଜିଲା ଟପ୍ପର ସୌରଜିତ୍ ପ୍ରଧାନ, ବାଲିପାଟଣା ବ୍ଲକ୍ ଟପ୍ପର ବିଷ୍ଣୁପ୍ରସାଦ ଜେନା, ବାଲିଅନ୍ତା ବ୍ଲକ ଟପ୍ପର ବିଶ୍ୱଜିତ୍ ସିଂହ, ବେଗୁନିଆ ବ୍ଲକ୍ ଟପ୍ପର ରୂପାଲି ରାଉତରାୟ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ସୌମ୍ୟାଶ୍ରୀ ଦାଶ, ଖୋର୍ଦ୍ଧା ବ୍ଲକ ଟପ୍ପର ଜ୍ୟୋତିର୍ମୟୀ ଛୁଆଳସିଂ, ଦେବୀପ୍ରସାଦ ସାହୁ, ବାଣପୁର ବ୍ଲକ ଟପ୍ପର ଚନ୍ଦନ ସ୍ୱାଇଁ, ଟାଙ୍ଗୀ ବ୍ଲକ ଟପ୍ପର ସାଇପ୍ରଜ୍ଞା ସାହୁ, ବୋଲଗଡ଼ ବ୍ଲକ୍ ଟପ୍ପର ଅଂଶୁମାନ ବେହେରା, ଜଟଣୀ ବ୍ଲକ୍ ଟପ୍ପର ଅଙ୍କିତା ମହାକୁଡ଼ ଏବଂ ଚିଲିକା ବ୍ଲକ ଟପ୍ପର ଅନନ୍ୟା ନରେନ୍ଦ୍ର ସିଂହ ବର୍ମାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ପିଲାଙ୍କ ମତାମତ ସମ୍ପର୍କିତ ପୁସ୍ତିକା 'ଆମ ତାରକା, ସଫଳତାର କଥା' ଉନ୍ମୋଚନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଜ୍ଞାପାରମିତା ଜେନା ଧନ୍ୟବାଦ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ରାଜ୍ୟ ଶିକ୍ଷକ ମହାସଂଘ ଉପସଭାପତି ତଥା ଖୋର୍ଦ୍ଧା ଜିଲା ସଭାପତି ଅଗାଧୁ ସେଠୀ, ଦିଲୀପ କୁମାର ମୋଦୀ, ପ୍ରସନ୍ନ କୁମାର ମହାପାତ୍ର, ତୋଫାନ କୁମାର ରାଉତରାୟ, ଅଜୟ କୁମାର ବରାଡ଼, ସୁନିତା ପଟ୍ଟନାୟକ, ସୁଧାକର ମହାପାତ୍ର, ବିଷ୍ଣୁପ୍ରସାଦ ସେନାପତି, ଭରତ ଚନ୍ଦ୍ର ପ୍ରଧାନ, ସନ୍ଧ୍ୟାବତୀ ଲେଙ୍କା, ସରୋଜ କୁମାର ସିଂ, ବିଜୟ କୁମାର ବେହେରା ଏବଂ ରଶ୍ମିବାଳା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ଉପସ୍ଥାପନାରେ ରେବତୀ ପଣ୍ଡା ଏବଂ ପ୍ରୀତିନନ୍ଦା ମହାରଥା କାର୍ଯ୍ୟ ନିର୍ବାହ କରିଥିଲେ। ଶିକ୍ଷା, ସୂଚନା ଓ ମନୋରଞ୍ଜନଧର୍ମୀ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ଶତାବ୍ଦୀର କଳାକାର ଅନୁଷ୍ଠାନ ଦ୍ୱାରା ଐତିହାସିକ ଚେତନାଧର୍ମୀ ନାଟକ 'ମହାସଂଗ୍ରାମର ମହାନାୟକ ବକ୍ସି ଜଗବନ୍ଧୁ' ଏବଂ ସୌରୀବନ୍ଧୁ ଜେନା ଓ ସାଥୀଙ୍କ ଦ୍ୱାରା ଘୋଡ଼ାନାଚ ପରିବେଷଣ କରାଯାଇଥିଲା।

## ଚଳନ୍ତା ଟ୍ରକ୍‌ରେ ଲାଗିଲା ନିଆଁ



ଟାଙ୍ଗୀ-ଖୋର୍ଦ୍ଧା,୧୮।୬(ରଘୁନାଥ ସାହୁ)

୧୬ନଂ. ଜାତୀୟ ରାଜପଥ ସୁନେଇ ରୁପେଇ ଛକ ନିକଟରେ ଏକ ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗି ଯାଇଥିବା ଦେଖାଯାଇଥିଲା। ଟ୍ରକ୍‌ରେ ଲୁହାପଥର ବୋଝେଇ ହୋଇ ବିଶାଖାପାଟଣାରୁ ପାରାଦୀପ ଯାଉଥିବାବେଳେ ଏପରି ଦୁର୍ଘଟଣା ଘଟିଛି।

ଟ୍ରକ୍‌ରେ ଲୁହାପଥର ବୋଝେଇ ହୋଇ ଯାଉଥିବାବେଳେ ଓଭରଲୋଡିଂ କାରଣରୁ ପ୍ରଥମେ ଇଞ୍ଜିନ୍‌ରୁ ଧୂଆଁ ବାହାରିଥିଲା। ଅଧିକରୁ ଅଧିକ ଧୂଆଁ ବାହାରିବା ସହ ଟ୍ରକ୍‌ର କ୍ୟାବିନ୍ ଜଳିବାରେ ଲାଗିଥିଲା। ସ୍ଥାନୀୟ ଯୁବକ ଟ୍ରକ୍‌କୁ ଅଟକାଇ ସୁରକ୍ଷିତ ଅବସ୍ଥାରେ ଚାଳକଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଜଙ୍କିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲା।

## ଆଗାମୀ ପିଢ଼ି ପାଇଁ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଜରୁରୀ

**ଦିଶାନ୍ତ ରଜ ମହୋତ୍ସବ ଉଦ୍‌ଯାପିତ**

ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଭାରତର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧା ଗଡ଼ ଓଡ଼ିଆ ଜାତିର ଅସ୍ମିତା। ଐତିହାସିକ ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ। ଆଗାମୀ ଭବିଷ୍ୟତ ପାଇଁ ଏହାର ପୁନରୁଦ୍ଧାର ଜରୁରୀ ବୋଲି ମତ ପ୍ରକାଶ ପାଇଛି। ଜିଲା ପ୍ରଶାସନ ସହଯୋଗରେ ସାମାଜିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ବରୁଣେଇଠାରେ ଚାଲିଥିବା ୧୭ତମ ବରୁଣେଇ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦିଶାନ୍ତ ସମ୍ପାଦକ ଦିଲୀପ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପୌରାଧ୍ୟକ୍ଷା କନକଲତାମହାନ୍ତି ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ସାମାଜିକ କର୍ମୀ ବାସନ୍ତୀ ମହାପାତ୍ର, ଉମାକାନ୍ତ ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ଦିଲୀପ ହୋତା, ଭାଜପା ନେତା ନିକୁଞ୍ଜକିଶୋର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଲ୍ଲେଖନୀୟ ସେବା ପାଇଁ କେତେଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଦିଶାନ୍ତ ସହସମ୍ପାଦକ ସଂଜୀବ କୁମାର ପରିଡ଼ା ସଂଯୋଜନା କରିଥିଲେ। ପରିଚାଳନାରେ ନିରଞ୍ଜନ ନାୟକ, ଯଶସ୍ୱୀନି ସାହୁ, ରାଧାମୋହନ ମହାପାତ୍ର, ଦୀନବନ୍ଧୁ ବଳିୟାରସିଂ, ଜୟନାଥ ରାଣସିଂହ, ଶୁଭମ ମହାପାତ୍ର ସହଯୋଗ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଆଜି ୪୩ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି**

କୃଷ୍ଣପ୍ରସାଦ,୧୮।୬(କୈଳାଶ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଯୋଜନା ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକରେ ନୋଡାଲ ଏନ୍‌ଜିଓ ପ୍ରକଳ୍ପ ସଂଯୋଜକ ଏନ୍. ସମୀର କୁମାର ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ, ସେନେଇ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସମାଜ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ କୁମାର ରଥ, ସିପି ପ୍ରଭାତ କୁମାର ଜେନା, ମୁଖ୍ୟ କିରାଣି ପୂର୍ଣ୍ଣଚନ୍ଦ୍ର କାଣ୍ଡି, ବରିଷ୍ଠ କିରାଣି ଜିତେନ୍ଦ୍ର ପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବାତ୍ୟା ଆସିବା ପୂର୍ବରୁ ପ୍ରତି ଆଶ୍ରୟସ୍ଥଳୀଗୁଡ଼ିକରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ନୋଡାଲ ଏନ୍‌ଜିଓ ପ୍ରକଳ୍ପ ସଂଯୋଜକ ଏନ୍. ସମୀର କୁମାର ସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ କର୍ମଚାରୀ କାଶିମ ମହମ୍ମଦ, ଆଲୋକ ଖୁଣ୍ଟିଆ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଗୁରୁବାର ବ୍ଲକ ଅଧୀନରେ ଥିବା ୪୩ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିବ।

## ଜଳ ଉତ୍ସ, ସଂକ୍ରମିତ ଖାଦ୍ୟ, ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଉ

ଟାଙ୍ଗୀ-ଖୋର୍ଦ୍ଧା,୧୮।୬(ରଘୁନାଥ ସାହୁ)

ରାଜ୍ୟରେ ଡାଇରିଆ ଥମିବାର ନାଁ ଧରୁ ନ ଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ସଂକ୍ରମଣର କାରଣ ସମ୍ପର୍କରେ ଜନସାଧାରଣଙ୍କୁ ବ୍ୟାପକ ଭାବେ ସଚେତନ କରାଇବା ଆବଶ୍ୟକତା ରହିଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ କୁହୁଡ଼ି, ଭୁଷଣ୍ଡପୁର, ନିରାକାରପୁର, ବାଲିପାଟପୁର, କନ୍ତଲବାଇ, ରାମେଶ୍ୱର, ଓଳ ସିଂ, କମାଗୁରୁ ଅଞ୍ଚଳରେ ଥିବା ବଜାରରେ ଅନେକ ଫାଷ୍ଟଫୁଡ୍ ଦୋକାନ, ରାସ୍ତା ପାର୍ଶ୍ୱରେ ଥିବା ମାଳମାଳ ଜଳଖିଆ ଦୋକାନରେ ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରି ଚାଲିଛି। ବଜାରରେ ନକଲି ପାଣି ପାଉଚ, ପାଣି ବୋତଲ ଅବାଧରେ ବିକ୍ରି ହେଉଛି। ପ୍ରତି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ କରାଯାଉଛି। କିନ୍ତୁ ବ୍ୟବହୃତ ପାଣିଟାଙ୍କି ବିଶୋଧନ କରାଯାଉ ନ ଥିବା ଅଭିଯୋଗ ହେଉଛି। ପରିମଳ ପ୍ରତି କାହାର ଦୃଷ୍ଟି ନାହିଁ। ଡ୍ରେନ୍‌ଗୁଡ଼ିକ ଅଳିଆ ଆବର୍ଜନାରେ ଭର୍ତ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଫାଷ୍ଟଫୁଡ୍, ଜଳଖିଆ ଦୋକାନଗୁଡ଼ିକୁ ନିୟମିତ ଚଢ଼ାଉ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ବିଶେଷଭାବେ ଜନସାଧାରଣ ସଂକ୍ରମଣର କାରଣ ସମ୍ପର୍କରେ ସଚେତନ ହୋଇପାରିଲେ ଡାଇରିଆ ସଂକ୍ରମଣରୁ ରକ୍ଷା ପାଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ବାଦିପାଲା ଉଦ୍‌ଯାପିତ

ଟାଙ୍ଗୀ-ଖୋର୍ଦ୍ଧା,୧୮।୬(ରଘୁନାଥ ସାହୁ)

ଟାଙ୍ଗୀ କୈବର୍ତ୍ତ ସଂଘ ଆନୁକୂଲ୍ୟରେ ପ୍ରଭୁ ଶ୍ରୀ ବଳରାମ ଦେବ ମନ୍ଦିରସ୍ଥିତ ପାଲା ମଣ୍ଡପଠାରେ ରଜ ଉତ୍ସବ ଉପଲକ୍ଷେ ଚାଲିଥିବା ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ବାଦୀପାଲାରେ ନୟାଗଡ଼ ଜିଲା ସୁନାଖଳା ଦୁବପଲି ଗ୍ରାମର ଗାୟକ ବେଦ ବିଶାରଦ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ଓ ଜଗତ୍‌ସିଂହପୁର ଜିଲା ବିଶେଶ୍ୱରପୁର ଗ୍ରାମର ଗାୟକ ମଞ୍ଜୁଳ ବିଶାରଦ ସୌରଭ ଶିଶିର କୁମାର ପଣ୍ଡା ପାଲା ପରିବେଷଣ କରିଥିଲେ। ବିଭିନ୍ନ ପୌରାଣିକ ଉପାଖ୍ୟାନ, ପାରମ୍ପରିକ ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ, ଢଗଢମାଳି ଗାନ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ଉଭୟ ଗାୟକଙ୍କ ବାକ୍ ଚାତୁରୀକୁ ଦେଖିବାକୁ ଟାଙ୍ଗୀ ଓ ଏହାର ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ପାଲାପ୍ରେମୀ ଉପସ୍ଥିତ ଥିବା ଦେଖାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜକ କୈବର୍ତ୍ତ ସଂଘ ପକ୍ଷରୁ ଉଭୟ ଗାୟକଙ୍କୁ ସମ୍ମାନିତ କରାଯାଇଥିଲା। କୈବର୍ତ୍ତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ବାଦୀପାଲା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୭୪ ଲିଟର ମଦ ଜବତ, ୪ ଗିରଫ



ବେଗୁନିଆ,୧୮।୬(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ବେଗୁନିଆ ଅବକାରୀ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ବୁଧବାର ଚଢ଼ାଉ କରି ୭୪ ଲିଟର ଦେଶୀମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବେଗୁନିଆ ଥାନା ଚଟୁଆ ଗ୍ରାମର କୈଳାସ ଚନ୍ଦ୍ର ସାହୁ, ରାଜକିଶୋର ସାହୁ, ପିଟୁକୁଲି ଗ୍ରାମର ଉତ୍ତମ ନାୟକ ଏବଂ ବୋଲଗଡ଼ ଥାନା ଅଧୀନ ଭବାନୀପୁର ଗ୍ରାମର ବୈକୁଣ୍ଠ ନାୟକ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଅଧିକ୍ଷା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧି ଏହାର ନେତୃତ୍ୱ ନେଇଥିଲେ। ଚଢ଼ାଉରେ ବେଗୁନିଆ ଅବକାରୀ ଥାନା କର୍ମଚାରୀ ପୁରୁଷୋତ୍ତମ ପାଇକରା, ଚିନ୍ମୟୀ ସେଠୀ ଏବଂ ସନ୍ତୋଷ କୁମାର ବରାଳ ସାମିଲ ଥିଲେ।

# ମାଜେଣା-ବନ୍ତଳ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ମାଜେଣାଠାରୁ ବନ୍ତଳ ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ରାସ୍ତା ଉପରେ ୭ଟି ପଞ୍ଚାୟତ ନିର୍ଭର କରନ୍ତି। ପୂର୍ବରୁ ଭୁବନେଶ୍ୱର, ଖୋର୍ଦ୍ଧା, ଟାଙ୍ଗୀକୁ ଏହି ରାସ୍ତା ଦେଇ ଯାତାୟତ କରିବାକୁ ଦୀର୍ଘ ସମୟ ଲାଗୁଥିଲା। ପୂର୍ବରୁ ଏହି ରାସ୍ତାଟି ଜଙ୍ଗଲ ପରିବେଶ ବିଭାଗ ଅଧିନରେ ଥିବାରୁ ଆଧୁନିକୀକରଣ ସମ୍ଭବ ହେଉନଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ଅନୁମୋଦନ ପରେ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନକୁ ଆସିଥିଲା। ଏହାପରେ ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩ କୋଟି ଟଙ୍କାର ବଜେଟ୍ ଅନୁମୋଦନ ହୋଇଛି। ମଙ୍ଗଳବାର ଭୁବନେଶ୍ୱର ଏମ୍‌ପି ଅପରାଜିତ ଷଡ଼ଙ୍ଗୀ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୩ କିମି ରାସ୍ତାକୁ ଆସନ୍ତା ୯ ମାସ ଭିତରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେବା ପରେ ଲୋକଙ୍କ ସମସ୍ୟା ଦୂର ହେବ। ଡାକ୍ତରଖାନା ଯିବାକୁ ଖୋର୍ଦ୍ଧା ଦେଇ ୨୫ କିଲୋମିଟର ବାଟ ଅଧିକ ବୁଲିବାକୁ ପଡୁଥିଲା, ତାହା ଆଉ ହେବନାହିଁ। ଏହି ୩ କିଲୋମିଟର ରାସ୍ତା ପୂରଣ ହେଲେ ଖୋର୍ଦ୍ଧା-ଟାଙ୍ଗୀ ଦେଇ ଅଧିକ ୨୫ କିମି ବାଟ ବୁଲି ବୁଲି ଯିବାକୁ ପଡିବ ନାହିଁ। ଅନ୍ୟପକ୍ଷରେ ପ୍ରତ୍ୟେକ ପଞ୍ଚାୟତରେ ଆଗାମୀ ୪ ବର୍ଷ ଭିତରେ ସାଂସଦଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଯୁବକମାନଙ୍କ ପାଇଁ ଲାଇବ୍ରେରୀ ନିର୍ମାଣ ହେବ ବୋଲି ଷଡ଼ଙ୍ଗୀ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡଜେନା, ମଲ୍ଲିପୁର ଗ୍ରାମର ବରିଷ୍ଠ ନାଗରିକ ରାମ ବାବୁ, ସରପଞ୍ଚ ସୁଧାଂଶୁ ସେଠୀ, ସମିତିସଭ୍ୟ ଲିଲି ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ଏକଜିକ୍ୟୁଟିଭ ଇଞ୍ଜିନିୟର ଅଶୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶିରିଡ଼ି ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା

କୃଷ୍ଣପ୍ରସାଦ,୧୮।୬ (କୈଳାଶ ଚନ୍ଦ୍ର ପଟ୍ଟନାୟକ)



କୃଷ୍ଣପ୍ରସାଦ ବ୍ଲକ ଅଧୀନ ବଡ଼ଦଣ୍ଡା ଗ୍ରାମର ଶ୍ରୀ ସାଇ ସ୍ୱର୍ଣ୍ଣଧାମ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ସଚ୍ଚିଦାନନ୍ଦ ସଦ୍‌ଗୁରୁ ଶ୍ରୀ ସାଇନାଥ ମହାରାଜଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସିଆଳ ଶଙ୍ଖ ପୋଖରୀରୁ ପୂଜାର୍ଚ୍ଚନା ପରେ ବ୍ଲକର ବିଭିନ୍ନ ସ୍ଥାନରୁ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଶୋଭାଯାତ୍ରାରେ ୨ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ମହାମଣ୍ଡଳେଶ୍ୱର ପୂଜ୍ୟ ଡ. ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଇଥିଲା। ଶ୍ରୀ ସାଇ ସ୍ୱର୍ଣ୍ଣଧାମ ଚାରିଟେବୁଲ ଟ୍ରଷ୍ଟ ବଡ଼ଦଣ୍ଡାର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ସହଯୋଗ କରୁଛନ୍ତି। ୪ ଦିନ ବ୍ୟାପୀ ହେବାକୁ ଥିବା ଏହି ଯଜ୍ଞରେ ଅଙ୍କୁରାରୋପଣ, ଗୋ ପୂଜା, ସୂର୍ଯ୍ୟ ପୂଜା, ଗୁରୁ ପୂଜା, ଅଗ୍ନି ସ୍ଥାପନ, ବିଗ୍ରହଙ୍କ ମହାସ୍ନାନ, ବିଗ୍ରହ ସିଂହାସନ ଆରୋହଣ, ବିଗ୍ରହ ପ୍ରତିଷ୍ଠା, ପୂର୍ଣ୍ଣାହୁତି ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନାମ ପରିବେଷଣ ନିମନ୍ତେ ବିଭିନ୍ନ ସ୍ଥାନରୁ ୨୦ ମେଳ ସଂକୀର୍ତ୍ତନ ଯୋଗଦେଇଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଉତ୍ସବକୁ ସରସ ସୁନ୍ଦର କରିବାକୁ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିବାବେଳେ ବଡ଼ଦଣ୍ଡା ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଅଧାରେ ଅଟକିଛି ଶ୍ମଶାନ ଜମି ଚିହ୍ନଟ ପ୍ରକ୍ରିୟା

ବେଗୁନିଆ,୧୮।୬(ହର ପ୍ରସନ୍ନ ପଣ୍ଡା)

■ଶୁଣିଲାନି ପ୍ରଶାସନ, ମନ୍ତ୍ରୀଙ୍କୁ ଭେଟିଲେ ତଳଗଡ଼ ଗ୍ରାମବାସୀ

■ଭିତ୍ତିଭୂମିର ବିକାଶ ପାଇଁ ଦାବିପତ୍ର

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅଧୀନ ତଳଗଡ଼ ଗାଁରେ ଶ୍ମଶାନ ଜମି ଥାଇ ମଧ୍ୟ ଗ୍ରାମବାସୀଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଶାସନିକ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଲୋକେ ଏହାର ସୁବିଧା ଉପଲବ୍ଧି କରିପାରୁ ନାହାନ୍ତି। ଶ୍ମଶାନ ଜମି ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ପାରିପାର୍ଶ୍ୱିକ ଭିତ୍ତିଭୂମିର ମଧ୍ୟ ବିକାଶ ହୋଇପାରି ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟା ପାଲଟିଛି। ଫଳରେ ଏହାର ସମାଧାନ ପାଇଁ ଗ୍ରାମବାସୀ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସପ୍ତାହେ ପୂର୍ବରୁ ତଳଗଡ଼ ଗ୍ରାମବାସୀ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ନାନା ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଏପରିକି ତଳଗଡ଼ ମୌଜାରେ ସରକାରଙ୍କ ରାଜସ୍ୱ ବିଭାଗର ରେକର୍ଡ ପରିସରଭୁକ୍ତ ୩ଟି ପ୍ଲଟ୍ ଥାଇ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମାପ ଓ ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଗଲାନି। ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଥିବା ଉକ୍ତ ଜମିକୁ ଜବରଦଖଲମୁକ୍ତ କରାଯାଇ ବିଧିବଦ୍ଧ ଭାବେ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଗଲା ନାହିଁ। ପ୍ରଶାସନ ପକ୍ଷରୁ ପ୍ଲଟକୁ କେବଳ ବୃତ୍ତ ଚିହ୍ନ ଦ୍ୱାରା ଚିହ୍ନଟ କରାଯାଇ ଅଧାରୁ ଛାଡ଼ି ଦିଆଯାଇଛି। ଅନ୍ୟପକ୍ଷେ ଶ୍ମଶାନର ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ ହେଉନାହିଁ। ଶବ ସତ୍କାର ପାଇଁ ଯିବାକୁ ହେଲେ ପକ୍କା ରାସ୍ତାଟିଏ ନ ଥିବାବେଳେ ଚତୁଃପାର୍ଶ୍ୱରେ ପ୍ରାଚୀର ଏବଂ ଶ୍ମଶାନ ଗୃହ କି ପ୍ରତୀକ୍ଷା ଗୃହଟିଏ ମଧ୍ୟ ନାହିଁ ବୋଲି ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଗ୍ରାମର ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ରକୁ ରଙ୍କନିଧି ବଳିୟାରସିଂହ, ପ୍ରଶାନ୍ତ କୁମାର ଜଗଦେବ, ଅସୀମା ମାନ୍ଧାତା, ନିରୁପମା ପାଇକରାୟଙ୍କ ସହିତ ୱାର୍ଡ ସଭ୍ୟା ରୁପାଲି ଦାଶ ପ୍ରମୁଖ ଦାବି କରିଛନ୍ତି। ପ୍ରକାଶଥାଉ କି, ତଳଗଡ଼ ଗ୍ରାମରେ ୧,୧୦୦ ଲୋକ ବସବାସ କରନ୍ତି। ଗ୍ରାମରେ ସବର୍ଣ୍ଣ ପରିବାରଙ୍କୁ ନେଇ ୨ଟି ୱାର୍ଡ ଗଠିତ ହୋଇଛି। ଏହି ଗାଁର ଦକ୍ଷିଣ ଦିଗକୁ ଗଲେ ସରକାରଙ୍କ ଶ୍ମଶାନ ଜମି ରହିଛି। ଖାତା ନଂ. ୪୮୪, ନଂ. ୩୭୩/୪୫୦/୪୮୧ ବିଶିଷ୍ଟ ୩ଟି ପ୍ଲଟ ରହିଛି। ସମୁଦାୟ ୩ ଏକର ୬୦୫ ଡିସିମିଲ/କିସମ ଶ୍ମଶାନ ଜମି ରେକର୍ଡ ପରିସରଭୁକ୍ତ ହୋଇଛି। ହେଲେ ଉକ୍ତ ଜମି କାହା କବଳରେ ଅଛି, ଲୋକେ ତାହା ଜାଣିପାରୁ ନ ଥିଲେ। ମାତ୍ର କେଉଁ ଆବାହମାନ କାଳରୁ ଲୋକେ ଯେଉଁ ଜମିରେ ସତ୍କାର କରୁଥିଲେ, ତାହା ଏବେ ଜଣେ ବ୍ୟକ୍ତିଙ୍କର ବୋଲି ଜାଣିବାକୁ ପାଇଥିଲେ। ଉକ୍ତ ସ୍ଥାନକୁ ବ୍ୟକ୍ତି ଜଣଙ୍କ ବାରଣ କରିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ସ୍ୱଚ୍ଛଳ, ମଧ୍ୟମ ଏବଂ ଗରିବ ଲୋକେ ସତ୍କାର ପାଇଁ ଅଯଥା ଖର୍ଚ୍ଚାନ୍ତ ହୋଇ ପୁରୀ ସ୍ୱର୍ଗଦ୍ୱାର ଧାଉଁଥିଲେ। ସମସ୍ୟାର ସମାଧାନ ପାଇଁ ଲୋକେ ଗତ ଅଗଷ୍ଟରେ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଆଦେଶନାମାରେ ବେଗୁନିଆ ତହସିଲଦାର ତାପସ ବିଶିଙ୍କ ପରିଚାଳନାରେ ଉକ୍ତ ଶ୍ମଶାନ ଜମିର ମାପଚୁପ ପ୍ରକ୍ରିୟା ଆରମ୍ଭ ହୋଇ ଅଧାରୁ ଛାଡ଼ି ଦିଆଯାଇଛି।

## ସଂକ୍ଷେପରେ

### ମାର୍କେଟ୍ କମ୍ପ୍ଲେକ୍ସ କାମ ଅଧାପନ୍ତରିଆ

ଯୋଗେଶ୍ୱରପୁର,୧୮।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ପାଇକସାହିଠାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗତ ୪ବର୍ଷ ତଳେ ଆରମ୍ଭ ହୋଇଥିବା ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ଅଧାପନ୍ତରିଆ ହୋଇପଡ଼ିଛି। ସେହି ନିର୍ମାଣାଧୀନ ଘରେ ବଡ଼ ବଡ଼ ଗଛମାନ ଉଠିଥିବାରୁ ସାପମାନ ବସବାସ କରୁଛନ୍ତି। କମ୍ପ୍ଲେକ୍ସ ନିର୍ମାଣ କରୁଥିବା ଠିକାଦାର ତା'ର କାର୍ଯ୍ୟର ବିଲ୍ ପାଇ ଯାଇଥିବାବେଳେ କାର୍ଯ୍ୟ କିନ୍ତୁ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଗୋପ ବିଡିଓ ଛବିରାଣୀ ସାହୁ କହିଛନ୍ତି, ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଜାଣିଥିବେ। ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଆମ ସମୟର କାମ ନୁହେଁ, ପୂର୍ବତନ ସରପଞ୍ଚଙ୍କ ସମୟରେ ହୋଇଥିଲା। ଯଦି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ମାଣ କରାଯିବ ତେବେ ପଞ୍ଚାୟତର ରାଜସ୍ୱ ବଢ଼ିପାରିବ।

### କବିତା ପାଠୋତ୍ସବ, ଆଧ୍ୟାତ୍ମିକ ଭଜନ ସନ୍ଧ୍ୟା

ଡେଲାଙ୍ଗ,୧୮।୬ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଗଡ଼ମୋଟରୀଠାରେ ଧର୍ମପରାୟଣ ମହିଳା ସ୍ୱର୍ଗତ ଚନ୍ଦ୍ରମଣି ମହାପାତ୍ରଙ୍କ ଦଶାହ ଅବସରରେ କବିତା ପାଠୋତ୍ସବ, ସ୍ମୃତିଚାରଣ, ଆଧ୍ୟାତ୍ମିକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଗୋପାଳଚନ୍ଦ୍ର ମହାପାତ୍ର ଓ ଶିକ୍ଷୟିତ୍ରୀ ତଥା ଶିଶୁ ସାହିତ୍ୟ ସଂସଦ ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷାବିତ୍, ସାମାଜିକ କର୍ମୀ, ଭଗବତପ୍ରେମୀ ଯୋଗଦେଇ ପ୍ରତ୍ୟେକଙ୍କ ଜୀବନ ପାଇଁ ମା'ଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କବି ପ୍ରଭାସ ପ୍ରଧାନ, ଶିକ୍ଷକ ଅଭୟଚରଣ ସାହୁ, ନାରାୟଣ ମନୋହରି, ରାଜକିଶୋର ଦାସ, ପ୍ରଭାତ ସେଠୀ, ଦିଲୀପ ରାଉତରାୟ, ନିରଞ୍ଜନ ସାମନ୍ତରାୟଙ୍କ ସମେତ କବି ଓ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

### ଲିଟିଲ୍ ଷ୍ଟାର ଗ୍ରୁପର ପ୍ରତିଷ୍ଠା ଦିବସ, ସାହିତ୍ୟ ଆସର

ନିମାପଡ଼ା,୧୮।୬
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ାର ଲିଟିଲ୍ ଷ୍ଟାର ଗ୍ରୁପର ୨୩ତମ ପ୍ରତିଷ୍ଠା ଦିବସ ସମାରୋହ ପାଟପୁର ଗ୍ରାମସ୍ଥିତ ବାବା କପିଳେଶ୍ୱର ମହାଦେବଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ ଆସର, ରଜ ଉତ୍ସବ, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଆୟୋଜିତ ହୋଇଥିଲା। ଏଥିରେ ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ଶିଶୁ ପତ୍ରିକା ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢ଼ୀ, ଅଧ୍ୟାପକ ସୁବ୍ରତ ମହାନ୍ତି, ଶିକ୍ଷାବିତ୍ ନିର୍ଝରିଣୀ ନାୟକ, ସୌଦାମିନୀ ମିଶ୍ର, ନିର୍ମଳ ମିଶ୍ର, ବସନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଡା. ମନୋରଞ୍ଜନ ମହାପାତ୍ରଙ୍କୁ ଲୋକନାଥ ମିଶ୍ର ସ୍ମୃତି ସମ୍ମାନ, ଖବରଦାତା ଶତରୂପା ସାମନ୍ତରାୟଙ୍କୁ ବିଦ୍ୟୁଲତା ମହାନ୍ତି ସ୍ମୃତି ସମ୍ମାନ, ଶିକ୍ଷକ ନିବେଦିତା ପଣ୍ଡାଙ୍କୁ ହଟକିଶୋର ସ୍ୱାଇଁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ୪୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା

## ଶେଷ ହୋଇଛି ଟେଣ୍ଡର, ୪ ମାସ ମଧ୍ୟରେ ସମ୍ପନ୍ନ ହେବ କାର୍ଯ୍ୟ

କୋଣାର୍କ,୧୮।୬(ଜ୍ୟୋତିରଞ୍ଜନ ମହାନ୍ତି)

କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣଶୈଳୀ ଗାଥାକୁ ଉପସ୍ଥାପିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସେପ୍ଟେମ୍ବର ୨୦୨୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ସୂର୍ଯ୍ୟମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରାଯାଇଥିଲା। ୮ଟି ପ୍ରୋଜେକ୍ଟର ମାଧ୍ୟମରେ ୪୫ ମିନିଟ ଧରି ଏହି କାର୍ଯ୍ୟକ୍ରମ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଆଦୃତ ହେବା ସହ ପର୍ଯ୍ୟଟନ ବିଭାଗର ଭଲ ଆୟ ମଧ୍ୟ ହେଉଥିଲା। ହେଲେ ଦୁଃଖର ବିଷୟ, ପୂର୍ବରୁ ୫ଟି ପ୍ରୋଜେକ୍ଟର ଖରାପ ହୋଇଥିବା ବେଳେ ଜାନୁଆରୀରେ ସମ୍ପୂର୍ଣ୍ଣ ୮ଟିଯାକ ପ୍ରୋଜେକ୍ଟର ଖରାପ ହୋଇଥିଲା। ପ୍ରାୟ ୬ମାସ ଧରି ଲାଇଟ୍ ଆଣ୍ଡ ସାଉଣ୍ଡ ସିଷ୍ଟମ ବନ୍ଦ ହୋଇପଡ଼ିଛି। ଏନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହା ମରାମତି ହେବା ପାଇଁ ଟେଣ୍ଡର ହୋଇଥିବା ଶୁଣିବାକୁ ମିଳିଥିଲା। ହେଲେ ଏବେ ଏହାର ଯନ୍ତ୍ରପାତି ବୁଧବାର ପୂର୍ବାହ୍ନରେ ଖୋଲାଯାଉଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଯେଉଁ ସ୍ଥାନରେ ପ୍ରୋଜେକ୍ଟର ସ୍ଥାପନା ହୋଇଥିଲା, ସେଠାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତରିତ ହେବ। କୋଣାର୍କ ସୂର୍ଯ୍ୟମନ୍ଦିର କେନ୍ଦ୍ର ସରକାରଙ୍କ ଅଧୀନ ସଂସ୍ଥା ଏଏସ୍ଆଇ ଅଧୀନରେ ଥିବାବେଳେ ଲାଇଟ୍ ଆଣ୍ଡ ସାଉଣ୍ଡଟି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧୀନରେ ରହିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଲାଇଟ୍ ଆଣ୍ଡ ସାଉଣ୍ଡ ୮ବର୍ଷ ପରେ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବାର କାରଣ କ'ଣ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏପରି ହେଉଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହା ପୁନଃ କାର୍ଯ୍ୟକ୍ଷମ ହେବ କି ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ, ତାହା ସମୟ କହିବ ବୋଲି ଆଲୋଚନାର ବିଷୟ ପାଲଟିଛି। ଓଟିଡିସିର କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଜେନା କହିଛନ୍ତି, ପୁରା ସାଉଣ୍ଡ ଲାଇଟ ସିଷ୍ଟମ ଆଗକୁ କାର୍ଯ୍ୟକ୍ଷମ ହେବା ଫଳରେ ପର୍ଯ୍ୟଟକ ମହଲରେ ଏହା ବେଶ୍ ଆଦୃତ ହେବ। ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ପୁନଃ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ୪ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର ଶେଷ ହୋଇଛି। ଆସନ୍ତା ୪ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟ ପାଇଁ ଦିଲ୍ଲୀର ଏକ ସଂସ୍ଥାକୁ ଟେଣ୍ଡର ଦିଆଯାଇଛି। ପର୍ଯ୍ୟଟକମାନଙ୍କ ବସିବା ପାଇଁ ସୁବିଧା ହେବା ସହ ଲେଜର ଲାଇଟ ଲାଗିବ ବୋଲି ସୂଚନା ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ପ୍ରକାଶ କରିଛନ୍ତି।




ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷା ମନ୍ଦିରର ରୌପ୍ୟ ଜୟନ୍ତୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ରଥଖଳାରୁ...

### ୩ ରଥର ଦୁଆର ବେଢ଼ା ନିର୍ମାଣ ଜାରି



ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୪୯ତମ ଦିବସରେ ବୁଧବାର ୩ରଥର ଦୁଆରବେଢ଼ା ନିର୍ମାଣ ଜାରି ରହିଛି। ୧୨ଟି ଦୁଆରବେଢ଼ାରୁ ମହାରଣା ସେବକମାନେ ଗୋଟିଏ ଗୋଟିଏ ଦୁଆର ବେଢ଼ା ନିର୍ମାଣ ଶେଷ କରି ରଥ ନିକଟରେ ରଙ୍ଗ କାର୍ଯ୍ୟ ପାଇଁ ସାଇଛନ୍ତି। ରଥର ପ୍ରଭା ଫ୍ରେମ ପ୍ରସ୍ତୁତି ଆରମ୍ଭ ହୋଇଛି। ମହାରଣା ସେବକମାନେ ପ୍ରଭା ଫ୍ରେମ ପ୍ରସ୍ତୁତି ପୂର୍ବକ ଫ୍ରେମରେ ପଟା ପକାଇ ଖିଲଣ କଟି ଶେଷପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନିରଥର ବାକି ନାଟ ଗୋଡ଼ରେ ରୂପ ଖୋଦେଇର ପରିଷ୍କାର ସହ ଅଳଙ୍କାର ପକା କାର୍ଯ୍ୟର ଶେଷ ସ୍ପର୍ଶ ଦେଉଛନ୍ତି। ଏଥିସହ ତିନି ରଥରେ ଲାଗିଥିବା ପଟାଗୁଚ୍ଛ ଗୁଡ଼ିକରେ ନର ବିରାଳ, ଗଜ ବିରାଳ ଏବଂ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାରମାନେ ତିନିରଥର ପାର୍ଶ୍ୱ ଦେବଦେବୀଙ୍କ ପ୍ରତିମାରେ ରଙ୍ଗ କାର୍ଯ୍ୟ, ହଂସପଟା, ଶିଖର ଡମ୍ଫୁରୁ ଝଁଳା, କନ୍ୟାପଟା, ଓଳଟ ଛୁଆ ଏବଂ ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ସହ ବାଦ୍ୟ ରଙ୍ଗ କାର୍ଯ୍ୟ ଜାରି ରହିଛି। ବୋଲେଦେବି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଜଗତପୁଷ୍ପ କଣ୍ଟା ପ୍ରଭୃତି ଶେଷପର୍ଯ୍ୟାୟରେ ପହଞ୍ଚିଛି।

## ୩୨ ୱାର୍ଡ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ସର୍କିଟ୍ ହାଉସ୍‌ରେ ବୁଧବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପୁରୀ ପୌରାଞ୍ଚଳ ଅଧୀନ ୩୨ଟି ୱାର୍ଡର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସ୍ତରୀୟ ୩୨ଜଣ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ୱାର୍ଡ ତଦାରଖ ପାଇଁ ନିଯୁକ୍ତ କରାଯାଇଛି। ପୌର ଅଧିକାରୀ ଅଭିମନ୍ୟୁ ବେହେରା ପ୍ରତ୍ୟେକ ୱାର୍ଡ କାର୍ଯ୍ୟକ୍ରମର ରିପୋର୍ଟ ଦାଖଲ କରିଥିଲେ। ଜିଲାପାଳ ସ୍ୱାଇଁ ସାନିଟେଶନ ଉପରେ ଗୁରୁତ୍ୱ ଦେଇଥିଲେ। ମଶା କାମୁଡ଼ା ଦାଉରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ୱାର୍ଡରେ ସପ୍ତାହକୁ ୨ଥର ଲେଖାଏ ମଶାଧୂଆଁ ଛଡ଼ାଯାଉଛି। କେଉଁଠି ନଳା କାମ ସରିଛି କି ନାହିଁ ରାସ୍ତାଘାଟ କାମ ହୋଇଛି କି ନାହିଁ ଏବଂ ନଳା ଉପରେ ସ୍ଲାବ୍ ପଡ଼ିଛି କି ନାହିଁ ତାହା ତଦାରଖ କରିଥିଲେ। କେଉଁଠାରେ ଲୋକେ ଜବରଦଖଲ କରି ରାସ୍ତାରେ ମଇଳା ଗଦା ବା ମାଟିଗୋଡ଼ି ଜମା କରିଛନ୍ତି, ତାହା ନଜରକୁଆସିଲେ, ତୁରନ୍ତ ରାସ୍ତାରୁ ହଟାଇବା ପାଇଁ ପୌର ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟଗୁଡ଼ିକୁ ରଥଯାତ୍ରା ପୂର୍ବରୁ ଶେଷ କରିବା ପାଇଁ କୁହାଯାଇଛି।

## ଭିଜିଲାନ୍ସ ଜାଲରେ ଚନ୍ଦନପୁର ଏଏସ୍ଆଇ

ପୁରୀ,୧୮।୬ (ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନାରେ ଏଏସ୍ଆଇ ଭାବେ କାର୍ଯ୍ୟରତ ପ୍ରଭାତ କୁମାର ପ୍ରଧାନ ଏକ ଜମି ମାମଲାରେ ଜଣେ ଅଭିଯୋଗକାରୀଙ୍କୁ ସହଯୋଗ କରିବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଭିଜିଲାନ୍ସର ଏକ ଟିମ୍ ବୁଧବାର ତାଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଚନ୍ଦନପୁର ଥାନା ଅଞ୍ଚଳରେ ଦୁଇ ଭାଇଙ୍କ ମଧ୍ୟରେ ଜମି ବିବାଦ ଲାଗି ରହିଥିଲା। ଉକ୍ତ ମାମଲାର ତଦନ୍ତ ଏଏସ୍ଆଇ ପ୍ରଧାନ କରୁଥିଲେ। ବୁଧବାର ଏଏସ୍ଆଇ ପ୍ରଧାନ ଅଭିଯୋଗକାରୀ ଏବଂ ତାଙ୍କ ଭାଇଙ୍କୁ ଜମି ବିବାଦ ମାମଲାରେ ସହାୟତା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଏହି ଘଟଣା ବିଷୟରେ ସୂଚନା ଦେଇଥିଲେ। ଏଏସ୍ଆଇ ପ୍ରଧାନ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ଟଙ୍କା ଜବତ କରିଛି। ଏଥିସହ ଏଏସ୍ଆଇ ପ୍ରଧାନଙ୍କ ୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୧୨/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

# ରଥଯାତ୍ରାରେ ପୁରୀ ନ ଆସିବାକୁ ମନ୍ତ୍ରୀ, ନେତାଙ୍କୁ ମମତାଙ୍କ ତାଗିଦ

## ରାଜନୈତିକ ଚାପ ଯୋଗୁ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେଉନି

ପୁରୀ,୧୮।୬ (ଅଜିତ୍ କୁମାର ମହାନ୍ତି)

ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିରକୁ ଶ୍ରୀଜଗନ୍ନାଥ ଧାମ ବୋଲି ନାମକରଣକୁ ନେଇ ବିବାଦ ଦେଖାଦେଇଥିଲା, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ତେବେ ଏବେ ପୁଣି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଏକ ନିର୍ଦ୍ଦେଶନାମା ବିବାଦ ସୃଷ୍ଟି କରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ମନ୍ତ୍ରୀ, ଦଳୀୟ ବିଧାୟକ ଏବଂ ଏମ୍‌ପିମାନଙ୍କୁ ରଥଯାତ୍ରା ସମୟରେ ପୁରୀ ନ ଆସିବାକୁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି। ସମସ୍ତେ ଦୀଘା ରଥଯାତ୍ରାରେ ସାମିଲ ହେବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ରହିଛି।

ଅନ୍ୟପକ୍ଷରେ ଇସ୍କନ ପକ୍ଷରୁ ବାରମ୍ବାର ଅଦିନିଆ ରଥଯାତ୍ରା କରାଯାଉଛି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ସନାତନ ଧର୍ମ ଉପରେ ଯଦି ଆଞ୍ଚ ଅଣାଯାଉଛି ତେବେ ଇସ୍କନ ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ପୁରୀ ତଥା ଓଡ଼ିଶାକୁ ଆସିବା ପାଇଁ ଅନୁମତି ନ ଦିଆଯାଉ। ଗଜପତି ମହାରାଜା ଏନେଇ ନିର୍ଦ୍ଦେଶ ଦିଅନ୍ତୁ। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତାଙ୍କ ନେତା ଓ ମନ୍ତ୍ରୀମାନଙ୍କୁ ରଥଯାତ୍ରା ସମୟରେ ପୁରୀକୁ ନ ଆସି ଦୀଘା ଜଗନ୍ନାଥ ମନ୍ଦିରରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିବା ଶୁଣିବାକୁ ମିଳୁଛି। ତେବେ ପୁରୀର ସେବାୟତ କେହି ଦୀଘାକୁ କେହି ଯିବେ ନାହିଁ। ଇସ୍କନ ସେଠାରେ ପରିଚାଳନା କରୁଛି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେଉ ନ ଥିବା ନେଇ ସ୍ୱାଇଁ ମହାପାତ୍ର କହିଛନ୍ତି, ରାଜନୈତିକ ଚାପ ପକାଯାଉଛି। ମୁଖ୍ୟ ପ୍ରଶାସକ ଚାହୁଁଛନ୍ତି ରଥଯାତ୍ରା ଶୃଙ୍ଖଳିତ ଭାବରେ ହେଉ। ରଥଯାତ୍ରା ପୂର୍ବରୁ ଯଦି କମିଟି ଗଠନ କରାଯିବ, ତେବେ ସେବାୟତଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିବ ଏବଂ ରଥଯାତ୍ରାରେ ବିଶୃଙ୍ଖଳା ପରିଲକ୍ଷିତ ହେବାର ଆଶଙ୍କା ରହିଛି।

## ୧୭ ସ୍ଥାନରୁ ପାଣି, ଖାଦ୍ୟ ନମୁନା ସଂଗ୍ରହ

କାକଟପୁର/ଅସ୍ତରଙ୍ଗ,୧୮।୬
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଗତ ୮ ତାରିଖରେ 'ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି' ଶୀର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏଥିନେଇ ପ୍ରଶାସନ ତତ୍ପରତା ପ୍ରକାଶ କରି ବୁଧବାର ପ୍ରଶାସନ ପକ୍ଷରୁ ୧୭ ସ୍ଥାନରୁ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ତେବେ ଝାଡ଼ାବାନ୍ତି ବ୍ୟାପିବାର କାରଣ ସ୍ପଷ୍ଟ ହୋଇପାରୁନି। ଖାଦ୍ୟ ନିରାପତ୍ତା ଅଧିକାରୀ ନବକିଶୋର ସାହୁଙ୍କ ନେତୃତ୍ୱରେ ୬ଜଣିଆ ଟିମ୍‌ରେ ପ୍ରତ୍ୟୁଷ ତାରଣିଆ, ଲିଙ୍ଗରାଜ ମହାପାତ୍ର, ଧରଣୀଧର ନାୟକ କୁହୁଡ଼ି ଛକ ନିକଟରୁ ଅସ୍ତରଙ୍ଗ ମୁଖ୍ୟ ବଜାର ଦେଇ ଥାନା ଛକ ମଧ୍ୟରେ ଥିବା ହୋଟେଲ, ବିଭିନ୍ନ ଥଣ୍ଡା ପାନୀୟ ଦୋକାନ, ଗ୍ରୋସେରି ଦୋକାନ ଓ ବିଭିନ୍ନ ଫଳ ଦୋକାନରେ ଚଢ଼ାଉ କରିଛନ୍ତି। କିଛି ଦୋକାନରୁ ବେଆଇନ ଫାକ୍ଟ୍ରିରେ ପ୍ରସ୍ତୁତ କରାଯାଇଥିବା ପାଣି ଓ ସୋଡ଼ା ବୋତଲ ନମୁନା ସଂଗ୍ରହ କରିଥିଲେ।

## 'ରଥଯାତ୍ରାରେ ବଞ୍ଜାରା, ସନ୍ଦିଗ୍ଧଙ୍କୁ ସତର୍କ ରୁହ'

### ପୁରୀ ପୋଲିସ ପକ୍ଷରୁ ସଚେତନତା ସହ ଯାଞ୍ଚ ଅଭିଯାନ

ପୁରୀ,୧୮।୬ (ଅଜିତ୍ କୁମାର ମହାନ୍ତି)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପୁରୀ ରଥଯାତ୍ରାକୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଆସିବେ। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷିତ ପରିବେଶ ନିମନ୍ତେ ପୁରୀ ଜିଲା ପୋଲିସ ପକ୍ଷରୁ ସମସ୍ତ ଥାନା ଅଧୀନ ବିଭିନ୍ନ ସ୍ଥାନରେ ରହୁଥିବା ବଞ୍ଜାରା ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ଦିଆଯାଉଛି। ପୁରୀ ସହରର ବିଭିନ୍ନ ଖାଲି ଅଞ୍ଚଳ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ଗ୍ରାଣ୍ଡରୋଡ୍ ଓ ସମୁଦ୍ରକୂଳ ଅଞ୍ଚଳରେ ବଞ୍ଜାରାମାନେ ଖୋଲାସ୍ଥାନରେ ବସୁଥିବା ପୁରୀ ପୋଲିସର ନଜରକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ଏବଂ ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଥମିକତା ଦେଇ ବୁଧବାର ପୁରୀ ଜିଲାର ସମସ୍ତ ଥାନା ଅଧିକାରୀ ସେମାନଙ୍କ ଅଞ୍ଚଳ ଅନୁଯାୟୀ ବଞ୍ଜାରା ବସ୍ତି ବୁଲି ଯାଞ୍ଚ କରିଛନ୍ତି। ସତର୍କତା ଓ ସୁରକ୍ଷା ଉଦ୍ଦେଶ୍ୟରେ ବୃହତ୍ ଯାଞ୍ଚ କାର୍ଯ୍ୟ କରାଯାଉଛି। ବଞ୍ଜାରାଙ୍କ ଭାରତୀୟ ନାଗରିକତା, ଭାରତର ଅନ୍ୟ ରାଜ୍ୟରୁ ଆସିଥିବା ବ୍ୟକ୍ତିବିଶେଷ, ଅସ୍ଥାୟୀ ଆସ୍ଥାନ, ଆଧାର କାର୍ଡ/ଭୋଟର ଆଇଡି/ଯାତ୍ରୀ ଚିହ୍ନଟପତ୍ର ଆଦି ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ଯେଉଁମାନେ ସନ୍ଦିଗ୍ଧ ଓ ଅସ୍ପଷ୍ଟ ତଥ୍ୟ ଦେଉଛନ୍ତି, ସେମାନଙ୍କ ଉପରେ ନିକଟତମ ଥାନା ପକ୍ଷରୁ ଅନୁସନ୍ଧାନ ଚାଲିଛି। ପୁରୀ ପୋଲିସ ଏହି ଅଭିଯାନ ମାଧ୍ୟମରେ ଶାନ୍ତିପୂର୍ଣ୍ଣ ରଥଯାତ୍ରା ବ୍ୟବସ୍ଥାପନା ପାଇଁ ପ୍ରତିବଦ୍ଧ। ରଥଯାତ୍ରା ପୂର୍ବରୁ ସମସ୍ତ ବିଭାଗ ଏବଂ ଅଞ୍ଚଳରେ ସୁରକ୍ଷା ଦୃଢ଼ କରିବା, ବଞ୍ଜାରା ଓ ଅସ୍ଥାୟୀ ଅତିଥିଙ୍କ ଉପରେ ଯଥାଯଥ ନିୟନ୍ତ୍ରଣ, ସନ୍ଦିଗ୍ଧ କାର୍ଯ୍ୟକଳାପକୁ ରୋକିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଜନସାଧାରଣ ଏହି ଅଭିଯାନକୁ ସ୍ୱାଗତକରି ନିଜ ନିଜ ଅଞ୍ଚଳର ସନ୍ଦିଗ୍ଧ ବା ଅପରିଚିତ ଲୋକଙ୍କ ବିଷୟରେ ଥାନାକୁ ସୂଚନା ଦେବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ନୂତନ ତହସିଲ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତରକୁ ଓକିଲ ସଂଘର ବିରୋଧ

## ଜିଲାପାଳଙ୍କ ନିର୍ଦ୍ଦେଶ ପରେ ହଟିଲା ଫଳକ

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଓକିଲ ସଂଘର ବିରୋଧ ପରେ ଉଦ୍‌ଘାଟନ ହେବାକୁ ଥିବା ନୂତନ ତହସିଲ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତରକୁ ପ୍ରଶାସନ ହଟାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ପୁରୀ ତହସିଲ କାର୍ଯ୍ୟାଳୟ ପଛପାର୍ଶ୍ୱରେ ଥିବା ଜରାଜୀର୍ଣ୍ଣ ଗୃହକୁ କିଛି ମାସ ତଳେ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଥିଲା। ତେବେ ସେଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ତହସିଲ କାର୍ଯ୍ୟାଳୟ ନିର୍ମାଣ କରିବା ନେଇ ବୁଧବାର ଭିତ୍ତିପ୍ରସ୍ତର ପାଇଁ ସ୍ଥିର କରାଯାଇଥିଲା। ଏଥିଲାଗି ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଅତିଥିମାନେ ନ ଆସିବାରୁ ପ୍ରଶାସନିକ ଅଧିକାରୀମାନେ ନଡ଼ିଆ ବାଡେଇ ଉଦ୍‌ଘାଟନ କରିବାକୁ ପ୍ରସ୍ତୁତ ହୋଇଥିଲେ। ତେବେ ପୁରୀ ଓକିଲ ସଂଘ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ଗୃହନିର୍ମାଣକୁ ବିରୋଧ କରିଥିଲେ। ବର୍ତ୍ତମାନ ସ୍ଥାନରେ ଥିବା କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟ, ମଧୁର ଜଳ ଅଞ୍ଚଳରେ କୋର୍ଟ କମ୍ପ୍ଲେକ୍ସ ନିର୍ମାଣକୁ ପ୍ରଶାସନ ଚାହୁଁଛି, ଯାହାକୁ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଉଛି। ଏନେଇ ଓକିଲ ସଂଘ ୧୦୦ ଦିନର ଅଧିକ ସମୟ ହେବ ସତ୍ୟାଗ୍ରହ କରୁଛି। କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନ କରି ବର୍ତ୍ତମାନ ସ୍ଥାନରେ ଥିବା କୋର୍ଟ ସହ ତହସିଲ, ଡିଆର୍‌ଡିଏ, ଉପଜିଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି। ପରେ ଜିଲାପାଳ ଘଟଣାରେ ହସ୍ତକ୍ଷେପ କରି ଉକ୍ତ ସ୍ଥାନରୁ ଭିତ୍ତିପ୍ରସ୍ତର ଫଳକ ହଟାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଫଳକ ହଟାଇ ଦିଆଯାଇଛି।

# ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଗଡ଼ିଲା ବିକାଶ ବାହନ ରଥ

ନିମାପଡ଼ା,୧୮।୬(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିମାପଡ଼ା ଏନ୍‌ଏସିରେ ପରିଷଦ ପକ୍ଷରୁ ବିକାଶ ବାହନ ରଥ ପରିକ୍ରମା କରି। ରଥ ପରିକ୍ରମାର ଶୁଭାରମ୍ଭ ସମାରୋହରେ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ, ଫରେଷ୍ଟର ବଳଭଦ୍ର ନାୟକଙ୍କ ସମେତ ବହୁ କାଉନସିଲର ଯୋଗଦେଇଥିଲେ। ଏହି ରଥ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ବାର୍ତ୍ତା ବାଣ୍ଟିଥିଲା। ଓଡ଼ିଶା ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ପ୍ରତ୍ୟକ ଗାଁ, ସହର ବଜାରର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ବିକାଶ ବାହନର ମୁଖ୍ୟ ଲକ୍ଷ୍ୟ ବୋଲି ପରିଷଦର ଅଧିକାରୀ କହିଛନ୍ତି। ଏହି ରଥକୁ ବିଭିନ୍ନ ୱାର୍ଡବାସୀମାନେ ସ୍ୱାଗତ କରିଥିଲେ। ୨ଦିନ ବ୍ୟାପି ୧୧ଟି ୱାର୍ଡରେ ପରିକ୍ରମା କରି ସରକାରଙ୍କ ଏହି ରଥ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଓ ଯୋଜନାର ବାର୍ତ୍ତା ବାଣ୍ଟିବ। ସମାରୋହରେ ଏନ୍‌ଏସିର ବହୁ ସ୍ୱଚ୍ଛସାଥୀମାନେ ଯୋଗଦେଇଥିଲେ।



ବିକାଶ ବାହନ ରଥ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ଜଳବାହିତ ରୋଗ ନିରାକରଣ ବ୍ୟବସ୍ଥା କଡ଼ାକଡ଼ି ନିର୍ଦ୍ଦେଶ

## ପୁରୀରେ ମୋବାଇଲ ଲାବ୍ ଅନ୍ ହୁଇଲ୍ ମୁତୟନ ହେବ

ପୁରୀ/ଭୁବନେଶ୍ୱର,୧୮।୬
(ଅଜିତ କୁମାର ମହାନ୍ତି/ଅନୁରାଧା ମହାରଣା)

ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପ୍ରତି ଜଳବାହିତ ରୋଗ ନେଇ ସତର୍କତା ଏବଂ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ପ୍ରସ୍ତୁତି ସମୀକ୍ଷା କରାଯାଇଛି। ବୈଠକରେ ପୁରୀ ଜିଲାପାଳ, ଏସ୍‌ପି, ୱାଟ୍‌କୋ, ପୁରୀ ପୌରପାଳିକା ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ପୁରୀ ସହରରେ ସ୍ୱଚ୍ଛ ପାନୀୟଜଳ, ନିରାପଦ ଖାଦ୍ୟ ଏବଂ ସାମଗ୍ରିକ ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ୱାଟ୍‌କୋ ସରକାରୀ ଏବଂ ବେସରକାରୀ ଉତ୍ସରୁ ଜଳ ନମୁନାର ଅନିୟମିତ ପରୀକ୍ଷା କରିବ, ଯେଉଁଥିରେ ଓଭରହେଡ୍ ଟ୍ୟାଙ୍କ, ନଳକୂପ ଏବଂ ପ୍ୟାକେଜ୍ଡ ପାଣି ୟୁନିଟ୍ ଅନ୍ତର୍ଭୁକ୍ତ। ଅନ୍ ଦି ସ୍ପଟ୍ ପରୀକ୍ଷଣ ନିମନ୍ତେ ପୁରୀରେ ଏକ ମୋବାଇଲ ଲାବ୍ ଅନ ହୁଇଲ୍ ମୁତୟନ କରାଯିବ। ସମସ୍ତ ଜଳଉତ୍ସକୁ ଜୀବାଣୁମୁକ୍ତ କରାଯାଉଛି ଏବଂ ଆଗାମୀ ଦିନରେ ଏହାକୁ ଆହୁରି ଜୋର୍‌ଦାର କରାଯିବ। ଜଳସାଥୀମାନେ ପରୀକ୍ଷା ପାଇଁ ଘରୁ ସିଧାସଳଖ ପାଣି ନମୁନା ସଂଗ୍ରହ କରିବେ। ଏହାଦ୍ୱାରା ନିରୀକ୍ଷଣ କଭରେଜ୍ ବୃଦ୍ଧି ପାଇବ ଏବଂ ନାଗରିକଙ୍କ ମଧ୍ୟରେ ଜଳ ସୁରକ୍ଷା ସମ୍ପର୍କରେ ଆତ୍ମବିଶ୍ୱାସ ସୃଷ୍ଟିହେବ ବୋଲି ଆଶା କରାଯାଉଛି।

ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଖାଦ୍ୟ ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ରେଷ୍ଟୁରାଣ୍ଟ, ହୋଟେଲ ଏବଂ ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାଙ୍କୁ ଯାଞ୍ଚ କରୁଛନ୍ତି। ରଥଯାତ୍ରା ସମୟରେ ସାରା ସହରରେ ଅତିରିକ୍ତ ଖାଦ୍ୟ ସୁରକ୍ଷା ଅଧିକାରୀମାନଙ୍କୁ ନିୟୋଜିତ କରିବାକୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ଅନୁରୋଧ କରାଯିବ। ଜନସଚେତନତା ସୃଷ୍ଟି ସହ ନିରାପଦ ପାନୀୟଜଳ ଓ ପରିଷ୍କାର ଖାଦ୍ୟ ଉପରେ ଅଭିଯାନକୁ ତୀବ୍ର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ପ୍ରବର୍ତ୍ତନ ଦଳଗୁଡ଼ିକ ଅସ୍ୱଚ୍ଛ ଅଭ୍ୟାସ ଏବଂ ଅଳିଆ ଆବର୍ଜନା ଉପରେ ଯାଞ୍ଚ କରିବ। ବିଶେଷକରି ସମୁଦ୍ରକୂଳ ଆଖପାଖ ଅଞ୍ଚଳରେ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ। ଏହି ଅଭିଯାନଗୁଡ଼ିକୁ ସୁଗମ ଭାବେ କାର୍ଯ୍ୟକାରୀ କରିବା ପାଇଁ ପୋଲିସ ସହାୟତା ଯୋଗାଇ ଦିଆଯିବ। ମଶା ପ୍ରଜନନ ସମସ୍ୟାର ମୁକାବିଲା ପାଇଁ ପୁରୀ ପୌରପାଳିକା ଦ୍ୱାରା ନିୟୋଜିତ ଏକ ସଂସ୍ଥା ଘନ ଜନବସତି ଓ ଦୁର୍ଗମ ଅଞ୍ଚଳରେ ପ୍ରତିରୋଧକ ସ୍ପ୍ରେ କରିବାକୁ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛି। ଏହି ସମସ୍ତ ପଦକ୍ଷେପର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ପାଇଁ ପୁରୀରେ ୮ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ୭ ଜଣ ଇଞ୍ଜିନିୟରଙ୍କୁ ନିୟୋଜିତ କରାଯାଇଛି। ସ୍ଥଳଭାଗରେ ସମସ୍ତ ଜଳଯୋଗାଣ ଏବଂ ସ୍ୱେରେଜ୍ ସମ୍ବନ୍ଧୀୟ କାର୍ଯ୍ୟର ତଦାରଖ ଏବଂ ସମନ୍ୱୟ ପାଇଁ ୱାଟ୍‌କୋ ନିର୍ଦ୍ଦେଶକ(ଅପରେଶନ)ଙ୍କୁ ପୁରୀରେ ନିୟୋଜିତ କରାଯାଇଛି। ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି, ଜନସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ପରିମଳ ଓ ପରିଷ୍କାର ପରିଚ୍ଛନ୍ନତାର ଉଚ୍ଚମାନ ବଜାୟ ରଖିବା ପାଇଁ ସମସ୍ତ ବିଭାଗ ସମନ୍ୱୟରେ କାର୍ଯ୍ୟ କରିବେ।

## ଆଜି ୯୦୯ ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ

ଭୁବନେଶ୍ୱର,(ରବିନାରାୟଣ ଜେନା): ରାଜ୍ୟର ୯୦୯ ବାତ୍ୟା ଆଶ୍ରୟସ୍ଥଳରେ ଗୁରୁବାର ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ କରାଯିବ। ଏନେଇ ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି (ଓସ୍‌ଡମା) ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା ମଙ୍ଗଳବାର ୧୪ଟି ବିଭାଗର ମୁଖ୍ୟଙ୍କୁ ପତ୍ର ଜରିଆରେ ଅବଗତ କରାଯାଇଛି।

# ବିଜେଡିର ଯୁବଛାତ୍ର ଜନଜାଗରଣ ଅଭିଯାନ

ପୁରୀ,୧୮।୬ (ଅଜିତ କୁମାର ମହାନ୍ତି)

ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଶ୍ରୀକ୍ଷେତ୍ରରୁ ଆରମ୍ଭ ହୋଇଛି ଜନଜାଗରଣ ଅଭିଯାନ। ପୁରୀ-କୋଣାର୍କ ବେଳାଭୂମି ରାସ୍ତାର ସ୍ୱାମୀ ନାରାୟଣ ମନ୍ଦିରଠାରେ ବୁଧବାର ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଯୁବ ଛାତ୍ରକର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ ପୌରୋହିତ୍ୟ କରିଥିଲେ। ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଓବିସି ସେଲ୍ ଆବାହକ ଅରୁଣ କୁମାର ସାହୁ, ଉପସଭାପତି ସଞ୍ଜୟ ଦାସବର୍ମା, ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ ପ୍ରମୁଖ ରତ୍ନଭଣ୍ଡାର ଚାବି, ଓଡ଼ିଆ ଅସ୍ମିତା, ପୋଲାଭରମ୍ ଏବଂ ଶିଳ୍ପାୟନ ଆଦି ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରଣବ ପ୍ରକାଶ ଦାସ, ସଂଘମିତ୍ରା ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, କଳିକେଶ ସିଂହଦେଓ, ପ୍ରଣବ ବଳବନ୍ତରାୟ, ବିଭୂତି ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ରାଜଶ୍ରୀ ମଲ୍ଲିକ, ଟୁକୁନି ସାହୁ, ରୋହିତ ପୂଜାରୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରତାପ ଜେନା, ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ଅତନୁ ସବ୍ୟସାଚୀ ନାୟକ, ଅଶୋକ କୁମାର ପଣ୍ଡା, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ସୁନୀଲ ମହାନ୍ତି, ଦେବୀରଞ୍ଜନ ତ୍ରିପାଠୀ, ତୁଷାରକାନ୍ତି ବେହେରା, ଛାତ୍ରନେତା ବିଶ୍ୱପ୍ରତାପ ସାହୁ, ମିଙ୍କୁ ପ୍ରଧାନ, ଈପ୍ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ସୌଭିକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା, ବିଧାୟକ, ସାଂସଦଙ୍କ ସହିତ ଯୁବ, ଛାତ୍ରନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।



ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତୃବୃନ୍ଦ ଓ କର୍ମୀ।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ ଗିରଫ

## ଗଣବଳାତ୍କାରକୁ ନେଇ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର,୧୮।୬(ରବିନାରାୟଣ ଜେନା)

ଗଞ୍ଜାମର ଗୋପାଳପୁର, କେନ୍ଦୁଝରର ହରିଚନ୍ଦନପୁର, କଟକର ବାରଙ୍ଗ ଓ ଅନୁଗୋଳର କଣିହାଁଠରେ ହୋଇଥିବା ଗଣବଳାତ୍କାର ଘଟଣାରେ କଂଗ୍ରେସ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛି। ଏହାର ପ୍ରତିବାଦରେ ବୁଧବାର ରାଜ୍ୟ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ କଂଗ୍ରେସ କର୍ମୀ ଗିରଫ ହୋଇଛନ୍ତି।

ଏହି ଅବସରରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣବଳାତ୍କାର ଏବଂ ପାଶବିକ ଅତ୍ୟାଚାରର ଶିକାର ହେଉଛନ୍ତି। ମାତ୍ର ଡବଲ ଇଞ୍ଜିନ ଭାଜପା ସରକାର ଲୋକଙ୍କ ଅର୍ଥରେ ଏକବର୍ଷ ପୂର୍ତ୍ତି ଉତ୍ସବ





କଂଗ୍ରେସ ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

ପାଳନ କରୁଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗିସାରିଲାଣି। ଓଡ଼ିଶାରେ ଏବେ ନାରୀମାନେ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ହୋଇପଡ଼ିଥିବାବେଳେ ଆଇନଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହୋଇଗଲାଣି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ରାଜ୍ୟରେ ବଢ଼ିଚାଲିଥିବା ମହିଳା ନିର୍ଯାତନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବିଧାୟକ ତାରା କହିଥିଲେ, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ଏବର ଘଟଣାକୁ ନେଇ ଆଗାମୀ ଦିନରେ ବିଧାନସଭା ଭିତରେ ପୁନର୍ବାର ଲଢ଼େଇ କରାଯିବ।

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ରାଜ୍ୟ କଂଗ୍ରେସ ପକ୍ଷରୁ ଶତାଧିକ କର୍ମୀ ଓ ନେତା ସରକାର ବିରୋଧୀ ସ୍ଲୋଗାନ୍ ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଧସେଇ ପଶିଥିଲେ। ଏହି ସମୟରେ ବାରିକେଡ୍ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରାଜ୍ୟ ପ୍ରଭାରୀ ଲଲ୍ଲୁ ଓ ଅନ୍ୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଧାରଣାରେ ବସିଥିଲେ। ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ ଲଲ୍ଲୁଙ୍କ ସମେତ ଶତାଧିକ ନେତା ଓ କର୍ମୀଙ୍କୁ ଗିରଫକରି ପରେ ଛାଡ଼ିଦେଇଥିଲା।

ଏହି ଘେରାଉ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋସଙ୍କ ସହିତ ମୀନାକ୍ଷୀ ବାହିନୀପତି, ରଣଜିତ ପାତ୍ର, ୟାସିର ନୱାଜ୍, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ପଦ ସହ ନେତାଙ୍କୁ ଡାକିବା ବଢ଼ାଇଲା ଅସନ୍ତୋଷ

ଭୁବନେଶ୍ୱର,୧୮।୬(ସୁନିତ୍ ମିଶ୍ର)

ରାଜ୍ୟର ଭାଜପା ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ବିଫଳତା ବିଷୟ ସାମ୍ନାକୁ ଆଣିବା ଲାଗି ବିଜୁ ଯୁବ ଓ ଛାତ୍ରମାନଙ୍କୁ ନେଇ ବୁଧବାର ପୁରୀଠାରେ ଜନଜାଗରଣ ଅଭିଯାନ କରାଯାଇଛି। ହେଲେ ଏହି ସଭାରେ ମଞ୍ଚ ପରିଚାଳନାକୁ ନେଇ ଯୁବ ଓ ଛାତ୍ରମାନଙ୍କ ମଧ୍ୟରେ ଜୋର୍‌ଦାର ଅସନ୍ତୋଷ ବଢ଼ିବାରେ ଲାଗିଛି। କିଛି ମାସ ପୂର୍ବରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ଯୁବ, ଛାତ୍ର ଓ ମହିଳା ସାମ୍ମୁଖ୍ୟକୁ ଭାଙ୍ଗିଦେଇଛନ୍ତି। ଏହାପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ୩ ସାମ୍ମୁଖ୍ୟର ପୁନର୍ଗଠନ କରାଯାଇ ନାହିଁ। ହେଲେ ପୁରୀଠାରେ ଆୟୋଜିତ ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ ସମୟରେ ବିଧାୟକ ବ୍ୟୋମକେଶ ରାୟ ମଞ୍ଚ ଉପରେ ରହି ସବୁ ପରିଚାଳନା କରୁଥିଲେ। ନବୀନ ଭାଙ୍ଗିଥିବା ଯୁବ ଓ ଛାତ୍ର କମିଟିରେ ଯେଉଁମାନେ ଯେଉଁସବୁ ପଦବୀରେ ପୂର୍ବରୁ ଥିଲେ ସେମାନଙ୍କୁ ସେହି ପାହ୍ୟାର ସହ ସେ ମଞ୍ଚ ଉପରକୁ ଡାକିଥିଲେ। ଏହାକୁ ଦେଖି ଉପସ୍ଥିତ ଯୁବ ଓ ଛାତ୍ର ନେତାମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଯେମିତି କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଛାତ୍ର ଜନତା ଦଳ ସଭାପତି ବୋଲି ସମ୍ବୋଧିତ କରିଥିଲେ, ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଯୁବ ଜନତା ଦଳ ଇନ୍‌ଚାର୍ଜ ବୋଲି କହିଥିଲେ। ଅନେକ ଯୁବ ଓ ଛାତ୍ର ନେତା ଏଥିରେ ଅସନ୍ତୋଷ ପ୍ରକଟ ମଧ୍ୟ କରିଛନ୍ତି। କାରଣ ନବୀନ ଯୁବ ଓ ଛାତ୍ର ସାମ୍ମୁଖ୍ୟ ଭାଙ୍ଗିଦେବା ପରେ ଏ ପର୍ଯ୍ୟନ୍ତ ଏହାର ପୁନର୍ଗଠନ ହୋଇନାହିଁ। ଯେତେବେଳେ ସାମ୍ମୁଖ୍ୟଗୁଡ଼ିକର ପୁନର୍ଗଠନ ହୋଇନାହିଁ ସେତେବେଳେ ଏହି ପଦପଦବୀ କିଭଳି ଦିଆଗଲା ବୋଲି ଅନେକେ ଚର୍ଚ୍ଚା କରିଛନ୍ତି।

ଦଳ ଯୁବ ଓ ଛାତ୍ର ସମ୍ମୁଖ୍ୟର ପୁନର୍ଗଠନକରି ନ ଥିବାବେଳେ ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ ପାଳନର କିଛି ଅର୍ଥ ନାହିଁ ବୋଲି ଅନେକେ ପୂର୍ବରୁ ମତ ରଖିଥିଲେ। କାରଣ ଦଳର ଯୁବ ଓ ଛାତ୍ର ସାମ୍ମୁଖ୍ୟର ସଭାପତି ପଦବୀକୁ ନେଇ ଦଳ ଭିତରେ ଏକ ପ୍ରକାର ଜୋର୍‌ଦାର ପ୍ରତିଯୋଗିତା ଚାଲିଛି। ଏହି ପଦବୀ ହାସଲ ଲାଗି ବହୁ ଯୁବ ଓ ଛାତ୍ରନେତା ନିଜ ନିଜର ସମର୍ଥକମାନଙ୍କୁ ନେଇ ବରିଷ୍ଠ ନେତାମାନଙ୍କ ପାଖରେ ଲବି ଚଳାଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଦଳର ପରାଜୟ ପରେ ଯୁବ ଓ ଛାତ୍ର ସଭାପତି ପଦରେ ଦକ୍ଷତା ଆଧାରରେ ଦାୟିତ୍ୱ ଦିଆଯାଉ ବୋଲି ଚର୍ଚ୍ଚା ଚାଲିଛି। କେତେଜଣ ଯୁବ ଓ ଛାତ୍ର ନେତା ଦଳରେ ରହି ଦୀର୍ଘଦିନ କାର୍ଯ୍ୟ କରିଥିବା କୌଣସି ନେତାଙ୍କୁ ଏହି ଦୁଇ ସାମ୍ମୁଖ୍ୟର ମୁଖ୍ୟ ପଦବୀ ଦେବାକୁ ଭିତିରିଆ ଦାବି ଚଳାଇଛନ୍ତି। ଅନ୍ୟପଟେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ଯୋଗୁ ବିଜେଡି ଗତ ନିର୍ବାଚନରେ କ୍ଷତି ସହିଥିବା ବହୁ ନେତା ମଧ୍ୟ କୁହାକୁହି ହେଉଛନ୍ତି। ତେଣୁ ପୂର୍ବଭଳି ଆଉ ଯୁବ ଓ ଛାତ୍ର ନେତୃତ୍ୱଙ୍କୁ ଆଗକୁ ଆଣିବାରେ ପାତରଅନ୍ତର ନ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ଦାୟିତ୍ୱ ଦିଆଯାଉ ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ଉଡ଼ାଣ ବେଳେ ପକ୍ଷୀ ମାଡ଼

## ରନୱେରେ ଅଟକିଲା ଇଣ୍ଡିଗୋ ବିମାନ

ଭୁବନେଶ୍ୱର,୧୮।୬(ସତ୍ୟଜିତ ରାଉତ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବୁଧବାର ଏକ ବିମାନ ସମ୍ଭାବ୍ୟ ଅଘଟଣରୁ ବର୍ତ୍ତିଯାଇଛି। ବିମାନଟି ଅପରାହ୍ନ ୪ଟା ୨୦ରେ ଯାତ୍ରୀଙ୍କୁ ନେଇ କୋଲ୍‌କାତା ଯିବାକୁ ବାହାରିଥିଲା। ରନ୍‌ୱେରେ ଟେକ୍‌ଅଫର ମାତ୍ର କିଛି ସମୟ ମଧ୍ୟରେ ଏକ ପକ୍ଷୀ ମାଡ଼ ହୋଇଥିଲା। ଫଳରେ ପାଇଲଟ ବିମାନଟିକୁ ଅଟକାଇବାକୁ ବାଧ୍ୟ ହୋଇଥିଲେ। ଯାତ୍ରୀମାନଙ୍କୁ ବିମାନରୁ ତୁରନ୍ତ ବାହାର କରିଦିଆଯାଇଥିବା କୁହାଯାଉଛି। ତେବେ ଏନେଇ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

ଗତ ସପ୍ତାହରେ ଅହମ୍ମଦାବାଦରେ ବଡ଼ ବିମାନ ଦୁର୍ଘଟଣା ପରେ ବିମାନ ଯାତ୍ରୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହାପରେ ଦେଶର ବିଭିନ୍ନ ଏୟାରପୋର୍ଟରେ କେତେକ ବିମାନରେ ଯାନ୍ତ୍ରିକ ତ୍ରୁଟି ମଧ୍ୟ ଦେଖାଦେଇଛି। ଅପରପକ୍ଷରେ ଭୁବନେଶ୍ୱର ବିମାନ ବନ୍ଦରରେ ପକ୍ଷୀ ମାଡ଼ ଏକ ବଡ଼ ବିପଦ ସୃଷ୍ଟି କରିଛି। ଏନେଇ ପ୍ରତିକାର ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଜଣାଯିବ ବୋଲି ସୂଚନା ମିଳିଛି।

# ବିଦ୍ୟୁତ୍ ତାରରେ ଲାଗି ଶିକାରୀ ମୃତ

ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୧୮।୬
(ବାବୁଲା ପ୍ରଧାନ/ ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ରେଞ୍ଜରେ ମଙ୍ଗଳବାର ରାତିରେ ଶିକାର ପାଇଁ ବିଛା ହୋଇଥିବା ବିଦ୍ୟୁତ୍ ତାରରେ ଲାଗି ଜଣେ ଶିକାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗନ୍ନାଥପ୍ରସାଦ ବ୍ଲକ କୁଡୁତାଇ ପଞ୍ଚାୟତ ସୀତାରାମପୁର ଗ୍ରାମର ସୁରଥ ପ୍ରଧାନ (୪୫)। ବୁଧବାର ଏହା ଜଣାପଡ଼ିବା ପରେ ବନ ବିଭାଗ, ଟାଟା ପାୱାର କର୍ମଚାରୀ ଓ ପୋଲିସ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ଜବତ ପରେ ଭଞ୍ଜନଗର ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଛି। ସୁରଥ ମଙ୍ଗଳବାର ରାତିରେ କେତେଜଣ ସାଙ୍ଗଙ୍କ ସହ ଶିକାର କରିବାକୁ ଯାଇଥିଲେ। ସେ ବିଲମାଳର ଏକ ଲଟାବୁଦାରେ ଶିକାର ପାଇଁ ବିଦ୍ୟୁତ ତାର ବିଛାଇଥିଲେ। ହେଲେ ବର୍ଷା ଯୋଗୁ ଉକ୍ତ ତାରର ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କ ୨ ସହଯୋଗୀ ଫେରାର୍ ହୋଇଯାଇଥିବା ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।

# ଜଳ ସମସ୍ୟା ସମାଧାନ କରିବେ ଜଳପ୍ରଭାରୀ

## ସମନ୍ୱୟ ରକ୍ଷା ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୬ (ରବିନାରାୟଣ ଜେନା)

ଚଳିତବର୍ଷ ଖରିଫ୍ ଋତୁ ଲାଗି ଜଳସେଚନ ଲକ୍ଷ୍ୟ ପୂରଣକୁ ଜଳସମ୍ପଦ ବିଭାଗ ଗୁରୁତ୍ୱ ଦେଇଛି। ବିଭାଗର ପୂର୍ବ ନିଷ୍ପତ୍ତିକ୍ରମେ ଖରିଫ୍‌ରେ ୩୭.୬୭ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରାଯିବାକୁ ଲକ୍ଷ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଜିଲାପାଳଙ୍କୁ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୋମବାର ଏକ ଚିଠି କରିଛନ୍ତି। ସେଥିରେ ଦର୍ଶାଇଛନ୍ତି ଯେ, ଜଳସମ୍ପଦ ବିଭାଗ ରାଜ୍ୟସ୍ତରୀୟ ବିଭିନ୍ନ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଜଳପ୍ରଭାରୀ ଭାବେ ନିଯୁକ୍ତକରି ନିର୍ଦ୍ଦିଷ୍ଟ ଜିଲାରେ ନିୟୋଜିତ କରିଛି। ଜଳପ୍ରଭାରୀମାନେ ବିଭାଗର ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିବା ସହିତ ସେଚ ସମୀକ୍ଷା ବୈଠକ ପରିଚାଳନା କରୁଛନ୍ତି। ଜିଲାସ୍ତରର ଜଳ ସମସ୍ୟାକୁ ଜଳପ୍ରଭାରୀମାନେ ସମାଧାନ କରିପାରିବେ। ତେଣୁ ସେମାନଙ୍କ ଗସ୍ତ ସମୟରେ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଜିଲାପାଳମାନଙ୍କୁ କୁହାଯାଇଛି।



ଲଗାଣ ବର୍ଷା ଯୋଗୁ କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳ ଅନେକ ଘର ଜଳାର୍ଣ୍ଣବ ହୋଇଛି। ଆଣ୍ଠୁଏ ପାଣିରେ ପଶି ନିର୍ବାହୀ ଅଧିକାରୀ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି।

# ସମୁଦ୍ରରେ ଭାସିଗଲେ ୩ ବଙ୍ଗୀୟ ପର୍ଯ୍ୟଟକ

## ଜଣେ ମୃତ: ୧ ଉଦ୍ଧାର, ୧ ନିଖୋଜ

ଭୋଗରାଇ, ୧୮।୬(ପ୍ରଦୀପ ଦାସ)

ମଙ୍ଗଳବାରଠାରୁ ମଧ୍ୟମଧରଣର ବର୍ଷା ଲାଗିରହିଛି। ସମୁଦ୍ର ଅଶାନ୍ତ ଥିବାରୁ ପର୍ଯ୍ୟଟକଙ୍କୁ ନ ଯିବା ଲାଗି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ହେଲେ ପର୍ଯ୍ୟଟକମାନେ ଏହାକୁ ମାନୁ ନାହାନ୍ତି। ବୁଧବାର ସକାଳେ ପଶ୍ଚିମବଙ୍ଗ ଦୀଘା ନିକଟସ୍ଥ ମନ୍ଦାରମଣି ସମୁଦ୍ରକୂଳକୁ ଗାଧୋଇବାକୁ ଯାଇଥିବା ପଶ୍ଚିମବଙ୍ଗ ବାରାସାତ ଅଞ୍ଚଳର ୩ ବନ୍ଧୁ ଭାସିଯାଇଥିଲେ। ସ୍ୱେଚ୍ଛାସେବୀମାନେ ଏକ ସ୍ପିଡ୍‌ବୋଟ୍‌ରେ ୨ଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ସେଠାରେ ଜଣେ ୨୨ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ୨୧ ବର୍ଷୀୟ ଯୁବକ ସୁସ୍ଥ ଅଛନ୍ତି। ଅନ୍ୟଜଣେ ୧୯ ବର୍ଷୀୟ ଯୁବକ ଅଦ୍ୟାବଧି ନିଖୋଜ ଥିବା ସୂଚନା ମିଳିଛି।

## ଫୁରସତ୍

# ଅତିଥିଙ୍କ ସଂଖ୍ୟା ମେଳ ନ ଖାଇଲେ ଜରିମାନା ଲଗାଇବ ରେଷ୍ଟୁରାଣ୍ଟ

ପ୍ୟାରିସ୍

ଫ୍ରାନ୍ସର ଆମ୍ବୋଇଜ୍‌ଠାରେ ଥିବା ଲିଲୋଟ୍ ନାମକ ଏକ ରେଷ୍ଟୁରାଣ୍ଟ ପକ୍ଷରୁ ନିକଟରେ ନିଜ ଗ୍ରାହକଙ୍କ ପାଇଁ ନୂତନ ଜରିମାନା ନୀତି ଘୋଷଣା କରାଯାଇଛି। ଏହି ନୀତି ଅନୁଯାୟୀ, ଗ୍ରାହକମାନେ ଅର୍ଡର ଦେଉଥିବା ପାର୍ଟିରେ ପୂର୍ବରୁ ଦର୍ଶା ଯାଇଥିବା ସଂଖ୍ୟାଠାରୁ ଯଦି କମ୍ କିମ୍ବା ଅଧିକ ଅତିଥି ଆସିଲେ, ତେବେ ଏଥିପାଇଁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଲିଲୋଟ୍ ରେଷ୍ଟୁରାଣ୍ଟର ମାଲିକ ତଥା ମ୍ୟାନେଜର ଅଲିଭିୟର





ଭିନ୍‌ସେଣ୍ଟ କହିଛନ୍ତି, ତାଙ୍କ ରେଷ୍ଟୁରାଣ୍ଟରେ କେବଳ ୨୦ଟି ସିଟ୍ ରହିଛି। ଯେତେବେଳେ ଲୋକମାନେ ଏଠାରେ ପାର୍ଟି ଆୟୋଜନ କରନ୍ତି, ସେମାନେ ପୂରା ୨୦ ସିଟ୍ ବୁକ୍ କରି ଦିଅନ୍ତି। କିନ୍ତୁ ଅନେକ ସମୟରେ ପାର୍ଟିରେ କମ୍ ଲୋକ ଆସିଥାନ୍ତି, ଯାହାଫଳରେ ରେଷ୍ଟୁରାଣ୍ଟକୁ କ୍ଷତି ସହିବାକୁ ପଡ଼େ। ସେହିପରି କେବେକେବେ ବୁକ୍ ହୋଇଥିବା ସିଟ୍ ସଂଖ୍ୟାଠାରୁ ଅଧିକ ଅତିଥି ମଧ୍ୟ ଆସିଯାଆନ୍ତି, ଯାହା ମଧ୍ୟ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ବୋଲି ଭିନ୍‌ସେଣ୍ଟ କହିଛନ୍ତି। ପ୍ରତି ସପ୍ତାହରେ ସେ ଏପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ଏହି ସମସ୍ୟା ତାଙ୍କ ବ୍ୟବସାୟକୁ ପ୍ରଭାବିତ କରୁଥିବାରୁ ସେ ବାଧ୍ୟହୋଇ ଗ୍ରାହକଙ୍କ ପାଇଁ ଜରିମାନା ନୀତି ଘୋଷଣା କରିଥିବା ଭିନ୍‌ସେଣ୍ଟ କହିଛନ୍ତି। ନୂତନ ନିୟମ ଅନୁଯାୟୀ, ଲିଲୋଟ୍ ରେଷ୍ଟୁରାଣ୍ଟରେ ପାର୍ଟି ବୁକ୍ କରିବା ସମୟରେ ଉଲ୍ଲେଖ କରାଯାଇଥିବା ଅତିଥିଙ୍କ ସଂଖ୍ୟାଠାରୁ ଯଦି ପାର୍ଟିକୁ ଆସିଥିବା ଅତିଥିଙ୍କ ସଂଖ୍ୟା ମେଳ ଖାଇବ ନାହିଁ, ତେବେ ଅର୍ଡର ଦେଇଥିବା ଗ୍ରାହକଙ୍କଠାରୁ ପ୍ରତି କମ୍ କିମ୍ବା ଅତିରିକ୍ତ ଅତିଥିଙ୍କ ପାଇଁ ୧୫ ୟୁରୋ (ପ୍ରାୟ ୧୪୦୦ ଟଙ୍କା) ଜରିମାନା ଆକାରରେ ଆଦାୟ କରାଯିବ। ତେବେ ଏହାକୁ ଏକ ଅଜବ ନିୟମ ବୋଲି କହି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଭିନ୍‌ସେଣ୍ଟଙ୍କୁ ସମାଲୋଚନା କରିଛନ୍ତି।

# ଦିନକର ବାଇକ୍ ପାର୍କିଂ ଭଡ଼ା ୨,୪୦୦ ଟଙ୍କା

ବାରାଣସୀ

ଉତ୍ତର-ପୂର୍ବ ରେଳପଥର ବାରାଣସୀ ରେଳ ଷ୍ଟେଶନରେ ଏକ ବାଇକ୍ ପାର୍କିଂର ଟିକେଟ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଟିକେଟ ଅନୁଯାୟୀ, ଘଣ୍ଟାଏରୁ ଅଧିକ ସମୟ ଧରି ଗାଡ଼ି ପାର୍କିଂ ହୋଇ ରହିଲେ, ଘଣ୍ଟା ପ୍ରତି ୧୦୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ଅର୍ଥାତ୍ ଯଦି ଗୋଟିଏ ବାଇକ୍ ୨୪ ଘଣ୍ଟା ପାଇଁ ପାର୍କିଂ ହୋଇ ରହିବ, ତେବେ ଭଡ଼ା ଆକାରରେ ୨,୪୦୦ ଟଙ୍କା ଦେବାକୁ ପଡିବ। ଘଟଣାକୁ ନେଇ ରେଳ ପ୍ରଶାସନ ପାର୍କିଂ ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରେଳ ଷ୍ଟେଶନ ପ୍ରଶାସନ ସମ୍ପୃକ୍ତ ଠିକାଦାର ସଂସ୍ଥାର ପାର୍କିଂ ଚୁକ୍ତିନାମା ବାତିଲ କରିବା ସହ ଠିକାଦାରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି।





ଏନେଇ ସ୍ଥାନୀୟ ମହମୁର୍‌ଗଞ୍ଜ ବାସିନ୍ଦା ଡାକ୍ତର ରାଜେଶ କୁମାର ଶ୍ରୀବାସ୍ତବ ରେଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଶ୍ରୀବାସ୍ତବ ତାଙ୍କ ଅଭିଯୋଗରେ କହିଛନ୍ତି, ବାରାଣସୀ ରେଳ ଷ୍ଟେଶନର ପ୍ଲାଟଫର୍ମ-୧ରେ ଥିବା ପାର୍କିଂ ଷ୍ଟାଣ୍ଡରେ ୨୪ ଘଣ୍ଟା ବାଇକ୍ ରଖିବା ପାଇଁ ୨,୪୦୦ ଟଙ୍କା ଆଦାୟ କରାଯାଉଛି। ସେହିପରି ୨୪ ଘଣ୍ଟା ସାଇକେଲ ରଖିବା ପାଇଁ ୧,୨୦୦ ଟଙ୍କା ଆଦାୟ କରାଯାଉଛି। ଶ୍ରୀବାସ୍ତବଙ୍କ ଅଭିଯୋଗ ପରେ ରେଳ ପ୍ରଶାସନ ପକ୍ଷରୁ ଘଟଣାକୁ ନେଇ ତଦନ୍ତ କରାଯାଇଥିଲା। ମନମାନି କରି ପାର୍କିଂ ଫି ଆଦାୟ କରୁଥିବାରୁ ପାର୍କିଂ ଅପରେଟରଙ୍କ ଉପରେ ରେଳ ପ୍ରଶାସନ ୫ ହଜାର ଟଙ୍କାର ଜରିମାନା ଲଗାଇଥିଲା।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for various repair works at NLUO Cuttack. Last date & time of receipt is **25.06.2025** at **03.00 P.M.** For details please visit website: **https://nluo.ac.in/tenders/**.

Sd/- Registrar

**OFFICE OF THE PRINCIPAL, RAJSUNAKHALA COLLEGE**
RAJSUNAKHALA, DIST.: NAYAGARH - 752065

**TENDER/QUOTATION CALL NOTICE**

No.: 399 Date:18.06.2025

Sealed Tender/Quotations are invited from intending registered suppliers/Firms/Dealers having valid GSTIN registration,Tax Clearance of last three years, PAN Card for supply of the following items of reputed brand i.e. Desktop (6 Nos.), UPS (6 Nos.), MFM Printer (2 Nos.), LED TV – 65 inch (01 No.), Wireless Mice and Camera with MIC for virtual meeting, Internet facilities.
The supplier will submit Quotations on or before 27.06.2025 by 4:00 P.M. Quotations receives incomplete or after scheduled date and time shall be summarily rejected.
The undersigned reserves the right to accept/reject or cancel any or all quotations without assigning any reasons thereof.

PRINCIPAL
RAJSUNAKHALA COLLEGE, NAYAGARH

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER,**
**WATER RESOURCES DIVISION No.-1, AMBIKAPUR**
**e-Procurement Tender Notice**
Main Portal: **http://cgeprocurement.gov.in**
WRD Portal: **http://wrd.cgeprocurement.gov.in**
**(FIRST CALL)**
**CORRIGENDUM**

No. 01/SAC/2025-26 Date: 16.06.2025

The following partial modifications are made. In the tender invited vide N.I.T. No. 01/SAC/2025-26 Dated 06.06.2025 System Tender No. 169598 For DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL. Whose "G" No. 252601454 Date: 09.06.2025.

| S. No. | Amendments |
|---|---|
| 1 | In the G-Schedule Item No.-2 may be read as Qty 18571.00 cum & Rate 224.14 per Cum instead of Qty 34194.87 cum & Rate 121.73 |
| 2 | In the G-Schedule Item No.-3 may be read as Qty 162.00 cum & Rate 4292.14 per Cum instead of Qty 885.39 cum & Rate 785.34. |

Note: All other terms and conditions will be remain and unchanged.

Sd./- Executive Engineer
Water Resources Division No. 1
Ambikapur
For, Chief Engineer
Hasdeo Ganga Basin, W.R. Deptt.
Ambikapur (C.G.)

G-252601621/1

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**
गुमशुदा रौशन कुमार



सर्व साधारण को सूचित किया जाता है कि जसीडीह रेल थाना कांड सं0–29/23 दिनांक–04.05.2023 धारा 363/भा0द0वि0 में गुमशुदा रौशन कुमार दिनांक–04.05.2023 को समय करीब सुबह 04:00 बजे जसीडीह रेलवे स्टेशन के टिकट काउन्टर के पास परिवार वालो के बिच से गायब होने के संबंध में कांड दर्ज कराया गया। उक्त बच्चे का जसीडीह रेलवे स्टेशन पर काफी खोजबीन किया गया साथ ही सी0सी0टी0वी0 फुटेज भी चेक किया परन्तु गुम हुए बच्चा का कोई पता नही चल पाया है। गुमशुदा रौशन कुमार उम्र–04 वर्ष, रंग–गोरा, पहनावा–गुलाबी रंग का टी–शर्ट पहना हुआ।

गुमशुदा रौशन कुमार के बारे में किसी प्रकार की जानकारी प्राप्त हो, तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करे।
**पुलिस अधीक्षक, रेल धनबाद– 9431706117**
**पुलिस उपाधीक्षक(द्वितीय), रेल धनबाद–7033619661**
**पुलिस निरीक्षक सह थाना प्रभारी, रेल थाना जसीडीह–7903174831**
**प्रभारी डी0सी0बी0 भाखा, रेल धनबाद–8340713828**

ह0/–
PR 355401 Police(25-26)#D पुलिस अधीक्षक, रेल, धनबाद

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**
लापता व्यक्ति राजीव कुमार सिंह उर्फ गुड्डु सिंह



सर्व साधारण को सूचित किया जाता है कि राजकीय रेल थाना चन्द्रपुरा काण्ड सं0–13/2023, दिनांक–31.10.2023 धारा–363 भा0द0वि0 में लापता व्यक्ति राजीव कुमार सिंह उर्फ गुड्डु सिंह उम्र–50 वर्ष, पिता–स्व0 अर्जुन सिंह, पता–बौधी छपरा, थाना–अवतार नगर, जिला–सारण, बिहार (जो मानसिक रूप से विछिप्त थे) अपने गॉव के ही अखिलेश्वर साह के साथ दिनांक–23.11.2022 को मेन्टल अस्पताल राँची से ईलाज करा मौर्या एक्स0 ट्रेन के जनरल बोगी में सवार होकर राँची से दिघवारा तक यात्रा कर रहे थे। ट्रेन जब चन्द्रपुरा स्टेशन पर रूकी तो अखिलेश्वर साह पानी लेने ट्रेन से नीचे उतरे तथा पानी लेकर ट्रेन में चढ़े तो देखे कि राजीव कुमार सिंह उर्फ गुड्डु सिंह अपने सीट पर नहीं थे। बोगी में काफी खोजबीन किये परन्तु उनका का पता नहीं चला। लापता व्यक्ति का हुलिया–उम्र लगभग 50 वर्ष, लंबाई–05 फीट 06 इंच, कद काठी मध्यम, बाल–कुछ काला तथा कुछ सफेद, मुँछ–छोटा, दाढी–सेब, पहनावा–काला रंग का पेन्ट, उजला स्वेटर, भाशा–भोजपुरी एवं हिन्दी। उक्त लापता व्यक्ति का पता नहीं चल पा रहा है।

अतः अनुरोध है कि लापता व्यक्ति के बारे में कोई जानकारी प्राप्त हो तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करेंगें।
पुलिस अधीक्षक, रेल धनबाद– 9431706117
पुलिस उपाधीक्षक(प्रथम), रेल धनबाद–7033619661
थाना प्रभारी, रेल थाना चन्द्रपुरा–8580239270
प्रभारी, डी0सी0बी0 शाखा, रेल धनबाद–8340713828

ह0/–
पुलिस अधीक्षक, रेल धनबाद

PR 355399 Police (25-26)_D

# ଘଟଣାସ୍ଥଳ ପରିଦର୍ଶନକଲେ ମନ୍ତ୍ରୀ, କ୍ରାଇମବ୍ରାଞ୍ଚ ଆଇଜି

**ବେଳାଭୂମିରେ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣା**

**ଜେଲରେ ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ଼**

ଗୋପାଳପୁର/ବ୍ରହ୍ମପୁର,୧୮।୬ (ନବୀନରାଜ ଆଚାରୀ/ ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ୮ ଜଣିଆ ୨ଟି ଟିମ୍ ବ୍ରହ୍ମପୁର ପୋଲିସ ଜିଲାକୁ ଆସି ତଦନ୍ତ କରୁଛନ୍ତି। ବୁଧବାର ସେମାନେ ଘଟଣାସ୍ଥଳକୁ ଯାଇ ପ୍ରାୟ ୨ଘଣ୍ଟା ଧରି ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ତଥ୍ୟ ହାସଲ କରିଛନ୍ତି। ସେମାନେ ପୀଡ଼ିତାଙ୍କୁ ମଧ୍ୟ ଭେଟିଥିବା ସୂଚନା ମିଳିଛି। ଜେଲରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ସେଠାରେ ଟିଆଇ ପରେଡ଼ କରାଯିବ। ବୁଧବାର ସନ୍ଧ୍ୟାରେ ୩ ଜଣିଆ ଟିମ୍ ବ୍ରହ୍ମପୁର ଜିଲାଜଜ୍ କୋର୍ଟ ପରିସରରେ ଥିବା ସିଏସ୍ଆଇ ଅଫିସ ଯାଇଥିଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ଟିଆଇ ପରେଡ଼ ପାଇଁ ଗୁରୁବାର ଆବେଦନ କରାଯିବ ବୋଲି ଜଣାପଡିଛି। ସେହିପରି ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।



ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳରେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି(ବାମ)। କ୍ରାଇମବ୍ରାଞ୍ଚ ଆଇଜି ସାଇନି ଏସ୍. ତଦନ୍ତ କରୁଛନ୍ତି।

ସକାଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ., ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତାଗିରଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଘଟଣା କିଭଳି ଓ କେଉଁ ପରିସ୍ଥିତିରେ ଘଟିଲା ମନ୍ତ୍ରୀ ଏସ୍‌ପିଙ୍କୁ ପଚାରିଥିଲେ। ଘଟଣାକୁ ସେ ନିନ୍ଦା କରିବା ସହ ଅତି ଅମାନବୀୟ ଓ ଲଜ୍ଜାଜନକ ବୋଲି କହିଥିଲେ । ବେଳାଭୂମି ପରିସରରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ମଧ୍ୟ କହିଥିଲେ। ବେଳାଭୂମି କଡରେ ରହିଥିବା ମଦ ଦୋକାନକୁ ମନ୍ତ୍ରୀ ବିରୋଧ କରିଛନ୍ତି । ବେଳାଭୂମିର ଆଲୋକୀକରଣ ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏଭଳି ଘଟଣା ଆଗାମୀ ଦିନରେ ଯେପରି ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ବେଳାଭୂମି ଉନ୍ନତୀକରଣ ପାଇଁ ୩୦ କୋଟି ଟଙ୍କା ଅନୁଦାନ ଆସିଛି ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହ ଏହି ମାମଲାକୁ ରେଡ୍ ଫ୍ଲାଗ ଶ୍ରେଣୀଭୁକ୍ତ କରାଯାଇଛି। ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ସାଇନି ଏସ୍.ଙ୍କ ନେତୃତ୍ୱରେ ତଦନ୍ତ ଟିମ୍ ବୁଧବାର ଗୋପାଳପୁରରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ ଓ ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଇଜି ଆଲୋଚନା କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରିବା ସହ କେତେଜଣ ଲୋକଙ୍କୁ ପଚରାଉଚରା କରିଥିଲେ। ଗୋପାଳପୁର ଥାନା ପୋଲିସ କ୍ରାଇମବ୍ରାଞ୍ଚକୁ ମାମଲା ହସ୍ତାନ୍ତର କରଛି। ସନ୍ଧ୍ୟାରେ ଅନ୍ୟ ଏକ ଟିମ ଗୋପାଳପୁର ଥାନାରେ ପହଞ୍ଚି କାଗଜପତ୍ର ଯାଞ୍ଚ କରି ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛି।

ସୂଚନାଯୋଗ୍ୟ, ଗତ ରବିବାର ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିଲେ। ପାନ୍ଥ ନିବାସ ପଛପଟେ ସେମାନେ ବସିଥିବା ବେଳେ ୧୦ ଜଣ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୬/୨୫ରେ ଘଟଣାର ତଦନ୍ତ କରି ୪ ନାବାଳକଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ମାର୍କେଟ୍ କମ୍ପ୍ଲେକ୍ସରେ ଯୁବକଙ୍କୁ ହତ୍ୟା

**ରେଷ୍ଟୁରାଣ୍ଟ ବାହାରୁ ମୃତଦେହ ଜବତକଲା ପୋଲିସ**

କଟକ,୧୮।୬(କାର୍ତ୍ତିକ ସାହୁ)

କଟକ ବକ୍ସିବଜାରସ୍ଥିତ ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ଏକ ହତ୍ୟାକାଣ୍ଡ ଘଟିଛି। କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ବୁଧବାର ମାର୍କେଟ କମ୍ପ୍ଲେକ୍ସର ଏକ ରେଷ୍ଟୁରାଣ୍ଟ ବାହାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଶଙ୍କରପୁର ଅଞ୍ଚଳର ଅଶୋକ ବାରିକ (୫୦)। ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଅଶୋକଙ୍କୁ ହତ୍ୟା କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ବାବୁନ ଖଟୁଆ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ସୂଚନାନୁସାରେ, ଅଶୋକ ପ୍ରତିଦିନ ପରି ମଙ୍ଗଳବାର ରାତିରେ ମାର୍କେଟ କମ୍ପ୍ଲେକ୍ସରେ ଶୋଇଥିଲେ। କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ଲୋକମାନେ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳୁ ମାର୍କେଟ କମ୍ପ୍ଲେକ୍ସରେ ବ୍ୟବସାୟ କରିବାକୁ ଲୋକମାନେ ଆସିବା ପରେ ଅଶୋକଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଛାନଭିନ୍ କରିଛି। ସ୍ଥାନୀୟ ବ୍ୟବସାୟୀ ଦିଲ୍ଲୀପ କୁମାରଙ୍କ କହିବାନୁସାରେ, ଅଶୋକ ଜଣେ ଭଲ ଲୋକ। ତାଙ୍କୁ କିଏ, କେଉଁ କାରଣରୁ ହତ୍ୟା କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇଆଇସି ଯତୀନ୍ଦ୍ର ନାଥ ସେଠୀଙ୍କ କହିବାନୁସାରେ, ମୃତକଙ୍କ ସମ୍ପର୍କୀୟ ଭାଇଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡ କାରଣ ସମ୍ପର୍କରେ ଏଯାଏ କିଛି ସ୍ପଷ୍ଟ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ତନଖି ଜାରି ରଖିଛି। ସିସିଟିଭି ଯାଞ୍ଚ କରାଯାଇ ଖୁବ୍‌ଶୀଘ୍ର ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ୫ ସନ୍ଦିଗ୍ଧଙ୍କ ଫଟୋ ଛାଡ଼ିଲା ପୋଲିସ

ଯୋଡ଼ା,୧୮।୬(ମାନସ ମହାନ୍ତି)

**ବ୍ୟାଙ୍କରୁ ଡକାୟତି ଘଟଣା**

**ଧରାଇବାରେ ସହଯୋଗକଲେ ୫୦ ହଜାର ଟଙ୍କା ପୁରସ୍କାର**

କେନ୍ଦୁଝର ଜିଲା ଯୋଡ଼ା ସହରର ମୁଖ୍ୟ ରାସ୍ତାକଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ତନାଘନା ଜାରି ରଖିଛି। କୌଣସି ସୁରାକ ନ ପାଇବା ପରେ ପୋଲିସ ସନ୍ଦିଗ୍ଧ ଅପରାଧୀଙ୍କୁ ଚିହ୍ନଟ ପାଇଁ ସିସିଟିଭି କ୍ୟାମେରାରେ କଏଦ ଫଟୋଚିତ୍ର ସାଧାରଣରେ ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ଧରାଇବାରେ ସହଯୋଗ କଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛି।

ପ୍ରକାଶ ଯେ, ଗତ ୧୨ ତାରିଖରେ ଯୋଡ଼ା ସହରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ପୂର୍ବାହ୍ନ ୧୦ଟାରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୧୧ ଲକ୍ଷ ଟଙ୍କା ଓ ୨ କେଜି ୭ ଗ୍ରାମ୍ ସୁନା ଲୁଟି ନେଇଯାଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ହେଁ ଲୁଟେରାଙ୍କ କୌଣସି ସୁରାକ ପାଇପାରିନାହିଁ। ଫଳରେ ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନେଇ ପୋଲିସ ୫ ଅଭିଯୁକ୍ତଙ୍କ ସିସିଟିଭିରୁ ସଂଗୃହୀତ ଫଟୋ ଜାରିକରିଛି। ଗତ କିଛିଦିନ ଭିତରେ ଯୋଡ଼ା ସହରକୁ ବିହାର, ଝାଡ଼ଖଣ୍ଡ ରାଜ୍ୟ ତଥା ଗଞ୍ଜାମ ଜିଲାରୁ ଲୋକ କାହା ଘରେ, ହୋଟେଲ, ଗ୍ୟାରେଜ ଓ ରାଜମିସ୍ତ୍ରି ଭାବେ କାମକରି ପଳାଇଯାଇଛନ୍ତି କି, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଘଟଣା ଘଟିବାର ୫ରୁ ୬ ଦିନ ମଧ୍ୟରେ ଦେଖିଛନ୍ତି କି, ଏ ନେଇ କୌଣସି ସୂଚନା ଥିଲେ ନାମ ଗୋପନରେ ରଖି ଠିକ୍ ଖବର ପ୍ରଦାନକରି ସହଯୋଗ କରିବାକୁ ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଯୋଡ଼ାରେ ବ୍ୟାଙ୍କ ଡକାୟତି ପରେ ଚମ୍ପୁଆଠାରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟ୍‌କରି ନେଇଥିଲେ। ପୋଲିସର ଦୁର୍ବଳତାର ସୁଯୋଗ ନେଇ ଯୋଡ଼ା ସହରରେ ଦିନକୁ ଦିନ ଚୋରି, ଡକାୟତି, ଲୁଟ, ରାହାଜାନି, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଅନ୍ତଃ ରାଜ୍ୟ ଗ୍ୟାଙ୍ଗ୍ ସହର ତଥା ଖଣି ଅଞ୍ଚଳରେ ସକ୍ରିୟ ହୋଇପଡ଼ିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।


ପୋଲିସ ଦ୍ୱାରା ଜାରି ସନ୍ଦିଗ୍ଧଙ୍କ ଫଟୋ।

# ପାରିବାରିକ କଳହରୁ ସ୍ୱାମୀଙ୍କୁ ହତ୍ୟା

ଧରାକୋଟ,୧୮।୬(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ମଙ୍ଗଳବାର ରାତିରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। କୌଣସି କଥାକୁ ନେଇ ସ୍ତ୍ରୀ ଶ୍ୱାସରୁଦ୍ଧକରି ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମୁଣ୍ଡମରାଇର ଅମର ନାଇକ(୪୦)। ଅଭିଯୁକ୍ତା ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଗିରଫ ପରେ ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି।

ଅମର ଓ ତାଙ୍କ ସ୍ତ୍ରୀ ଅଞ୍ଜନାଙ୍କ ମଧ୍ୟରେ ପାରିବାରିକ ସମସ୍ୟାକୁ ନେଇ ସବୁବେଳେ ଝଗଡ଼ା ଲାଗିରହୁଥିଲା। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଅଞ୍ଜନା ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଅମରଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ବୁଧବାର ଅମରଙ୍କ ବଡ଼ଭାଇ ଟୁନା ନାଇକ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ

ବାରିପଦା,୧୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାରର କରାଯାଇଛି। ପୀଡ଼ିତାଙ୍କ ସ୍ୱାମୀଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୨୬/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ମହିଳା ଜଣକ ଘରେ ଶୋଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଟେକି ନେଇ ଜଣଙ୍କ ଘରେ ଗଣ ବଳାତ୍କାର କରିବା ପରେ ସେଠାରୁ ପଳାଇଥିଲେ। ମହିଳା ଜଣକ କୌଣସି ପ୍ରକାରେ ସେଠାରୁ ଘରକୁ ଆସି ସ୍ୱାମୀଙ୍କୁ ଘଟଣାସମ୍ପର୍କରେ ଜଣାଇଥିଲେ। ପରେ ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଫେରାର ଥିବାବେଳେ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ କହିଛନ୍ତି।

## Business

# ଜିଏସ୍‌ଡିପିରେ ନିର୍ମାଣ କ୍ଷେତ୍ରର ଯୋଗଦାନ ୩୬%

**ଆସୋଚାମ୍ ପକ୍ଷରୁ ଓଏମ୍‌ସିର ୨ୟ ସଂସ୍କରଣ**

ଭୁବନେଶ୍ୱର,୧୮।୬: (ଅଭୟ ଦାଶ)

ଆସୋଚାମ୍ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଆୟୋଜିତ ଓଡ଼ିଶା ମାନୁଫ୍ୟାକ୍‌ଚରିଂ କନ୍‌କ୍ଲେଭ-୨୦୨୫ (ଓଏମ୍‌ସି)ର ୨ୟ ସଂସ୍କରଣ ବୁଧବାର ଭୁବନେଶ୍ୱରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ 'ଏଆଇ-ଡ୍ରିଭେନ ମାନୁଫ୍ୟାକ୍ଚରିଂ: ଇନୋଭେଶନ,ଏଫିସିଏନ୍ସି ଆଣ୍ଡ ସଷ୍ଟେନେବୁଲ ଗ୍ରୋଥ୍'ଶୀର୍ଷକ ବିଷୟବସ୍ତୁ ରହିଛି। ଏହି ସମ୍ମିଳନୀରେ ଏକ ଭବିଷ୍ୟତ ପ୍ରସ୍ତୁତ ଉତ୍ପାଦନ କେନ୍ଦ୍ରରେ ପରିଣତ ହେବା ପାଇଁ ଓଡ଼ିଶାର ରୋଡ୍‌ମ୍ୟାପ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ଇଣ୍ଡଷ୍ଟ୍ରି ଲିଡର, ନୀତି ନିର୍ମାତା, ବୈଷୟିକ କ୍ଷେତ୍ରରେ ପ୍ରବର୍ତ୍ତକ ଓ ଶିକ୍ଷାନୁଷ୍ଠାନଗୁଡିକ ଏକତ୍ରିତ ହୋଇଥିଲେ। ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉଲ୍ଲେଖ କରିଥିଲେ, ବର୍ତ୍ତମାନ ନିର୍ମାଣ କ୍ଷେତ୍ର ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ରେ ୩୬% ଯୋଗଦାନ ଦେଉଥିବା ବେଳେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରର ମିଳିତ ଯୋଗଦାନ ୫୩% ରହିଛି। ତେବେ ଏହି ମିଳିତ ଅଂଶକୁ ଆହୁରି ବୃଦ୍ଧି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଶୀର୍ଷ ପ୍ରାଥମିକତା ଭାବେ ବଜାୟ ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହେମନ୍ତ ଶର୍ମା ପ୍ରିମସ ପାର୍ଟନର୍ସ ସହ ସହଭାଗିତାରେ ଆସୋଚାମ ଷ୍ଟଡି ପେପରର ଉନ୍ମୋଚନ କରିଥିଲେ। ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡି, ଆସୋଚାମ ଓଡ଼ିଶା ରାଜ୍ୟ ଉତ୍ପାଦନ ପରିଷଦର ଅଧ୍ୟକ୍ଷ ଶଶି ଶେଖର ମହାନ୍ତି, ଖଣି ଓ ଇସ୍ପାତ ପରିଷଦର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ସିଏସ୍ଆର୍ ଓ ସ୍ଥାୟିତ୍ୱ ପରିଷଦର ଅଧ୍ୟକ୍ଷ ପ୍ରଶାନ୍ତ ହୋତା ଏବଂ ପ୍ରିମସ ପାର୍ଟନର୍ସ ଇଣ୍ଡିଆର ବରିଷ୍ଠ ପରାମର୍ଶଦାତା ଭାରତ ଦୁରେଜା ପ୍ରମୁଖ ସାମିଲ ଥିଲେ। ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଓଡ଼ିଶାରେ ସ୍ମାର୍ଟ ଓ ସ୍ଥାୟୀ ନିର୍ମାଣକୁ ସକ୍ଷମ କରିବା ପାଇଁ ସରକାର, ଶିଳ୍ପ ଓ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ମଜବୁତ ସହଯୋଗିତା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ବ୍ରିଟିଶ ଡେପୁଟି ହାଇକମିଶନର ଆଣ୍ଡ୍ର୍ୟୁ ଫ୍ଲେମିଂ କହିଛନ୍ତି, ଭାରତ ଏବଂ ବ୍ରିଟେନ ଶିଳ୍ପାୟନ ଓ ଉଦ୍ଭାବନର ଏକ ସମୃଦ୍ଧ ଇତିହାସର ଅଂଶୀଦାର ଅଟନ୍ତି। ଏହି ଅବସରରେ ଦୁଇଟି ପ୍ରମୁଖ ପୂର୍ଣ୍ଣାଙ୍ଗ ଅଧିବେଶନର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବରିଷ୍ଠ ସରକାରୀ ଓ ଘରୋଇ ଅଧିକାରୀ, ଶିଳ୍ପର ବିଶିଷ୍ଟ ବ୍ୟକ୍ତି, ଟେକ୍ନୋଲୋଜି ଲିଡର, ଅନ୍ତର୍ଜାତୀୟ ପ୍ରତିନିଧି ଓ ଅନ୍ୟମାନେ ଯୋଗଦେଇଥିଲେ। ଆସୋଚାମ୍ ପୂର୍ବ ଓ ଉତ୍ତରପୂର୍ବର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦର ଜିତ କୌର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥମାନେ ଆସୋଚାମ ଷ୍ଟଡି ପେପରକୁ ଉନ୍ମୋଚନ କରୁଛନ୍ତି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୮।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୩୯ (୧୩୮.୬୪) ପଏଣ୍ଟ ହ୍ରାସ ଘଟି ୮୧,୪୪୫ (୮୧,୪୪୪.୬୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୪୧ (୪୧.୩୫) ପଏଣ୍ଟ କମି ୨୪,୮୧୨ (୨୪,୮୧୨.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ପାରିୟରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଉଦ୍‌ଘାଟିତ




ଭୁବନେଶ୍ୱର,୧୮।୬

ରୋକା ବାଥ୍‌ରୁମ୍ ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ୍ (ଆର୍‌ବିପିପିଏଲ୍)ର ପ୍ରମୁଖ ସାନିଟାରି ବ୍ରାଣ୍ଡ 'ପାରିୟର'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ବୁଧବାର ଜୟଦେବ ବିହାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ସିଟି ସାନିଟାରି ଆଣ୍ଡ ଟାଇଲ୍ସ ଆନୁକୂଲ୍ୟରେ ପାରିୟର ପ୍ରୋର ପ୍ରଥମ ଖୁଚୁରା ଏବଂ ପ୍ରିମିୟମ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆର୍‌ବିପିପିଏଲ୍‌ର ଆଞ୍ଚଳିକ ବିକ୍ରି ମୁଖ୍ୟ ଏସ୍.କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ବିପିପିଏଲ୍‌ର ବି. ଶତପଥୀ ଏବଂ ସିଟି ସାନିଟାରିର ଏମ୍‌ଡି ଜିତ ରଞ୍ଜନ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ପ୍ରାୟ ୧୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ 'ପାରିୟର ପ୍ରୋ'ର ସମସ୍ତ ସାମଗ୍ରୀ (ଉତ୍ପାଦ) ଉପଲବ୍ଧ। ବିଶେଷକରି ଏହାର ସମସ୍ତ ରେଞ୍ଜର ଆବଶ୍ୟକୀୟ ବାଥ୍‌ରୁମ୍ ଓ ୱାଶ୍‌ରୁମ୍ ସାମଗ୍ରୀ ଗ୍ରାହକଙ୍କ ପାଇଁ ଉଚିତ ମୂଲ୍ୟରେ ଯୋଗାଇ ଦିଆଯିବ। ସେହିପରି ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ଓ ବଜାର ଚାହିଦା ମୁତାବକ ଉତ୍ପାଦ ଯୋଗାଇଦେବା ଓ ଉପଲବ୍ଧ କରାଇବାକୁ ବ୍ରାଣ୍ଡ ସର୍ବାଧିକ ଗୁରୁତ୍ୱ ଦେଉଛି ବୋଲି ଏସ୍.କର ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ୨୦ରୁ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ

ଭୁବନେଶ୍ୱର,୧୮।୬

ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆ (ଜିଏସ୍ଆଇ)ର ବହୁ ପ୍ରତୀକ୍ଷିତ ତଥା ଏକ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଚଳିତ ବର୍ଷ ଜିଏସ୍ଆଇର ତତ୍ତ୍ୱାବଧାନରେ ଜାତୀୟ ବାର୍ଷିକ ମଧ୍ୟକାଳୀନ ସମ୍ମିଳନୀ ଜିଏସ୍ଆଇସିଓନ ପୂର୍ବ ଜୋନାଲ ଏବଂ ଦ୍ୱିତୀୟ ବାର୍ଷିକ ଜିଏସ୍ଆଇ ଓଡ଼ିଶା ରାଜ୍ୟ ସମ୍ମିଳନୀ-୨୦୨୫ ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହେବାକୁ ଯାଉଛି। ଏହି ଅବସରରେ ଜିଏସ୍ଆଇ ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ଏକ ଉଲ୍ଲେଖନୀୟ ଦୃଷ୍ଟିକୋଣ ଏବଂ ସଠିକତା ସହ ଆୟୋଜିତ ହେଉଛି। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି ଜେରିଆଟ୍ରିକ୍ ଯତ୍ନ: ଗବେଷଣାରୁ ଅଭ୍ୟାସ ପର୍ଯ୍ୟନ୍ତ। ଯାହା ନିଜେ ଜ୍ଞାନକୁ ଅଭ୍ୟାସରେ ପ୍ରୟୋଗ କରିବା ଏବଂ ମୂଳ ପର୍ଯ୍ୟନ୍ତ ପହଞ୍ଚିବାର ଗୁରୁତ୍ୱ ବିଷୟରେ କହିଥାଏ। ଏହି ସମ୍ମିଳନୀ ବୟସ୍କ ଜନସଂଖ୍ୟାରେ ଦ୍ରୁତବୃଦ୍ଧି ସହ ଓଡ଼ିଶା ଏବଂ ଭାରତରେ ଜେରିଆଟ୍ରିକ୍ ଯତ୍ନର ସ୍ତରକୁ ପୁନଃ ଆକୃତି ଦେବାରେ ସାହାଯ୍ୟ କରିବ। ଏହି ସମ୍ମିଳନୀ ଗବେଷଣା କାର୍ଯ୍ୟ ଏବଂ କ୍ଲିନିକାଲ୍ ଅଭିଜ୍ଞତା ବାଣ୍ଟିବା ପାଇଁ ଏକ ପରିବର୍ତ୍ତନଶୀଳ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଯାହା ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଉଦ୍ଭାବକମାନଙ୍କୁ ଏକତ୍ର କରିବ। ସେହିଭଳି ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଅଡିଟୋରିୟମଠାରେ ୨୦୨୫ ଜୁନ୍ ୨୦ରୁ ୨୨ ଜୁନ୍ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଏହି ବୈଜ୍ଞାନିକ ଅଧିବେଶନରେ ସାରା ଭାରତରୁ ପ୍ରାୟ ୫୦୦ଜଣ ଡାକ୍ତର, ପାରାମେଡିକ୍ସ, ନର୍ସ, ଡାଏଟିସିଆନ୍ ସାମିଲ ହେବେ।

# କେଭିଆଇସି ପକ୍ଷରୁ ୯୦୬ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୧୮।୬

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପକ୍ଷରୁ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ଦେଶବ୍ୟାପୀ ୯୦୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଏହି ଋଣ ବିପକ୍ଷରେ ୧୧,୪୮୦ ସେବା କ୍ଷେତ୍ର ହିତାଧିକାରୀମାନଙ୍କୁ ୩୦୦ କୋଟି ଟଙ୍କାର ମାର୍ଜିନ୍ ମନି ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ରାଜଘାଟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ଆଭାସି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ସବ୍‌ସିଡି ଅର୍ଥ ପ୍ରଦାନ କରିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରୂପ ରାଶିଙ୍କ ସମେତ କେନ୍ଦ୍ରୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାମାନେ ଉପସ୍ଥିତ ଥିଲେ। ଦେଶର ସମସ୍ତ ୬ଟି ଜୋନ୍ ଏହି ବର୍ଣ୍ଟନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ଜୋନ୍ (ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରାଖଣ୍ଡ) ଅଧୀନରେ ମୋଟ ୨୪୦୩ଟି ପ୍ରକଳ୍ପ ପାଇଁ ୭୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି। ଏହା ପାଇଁ ମୋଟ ୨୧୮ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ପୂର୍ବ ଜୋନ୍ (ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ) ଅଧୀନରେ ୯୯୬ଟି ପ୍ରକଳ୍ପ ପାଇଁ ୨୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥିଲାବେଳେ ଋଣ ମଞ୍ଜୁର ପ୍ରାୟ ୭୧ କୋଟି ଟଙ୍କା ଥିଲା।




# କୋଲ୍ ଇଣ୍ଡିଆରେ ସ୍ୱଚ୍ଛତା ପଖୱାଡା

ଭୁବନେଶ୍ୱର,୧୮।୬

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ପରିସରରେ 'ସ୍ୱଚ୍ଛତା ପଖୱାଡା-୨୦୨୫' ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି କୋଲକାତାସ୍ଥିତ ସିଆଇଏଲ୍‌ର କର୍ପୋରେଟ୍ ମୁଖ୍ୟାଳୟଠାରେ ସ୍ୱଚ୍ଛତା ପଖୱାଡା-୨୦୨୫ର ଶୁଭାରମ୍ଭ ଅବସରରେ ସିଆଇଏଲ୍‌ର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପ୍ରତିଜ୍ଞା ପ୍ରଦାନ କରାଇଥିଲେ। ଏହି ଅବସରରେ ସିଆଇଏଲ୍‌ର ନିର୍ଦ୍ଦେଶକ(ଅର୍ଥ) ମୁକେଶ ଅଗ୍ରୱାଲ, ନିର୍ଦ୍ଦେଶକ (ବୈଷୟିକ) ଅଚ୍ୟୁତ ଘଟକଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟନିର୍ବାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମ (ସ୍ୱଚ୍ଛତା ପଖୱାଡା) ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ।


ପି.ଏମ୍. ପ୍ରସାଦ

ଚଳିତ ବର୍ଷର ବିଷୟବସ୍ତୁ ହେଉଛି ସ୍ୱଚ୍ଛତା ସମସ୍ତଙ୍କର ବ୍ୟବସାୟ। ଏହି ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛତା ଏକ ସାମୂହିକ ଦାୟିତ୍ୱ ଏବଂ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ। ସେହିପରି ଏହି ଅବଧି ସମୟ ମଧ୍ୟରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଅଭିଯାନ, ରଥ ମେଳା ସ୍ଥାନରେ ଡଷ୍ଟବିନ୍ ବଣ୍ଟନ, ଆବାସିକ କଲୋନି ଏବଂ ଜଳାଶୟ ସଫା କରିବା ଭଳି ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି।

# ଶ୍ରୀଚୈତନ୍ୟଙ୍କ ବ୍ରହ୍ମଗିରି ପଦାର୍ପଣ

ଜ୍ୱରରେ ପୀଡ଼ିତ ହୋଇ ଦାରୁଦିଅଁ ଶ୍ରୀମନ୍ଦିର ଅଣସର ଘରେ ବିଶ୍ରାମ ନେଉଛନ୍ତି। ଏବେ ଭକ୍ତମାନେ ପଟିଦିଅଁଙ୍କୁ ଦର୍ଶନ କରୁଛନ୍ତି। ବିଶ୍ୱାସ ରହିଛି, ଏହି ସମୟରେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କୁ ଦର୍ଶନ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଅଲାରନାଥଙ୍କ ଦର୍ଶନ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ବ୍ରହ୍ମଗିରି ଏକ ପବିତ୍ରତମ ସ୍ଥାନ। ପୌରାଣିକ ଯୁଗରୁ ଏହାର ଖ୍ୟାତି ରହିଛି। କିମ୍ବଦନ୍ତୀରୁ ଜଣାଯାଏ, ବିଷ୍ଣୁ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୁଷୋତ୍ତମ ନିର୍ମିତ ମନ୍ଦିରର ପ୍ରତିଷ୍ଠା ପାଇଁ ସୃଷ୍ଟିକର୍ତ୍ତା ବ୍ରହ୍ମା ଯେଉଁ ଗିରିବେଷ୍ଟିତ ଅଞ୍ଚଳରେ ପାଦ ଦେଇଥିଲେ, ସେହି ପବିତ୍ର ଧାମ ହିଁ ବ୍ରହ୍ମଗିରି।

ଏହା ଏକ ପବିତ୍ର ସ୍ଥାନ ହୋଇଥିବାରୁ ତଥା ବିଷ୍ଣୁ ଉପାସକ ଆଲବନ୍ଦାମାନେ ଏଠାରେ ବସବାସ କରୁଥିବାରୁ ସେହି ଆଲବନ୍ଦା ସାଧୁମାନେ ବ୍ରହ୍ମଗିରିଠାରେ 'ଅଲୋୟାରନାଥ'ଙ୍କ ବିଷ୍ଣୁବିଗ୍ରହ ପ୍ରତିଷ୍ଠା କରି ପୂଜା ଉପାସନା କରୁଥିଲେ। ଏଣୁ ଅଲୋୟାରନାଥ ସ୍ଥାନୀୟ ଲୋକଙ୍କ ମୁଖରେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ନାମିତ ହେଲେ। ଶ୍ରୀଅଲାରନାଥଙ୍କ ପୂଜାପଦ୍ଧତିରେ ବୈଷ୍ଣବୀୟ ପରମ୍ପରାର ପ୍ରଭାବ ରହିଛି। ବିଷ୍ଣୁ ମନ୍ତ୍ରରେ ଶ୍ରୀଅଲାରନାଥଙ୍କ ଭୋଗପୂଜା ନୀତି ସମାହିତ ହୋଇଥାଏ। ଅଲୋୟାର ଏକ ଦ୍ରାବିଡ଼ ଶବ୍ଦ, ଯାହାର ଅର୍ଥ ହେଉଛି ଭକ୍ତ। ଅଲୋୟାରନାଥ ଅର୍ଥ 'ଭକ୍ତର ନାଥ'। ମହାପ୍ରଭୁ ଶ୍ରୀଅଲାରନାଥ ପ୍ରକୃତରେ ଭକ୍ତର ନାଥ। ପ୍ରଭୁଙ୍କ ଅଲାରନାଥ ନାମକରଣ ନେଇ ଏକ କିମ୍ବଦନ୍ତୀ ରହିଛି। ଶ୍ରୀଚୈତନ୍ୟଙ୍କ ପ୍ରଥମ ଦର୍ଶନରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀଅଲାରନାଥଙ୍କୁ ଏକ ଓ ଅଭିନ୍ନ ବୋଲି ଭାବି ତାଙ୍କ ଅନ୍ତରର ଭକ୍ତି ଅର୍ପଣ କରୁଥିଲେ। ପ୍ରାଚୀନ କବି ଗୋବିନ୍ଦ ଦାସ ବାବାଜିଙ୍କ ବିରଚିତ ଓ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଦ୍ୱାରା ସମ୍ପାଦିତ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରୁ ଜଣାଯାଏ, ଶ୍ରୀଚୈତନ୍ୟଙ୍କର ଶ୍ରୀଅଲାରନାଥଙ୍କ ପ୍ରତି ଗଭୀର ଭକ୍ତି ଥିଲା। ୧୫୧୫ ମସିହାରେ ତୀର୍ଥାଟନ ସାରି ଶ୍ରୀଚୈତନ୍ୟ ତାଙ୍କର ଦ୍ୱିତୀୟବାର ଶ୍ରୀକ୍ଷେତ୍ର ଆଗମନ କାଳରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଅନୁଗ୍ରହ ଲାଭକରି ତତ୍କାଳୀନ କାଶୀ ମିଶ୍ରଙ୍କ ଘର ବା ବର୍ତ୍ତମାନର ରାଧାକାନ୍ତ ମଠ ଭାବେ ପରିଚିତ ଗମ୍ଭୀରାରେ ଦୀର୍ଘ ଅଠରବର୍ଷ କାଳ ଅବସ୍ଥାନ କରିଥିଲେ।



ସେତେବେଳେ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ପ୍ରାଚୀନ ପଞ୍ଚସଖାଙ୍କ ସହିତ ଶିଷ୍ୟବର୍ଗଙ୍କୁ ସାଙ୍ଗରେ ନେଇ ବହୁବାର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ନାମ ସଂକୀର୍ତ୍ତନ କରୁଥିଲେ।

ସୂଚନାଯୋଗ୍ୟ ୧୫୧୦ ମସିହାରେ ଶ୍ରୀଚୈତନ୍ୟ ତାଙ୍କ ଭକ୍ତିଧାରାର ପ୍ରଚାର ପାଇଁ ଶ୍ରୀକ୍ଷେତ୍ର ଆଗମନ କରିଥିଲେ। ମାତ୍ର ତତ୍କାଳୀନ ରାଗାନୁଗା ପ୍ରେମ ଭକ୍ତି ପ୍ରଚାରର ଅନୁକୂଳ ବାତାବରଣ ନ ଦେଖି ଶ୍ରୀକ୍ଷେତ୍ରରେ ସ୍ୱଳ୍ପକାଳ (ଚୈତନ୍ୟ ଚରିତାମୃତ ମତରେ ୩ ମାସ, ଚୈତନ୍ୟ ଚନ୍ଦ୍ରୋଦୟ ନାଟକ ମତରେ ୧୮ ଦିନ) ଅବସ୍ଥାନ କରି ସେ ଦକ୍ଷିଣ ଭାରତ ଚାଲିଯାଇଥିଲେ। ୧୫୧୦ରୁ ୧୫୧୫ ମସିହା ପର୍ଯ୍ୟନ୍ତ ସେ ଦକ୍ଷିଣ ଭାରତ, ଉତ୍ତର ଭାରତ, ପଶ୍ଚିମ ଭାରତର ବହୁ ତୀର୍ଥ ଭ୍ରମଣ ସାରି ପୁନର୍ବାର ଶ୍ରୀକ୍ଷେତ୍ରକୁ ଫେରି ଆସିଥିଲେ। ସେତେବେଳେ ଦକ୍ଷିଣରୁ ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ବର୍ତ୍ତମାନ ଭଳି ସଡ଼କପଥରେ କୌଣସି ସୁବିଧା ନ ଥିଲା। ଦକ୍ଷିଣରୁ ଆସିବାକୁ ହେଲେ ଚିଲିକା ପାରି ହୋଇ ଚିଲିକା ଉପକୂଳ ରାସ୍ତା ଦେଇ କିମ୍ବା ସମୁଦ୍ରକୂଳ ରାସ୍ତା ଦେଇ ମଙ୍ଗଳାଘାଟ ପାର ହୋଇ ଶ୍ରୀକ୍ଷେତ୍ରକୁ ଆସିବାକୁ ପଡୁଥିଲା। ଆସିବା ବାଟରେ ପଡୁଥିଲା ବ୍ରହ୍ମଗିରି ଓ ଶ୍ରୀଅଲାରନାଥ ମନ୍ଦିର। ୧୫୧୫ ମସିହାରେ ଶ୍ରୀଚୈତନ୍ୟ ଦକ୍ଷିଣ ଭାରତରୁ ଶ୍ରୀକ୍ଷେତ୍ର ଆସିବା ସମୟରେ ପ୍ରଥମଥର ପାଇଁ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିଥିଲେ। ତାଙ୍କ ଅଲାରନାଥ ଦର୍ଶନ ନେଇ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରେ କୁହାଯାଇଛି– 'ଉତ୍କଣ୍ଠିତ ପ୍ରଭୁ ତଥି ଘାଟିମାନ ବାଟ ଦେଇ, ବ୍ରହ୍ମଗିରି ପଥେ ତଥି ଉପସ୍ଥିତ ହୋଇ'।

–ଅଜିତ କୁମାର ମହାନ୍ତି, ପୁରୀ

# ତ୍ରିପୁରା, ଅରୁଣାଚଳ ପ୍ରଦେଶରେ ଓଡ଼ିଶା ଭିଜିଲାନ୍ସ

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ଲାଞ୍ଚ ନେବା ମାମଲାରେ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍ମାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସେ ଆୟ ବହିର୍ଭୂତ ସମ୍ପତି ଠୁଳ କରିଥିବା ସନ୍ଦେହ କରି ରାଜ୍ୟ ଭିଜିଲାନ୍ସ ଅଧିକ ଖୋଳତାଡ଼ ଚଳାଇଛି। ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସର ୩ଟି ଟିମ୍ ତ୍ରିପୁରା ଓ ଅରୁଣାଚଳ ପ୍ରଦେଶ ଯାଇ ଯାଞ୍ଚ କରୁଥିବା ବୁଧବାର ସୂଚନା ଦିଆଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଉତ୍ତର ତ୍ରିପୁରା ଜିଲା କାଞ୍ଚନପୁରରେ ଥିବା ଧୀମାନଙ୍କ ବାସଭବନ, ହିମାଚଳପ୍ରଦେଶର କୁଲୁଜିଲା ମନାଲି ଥାନା ଅନ୍ତର୍ଗତ ସମିନାଲା ଏବଂ ଲାହୋଲେ ସ୍ପିତି ଜିଲା କିଲଙ୍ଗ୍ ଥାନା ଅନ୍ତର୍ଗତ ରଙ୍ଗବେଷ୍ଟିତ ଶ୍ୱଶୁର ଘର ରହିଛି। ଭିଜିଲାନ୍ସ ଅଧିକାରୀମାନେ ବ୍ୟାଙ୍କ ଜମା ଓ ନିବେଶ ସମ୍ବନ୍ଧୀୟ ଦସ୍ତାବିଜ ଆଦିକୁ ଯାଞ୍ଚ କରୁଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଧୀମାନଙ୍କ ଘରେ ଚଢ଼ାଉ ପାଇଁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ୧୩ ତାରିଖରେ ସର୍ଚ୍ଚ ୱାରେଣ୍ଟ ଜାରି ହୋଇଥିଲା। ରବିବାର ଭିଜିଲାନ୍ସ ଟିମ୍ ଦୁଇ ରାଜ୍ୟକୁ ଯାଇ ତଦନ୍ତ ଜାରି ରଖିଛି। କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଧୀମାନଙ୍କୁ ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନିଲମ୍ବନ କରିଥିଲେ। ମଙ୍ଗଳବାର କୋର୍ଟ ଧୀମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

ସୂଚନାଯୋଗ୍ୟ, ବ୍ୟବସାୟିକ ନିୟମରେ ତ୍ରୁଟି ଦର୍ଶାଇ ଧୀମାନ ଜଣେ କ୍ରଶର ମାଲିକଙ୍କୁ କିଛିଦିନ ହେବ ଧମକାଉଥିଲେ। ୨୦ ଲକ୍ଷ ଟଙ୍କା ଟଙ୍କା ଲାଞ୍ଚ ନ ଦେଲେ ବ୍ୟବସାୟ ବନ୍ଦ କରିଦେବେ ବୋଲି ସେ ଚେତାବନୀ ଦେଉଥିଲେ। ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୁନ ୮ରେ ଭିଜିଲାନ୍ସ ଟିମ୍ ଧୀମାନଙ୍କୁ ଗିରଫ କରିଥିଲା। ଏହାପରେ ଧର୍ମଗଡ଼ସ୍ଥିତ ସରକାରୀ ଆବାସରୁ ଆଉ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା।

## ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମାଙ୍କ ଘର, ଶ୍ୱଶୁର ଘରେ ଚଢ଼ାଉ


**ODISHA STATE DISASTER MANAGEMENT AUTHORITY**
OSDMA
(A Government of Odisha Agency)
9th Floor, Rajiv Bhawan, Unit-5, Bhubaneswar- 751001, Odisha
Phone-0674-2395398/2395376, Fax:0674-2391871
**Expression of Interest No.1642/OSDMA Date:17.06.2025**
**No.CAD-811:**Odisha State Disaster Management Authority (OSDMA) invites eligible Chartered Accountant firms to offer their interest by providing Q&CBS for engagement of Statutory Auditor for the **F.Y. 2024-25**. Interested Firms may obtain detail information which can be downloaded from **OSDMA** Website: **www.osdma.org.**
Sd./-
Executive Director (Finance)
OIPR-24007/11/0018/2526



GOVERNMENT OF ODISHA,DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, DRAINAGE DIVISION, PURI- 752003**
**e-Procurement Notice No.SEDD-PURI-03/2025-26**
**No.A-311:** e-mail Id: eeddpuri@gmail.com
1. **Name of Works:** 1. De-Congestion and renovation at strategic location of Daya River, Makara River (RD 0.00 Km to 10.00 Km) and Makara River Right in Kanas Block under Doab-XV. 2.De-Congestion and renovation at strategic location Tarkaja-kanjia drain to Jamunakuda bridge of Ratnachira River and 19 nos.of link drains of Luna-Ratnachira drainage system under Doab-VII in Satyabadi Block. 3. De-Congestion and renovation at strategic location Jamunakuda bridge to Ghatakudi Bridge of Ratnachira river (from RD 16.39 km to RD 0.00 Km). U/S portion of Gobardhanapur Barrage of Bhargavi river (from RD 79.60 Km to RD 66.60 Km) and Kurunti drainage channel (from RD 11.50 Km to RD 3.50 Km) under Brahmagiri Constituency, DOAB-VII. 4. De-Congestion and renovation at strategic location of Posal to Machhapada (RD 0.00 Km to RD 12.300 Km). Tarakaj to Kanjia (RD 0.00 Km to RD 17.500 Km), Dahispatna to Amalanga (RD 00 Km to RD 17.70 Km), DC in between Delanga Disty and Buali Minor (RD 0.00 Km to RD 7.90 Km) Luna River (RD 11.00 Km to RD 17.00 Km), Tara to Munida (RD 0.00Km to 7.00 Km), Baragarh to Teisipur (RD 0.00 Km to 8.50 Km) under Pipili Constituency, Doab-VII. 5. De-Congestion and renovation at strategic location of various bridge points of Kadua DC, Mugei DC and its link drains, DC-11 and DC-14 and link drains of Dhanua DC.
2. Total No. of Works : **5 Nos. of individual packages.**
3. Tender Cost of the Work : **Rs.26.51 lakh to Rs.61.87 lakh**
4. Bid Identification No. : **DDP-22/2025-26 to 26/2025-26**
5. Period of Completion : **02 (Two)** Calendar Months
6. Availability of Tender On-line : **21.06.2025** from 11.00 Hours to **05.07.2025** upto 17.30 Hours.
7. Receipt of Bids in the Portal : **21.06.2025** from 11.00 Hours to **05.07.2025** upto 17.30 Hours.
8. Date of Opening of Technical Bid: **08.07.2025** at 11.30 Hours in the O/o. the Superintending Engineer, Drainage Division, Puri
9. Date of Opening of Financial Bid: **15.07.2025** at 11.30 Hours in the O/o. the Superintending Engineer, Drainage Division Puri (for Sl.No. 3 & 4)
10. Date of Lottery (if Required) : **21.07.2025** at 11.30 Hours in the O/o. the Superintending Engineer, Drainage Division, Puri.
11. Procurement Officer : Superintending Engineer, Drainage Division, Puri
12. Class of Contractor : **'C & B' Class**
Tenders will be accepted if **registered under CDMS portal only** as per codal provision. Registration in any other manner will be cancelled.
The bidders have to participate in online bidding only. Further details can be seen from the Govt. website **www.tendersorissa.gov.in.** Any addendum/ Corrigendum/ Cancellation of tender can also be seen in the same website.
**Sd./- Superintending Engineer**
**Drainage Division, Puri**
OIPR-32357/11/0001/2526



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.shb.org
ପତ୍ର ସଂଖ୍ୟା ୯୭ ତା.୦୫.୦୬.୨୫
**ବିଜ୍ଞାପନ**
**No.CAD-821**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| √ ମହମ୍ମଦ ଶାମସୁଲ ହକ<br>ପିତା-√ ସେକ ମନସୁର<br>ସା-ରାଉତରାପୁର<br>ପୋ-ବିରିବାଟି<br>ଥାନା-କଟକ ସଦର<br>ଜିଲ୍ଲା-କଟକ | ସିଏମ୍-୧୦<br>(CM-10)<br>ବାସନ୍ତୀ କଲୋନୀ<br>୨ୟ ପର୍ଯ୍ୟାୟ<br>ରାଉରକେଲା | ୧.ମହମ୍ମଦ ଫଯଲୁଲ ହକ୍ (ବି.ପୁତ୍ର)<br>୨.ନୂର ଆଫଶାନ (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0689/2526


# ବିଶ୍ୱସ୍ତରୀୟ ଉଦ୍ୟମର ଆବଶ୍ୟକତା ରହିଛି

## ଆଜି ବିଶ୍ୱ ସିକଲ୍ ସେଲ୍ ଦିବସ



ପ୍ରତିବର୍ଷ ଜୁନ୍ ୧୯ ତାରିଖକୁ 'ବିଶ୍ୱ ସିକଲ୍ ସେଲ୍ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି–'ବିଶ୍ୱସ୍ତରୀୟ ଉଦ୍ୟମ : ଏହାର ସ୍ଥାନୀୟ ପ୍ରଭାବ ଏବଂ ସମାଜକୁ ଏ ନେଇ ଅଧିକାର ଦେବା'। ସିକଲ୍ ସେଲ୍ ଏକ ଗୁଣସୂତ୍ରଜନିତ(ଜେନେଟିକ୍) ରୋଗ ହୋଇଥିବାରୁ ଏହି ସମସ୍ୟା ବିଶ୍ୱ ଜନସଂଖ୍ୟାର ପାଖାପାଖି ୪ ପ୍ରତିଶତ ବ୍ୟକ୍ତିଙ୍କ ପାଖରେ ଥାଏ। ଏ ସମ୍ପର୍କରେ ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ କହନ୍ତି, ପ୍ରତିବର୍ଷ ବିଶ୍ୱରେ ପାଖାପାଖି ତିନି ଲକ୍ଷ ଶିଶୁ ହିମୋଗ୍ଲୋବିନ୍ ତ୍ରୁଟି ଥାଇ ଜନ୍ମ ନେଇଥାଆନ୍ତି। ସିକଲ୍ ସେଲ୍ ରୋଗରେ ଗୋଲ ଓ ଚେପଟା ଆକାରର ଲୋହିତ ରକ୍ତ କଣିକା ଅଷ୍ଟମୀ ଚନ୍ଦ୍ର ପରି ହୋଇଥାଏ। ଫଳରେ ଏହା ରକ୍ତ ଶିରା ଓ ଧମନୀରେ ସ୍ୱଚ୍ଛନ୍ଦରେ ପ୍ରବାହିତ ନ ହୋଇ କମ୍ ସମୟରେ ନଷ୍ଟ ହୋଇଯାଏ। ରକ୍ତ ଧମନୀ ଓ ଶିରା ଅବରୋଧ ଦ୍ୱାରା ଯନ୍ତ୍ରଣା ହୋଇଥାଏ। ପରବର୍ତ୍ତୀ ସମୟରେ ସଂକ୍ରମଣ ହୋଇ କୋଷ ସମୂହ ନଷ୍ଟ ହୋଇଯାଏ। ଥାଲାସେମିଆ ରୋଗ ସମୂହରେ ମଧ୍ୟ ହିମୋଗ୍ଲୋବିନ୍‌ରେ ତ୍ରୁଟି ଥାଏ ଏବଂ ଆଲଫା ଓ ବିଟା ଶିକୁଳି ତ୍ରୁଟିଯୁକ୍ତ ହୋଇଥାଆନ୍ତି। ସ୍ଥଳ ବିଶେଷରେ ଏହି ହିମୋଗ୍ଲୋବିନୋପ୍ୟାଥି ସାମାନ୍ୟ ଓ ଗୁରୁତର ହୋଇଥାଏ।

ସିକଲ୍ ସେଲ ରୋଗ ସବୁ ମାତା-ପିତାଙ୍କ ଜିନ୍ (ଗୁଣସୂତ୍ର) ଦ୍ୱାରା ପିଲାମାନଙ୍କୁ ଆସିଥାଏ ଓ ଉଭୟଙ୍କର ତ୍ରୁଟି ଥିଲେ ପିଲାମାନଙ୍କୁ ଏହା ଗୁରୁତର ଭାବେ ଆକ୍ରାନ୍ତ କରିଥାଏ। ମା'ବାପାଙ୍କଠାରୁ ଶିଶୁମାନେ ଏହାଦ୍ୱାରା ଆକ୍ରାନ୍ତ ହେବା ପ୍ରାୟ ୨୫ ପ୍ରତିଶତ ଏବଂ ୫୦ ପ୍ରତିଶତ ଏହାର ବାହକ ହେବା ଆଶଙ୍କା ଥାଏ। ଏହି ରୋଗସମୂହର ହ୍ରାସ ପାଇଁ ରୋଗାକ୍ରାନ୍ତ ଶିଶୁଙ୍କର ଉପଯୁକ୍ତ ଚିକିତ୍ସା ଓ ପରିଚାଳନା ତଥା ଏହା କିପରି ନ ହେବ ସେଥିପ୍ରତି ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି। ଏହି ରୋଗୀମାନେ ଉପଯୁକ୍ତ ତରଳ ପାନୀୟ, ସୁଷମ ଖାଦ୍ୟ, ଫଲିକ୍ ଏସିଡ୍ ବଟିକା ସେବନ, ଯନ୍ତ୍ରଣା ଲାଘବ ପାଇଁ ଔଷଧ (ସ୍ଥଳ ବିଶେଷରେ), ଅନ୍ୟ ସଂକ୍ରମଣ ନ ହେବା ପାଇଁ ଟିକା ଓ ଚିକିତ୍ସା ତଥା ଯେଉଁ ସମୟରେ କୌଣସି ଅନ୍ୟ ରୋଗ ହୁଏ ତାହାର ଆଶୁ ଚିକିତ୍ସା କରିବା ଦରକାର। ଏହା ସହିତ ଥାଲାସେମିଆ ମେଜରରେ ରକ୍ତ ସଞ୍ଚାଳନ ଦରକାର ପଡ଼େ। ଅସ୍ଥିମଜ୍ଜା ପ୍ରତିରୋପଣ ଆମ ରାଜ୍ୟରେ ଆରମ୍ଭ ହେବା ଏକ ଉଲ୍ଲେଖନୀୟ ଘଟଣା। ଏହା ସହିତ ଜିନ୍ ଥେରାପି ମଧ୍ୟ ସଫଳତାର ସହିତ କରାଯାଉଛି। ବିବାହ ପୂର୍ବରୁ ସବୁ ପରୀକ୍ଷା ସହ ସିକଲ୍ ସେଲ ପରୀକ୍ଷା କରାଇ ନେବା ଜରୁରୀ। ଶିଶୁଟି ଜନ୍ମ ହେବା ପରେ ଠିକ୍ ଭାବରେ ନ ବଢ଼ିବା, ବାରମ୍ବାର ଦେହ ଖରାପ ହେଲେ କିମ୍ବା ରକ୍ତହୀନତା ସମସ୍ୟା ଦେଖାଦେଲେ ଏହି ପରୀକ୍ଷା କରାଇ ନେବା ଆବଶ୍ୟକ।


**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007, Tel:2545586/2545852
email-serifedodisha@gmail.com, website:www.serifedodisha.in
**INVITATION FOR BIDS (e-Procurement)**
**Bid Identification No.:-VI-07(01)/SERIFED/2025-26/749**
**No.CAD-801:**The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 1 no. of work at Angul. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period dt.20.06.2025 to 5.00 PM upto 01.07.2025. Tender shall be received till 5.00 PM on 01.07.2025 & shall be opened at 11.30 AM on 02.07.2025. Any addendum/ corrigendum/ cancellation of tender can also be seen in the said website.
Sd./-
MANAGING DIRECTOR
OIPR-39036/11/0052/2526



**OFFICE OF THE DEPUTY DIRECTOR**
**NANDANKANAN ZOOLOGICAL PARK**
P.O-BARANG, DIST-KHURDA, PIN-754005
PHONE NO-9437022023
Email: deputydirector.kanan@gmail.com
Web:www.nandankanan.org
NANDANKANAN
CONSERVE | EDUCATE | INSPIRE
**TENDER NOTICE**
**Notice No.17/NKZP/2025-26, Date: 13.06.2025**
**No.MM-92:**The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/stockists/ firms for the Supply of laboratory chemicals, glass and plastic wares for the period of one financial year, 2025-26 for use in Centre for Conservation Research and Training, Nandankanan Zoological Park (CCRT). The detailed terms and conditions alongwith tender documents shall be available at the website: www.nandankanan.org from 19.06.2025 onwards. The last date of submission of bid is 25.06.2025 at 05.00 PM and date of opening of Bid will be on 26.06.2025 at 11.00 AM.
**Sd./- Deputy Director, Nandankanan Zoological Park**
OIPR-08070/11/0089/2526



**GOVERNMENT OF ODISHA**
E_mail:eerwkesinga@yahoo.com
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
No.O-311
**1st Corrigendum Notice No.1434, Date:16.6.25**
**The 1st Corrigendum to Bid identification No.RWKSNG-online-01/2025-26**
**1. The details of corrigendum as table below.**
**As per tender notice**

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG- on-line-01/ 25-26 | 13.06.2025 at 1.00 A.M. | 25.06.2025 upto 17.00 P.M. | 20.06.2025 upto 11.00 A.M. | 26.06.2025 at 11.00 A.M. |

**As per corrigendum**

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG- on-line-01/ 25-26 | 19.06.2025 at 11.00 P.M. | 01.07.2025 upto 17.00 P.M. | 25.06.2025 upto 11.00 A.M. | 02.07.2025 at 11.00 A.M. |

All other terms and conditions remain unchanged.
**Sd./- Executive Engineer**
**Rural Works Division, Kesinga**
OIPR-25153/11/0013/2526



**ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି**
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
Odisha Rural Development & Marketing Society
creating competence and values in rural Odisha
Panchayati Raj & Drinking Water Department, Government of Odisha
ORMAS
SIRD & PR Campus
Unit VIII, Bhubaneswar
Odisha-751012, India
Tel:0674-2565870/71
Email:ormashq@gmail.com
Website:www.ormas.org
**No.2013** **Date:18.06.2025**
**ORMAS-SD-SERVC-0001-2021**
**REQUEST FOR PROPOSAL (RFP)**
**Selection of Agencies for Establishment and Operation of 2 (Two) Nos. Migration Support Centers (MSCs) under ORMAS**
No.CAD-830: ORMAS under the Panchayati Raj & Drinking Water Department, Government of Odisha (The Client) invites sealed two bid systems from the eligble bidders through e-tender process for **"Selection of Agencies for Establishment and Operation of 2 (Two) Nos. Migration Support Centers i.e, Tiruppur and Bengaluru under ORMAS".** Bidders fulfilling the prescribed eligibility criteria of the RFP can access and download the complete RFP Document and other details from **www.ormas.org/ panchayat.odisha.gov.in/ www.tendersodisha.gov.in.** The bid calendar under the end to end process are:

| Date of Issue of RFP | Date of Pre-Bid Meeting | Last Date for Submission of bid | Date of Opening of Technical Proposal | Date of Technical presentation and opening of financial proposal | Bid Processing fee in Rs. | EMD in Rs. |
|---|---|---|---|---|---|---|
| 19.06.2025 | 26.06.2025 at 11.30 AM | 10.07.2025 at 5.30 PM | 11.07.2025 at 11.30 AM | 15.07.2025 at 11.30 AM & 3.30 PM | 5,900/- including GST | 50,000/- for each MSC |

The bidders must apply their proposal through e-tender process latest by 10.07.2025 at 5.30 PM clearly mentioning "REQUEST FOR PROPOSAL "Selection of Agencies for Establishment and Operation of 2 (two) Nos. Migration Support Centers i.e. Tiruppur and Bengaluru under ORMAS". The proposals received beyond the last date and time will be rejected without assigning any reason. In case of any further modification/ alteration/amendment shall be published on the websites only. The authority reserves all the rights to reject any/ all proposals at any stage without assigning any reason thereof.
**Sd./- Chief Executive Officer, ORMAS**
OIPR-19004/11/0023/2526



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**
ଇସ୍ତାହାର: ୩୯୨ ତା: ୧୭।୦୬।୨୦୨୫
No. g-48: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନ ଲିଖିତ ଅଜଣା ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଉତ୍କଳ ବାଳାଶ୍ରମ, ଅନୁଗୋଳ ଓ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ, ଅନୁଗୋଳଠାରେ ରଖାଯାଇଅଛି। ଉକ୍ତ ଶିଶୁଙ୍କର ଯଦି କେହି ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ ଫୋନ ନମ୍ବର: ୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଙ୍କର କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପଧାରା-୧) ଓ ପୋଷ୍ୟ ସନ୍ତାନ ନିୟମାବଳୀ-୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| କ୍ର.ସଂ. | ଶିଶୁର ନାମ | ପୁଅ/ଝିଅ | ବୟସ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|---|
| ୧ | ସୁକାନ୍ତି ତିରିଆ | ଝିଅ | ୧୭ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅକୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୫/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୨ | ସୁଶୀଲା ତିରିଆ | ଝିଅ | ୧୫ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅକୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୬/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୩ | ଶାଲୁ ତିରିଆ | ଝିଅ | ୧୨ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅକୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୭/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୪ | ଶାଳୀନା ତିରିଆ | ଝିଅ | ୮ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅକୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୮/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୫ | ସୁଲୋଚନା ତିରିଆ | ଝିଅ | ୬ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅକୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୯/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୬ | ରାହୁଲ ମୁଣ୍ଡା | ପୁଅ | ୯ ବର୍ଷ | ରୋଜାଲିନି ସାହୁ, ସଂଯୋଜକ, ଶିଶୁ ହେଲ୍ପଲାଇନ, ଅନୁଗୋଳଙ୍କ ଦ୍ୱାରା ପଡ଼ାପୋଷିଗ୍ରାମରୁ ଉଦ୍ଧାର କରାଯାଇଅଛି | ୧୨୮୬/୨୦୨୫ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୭ | ସୁମନ ମୁଣ୍ଡା | ପୁଅ | ୭ ବର୍ଷ | ରୋଜାଲିନି ସାହୁ, ସଂଯୋଜକ, ଶିଶୁ ହେଲ୍ପଲାଇନ, ଅନୁଗୋଳଙ୍କ ଦ୍ୱାରା ପଡ଼ାପୋଷିଗ୍ରାମରୁ ଉଦ୍ଧାର କରାଯାଇଅଛି | ୧୪୨୫/୨୦୨୫ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୮ | ବବଲି ମୁଣ୍ଡା | ଝିଅ | ୪ ବର୍ଷ | ରୋଜାଲିନି ସାହୁ, ସଂଯୋଜକ, ଶିଶୁ ହେଲ୍ପଲାଇନ, ଅନୁଗୋଳଙ୍କ ଦ୍ୱାରା ପଡ଼ାପୋଷିଗ୍ରାମରୁ ଉଦ୍ଧାର କରାଯାଇଅଛି | ୧୪୨୬/୨୦୨୫ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୯ | ଦୀପା ବିଶ୍ୱାଳ | ଝିଅ | ୧୪ ବର୍ଷ | ପ୍ରଭାତୀ ବାରିକ, ପରିଚାଳିକା, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଅନୁଗୋଳଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୫୦/୨୦୧୮ | ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |
| ୧୦ | ପିଙ୍କି ମୁଣ୍ଡା | ଝିଅ | ୬ ବର୍ଷ | ଗିରିଜା ନନ୍ଦନ ସାହୁ, ଶିଶୁ ହେଲ୍ପଲାଇନ, ଅନୁଗୋଳଙ୍କ ଦ୍ୱାରା ତାଳଚେର ରେଲୱେ ଷ୍ଟେସନରୁ ଉଦ୍ଧାର କରାଯାଇଅଛି | ୨୧୧/୨୦୨୩ | ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |
| ୧୧ | ସରୋଜ ବେହେରା | ପୁଅ | ୧୫ ବର୍ଷ | ଅବିନାଶ ମହାନ୍ତି, ସାମାଜିକ କର୍ମୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଅନୁଗୋଳଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୬୯୮/୨୦୧୬ | ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |
| ୧୨ | ଶାମା ହୁଲାଡ଼ି | ପୁଅ | ୧୩ ବର୍ଷ | ରାସବିହାରୀ ମହନ୍ତ, ଶିଶୁ ହେଲ୍ପଲାଇନ, କେଉଁଝରଙ୍କ ଦ୍ୱାରା କେଉଁଝରରୁ ଉଦ୍ଧାର କରାଯାଇଅଛି | ୧୮/୨୦୧୯ | ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

OIPR-33032/11/0006/2526
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................

ବୟସ:........................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜରୁରିକାଳୀନ ବୈଠକ ଡକାଇଲେ ଇସି ସଦସ୍ୟ

## ଏଆଇଟିଏ ବିବାଦ ଘନେଇଲା

ନୂଆଦିଲ୍ଲୀ,୧୮।୬(ପି.ଟି.)

ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ (ଏଆଇଟିଏ) ନିର୍ବାଚନକୁ ନେଇ ଦେଖାଦେଇଥିବା ବିବାଦ ଏବେ ଘନେଇବାରେ ଲାଗିଛି। ଗତବର୍ଷ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିବା ସଭାପତି ଅନିଲ ଜୈନ ଗତ ମେ' ୨୬ରେ ଫେଡେରେଶନ ନିର୍ବାଚନକୁ ବାତିଲ କରିବା ଲାଗି ଦିଲ୍ଲୀ ହାଇକୋର୍ଟଙ୍କୁ ଅନୁରୋଧ କରାଇଥିଲେ। ଏହାର ପ୍ରତିକ୍ରିୟାରେ ଫେଡେରେଶନର କାର୍ଯ୍ୟକାରୀ କମିଟି(ଇସି) ସଦସ୍ୟମାନେ ଆସନ୍ତା ୨୭ ତାରିଖରେ ବୈଠକ ଲାଗି ଡାକରା ଦେଇଛନ୍ତି।

ଜୈନ ବ୍ୟକ୍ତିଗତ ଫାଇଦା ଲାଗି ଫେଡେରେଶନରେ ନିଜ ପଦବୀକୁ ବ୍ୟବହାର କରିଥିବା ନେଇ ଅଭିଯୋଗ ସହ ଏଆଇଟିଏର ଏକ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ପରେ ଏହି ଅନାସ୍ଥା ପ୍ରସ୍ତାବକୁ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ପୂର୍ବରୁ ପ୍ରତ୍ୟାହାର କରାଯାଇଥିଲା। ଏଜିଏମ୍‌ରେ ନୂଆ କାର୍ଯ୍ୟକାରୀ କମିଟି ଲାଗି ସଦସ୍ୟ ନିର୍ବାଚିତ ହୋଇଥିଲେ। ହେଲେ ପୂର୍ବତନ ଖେଳାଳି ସୋମଦେବ ବର୍ମନ ଓ ପୁରବ ରାଜା ନିର୍ବାଚନର ବୈଧତାକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଫଳରେ ସେବେଠାରୁ ନିର୍ବାଚନର ଫଳାଫଳ ବନ୍ଦ ଲଫାପାରେ କୋର୍ଟଙ୍କ ନିକଟରେ ରହିଛି। ଏଥିଯୋଗୁ ନବନିର୍ବାଚିତ ସଦସ୍ୟମାନେ ଏପର୍ଯ୍ୟନ୍ତ ସେମାନଙ୍କ ଦାୟିତ୍ୱ ନେଇପାରିନାହାନ୍ତି।

ବର୍ମନଙ୍କ ଆବେଦନର ପ୍ରତିକ୍ରିୟା ରଖି ଜୈନ ମେ' ୨୬ରେ ନିଜ ଅନୁରୋଧରେ କହିଥିଲେ, ଏଆଇଟିଏ ନିର୍ବାଚନକୁ ବାତିଲ କରାଯିବା ଉଚିତ। କିନ୍ତୁ ଫେଡେରେଶନର ପରିଚାଳନା ପାଇଁ ପ୍ରଶାସନିକ କମିଟି (ସିଓଏ)କୁ ନିଯୁକ୍ତ ନ କରିବାକୁ ଅନୁରୋଧ କରିଥିଲେ। ନ ହେଲେ ସିଓଏକୁ ନିଯୁକ୍ତ କରାଯିବା ଦ୍ୱାରା ଅନ୍ତର୍ଜାତୀୟ ଟେନିସ୍ ମହାସଂଘ (ଆଇଟିଏଫ୍) ଓ ଏସିଆନ ଟେନିସ ମହାସଂଘ(ଏଟିଏଫ୍) ଆପତ୍ତି ଉଠାଇବେ ଏବଂ ଏଆଇଟିଏ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି, ଯାହାକି ଫେଡେରେଶନର କାର୍ଯ୍ୟରେ ବାଧକ ସାଜିବ। ଜୈନ କୋର୍ଟରେ ପ୍ରତିକ୍ରିୟା ରଖିବା ପୂର୍ବରୁ ସେମାନଙ୍କ ପରାମର୍ଶ ନେଇ ନ ଥିଲେ ବୋଲି ଇସି ସଦସ୍ୟ କହିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଶୁଭଶ୍ରୀ ପୃଷ୍ଟି(ଗୁଗୁଲୁ)**
ବାଜପୁର, କାକଟପୁର

ତୋର ୨୬ତମ ଜନ୍ମ ଉତ୍ସବ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା ଶ୍ରୀରାଧା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋ ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଆଇ, ବୁବୁଲୁ, ଢୁଢୁଲୁ


## କ୍ୱିଟୋଭାଙ୍କୁ ୱିମ୍ବଲଡନ ପାଇଁ ୱାଇଲ୍ଡ କାର୍ଡ

**ଲଣ୍ଡନ,୧୮।୬(ଏପି):** ଟେନିସ୍ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍ ଲାଗି ଦୁଇଥରର ଚାମ୍ପିୟନ ପେଟ୍ରା କ୍ୱିଟୋଭାଙ୍କୁ ବୁଧବାର ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୨୦୧୧ ଓ ୨୦୧୪ ସଂସ୍କରଣର ଚାମ୍ପିୟନ କ୍ୱିଟୋଭା ଅନ୍ତିମ ଥର ୨୦୨୩ରେ ଏହି ଗ୍ରାସ୍‌କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଖେଳିଥିଲେ। ଗତବର୍ଷ ୱିମ୍ବଲଡନ ଟୁର୍ନାମେଣ୍ଟ ବେଳେ ସେ ପ୍ରଥମଥର ପାଇଁ ମାତୃତ୍ୱ ଲାଭ କରିଥିଲେ। ଏଥିଯୋଗୁ କୋର୍ଟରୁ ୧୭ ମାସ ଦୂରେଇ ରହିବା ପରେ ଚଳିତ ବର୍ଷ ଫେବୃଆରୀରେ ଡବ୍ଲ୍ୟୁଟିଏ ଟୁର୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ବର୍ତ୍ତମାନ ର୍‍ୟାଙ୍କିଙ୍ଗ୍‌ରେ ୫୭୨ତମ ସ୍ଥାନରେ ରହିଛନ୍ତି। ଚେକ୍ ରିପବ୍ଲିକ୍‌ର କ୍ୱିଟୋଭାଙ୍କ ବ୍ୟତୀତ କେବଳ ବ୍ରିଟିଶ୍ ଖେଳାଳିଙ୍କୁ ଚଳିତବର୍ଷ ଟୁର୍ନାମେଣ୍ଟ ପାଇଁ ୱାଇଲ୍ଡ କାର୍ଡ ଦିଆଯାଇଛି।

# ପଏଣ୍ଟ ଖାତା ଖୋଲିଲା ବ୍ଲାକ୍ ଟାଇଗର୍ସ

## ରଗ୍‌ବୀ ପ୍ରିମିୟର ଲିଗ୍

ମୁମ୍ବାଇ, ୧୮।୬

ସ୍ଥାନୀୟ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଦେଶର ସର୍ବପ୍ରଥମ ଜିଏମ୍‌ଆର ରଗ୍‌ବୀ ପ୍ରିମିୟର ଲିଗ୍‌ରେ ପଏଣ୍ଟ ଖାତା ଖୋଲିଛି ଭୁବନେଶ୍ୱର ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ। ପ୍ରଥମ ୨ଟି ମ୍ୟାଚରେ କ୍ରମାଗତ ପରାଜୟ ପରେ ଏହି ଦଳ ବୁଧବାର ଚେନ୍ନାଇ ବୁଲ୍ସ ବିପକ୍ଷ ମ୍ୟାଚକୁ ୨୬-୨୬ ପଏଣ୍ଟରେ ଡ୍ର ରଖିଛି। ଅନ୍ୟପକ୍ଷରେ ଚେନ୍ନାଇ ବୁଲ୍ସ ପ୍ରତିଯୋଗିତାରେ ଅପରାଜେୟ ଆଖ୍ୟା ବଜାୟ ରଖିଛି। ଚେନ୍ନାଇକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ବ୍ଲାକ୍ ଟାଇଗର୍ସ। ଫଳରେ ଦଳ ପାଇଁ ମ୍ୟାଚ ଡ୍ର ରଖିବା ସହଜ ହୋଇ ନ ଥିଲା। ତେବେ ଅଧିକାଂଶ ସମୟ ପଛୁଆ ରହିଥିଲେ ମଧ୍ୟ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଭାଗ କରିଥିଲା। ୪ ମ୍ୟାଚରୁ ଚେନ୍ନାଇ ବୁଲ୍ସର ପଏଣ୍ଟ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୩ ମ୍ୟାଚରୁ ୨ ପଏଣ୍ଟ ହାସଲ କରିଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଏହାର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ହାଇଦ୍ରାବାଦ ହିରୋଜଠାରୁ ୧୪-୨୪ ଓ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ନିକଟରୁ ୧୦-୩୫ ପଏଣ୍ଟରେ ହାରିଥିଲା। ତୃତୀୟ ମ୍ୟାଚରେ ଦଳ ଚମତ୍କାର ପ୍ରଦର୍ଶନ କରି ଟେବୁଲ ଟପ୍ପର ଚେନ୍ନାଇ ବୁଲ୍ସ ବିପକ୍ଷରେ ମ୍ୟାଚ ଡ୍ର ରଖିଛି। ଚେନ୍ନାଇ ଦଳ ନିଜର ପ୍ରଥମ ୩ ମ୍ୟାଚରେ ଯଥାକ୍ରମେ ମୁମ୍ବାଇ ଡ୍ରିମର୍ସଙ୍କୁ ୨ଟି ମ୍ୟାଚରେ ୨୪-୫ ଓ ୩୧-୧୭ ଏବଂ ଦିଲ୍ଲୀ ରେଜ୍‌କୁ ୨୧-୭ରେ ପରାସ୍ତ କରିଥିଲା। ବୁଧବାର ଦ୍ୱିତୀୟ ମ୍ୟାଚ ମୁମ୍ବାଇ ଡ୍ରିମର୍ସ ଓ ଦିଲ୍ଲୀ ରେଜ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଶେଷ ହୋଇଥିବା ମ୍ୟାଚ୍‌ରେ ଦିଲ୍ଲୀ ରେଜ୍ ୨୦-୭ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସଙ୍କୁ ପରାସ୍ତ କରିଥିଲା। ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦିଲ୍ଲୀ ରେଜ୍ ଖେଳାଳିମାନେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ।



କଳିଙ୍ଗ ବ୍ଲାକ୍ ଟାଇଗର୍ସ-ଚେନ୍ନାଇ ବୁଲ୍ସ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆଜିଠୁ ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ନାମେଣ୍ଟ ଗୁରୁବାର ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହେବ। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍‌ଏଓ ପକ୍ଷରୁ ଏହା ହେବ ୩ୟ ଇଭେଣ୍ଟ। ୬ରେଡ୍ ଫର୍ମାଟ ଚାମ୍ପିୟନଶିପ୍‌ରେ ଏପର୍ଯ୍ୟନ୍ତ ୪୦ ଖେଳାଳି ଅଂଶଗ୍ରହଣ ପାଇଁ ସ୍ୱିକୃତି ଦେଇ ସାରିଛନ୍ତି। ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦, ରନରଅପ୍‌ଙ୍କୁ ୧୧,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲିଷ୍ଟଙ୍କୁ ୫,୦୦୦, କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୨,୫୦୦, ସର୍ବାଧିକ ବ୍ରେକ୍ ପାଇଁ ୫,୦୦୦ ଓ ସର୍ବାଧିକ (୭୫) ପଏଣ୍ଟ ପାଇଁ ୧୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ବିଏସ୍‌ଏଓ ସମ୍ପାଦକ ସମିର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭିନ୍‌ଟେଜ କ୍ଲବର ପ୍ରତିଷ୍ଠାତା ତଥା ମାଲିକ ଅମିୟ ରଞ୍ଜନ ନାୟକ, ପାର୍ଟନର ସତ୍ୟଦୀପ ଦାସ ଏବଂ ଅନ୍ୟ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀ ଅବସରରେ କର୍ମକର୍ତ୍ତା ଓ ଖେଳାଳିମାନେ। (ଫଟୋ: ବିକାଶ ନାୟକ)

# ଲଢ଼େଇକରି ହାରିଲା ଭାରତୀୟ ମହିଳା ଦଳ

## ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍

ଲଣ୍ଡନ,୧୮।୬

ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ବୁଧବାର ଆର୍ଜେଣ୍ଟିନା ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ଲଢ଼େଇକରି ପରାସ୍ତ ହୋଇଛି। ଏକଦା ୦-୨ ଗୋଲରେ ପଛୁଆଥିବା ଭାରତ ମ୍ୟାଚ୍‌କୁ ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ ଗୋଲରେ ବରାବର କରିଥିଲା। କିନ୍ତୁ ଶୁଟ୍‌ଆଉଟ୍‌ରେ ଭାରତ ୦-୨ ବ୍ୟବଧାନରେ ପରାସ୍ତ ହୋଇ ବୋନସ୍ ପଏଣ୍ଟ ହାତଛଡ଼ା କରିଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଆଗୁଷ୍ଟିନା ଗର୍‌ଜେଲାନି(୨୭ତମ ମିନିଟ୍)ଙ୍କ ଗୋଲ ଯୋଗୁ ଆର୍ଜେଣ୍ଟିନା ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ତୃତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନାକୁ ମିଳିଥିବା ପେନାଲ୍ଟି କର୍ନରକୁ ଗର୍‌ଜେଲାନି (୩୭ତମ) ଗୋଲରେ ପରିଣତ କରି ଦଳକୁ ୨-୦ ଗୋଲର ଅଗ୍ରଣୀ ଆଣିଦେଇଥିଲେ। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଭାରତ ପାଇଁ ନବନୀତ(୫୦ତମ) ଓ ଦୀପିକା(୬୦ତମ) ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଶୁଟ୍‌ଆଉଟ୍‌ରେ ଭାରତ ପକ୍ଷରୁ କୌଣସି ଖେଳାଳି ସ୍କୋର କରିପାରି ନ ଥିଲେ। ହେଲେ ଆର୍ଜେଣ୍ଟିନା ପାଇଁ ବ୍ରିସା ବ୍ରୁଗେସର ଓ ସୋଫିଆ କାଇରୋ ସ୍କୋର କରିଥିଲେ।

# Classified Everyday

**0674-2580101, 9692975378**



## REAL ESTATE

### SALE

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5 , 7008067338.** D-76275

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**A Commercial Plot Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452** D-76467

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

Positively health benefits SPA expert female therapist homely atmosphere. 8658088274. D-974

## LOST

ମୁଁ ଓହିଦ ଶାହା, ବୟସ ୬୧ ବର୍ଷ, ପିତା- ଖଲିଲ ଶାହା ମରହୁମ, ସା- ଦହନାଶୁଣୀ (କାଜିବଜାର), ପୋଷ୍ଟ- ଗରଦପୁର, ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ, ଏକ ଘରବାଡ଼ି ବୃତ୍ତି ପାଇଁ ତୋହିଦ ଶାହାଙ୍କ ଠାରୁ ରେଜିଷ୍ଟ୍ରି ଦଲିଲ ନମ୍ବର ୩୭୩୧ ଗତ ୦୨।୧୧।୨୦୧୭ ରେ ଖରିଦ କରିଥିଲୁ। ଉକ୍ତ ଦଲିଲ ଘରୁ କଚେରି ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ଶତଚେଷ୍ଟା କରିସାରିବା ପରେ ମଧ ଉପରଲିଖିତ ଦଲିଲ ପାଇବାରେ ସକ୍ଷମ ହୋଇନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଫୋନ୍- 8249554228, 9776189770 D-985

## AFFIDAVIT

I, Suresh Kumar Peddina, S/o Late Pedina Ananta Rao, Resident of ward No.-5, At- Dera Sahi, Gudari, P.O./P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated- 21.05.2025, that now onwards I shall be known as Suresh Kumar Pedina for all future purposes. D-980

By virtue of affidavit sworn before the Executive Magistrate, Bhubaneswar, on dated- 17th June 2025, I Smt. Prabhati Badatya, Address: At- Baliapata Basti, GGP Colony, Bhubaneswar- 751025, Odisha, have changed my Minor son name from " Santosh Badadia (old name) to Santosh Badatya" ( new name). Henceforth my minor son shall be known as " Santosh Badatya" for all purposes. D- 972

By virtue of an affidavit sworn before the Notary Public, Sonepur, dated- 10.06.2025, I, Pinki Biswal, At/P.O.- Bhimtikira, P.S.- Binka, Dist.- Subarnapur, Odisha- 767019 declare that I have changed my name from Pinki Swain to Pinki Biswal. Henceforth, I Shall be known as Pinki Biswal for all purposes. D-977

By virtue of an affidavit No.- 1616, dated- 17.06.25, sworn before Executive Magistrate, Bhandaripokhari. I Balaram Sahoo(39) S/o Narahari Sahoo, Vill- Kaharapokhari, P.O.- Piripur, P.S.- Bhandaripokhari, Dist.- Bhadrak, declare that my real name is Balaram Sahoo as per Aadhar xxxx xxxx 2643 & SBI A/C. But in LIC pol. NO.- 586231371, wrongly mentioned as Balabhadra Sahoo. So Balaram Sahoo, Balabhadra Sahoo one & same person for future purposes. D-981

By virtue of an affidavit sworn before the Executive Magistrate, Titilagarh, No.- 413, dated- 10.06.2025, I Anita Poddar, W/o- Late Govind Poddar, R/o. At/P.O./P.S.- Titilagarh, Dist.- Balangir, Odisha, PIN- 767033, declare that I have changed my daughter's name from Krapali Poddar to Kripali Poddar. Henceforth she shall be known as Kripali Poddar for all purposes.
Anita Poddar D-979

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

By virtue of an affidavit sworn before the Executive Magistrate, Boudh No.- 938, dated- 11.06.25, I Seshadev Meher, R/o. Village- Baghapali, P.O.- Sarasara, P.S./ Dist.- Boudh, Odisha, PIN- 762026, declare that I have changed my son's name from Dipak Meher to Deepak Meher. Henceforth he shall be known as Deepak Meher for all Purposes.
Seshadev Meher D-978

By virtue of an affidavit sworn before in the Court of Executive Magistrate, Hatadihi, Keonjhar, dated- 28.05.2025, I, Shibani Mana, Address- At/P.O./Via- Hatadihi, P.S.- Nandipada, PIN- 758083, Dist.- Keonjhar, State- Odisha, declare that I have changed my name from Shibani Baitha to Shibani Mana. Henceforth, I shall be Known as Shibani Mana for all purposes. D-976

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**✓ ଜୁରିଆ ମୁଦୁଲି**

ସ୍ଥାନ- ବ୍ରହ୍ମନଗର ୩ୟ ଲାଇନ୍, ହନୁମାନ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ

ତିରୋଧାନ : ୨୯.୦୬.୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଜୀବନାଦର୍ଶକୁ ପାଥେୟ କରି ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

0199723846@ybl | T&C Apply

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ। D-976


## ମାଷ୍ଟର୍ସ କପ୍ ହକି ଆରମ୍ଭ

# କର୍ନାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ବିଜୟୀ

ଚେନ୍ନାଇ, ୧୮।୬

ହକି ଇଣ୍ଡିଆ ଆନୁକୂଲ୍ୟରେ ବହୁ ପ୍ରତୀକ୍ଷିତ ସର୍ବପ୍ରଥମ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ମହିଳା ବିଭାଗରେ ୮ଟି ଶ୍ରେଷ୍ଠ ଦଳ ଓଡ଼ିଶା, କର୍ନାଟକ, ହରିୟାଣା, ହିମାଚଳ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ଓ କେରଳ ଦଳ ଅଂଶଗ୍ରହଣ କରିଛନ୍ତି। ସେହିପରି ପୁରୁଷ ବିଭାଗରେ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଚଣ୍ଡିଗଡ଼, ହରିୟାଣା, କର୍ନାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ, କେରଳ, ପୁଡୁଚେରୀ ଓ ମଣିପୁର ଆଦି ୧୧ଟି ଦଳ ପରସ୍ପର ସହ ମୁକାବିଲା କରିବେ। ୨୭ ତାରିଖରେ ପ୍ରତିଯୋଗିତା ଶେଷ ହେବ। ପ୍ରଥମ ଦିବସରେ ମର୍ନାଟକ ଓ ମହାରାଷ୍ଟ୍ର ମହିଳା ଏବଂ ପଞ୍ଜାବ ଓ ତାମିଲନାଡୁ ପୁରୁଷ ବିଭାଗରେ ବିଜୟ ହାସଲ କରିଛନ୍ତି।

ଦିବସର ପ୍ରଥମ ମ୍ୟାଚରେ କର୍ନାଟକ ମହିଳା ଦଳ ୭-୦ ଗୋଲରେ କେରଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସ୍ନେହା ସି. ୧୫, ୧୭ ଓ ୫୦ତମ ମିନିଟରେ ଗୋଲ ଦେଇ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଅଧିନାୟିକା କେ.କେ. କାର୍ତ୍ତିକ ୪୨ ଓ ୫୫ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ମହାରାଷ୍ଟ୍ର ୫-୦ ଗୋଲରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ପୁରୁଷ ବିଭାଗର ପ୍ରଥମ ମ୍ୟାଚରେ ପଞ୍ଜାବ ୩-୨ ଗୋଲରେ ପୁଡୁଚେରୀକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ପଞ୍ଜାବ ବାଜି ମାରିଛି। ଅନ୍ୟଏକ ମ୍ୟାଚରେ ତାମିଲନାଡୁ ୮-୦ ଗୋଲରେ କେରଳକୁ ହରାଇଛି। ତାମିଲନାଡୁ ପକ୍ଷରୁ ରାମାଦୋସ ଭି. ୧୪ ଓ ୪୪ତମ ମିନିଟରେ ୨ଟି ଗୋଲ ଦେଇଥିଲେ।

# ଯାହା ଭାବୁଥିଲେ ଅଭିଷେକ..


'ଭାବାନ୍ତର' ଫିଲ୍ମରେ (ବାମରୁ)ସରୋଜ, ସୂର୍ଯ୍ୟମୟୀ, ଅଭିଷେକ

**ବେ**ଳେବେଳେ ମଣିଷ ଯାହା ଚିନ୍ତା କରିଥାଏ, ତାହା ସତରେ ପରିଣତ ହୋଇଥାଏ। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ବର୍ତ୍ତମାନ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ସଫଳତାର ସହ ପ୍ରଦର୍ଶିତ ହେଉଛି ଓଡ଼ିଆ ସିନେମା 'ଭାବାନ୍ତର'। ଫିଲ୍ମଟି ହିଟ୍ ହେବ ବୋଲି ଆକଳନ କରିଥିଲେ ଏଥିରେ ନାୟକ ଭୂମିକାରେ ଅଭିନୟ କରିଥିବା ଅଭିଷେକ ଗିରି, ଯାହା ସତରେ ପରିଣତ ହୋଇଛି। ଏ ବିଷୟରେ ସେ କହନ୍ତି, ''ଶୁଟିଂ ସମୟରେ ମୋ ମନକୁ ଏକଥା ଆସିଥିଲା ଯେ ଅନନ୍ତ ମହାପାତ୍ରଙ୍କ ଭଳି ବିଶିଷ୍ଟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନା ବଡ ପରଦାରେ ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଆଉ ଫିଲ୍ମଟି ରିଲିଜ ହେବା ପରେ ତାହା ସତ ହୋଇଛି। ତାଙ୍କ ଭଳି ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ।'' ଏହାର ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ।

# ଭୁଲନ୍ତି ନାହିଁ ବାଣୀ


ବାଣୀ

'ରାଜ୍‌ସାବ' ଫିଲ୍ମରେ ପ୍ରଭାସ

**ବା**ଣୀ କପୁର ଏବେ ଅଭିନୟ ସହ ଜଡିତ। ହେଲେ ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କଥା ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ବାସ୍କେଟବଲ ଖେଳିବା। ପାଠ ପଢ଼ିବା ସମୟରେ ସେ ଏହି ଖେଳ ସହ ଜଡିତ ଥିଲେ। ଏପରି କି ସେ ଜଣେ ଜାତୀୟ ସ୍ତରୀୟ ବାସ୍କେଟବଲ ଖେଳାଳି। ଏ ବିଷୟରେ ବାଣୀ କହନ୍ତି, ''ପାଠ ପଢ଼ିବା ବେଳେ ମୁଁ ବାସ୍କେଟବଲ୍ ପ୍ରତି ଆକର୍ଷିତ ହୋଇଥିଲି। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଅଭ୍ୟାସ କରିବାର ସୁଫଳ ମୋତେ ମିଳିଥିଲା। କାରଣ ମୁଁ ଜାତୀୟ ସ୍ତରରେ ବାସ୍କେଟବଲ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲି। ଏବେ ସମୟ ମିଳିଲେ ମୁଁ ନିଜକୁ ଏହା ସହ ନିୟୋଜିତ ରଖିଥାଏ।'' ଅଭିନୟ ପୂର୍ବରୁ ସେ ମଧ୍ୟ ମଡେଲିଂ ସହ ଜଡିତ ଥିଲେ। ଛୋଟ ପରଦାରେ ମୁହଁ ଦେଖାଇବା ପରେ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ, ଯାହାଙ୍କ ଅପୋଜିଟ୍‌ରେ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହିଥାଆନ୍ତି।

# ଦିଲ୍ ନା ଲଗେ...

**ବ**ଲିଉଡ୍‌ର ଲୋକପ୍ରିୟ ଟାଇମ୍ସ ଅଡିଓରେ ନିକଟରେ ମୁକ୍ତିଲାଭ କରିଛି ହିନ୍ଦୀ ମ୍ୟୁଜିକ ଭିଡିଓ 'ଦିଲ୍ ନା ଲଗେ..'। ଏଥିରେ ଓଡ଼ିଆ ଅଭିନେତା ରାକେଶ ଦେଓ ଓ ଅଭିନେତ୍ରୀ ସ୍ୱପ୍ନା ପତି ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ମଧ୍ୟ ଓଡ଼ିଆ। ଏଥିରେ ଉଭୟ ବଲିଉଡ୍ ଏବଂ ଓଲିଉଡ୍‌ର ଗୋଟିଏ ଲେଖାଏଁ ଟିମ୍ କାମ କରିଛନ୍ତି। ସୁଦୀପ ଜେନାଙ୍କ ସ୍ୱର ସଂଯୋଜନାରେ ହିନ୍ଦୀ ଚଳଚ୍ଚିତ୍ରର ଜଣାଶୁଣା ଗାୟିକା ପ୍ରତୀକ୍ଷା ବଶିଷ୍ଠ ଏଥିରେ କଣ୍ଠଦାନ କରିଛନ୍ତି। ମୁମ୍ବାଇର ଆର୍ ଆଣ୍ଡ ବି ଷ୍ଟୁଡିଓରେ ଏହାକୁ ରେକର୍ଡ କରାଯାଇଛି। ଅପରପକ୍ଷରେ ଓଲିଉଡ୍ ଟିମ୍‌ର ନେତୃତ୍ୱ ନେଇଛନ୍ତି ବଲିଉଡ୍‌ରେ ଅବସ୍ଥାପିତ ଓଡ଼ିଆ ପ୍ରଯୋଜକ ରାଜେଶ କୁମାର ମହାନ୍ତି। ଏସ୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଟାଇମ୍ସ ଅଡିଓ ନିବେଦିତ ଏହି ମ୍ୟୁଜିକ ଭିଡିଓର ନିର୍ଦ୍ଦେଶକ ଅଛନ୍ତି ସଞ୍ଜୟ କୁମାର ସାହୁ। ସେ ଏହାର ନୃତ୍ୟ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଭୁବନେଶ୍ୱର ଓ ପୁରୀରେ ଏହାର ଶୁଟିଂ ହୋଇଛି।

# ଆପ୍ପା ରାଓର ମନ କଥା

**ଖୁ**ବ୍‌ଶୀଘ୍ର ବଡ ପରଦାରେ ଆପ୍ପା ରାଓ ନିଜର ମନ କଥା କହିବ। ଏଭଳି ଏକ ଚରିତ୍ର ପଛରେ କ'ଣ ରହସ୍ୟ ରହିଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ। ହଁ, ଏପରି ଏକ ରୋଲ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସୁଛନ୍ତି ସୋସିଆଲ ମିଡିଆର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପ୍ରୀତିରଞ୍ଜନ ପ୍ରଧାନ। ଆଉ ଚଳଚ୍ଚିତ୍ରଟି ହେଲା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଲଢ଼େଇ'। ଅବଶ୍ୟ ଏହା ତାଙ୍କ ଅଭିନୀତ ପ୍ରଥମ ସିନେମା ନୁହେଁ। ତେବେ ଏଭଳି ଏକ ଭୂମିକା ବିଷୟରେ ସେ କହନ୍ତି, ''ଏହି ଚରିତ୍ର ପଛରେ ଅନେକ କଥା ଲୁଚି ରହିଛି। ତେଣୁ ଏବେଠାରୁ ମୁଁ ତାହାକୁ ସାମ୍‌ନାକୁ ଆଣିବାକୁ ଚାହୁଁନାହିଁ। ବର୍ତ୍ତମାନ ସୁଦ୍ଧା ମୋତେ ଯେତେ ଭୂମିକା ମିଳିଛି ତନ୍ମଧ୍ୟରୁ ଆପ୍ପା ରାଓ ହେଉଛି ଭିନ୍ନ ଧରଣର। ଯେତେବେଳେ ମୁଁ ଏହି ରୋଲ୍ ବିଷୟରେ ଅବଗତ ହେଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ପେସାରେ ଜଣେ ଖେଳ ଶିକ୍ଷକ, ହେଲେ ଅଭିନୟ ମାୟାରେ ସେ ପିଲାଟି ଦିନରୁ ପଡିଯାଇଛନ୍ତି। ବଡ ପରଦାରେ ସୁଯୋଗ ପାଇବା ପୂର୍ବରୁ ସେ ଅନେକ ଥିଏଟର ନାଟକରେ ଅଭିନୟ କରିସାରିଛନ୍ତି। ଖାସ୍ କଥା ହେଲା, ନିଜର ହୋମ୍ ବ୍ୟାନରରେ ଏଥର ନାୟକ ସାଜୁଛନ୍ତି ଲୋହିତାକ୍ଷ ପଟ୍ଟନାୟକ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଅଭିଲିପ୍ସା। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଭରଦ୍ୱାଜ ପଣ୍ଡା ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଏବଂ ସୋମେଶ ଶତପଥୀ। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ଲଢ଼େଇ' ଫିଲ୍ମରେ ପ୍ରୀତିରଞ୍ଜନ

# ନାମକରଣ ଅନ୍ତରାଳେ

**କି**ଆରା ଆଡ୍‌ଭାନୀ ଇତିମଧ୍ୟରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ହେଲେ ଦିନେ ସେ ଯେ ଅଭିନେତ୍ରୀ ସାଜିବେ ଏକଥା କେବେ କଳ୍ପନା କରି ନ ଥିଲେ। ପ୍ରଥମେ ସେ ଏକ ସ୍କୁଲରେ ଶିକ୍ଷକତା କରୁଥିଲେ। ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଥିବା ଏହି ଅଭିନେତ୍ରୀଙ୍କ ଅଭିନୀତ ପ୍ରଥମ ସିନେମା ହେଲା 'ଫୁଗଲି' (୨୦୧୪)। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ୱାର ୨' ଆସନ୍ତା ମାସ ୧୪ରେ ରିଲିଜ ହେବାକୁ ଯାଉଛି। ତେବେ କିଆରା ହେଉଛି ତାଙ୍କର ସ୍କ୍ରିନ୍ ନେମ୍। ହେଲେ ଏହି ନାମକରଣ ପଛରେ ଏକ ରହସ୍ୟ ଲୁଚି ରହିଛି। ତାଙ୍କର ପ୍ରକୃତ ନାମ ଥିଲା ଆଲିୟା। ହେଲେ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ନିଜ ନାମକୁ ବଦଳାଇବାକୁ ଚାହିଁଥିଲେ। ତେବେ ଏ ସମ୍ପର୍କରେ ସେ କହନ୍ତି, ''ମୁଁ ଯେତେବେଳେ ମୋର ଏକ କ୍ୟାଚି ସ୍କ୍ରିନ୍ ନେମ୍ ଦେବାକୁ ଚାହିଁଲି ସେତେବେଳେ ଗୋଟିଏ କଥା ମୋତେ ବେଶ୍ ଅନୁପ୍ରାଣିତ କରିଥିଲା। ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିବା 'ଅଞ୍ଜାନା ଅଞ୍ଜାନୀ'ରେ ତାଙ୍କର ଭୂମିକାଟିର ନାମ ଥିଲା କିଆରା। ବାସ୍, ଏକଥା ମୋ ମନକୁ ଆସିବା ପରେ ମୁଁ ନିଜ ସ୍କ୍ରିନ୍ ନେମ କିଆରା ରଖିଥିଲି।''


କିଆରା

# ସମାଧାନର ବାଟ ଖୋଜାଯାଉ

**ଓ**ଡ଼ିଆ ସିନେମାକୁ ୯୦ ବର୍ଷ ହେଲା। ଆମେ ଚାଲି ନ ଜାଣି ବାଟର ଦୋଷ ଦେଇ କେବଳ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ ହେଉ ବୋଲି ମନ୍ତବ୍ୟ ଦେଉଛେ। ଆମେ କେବଳ ଆଶାରେ ମନ ଦମ୍ଭ କରି ରହୁଛେ। ୯୦ ବର୍ଷର ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇଥିଲେ ମଧ୍ୟ ଏଭଳି କେତେକ ସମସ୍ୟା ରହିଛି ଯାହାର ସମାଧାନ ଜରୁରୀ ହୋଇପଡିଛି। କେବଳ ଭାଷଣ ଦେଲେ ହେବ ନାହିଁ, ସବୁ କାମ ବାସ୍ତବରେ ହେଲେ ଆମ ସିନେମା ଆହୁରି ଆଗକୁ ଯାଇପାରିବ। ପ୍ରଥମ କଥା ହେଲା ପ୍ରେକ୍ଷାଳୟ। ଆମ ରାଜ୍ୟରେ ଏବେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଚାଲିଛି କହିଲେ ଆଦୌ ଭୁଲ ହେବ ନାହିଁ। ସିନେମା ଶିଳ୍ପ ବଞ୍ଚିବା ପାଇଁ ପ୍ରତି ଜିଲାରେ ସିନେମା ହଲ୍‌ର ଆବଶ୍ୟକତା ରହିଛି। ଛୋଟ ପ୍ରେକ୍ଷାଳୟ ହେଲେ ପ୍ରଯୋଜକମାନେ ସିଧାସଳଖ ଖର୍ଚ୍ଚ ମୁତାବକ କିଛି ଅର୍ଥ ଫେରିପାଇବେ। ମଲ୍‌ରେ ଥିବା ହଲ୍‌ଗୁଡ଼ିକରେ ଟିକେଟର ଦାମ ପ୍ରାୟ ଅଧିକ। ତେଣୁ କେତେକ ଦର୍ଶକ ସେଠାରେ ସିନେମା ଦେଖିବାକୁ ସାହସ କରୁନାହାନ୍ତି। ଓଡ଼ିଶାରେ ଭଲ ସିନେମା ହେଉଛି। କିନ୍ତୁ ପ୍ରେକ୍ଷାଳୟ ଅଭାବରୁ ସିନେମା ସାଧାରଣ ଦର୍ଶକ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ଏବେ ପ୍ରାୟ ୬୦ଟି ରହିଛି। କେବେଳ ବଡ଼ ସହର ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରରେ ମଲ୍‌ଟି ପ୍ରେକ୍ଷାଳୟ ଥିବା ଯୋଗୁ ସ୍ୱଳ୍ପ ସଂଖ୍ୟାରେ ଦର୍ଶକ ସିନେମା ଦେଖୁଛନ୍ତି।

ନିକଟରେ ଓଡ଼ିଆ ସିନେମା ସୋସାଇଟି ପକ୍ଷରୁ ୪ ଦିନ ଧରି ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ବିଭିନ୍ନ ରାଜ୍ୟର ସିନେମା ସହ ଓଡ଼ିଆ କ୍ଲାସିକ ସିନେମା ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଆ ସିନେମାକୁ ଆଗକୁ ଆଗେଇ ନେବା ପାଇଁ ସରକାରୀ ସ୍ତରରେ ମଧ୍ୟ ଆହୁରି ଉଦ୍ୟମ ହେବା ଦରକାର। ବର୍ତ୍ତମାନ ଆମ ରାଜ୍ୟର ନୂଆ ସରକାର ଏ ନେଇ ଦୃଷ୍ଟି ଦେବେ ବୋଲି ମୋର ଆଶା।

ସିନେମାଟିଏ ନିର୍ମାଣ କରିବା ସମୟରେ ଏହାର କାହାଣୀ, କଳାକାର ଚୟନ, ଗୀତ, ସଙ୍ଗୀତ ସଂଳାପ, ଉପସ୍ଥାପନା ଏପରି କି ପ୍ରଚାର ପ୍ରସାର ପ୍ରତି ପ୍ରଯୋଜନା ସଂସ୍ଥା ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର।

ଗୋଟିଏ ସିନେମାକୁ ଭଲ ଆୟ ହେଲେ ସମ୍ପୃକ୍ତ ପ୍ରଯୋଜକ ଆଉ ଏକ ସିନେମା ନିର୍ମାଣ କରିବାକୁ ଆଗଭର ହେବେ। ସାମ୍ପ୍ରତିକ ଘଟଣାବଳୀକୁ ନେଇ ସିନେମା ନିର୍ମାଣ ଧାରା ବଜାୟ ରହିବା ଦରକାର। ଆମ ଓଡ଼ିଆ ସିନେମା ଆଗକୁ ଆଗେଇବାକୁ ହେଲେ ସାମ୍‌ନାରେ ଉଭା ହୋଇଥିବା ସମସ୍ୟାଗୁଡିକର ସମାଧାନ ହେବା ନିହାତି ଦରକାର।

**–ଦିଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଏଥର ରାଜ୍‌ସାବ୍

**ଦ**କ୍ଷିଣ ଭାରତୀୟ ଅଭିନେତା ପ୍ରଭାସ ଏବେ ଭାରି ଖୁସି। କାରଣ ବର୍ତ୍ତମାନ ସେ ଏଭଳି ଏକ ସିନେମାରେ ଅଭିନୟ କରୁଛନ୍ତି ଯାହା ସୁପରହିଟ୍ ହେବ ବୋଲି ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଲେଣି। ଏହି ଫିଲ୍ମଟିର ଟାଇଟଲ ରହିଛି 'ରାଜ୍‌ସାବ୍'। ଖାସ୍ କଥା ହେଲା ଏହା କେଳବ ମୂଳଭାଷା ତେଲୁଗୁ ନୁହେଁ, ହିନ୍ଦୀ, ତାମିଲ, ମାଲାୟାଲମ ଏପରି କି କନ୍ନଡ ଭାଷାରେ ମଧ୍ୟ ନିର୍ମିତ ହେଉଛି। ଏହାର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏହି ଟିଜରରେ ପ୍ରଭାସ ଏକ କାର୍ ଉପରେ ବସିଛନ୍ତି। ତେବେ ତାଙ୍କର ବସିବା ଷ୍ଟାଇଲ ଯୁବପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଛି। ଏହା ହେଉଛି ଏକ ସୁପର ନାଚୁରାଲ ହରର୍ ଫିଲ୍ମ। ଆଉ ଏକ ଖାସ୍ କଥା ଜାଣନ୍ତି ? ଏହି ଫିଲ୍ମରେ ପ୍ରଭାସ ଡବଲ ରୋଲରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ଏହାର ଷ୍ଟାରକାଷ୍ଟରେ ସଞ୍ଜୟ ଦତ୍ତ, ମାଳବିକା ମୋହନନ, ରିଦ୍ଧି କୁମାର ଏବଂ ନିଧି ଅଗ୍ରୱାଲ ଅଛନ୍ତି। ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମାରୁତି। ପାଖାପାଖି ୫୦୦କୋଟି ବଜେଟ୍‌ରେ ନିର୍ମାଣ କରାଯାଉଥିବା ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୫ରେ ରିଲିଜ ହେବାର ଯୋଜନା ରହିଛି।

# ଅପେକ୍ଷା କରିଛନ୍ତି ଶୁଭମ୍

**ଓ**ଡ଼ିଆ ସିନେମାରେ ନବାଗତ ତାଲିକାରେ ଆଉ ଜଣେ ନିଜ ନାମକୁ ସାମିଲ କରିବାକୁ ଯାଉଛନ୍ତି। ସେ ହେଲେ ଶୁଭମ୍। କିନ୍ତୁ ତାଙ୍କର ଏକ ବଡ ଆଶା ପୂରଣ ହୋଇଛି। ଯେଉଁଭଳି ଏକ ମନଛୁଆଁ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଛି। ହଁ, ଶୁଭମ୍‌ଙ୍କ ଅଭିନୀତ ପ୍ରଥମ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଶମ୍ଭୁ'। ଏ ବିଷୟରେ ସେ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେସ କରିଛି। ମୋ ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। ମୋ ଭିତରେ ଥିବା ଅଭିନୟ ଦକ୍ଷତାକୁ ଦେଖାଇବାକୁ ଏହି ଫିଲ୍ମରେ ମୋତେ ଭରପୂର ସୁଯୋଗ ମିଳିଛି।'' ଉକ୍ତ ଚିତ୍ରଟି ଚଳିତ ରଥଯାତ୍ରା ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ବିଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ 'ଶମ୍ଭୁ'ର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଦିଲୀପ ପଣ୍ଡା। ତମନ୍ନା, ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।


ଶୁଭମ୍

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ Bhubaneswar, Thursday, June 19/ 2025

# ଶୁବମନ ୪ ନମ୍ବରରେ ବ୍ୟାଟିଂ କରିବେ

ହେଡିଂଲେ,୧୮।୬(ପି.ଟି.)

ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ଶୁବମନ ଗିଲ ନଂ-୪ ଓ ଉପ ଅଧିନାୟକ ରିଷଭ ପନ୍ତ ନଂ-୫ ପୋଜିଶନରେ ବ୍ୟାଟିଂ କରିବେ। ଏ ନେଇ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପନ୍ତ ପ୍ରକାଶ କରିଛନ୍ତି। ବିରାଟ କୋହଲିଙ୍କ ଅବସର ଯୋଗୁ ନଂ-୪ ପୋଜିଶନ ଲାଗି ନୂଆ ବ୍ୟାଟର ଖୋଜିବା ବାଧ୍ୟତାମୂଳକ ଥିଲା। ଏହି ପୋଜିଶନରେ ଗିଲ୍ ବ୍ୟାଟିଂ କରିବେ।

ମୋ ମତରେ ନଂ-୩ ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ନେଇ ଏବେ ବି ଆଲୋଚନା ଚାଲିଛି। କିନ୍ତୁ ନଂ-୪ ଓ ୫ ବ୍ୟାଟିଂ ପୋଜିଶନ ଫିକ୍ସ ରଖାଯାଇଛି। ମୋ ମତରେ ଶୁବମନ ନଂ-୪ ଏବଂ ମୁଁ ପଞ୍ଚମ କ୍ରମରେ ବ୍ୟାଟିଂ କରିବୁ। ବଳକା ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ସମ୍ପର୍କରେ ଆମେ ଚର୍ଚ୍ଚା ଜାରି ରଖିଛୁ ବୋଲି ପନ୍ତ କହିଛନ୍ତି। ଏତଦ୍ ବ୍ୟତୀତ ଅଧିନାୟକ ଗିଲ୍‌ଙ୍କ ସହ ବନ୍ଧୁତା ସମ୍ପର୍କରେ ପନ୍ତ ପ୍ରକାଶ କରିଛନ୍ତି ଯେ, ଗିଲ ଓ ମୁଁ ଫିଲ୍ଡ ବାହାରେ ବହୁତ ଭଲ ବନ୍ଧୁ। ଯଦି ଫିଲ୍ଡ ବାହାରେ ତୁମେ ଭଲ ବନ୍ଧୁ, ତେବେ ତାହା ଫିଲ୍ଡରେ ମଧ୍ୟ ଦେଖାଯିବ। ଆମେ ପରସ୍ପର ସହିତ ସହଜ ଅନୁଭବ କରୁ ଏବଂ ବହୁତ କଥା ହେଉ। ଗତ ୧୯ ବର୍ଷରେ ପ୍ରଥମ ଥର ପାଇଁ ଇଂଲଣ୍ଡ ଦଳ ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ବିନା ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍


ଖବରଦାତା ସମ୍ମିଳନୀରେ ରିଷଭ ପନ୍ତ।

ଖେଳିବାକୁ ଯାଉଛି। ଏ ସମ୍ପର୍କରେ ପନ୍ତ କହିଛନ୍ତି ଯେ, ଆଣ୍ଡରସନ ଓ ବ୍ରଡ ଏଥର ନଖେଳିବା ଆମ ପାଇଁ ନିଶ୍ଚିତ ଭାବେ ଭଲ ଖବର। କାରଣ ସେମାନେ ଦୀର୍ଘ ବର୍ଷ ହେଲା ଇଂଲଣ୍ଡ ପାଇଁ ଖେଳୁଥିଲେ। ମୁଁ କେବଳ ଦୁଇଟି ଟୁରରେ ସେମାନଙ୍କ ବିପକ୍ଷରେ ଖେଳିଛି। କିନ୍ତୁ ସେମାନଙ୍କ ଅନୁପସ୍ଥିତି ପରେ ବି ଇଂଲଣ୍ଡ ନିକଟରେ ଯଥେଷ୍ଟ ଦକ୍ଷ ପେସ ବୋଲର ରହିଛନ୍ତି। ଆମେ କାହାକୁ ବି ହାଲୁକା ଭାବେ ନେବାକୁ ଚାହୁଁନୁ। କାରଣ ଆମ ଦଳରେ ପ୍ରାୟ ଯୁବ ଖେଳାଳି ରହିଛନ୍ତି। ସେମାନେ ଏବେ ବି ନିଜକୁ କ୍ରିକେଟର ଭାବେ ଇମ୍ପ୍ରୁଭ କରୁଛନ୍ତି। କିନ୍ତୁ ଆମକୁ କ୍ରିକେଟ ଖେଳିବାର ଅଛି ଏବଂ ଦରକାର ଥିଲା ବେଳେ ପ୍ରତିପକ୍ଷ ବୋଲରଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରିବାକୁ ପଡ଼ିବ।



ହେଡିଂଲେରେ ବୁଧବାର ଭାରତୀୟ ଦଳର ନେଟ୍ସ ସେସନରେ ଅଧିନାୟକ ଶୁବମନ ଗିଲ୍ ଓ କୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଆଲୋଚନା। ଯଶପ୍ରୀତ୍ ବୁମ୍‌ରାଙ୍କ ଅଭ୍ୟାସ।

# ଗ୍ରୁପ୍-୧ରେ ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୧୮।୬

ଜୁନ୍ ୧୪ରେ ପାକିସ୍ତାନକୁ ଭେଟିବ ଭାରତ

ଇଂଲଣ୍ଡରେ ହେବାକୁଥିବା ୨୦୨୬ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାରତ, ପାକିସ୍ତାନ ଓ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଆଉ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୧ରେ ଖେଳିବେ। ଆୟୋଜକ ଇଂଲଣ୍ଡ, ଗତଥରର ଚାମ୍ପିୟନ ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ଅନ୍ୟ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୨ରେ ସ୍ଥାନ ପାଇବେ। ଓଭାଲରେ ୨ଟି ଯାକ ସେମିଫାଇନାଲ ଏବଂ ଲର୍ଡ୍ସରେ ଫାଇନାଲ ଅନୁଷ୍ଠିତ ହେବ।

ଟୁର୍ନାମେଣ୍ଟରେ ମୋଟ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଇଂଲଣ୍ଡର ୭ଟି ଭେନ୍ୟୁରେ ଏହା ୨୪ ଦିନଧରି ଖେଳାଯିବ। ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଓଭାଲ ଏବଂ ଲର୍ଡ୍ସ ବ୍ୟତୀତ ମ୍ୟାଚ୍‌ଗୁଡ଼ିକ ଓଲ୍ଡ ଟ୍ରାଫୋର୍ଡ, ହେଡିଂଲେ, ସାଉଥମ୍ପଟନ, ବ୍ରିଷ୍ଟଲ ଓ ଏଜ୍‌ବାଷ୍ଟନରେ ୩ଟି ଭିନ୍ନ ଭିନ୍ନ ସମୟ ପୂର୍ବାହ୍ନ ୧୦ଟା ୩୦, ଅପରାହ୍ନ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ। ଜୁନ୍ ୧୨ରେ ଉଦ୍‌ଘାଟନୀ ମ୍ୟାଚ୍ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଏଜ୍‌ବାଷ୍ଟନଠାରେ ଅନୁଷ୍ଠିତ ହେବ। ଏହା ଗତ ସଂସ୍କରଣ ସେମିଫାଇନାଲର ରିମ୍ୟାଚ୍ ସଦୃଶ ହେବ। ଚାମ୍ପିୟନ ନ୍ୟୁଜିଲାଣ୍ଡ ଜୁନ୍ ୧୩ରେ ସାଉଥମ୍ପଟନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଦିନ ଅଷ୍ଟ୍ରେଲିଆ ୨୦୨୪ ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମାଞ୍ଚେଷ୍ଟରରେ ମ୍ୟାଚ୍ ଖେଳିବ। ଜୁନ୍ ୧୪ରେ ଏଜ୍‌ବାଷ୍ଟନରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଗ୍ରୁପ୍-୧ର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟରେ ଜୁନ୍ ୨୧ରେ ମାଞ୍ଚେଷ୍ଟରରେ ଭାରତ-ଦକ୍ଷିଣ ଆଫ୍ରିକା ଏବଂ ୨୮ରେ ଲର୍ଡ୍ସଠାରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ହେବ। ଭାରତ-ଅଷ୍ଟ୍ରେଲିଆ ମୁକାବିଲା ପ୍ରତିଯୋଗିତାର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ହେବ। ସେହିପରି ପାକିସ୍ତାନ ଜୁନ୍ ୧୭ରେ ଦକ୍ଷିଣ ଆଫ୍ରିକା ଓ ୨୩ରେ ଅଷ୍ଟ୍ରେଲିଆକୁ ଭେଟିବ।

ଗ୍ରୁପ୍-୨ରେ ଥିବା ଇଂଲଣ୍ଡ ଏହାର ମ୍ୟାଚ୍‌ଗୁଡ଼ିକ ୫ଟି ଭେନ୍ୟୁରେ ଖେଳିବ। ଏହି ଦଳ ଜୁନ୍ ୨୪ରେ ଲର୍ଡ୍ସରେ ୱେଷ୍ଟଇଣ୍ଡିଜ ଓ ୨୭ରେ ଓଭାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ଶ୍ରୀଲଙ୍କା ଜୁନ୍ ୧୬ରେ ସାଉଥମ୍ପଟନରେ ନ୍ୟୁଜିଲାଣ୍ଡ ଓ ୨୧ରେ ବ୍ରିଷ୍ଟଲରେ ୱେଷ୍ଟଇଣ୍ଡିଜ ସହିତ ମୁକାବିଲା କରିବ। ଆୟୋଜକ ଇଂଲଣ୍ଡ ଏବଂ ୨୦୨୪ ବିଶ୍ୱକପ୍‌ର ଟପ୍-୫ ଦଳ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସ୍ୱାଭାବିକଭାବେ ଯୋଗ୍ୟତା ହାସଲ କରିଛନ୍ତି। ପାକିସ୍ତାନ ଓ ଶ୍ରୀଲଙ୍କା ସେହିବର୍ଷ ଅକ୍ଟୋବର ୨୧ ବେଳକୁ ପରବର୍ତ୍ତୀ ୨ ଶ୍ରେଷ୍ଠ ର୍ୟାଙ୍କପ୍ରାପ୍ତ ଦଳ ଥିବାରୁ ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟ ୪ଟି ଦଳ ୨୦୨୬ ପ୍ରାରମ୍ଭରେ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ଆସିବେ। ୧୦ ଦଳକୁ ନେଇ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ବାଂଲାଦେଶ, ସ୍କଟ୍‌ଲାଣ୍ଡ, ଆମେରିକା, ନେପାଳ ଓ ଥାଇଲାଣ୍ଡ ମନୋନୀତ ହୋଇସାରିଛନ୍ତି। ୟୁରୋପ, ଆଫ୍ରିକା ଏବଂ ଇଷ୍ଟ ଏସିଆ-ପାସିଫିକ କ୍ୱାଲିଫାୟର୍ସଗୁଡ଼ିକ ହେବାକୁ ବାକିଅଛି।

# କଙ୍ଗନା ବ୍ରାଣ୍ଡ୍ ଆମ୍ବାସାଡର

ନୂଆଦିଲ୍ଲୀ,୧୮।୬(ପି.ଟି.)

ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କୁ ବୁଧବାର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟର ବ୍ରାଣ୍ଡ୍ ଆମ୍ବାସାଡର କରାଯାଇଛି। ଏହି ଟୁର୍ନାମେଣ୍ଟ ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ନୂଆଦିଲ୍ଲୀରେ ହେବ। 'ଫ୍ୟାଶନ' ଓ 'କ୍ୱିନ୍' ଭଳି ଫିଲ୍ମରେ ନିଜ ଅଭିନୟ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୩୯ ବର୍ଷୀୟା କଙ୍ଗନା ବର୍ତ୍ତମାନ ହିମାଚଳ ପ୍ରଦେଶର ମଣ୍ଡି ନିର୍ବାଚନମଣ୍ଡଳୀରୁ ଏମ୍‌ପି ଅଛନ୍ତି। ଭାରତୀୟ ପାରା ଆଥ୍‌ଲେଟମାନେ ପ୍ରତ୍ୟେକ ଦିନ ଯାହା ସମ୍ଭବ ତାହା କରି ଦେଖାଉଛନ୍ତି। ସେମାନଙ୍କୁ ସମର୍ଥନ


କଙ୍ଗନା ରାଣାୱତ୍

ଏବଂ ସେମାନଙ୍କ ଅବିଶ୍ୱସନୀୟ ଉପଲବ୍ଧି ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିପାରୁଥିବାରୁ ମୁଁ ନିଜକୁ ଗର୍ବିତ ମନେକରୁଛି। ଆମ ଚାମ୍ପିୟନଙ୍କ ସହ ଛିଡ଼ାହୋଇଥିବାରୁ ମୁଁ ଗର୍ବିତ ବୋଲି ରାଣାୱତ୍ କହିଛନ୍ତି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ସଭାପତି ତଥା ଭାଜପା ନେତା ଦେବେନ୍ଦ୍ର ଝାଝାରିଆ ପ୍ରକାଶ କରିଛନ୍ତି ଯେ, ଭାରତୀୟ ଆଥ୍‌ଲେଟଙ୍କ ପ୍ରତି ତାଙ୍କର ପ୍ୟାଶନ, ପ୍ରଭାବ ଓ ପ୍ରତିବଦ୍ଧତା କଙ୍ଗନାଙ୍କୁ ନୂଆଦିଲ୍ଲୀରେ ହେବାକୁଥିବା ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି ଉପଯୁକ୍ତ ଆମ୍ବାସାଡର ଭାବେ ବିବେଚିତ କରୁଛି। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଦେଶର ପାରା ଆଥ୍‌ଲେଟ ଭାଗନେବେ।

# ଇଂଲଣ୍ଡ ଭଲ ସର୍ଫେସ୍ ଚାହୁଁଛି: ଲିଡ୍ସ କ୍ୟୁରେଟର

ଲିଡ୍ସ,୧୮।୬(ପି.ଟି.)

ଆସନ୍ତା ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହା ଉଭୟ ବ୍ୟାଟିଂ ଓ ବୋଲିଂକୁ ସୁହାଉଥିବା ପିଚ୍‌ରେ ଖେଳାଯିବ ବୋଲି ଲିଡ୍ସର ହେଡ୍ ଅଫ୍ ଗ୍ରାଉଣ୍ଡ୍ସ ରିଚାର୍ଡ ରବିନସନ କହିଛନ୍ତି। ଲିଡ୍ସରେ ସାଧାରଣତଃ ସିରିଜ୍‌ର ମଧ୍ୟବର୍ତ୍ତୀ ମ୍ୟାଚ୍ ଖେଳାଯାଇଥାଏ। କିନ୍ତୁ ଦୀର୍ଘବର୍ଷ ପରେ ଲିଡ୍ସ କୌଣସି ସିରିଜ୍‌ର ପ୍ରଥମ ଟେଷ୍ଟ ଆୟୋଜନ କରିବାକୁ ଯାଉଛି। ଏଣୁ ମ୍ୟାଚ୍‌ରେ କେଉଁଭଳି ପିଚ୍ ବ୍ୟବହାର କରାଯିବ, ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ଇଂଲଣ୍ଡ ଦଳ ଏକ ଭଲ ସର୍ଫେସ୍ ଚାହୁଁଛି। ଏଣୁ ପିଚ୍ ପର୍ଯ୍ୟାୟକ୍ରମେ ଉଭୟ ବୋଲିଂ ଓ ବ୍ୟାଟିଂକୁ ସୁହାଇବ। ସେମାନେ ତାହା ହିଁ ଚାହୁଁଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇବ। ପରେ ଅତ୍ୟଧିକ ଖରା କାରଣରୁ ପିଚ୍ ଫ୍ଲାଟ୍ ହେବ ଏବଂ ବ୍ୟାଟିଂ କରିବା ସହଜ ହେବ ବୋଲି ରବିନସନ କହିଛନ୍ତି। ରୋହିତ୍ ଶର୍ମା ଓ ବିରାଟ କୋହଲି ଅବସର ନେଇସାରିଥିବାରୁ ଲୋକେଶ ରାହୁଲ ଭାରତୀୟ ଦଳର ସବୁଠୁ ସିନିୟର ଖେଳାଳି ପାଲଟିଛନ୍ତି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଦଳରେ ପ୍ରାୟତଃ ଯୁବଖେଳାଳି ସ୍ଥାନ ପାଇଛନ୍ତି। ଦଳରେ ସ୍ଥାନ ପାଇଥିବା ଯଶସ୍ୱୀ ଜୟସ୍ୱାଲ କ୍ୟାରିୟରରେ ପ୍ରଥମଥର ପାଇଁ ଇଂଲଣ୍ଡ ଟୁର୍ କରିଥିବା ବେଳେ କରୁନ ନାୟାର ଅନ୍ତିମଥର ୨୦୧୭ରେ ଟେଷ୍ଟ ଖେଳିଥିଲେ। ଭାରତୀୟ ଦଳ ସୋମବାର ହେଡିଂଲେରେ ପହଞ୍ଚିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଟିମ୍ ଇଣ୍ଡିଆ ଏଠାରେ ଅଧିକ ମ୍ୟାଚ୍ ଖେଳିନାହିଁ। ୨୦୨୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ଏକ ଇନିଂସ ବ୍ୟବଧାନରେ ପରାସ୍ତ ହୋଇଥିଲା। ଏଥିପୂର୍ବରୁ ୨୦୦୨ରେ ଏଠାରେ ଭାରତ ଏକ ଐତିହାସିକ ବିଜୟ ହାସଲ କରିଥିଲା।

# ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷିତ

ହେଡିଂଲେ,୧୮।୬

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ

ଆସନ୍ତା ଶୁକ୍ରବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲାଗି ଇଂଲଣ୍ଡ ପକ୍ଷରୁ ବୁଧବାର ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି। ଏହି ମ୍ୟାଚ୍ ସହିତ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିର ଅଭିଯାନ ଓ ଉଭୟ ଦଳର ୨୦୨୫-୨୭ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ ଆରମ୍ଭ ହେବ।

ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଯୁବ ଓ ଅଭିଜ୍ଞ ଖେଳାଳି ସ୍ଥାନ ପାଇଛନ୍ତି। ଜେମି ସ୍ମିଥଙ୍କୁ ଉଇକେଟ କିପିଂ ଦାୟିତ୍ୱ ଦିଆଯାଇଥିବା ବେଳେ ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଦଳରେ କ୍ରିସ ୱୋକ୍ସ ଓ ବ୍ରାଇଡନ କାର୍ସେଙ୍କ ଭଳି ପେସ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ଓଲି ପୋପ ନଂ-୩ ପୋଜିଶନ ବଜାୟ ରଖିଛନ୍ତି ଏବଂ ଦଳରେ ଏକମାତ୍ର ସ୍ପିନର ଭାବେ ଶୋଏବ ବଶୀରଙ୍କୁ ସ୍ଥାନ ମିଳିଛି।

**ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଏକାଦଶ:** ଜ୍ୟାକ କ୍ରଲି, ବେନ ଡକେଟ, ଓଲି ପୋପ (ଉପ ଅଧିନାୟକ), ଜୋ ରୁଟ, ହ୍ୟାରି ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ (ଉଇକେଟକିପର), କ୍ରିସ ୱୋକ୍ସ, ବ୍ରାଇଡନ କାର୍ସେ, ଜୋଶ ଟଙ୍ଗ ଓ ଶୋଏବ ବଶୀର।

# ବିଶ୍ୱକପ ପୂର୍ବରୁ ପ୍ରକୃଷ୍ଟ ଟୁର୍ନାମେଣ୍ଟ: ହୁଣ୍ଡାଲ

ବେଙ୍ଗାଲୁରୁ, ୧୮।୬

ଚତୁଷ୍ଟରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି

ଜର୍ମାନୀର ବର୍ଲିନଠାରେ ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳ ବୁଧବାର ବର୍ଲିନ ଯାତ୍ରା କରିଛି। ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ଜର୍ମାନୀ ବିପକ୍ଷରେ ଖେଳିବ। ଏହାପରେ ୨୨ରେ ଅଷ୍ଟ୍ରେଲିଆ ଓ ୨୪ରେ ସ୍ପେନ୍ ବିପକ୍ଷରେ ମୁକାବିଲା କରିବ। ପୁଲ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ୨୫ରେ ଅନୁଷ୍ଠିତ ହେବ। ସେହିଦିନ ଅନ୍ୟ ୨ ଦଳକୁ ନେଇ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ।

ଏଫ୍ଆଇଏଚ୍ ଜୁନିୟର ହକି ବିଶ୍ୱକପ ୨୦୨୫ ପୂର୍ବରୁ ଏହି ଟୁର୍ନାମେଣ୍ଟ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ ଆଉ ଅଳ୍ପ କିଛିମାସ ବାକିଥିବାରୁ ଆମେ ନିଜର ଦୋଷ ଦୁର୍ବଳତା ଜାଣିବା ପାଇଁ ଏହା ହିଁ ପ୍ରକୃଷ୍ଟ ଟୁର୍ନାମେଣ୍ଟ। ଏଥିରୁ ଆମେ ଟିମ୍ କମ୍ବିନେଶନ ପ୍ରସ୍ତୁତ କରିବୁ ଏବଂ ଦୁର୍ବଳ ଦିଗ ଉପରେ କାମ କରିବୁ। ଆମେ ବିଶ୍ୱର କେତେକ ଶ୍ରେଷ୍ଠ ଦଳକୁ ଭେଟିବାକୁ ଯାଉଛୁ। ଏଥିରୁ ଆମର କେତେ ଶକ୍ତି ତାହା ଜଣାପଡ଼ିବ ଏବଂ ମ୍ୟାଚ ଗୁଡ଼ିକରେ ଭିନ୍ନ ରଣନୀତିରେ ଖେଳିବାକୁ ଚେଷ୍ଟା କରିବୁ'' ବୋଲି ଭାରତୀୟ ଦଳର ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲ ପ୍ରକାଶ କରିଛନ୍ତି। ୨୦୨୫ ଏଫ୍ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଆଉ ୬ ମାସରୁ କମ୍ ସମୟ ଥିବାରୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ୪ଟି ଯାକ ଦଳ ଭଲ ଅଭ୍ୟାସ ପାଇପାରିବେ।



ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ବୁଧବାର ଜର୍ମାନୀ ଗସ୍ତ କରିଥିବା ଭାରତୀୟ ହକି ଦଳ।

# ସର୍ଜରିର ସମ୍ମୁଖୀନ ହୋଇପାରନ୍ତି ସୂର୍ଯ୍ୟକୁମାର

ନୂଆଦିଲ୍ଲୀ,୧୮।୬(ପି.ଟି.): ଭାରତର ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହର୍ନିଆ ସମ୍ପର୍କିତ ଇଞ୍ଜୁରିର ଚିକିତ୍ସା ଲାଗି ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ୩୩ ବର୍ଷୀୟ ସୂର୍ଯ୍ୟ ଗତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଲାଗି ୭୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ। ଆଇପିଏଲ୍ ପରେ ସେ ମୁମ୍ବାଇ ପ୍ରିମିୟର ଲିଗ୍ ଟି୨୦ରେ ମଧ୍ୟ ଭାଗ ନେଇଥିଲେ। ସୂର୍ଯ୍ୟ ଏବେ ସ୍ପୋର୍ଟ୍ସ ହର୍ନିଆ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେ ବିଶେଷଜ୍ଞଙ୍କ ସହ ପରାମର୍ଶ ଲାଗି ୟୁକେ ଯାଇଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ଆସନ୍ତା ଅଗଷ୍ଟ-ସେପ୍ଟେମ୍ବର ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ନ ଥିବାରୁ ସୂର୍ଯ୍ୟ ତାଙ୍କ ଇଞ୍ଜୁରିର ଉପଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପଚାର ପରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ରହିବା ଲାଗି ତାଙ୍କୁ ଯଥେଷ୍ଟ ସମୟ ମିଳିବ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ